DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୨୯/୨୦୨୬ (୧୪ ପୃଷ୍ଠା) | Bhubaneswar, Thursday, January 29/2026 | Page 14 | ₹ 7.00 | SAMBALPUR

୫୨ଶ ଭାଗ ୬୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 66 | ମୂଲ୍ୟ ₹୭/-

CBC 35101/13/0089/2526



ଭିବି - ଜି ରାମ ଜି ଯୋଗାଉଛି
୧୨୫ ଦିନର କାମ

- ଗ୍ରାମଗୁଡ଼ିକରେ ଗଢ଼ାଯିବ ଆଶ୍ରୟସ୍ଥଳ ଓ ବନ୍ଧ
- ଗ୍ରାମଗୁଡ଼ିକରେ ଏବେ ମିଳିବ ବିପର୍ଯ୍ୟୟରୁ ସୁରକ୍ଷା

ବିକଶିତ ଭାରତ - ରୋଜଗାରର ଗ୍ୟାରେଣ୍ଟି
ଏବଂ ଆଜୀବିକା ମିଶନ (ଗ୍ରାମୀଣ): ଭିବି - ଜି ରାମ ଜି
(ବିକଶିତ ଭାରତ - ଜି ରାମ ଜି) ଅଧିନିୟମ, ୨୦୨୫

୧୨୫ ଦିନ
ରୋଜଗାରର ଗ୍ୟାରେଣ୍ଟି



# ୧୨ କୋଟିଆ ଗ୍ରାମ ଆନ୍ଧ୍ରର: ଜନସେନା

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ କୋଟିଆକୁ ନେଇ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ସହ ସୀମା ବିବାଦ ଲାଗି ରହିଛି। ଏହି ପଞ୍ଚାୟତର ୧୨ ଗ୍ରାମକୁ ଆନ୍ଧ୍ରର ବୋଲି ଦାବି କରିଛି ସେହି ରାଜ୍ୟର ଜନସେନା ଦଳ। ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ ପବନ କଲ୍ୟାଣ ନେତୃତ୍ୱାଧୀନ ଏହି ଦଳ ପକ୍ଷରୁ ମଙ୍ଗଳବାର କୋଟିଆ ପଞ୍ଚାୟତର ଉପରସେମ୍ଭିରେ ୧୨ ଗ୍ରାମର ଲୋକଙ୍କୁ ନେଇ ବୈଠକ କରାଯାଇଛି। ଗତ ୨୫ ତାରିଖରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କୋଟିଆ ଗସ୍ତକରି ବିଦ୍ୟୁତ୍ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାର ଦିନକ ପରେ ଆନ୍ଧ୍ରର ଏକ ରାଜନୈତିକ ଦଳ ଏଭଳି ଉପାୟରେ ଓଡ଼ିଶା ସରକାରଙ୍କୁ ଏକପ୍ରକାର ଚ୍ୟାଲେଞ୍ଜ କରିଛି। ଆନ୍ଧ୍ର ସରକାରଙ୍କ ପକ୍ଷରୁ ନିୟମିତ ଭାବେ କୋଟିଆ ଗ୍ରାମପୁଞ୍ଜକୁ ଦଖଲ ପାଇଁ ଅଭିଯାନ ଜାରି ରହିଥିବାବେଳେ ସେମାନେ ବିଭିନ୍ନ ଯୋଜନା ଓ ପ୍ରଲୋଭନ ମାଧ୍ୟମରେ ସେଠାକାର ବାସିନ୍ଦାଙ୍କ ମନ ଜିଣିନେଉଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ ନିକଟରେ କୋଟିଆ ପାଇଁ ୨୯୦ କୋଟିର ବିକାଶ ନକ୍ସା ଘୋଷଣା କରାଯାଇଥିବାବେଳେ ଦୁଇ ମାସ ମଧ୍ୟରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଉପମୁଖ୍ୟମନ୍ତ୍ରୀ ସିଂଦେଓ ସେଠାକୁ ଗସ୍ତ କରିଛନ୍ତି। କିନ୍ତୁ ଆନ୍ଧ୍ର ଅଧିକାରୀ, ଏଜେଣ୍ଟ ଓ ବିଭିନ୍ନ ସଂସ୍ଥା ଷଡ଼ଯନ୍ତ୍ର କରି ସେହି ଅଞ୍ଚଳକୁ ନିଜ ଭୂଖଣ୍ଡର ଦର୍ଶାଇବାକୁ ଲାଗିପଡ଼ିଛନ୍ତି।

**ପଟ୍ଟାଙ୍ଗି,୨୮।୧(ଶରତ କୁମାର ଧଳ)**



ଉପରସେମ୍ଭିରେ ଆନ୍ଧ୍ରର ଜନସେନା ଦଳ ସଦସ୍ୟମାନେ କୋଟିଆର ୧୨ ଗ୍ରାମର ବାସିନ୍ଦାଙ୍କ ସହ ଆଲୋଚନା କରୁଛନ୍ତି।

କୋଟିଆ ପଞ୍ଚାୟତର ଉପରସେମ୍ଭି ଗ୍ରାମରେ ୧୨ ଗ୍ରାମର ଲୋକଙ୍କୁ ଏକତ୍ର କରାଯାଇ ଜନସେନା ଦଳ ପକ୍ଷରୁ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଦଳ ପକ୍ଷରୁ କୁହାଯାଇଛି ଯେ, ଓଡ଼ିଶାର ସୀମାନ୍ତ ଅଞ୍ଚଳରେ ଆନ୍ଧ୍ରର ଗ୍ରାମଗୁଡ଼ିକ ଦୀର୍ଘ ବର୍ଷ ହେବ ରହିଯାଇଛି। ଏହା ଆନ୍ଧ୍ରର ବୋଲି ସେମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ଦୃଷ୍ଟି ଆକର୍ଷଣକରି ସମାଧାନ ପାଇଁ ଦାବି କରିବ ବୋଲି ସୀମାନ୍ତବାସୀଙ୍କୁ ପ୍ରତିଶ୍ରୁତି ଦେଇଛି ଜନସେନା ଦଳ। ଗତ ଡିସେମ୍ବର ୧୯ରେ ଓଡ଼ିଶାର ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ

☞ପୃଷ୍ଠା-୪

# ବିମାନ ଦୁର୍ଘଟଣାରେ ଅଜିତ ପାୱାରଙ୍କ ମୃତ୍ୟୁ

**ବାରାମତି/ମୁମ୍ବାଇ/ନୂଆଦିଲ୍ଲୀ,୨୮।୧**

ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ବୁଧବାର ଏକ ବିମାନ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଫେବୃଆରୀ ୫ରେ ହେବାକୁ ଥିବା ପୁଣେ ଜିଲା ପରିଷଦ ନିର୍ବାଚନ ପ୍ରଚାର ପାଇଁ ଅଜିତ ମୁମ୍ବାଇରୁ ସକାଳେ ବିମାନ ଯାତ୍ରା କରିଥିଲେ। ତାଙ୍କ ସହ ଆଉ ୪ ଜଣ ଉକ୍ତ ବିମାନରେ ଥିଲେ। ତେବେ ଏୟାରକ୍ରାଫ୍ଟ ବାରାମତି ଏୟାରପୋର୍ଟରେ ଅବତରଣ କରିବା ଠିକ୍ ପୂର୍ବରୁ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯାଇଥିଲା। ଫଳରେ ଅଜିତଙ୍କ ସହ ସେଥିରେ ଥିବା କ୍ୟାପ୍ଟେନ ସୁମିତ କୁମାର, କୋ-ପାଇଲଟ କ୍ୟାପ୍ଟେନ୍ ଶମ୍ଭାବୀ ପାଠକ, ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ (ପିଏସ୍ଓ) ଭିଦିପ ଯାଦବ ଓ ଫ୍ଲାଇଟ୍ ଆଟେଣ୍ଡାଣ୍ଟ ପିଙ୍କି ମାଲି ପ୍ରାଣ ହରାଇଛନ୍ତି। ଅଜିତଙ୍କ କର୍ମଭୂମି ବାରାମତିରେ ଗୁରୁବାର ରାଷ୍ଟ୍ରୀୟ ମର୍ଯ୍ୟାଦା

## ■ ମମତା ବାରିଲେ ଷଡ଼ଯନ୍ତ୍ର ଗନ୍ଧ



ଅଜିତ ପାୱାର

ସହ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ଓ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବା କାର୍ଯ୍ୟକ୍ରମ ରହିଛି।

☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ରାମାୟଣରେ ସତୀ ସିଦ୍ଧାନ୍ତ

KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

A++ Grade Accredited by NAAC | THE World University Rankings 2026: 501+ Cohort Globally, 5th India Rank | QS World University Rankings 2026: 1st in Odisha, 9th in India among pvt. universities | nirf 2025: 17th Among Indian Universities | NBA: Tier 1 Re-accredited by NBA | ABET: ABET (US) Accreditation | IET Accredited Programme, The Institute of Engineering and Technology | Special Consultative Status by the UN-ECOSOC | Partnership with UN Volunteers

KIITEE 2026
APPLY NOW
through KIIT Websites
www.kiitee.ac.in / www.kiit.ac.in
No Examination Fee (Computer-Based Test)



Scan to Apply

ACADEMIC PROGRAMMES AVAILABLE

UG (3 years/4 years)/Integrated (5 years) Programmes
[All 4 years Programmes are with Honors/Research]

B.Tech Programmes
- Civil
- Construction Technology
- Electrical
- Electrical & Computer Science
- Mechanical
- Mechanical (Automobile)
- Aerospace
- Mechatronics
- Electronics & Telecommunication
- Electronics & Computer Science
- Electronics & Electrical
- Electronics (VLSI Design & Technology)
- Chemical
- Computer Science & Engineering (CSE)
- CSE (Artificial Intelligence & Machine Learning)
- CSE (Artificial Intelligence)
- CSE (Cyber Security)
- CSE (Data Science)
- CSE (Internet of Things & Cyber Security including Block Chain Technology)
- CSE (Internet of Things)
- Information Technology
- Computer Science & System
- Computer Science & Communication
- Biotechnology

UG Programmes in other Disciplines
- B.Design (Automobile/ Graphic/Product)
- B.Design (Fashion / Textile)
- Integrated M.Tech Biotechnology (5yrs)
- B.Tech (Lateral Entry)
- B.Arch
- BCA
- BBA
- B.Sc (Hospitality & Tourism)
- Bachelor of Film & Television Production
- Bachelor of Communication & Journalism
- Bachelor of Physical Education & Sports
- BA Economics
- BA Sociology
- BA English
- BA Psychology
- BA French
- BA Spanish
- BA Japanese
- BA German
- B.Com
- B.Sc (Economics & Data Analytics)
- B.Sc Computer Science
- B.Sc Nursing
- B.Pharma
- D.Pharma
- B.Sc.(Fintech & Business Analytics)
- B.Sc.(Statistics & Data Analytics)
- BA LLB (Hons) (5 Years)
- BBA LLB (Hons) (5 Years)
- B.Sc LLB (Hons) (5 Years)

PG (1 year/2 years)/Integrated (5 years) Programmes
- M.Tech
- LLM (1yr)
- MCA
- M.Sc Biotechnology
- M.Sc Applied Microbiology
- M.Arch
- MBA-IEV (Innovation, Entrepreneurship and Venture Development)
- Master of Communication & Journalism
- Master in Urban & Regional Planning
- Master in Yoga & Naturopathy
- Master of Hospital Administration
- Master of Public Health
- MA in Fashion Management
- M. Design (Interior)
- M.Sc Computer Science
- MA Economics
- MA Sociology
- MA English
- MA Psychology
- Master in Public Policy
- M.Com
- M.Sc Physics
- M.Sc Chemistry
- M.Sc Mathematics & Data Science
- Master in Library & Information Sciences
- Master in Physical Education & Sports
- M.Sc Nursing
- MBA (2 Years)
- MBA-Rural Management (2 Years)
- MBA -Agribusiness (2 Years)
- Integrated M.Tech & Ph.D
- Ph.D

2025 Placement Highlights
750+ Companies | 6000+ Job Offers | ₹53 LPA Highest Salary Offered | ₹8.50 LPA Average CTC | 1500+ Paid Internships

Director Admissions, Admission Cell (Koel Campus), KIIT DU, Bhubaneswar, Odisha, India-751024 | admission@kiit.ac.in | kiitee.ac.in | 8080 735 735

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନଚୈନଂ କ୍ଲେଦୟନ୍ତାପୋ ନ ଶୋଷୟତି ମା ମାରୁତଃ ।

# ତୃତୀୟ ଶ୍ରାଦ୍ଧ ବାର୍ଷିକୀ
# ଭକ୍ତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



## ✓ନବ କିଶୋର ଦାସ
ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ

୦୭.୦୧.୧୯୬୧- ୨୯.୦୧.୨୦୨୩

" ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ
ମହାପ୍ରଭୁଙ୍କ ପଦାରବିନ୍ଦରେ ଆମେ ପ୍ରାର୍ଥନା କରୁଛୁ । "



**ସୁଶ୍ରୀ ଦିପାଳୀ ଦାସ**
ପୂର୍ବତନ ବିଧାୟିକା, ଝାରସୁଗୁଡା



**ବିଶାଳ ଦାସ**
ଯୁବ ନେତା

**ଦାସ ପରିବାର**

# ଶିଳ୍ପ ଅଭିବୃଦ୍ଧିରେ ପଶ୍ଚିମ ଓଡ଼ିଶା ହେବ ମୂଳ ଇଞ୍ଜିନ: ମୁଖ୍ୟମନ୍ତ୍ରୀ

- ୮୮୦୦ କୋଟିର ୨୦ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ
- ୫୨,୦୨୬ କୋଟି ନିବେଶ; ୨୦,୪୨୭ ନିଯୁକ୍ତି ସୁଯୋଗ ସୃଷ୍ଟି
- ରାଉରକେଲାରେ 'ଏଣ୍ଟରପ୍ରାଇଜ୍ ଓଡ଼ିଶା'ର ରୌପ୍ୟ ଜୟନ୍ତୀ

ଭୁବନେଶ୍ୱର/ରାଉରକେଲା,୨୮।୧ (ରବିନାରାୟଣ ଜେନା/ସଙ୍ଗୀତା ଜେନା)

ରାଜ୍ୟର ବିକାଶକୁ ଶୀର୍ଷରେ ପହଞ୍ଚାଇବା ରାଜ୍ୟ ସରକାରଙ୍କ ଏକମାତ୍ର ଲକ୍ଷ୍ୟ। ଏହି ବିକାଶ ପାଇଁ ପଶ୍ଚିମ ଓଡ଼ିଶା ଆଉ କେବଳ ଭବିଷ୍ୟତର ସୀମାଭିତରେ ଆବଦ୍ଧ ହୋଇ ରହିବ ନାହିଁ, ଏହା ଓଡ଼ିଶା ବିକାଶର ମୂଳ ଇଞ୍ଜିନ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ବୁଧବାର ରାଉରକେଲାରେ ଅନୁଷ୍ଠିତ 'ଏଣ୍ଟରପ୍ରାଇଜ୍ ଓଡ଼ିଶା ୨୦୨୬'ର ୨୫ତମ ସଂସ୍କରଣକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଏହି କାର୍ଯ୍ୟକ୍ରମ କେବଳ ଯେ ପଶ୍ଚିମ ଓଡ଼ିଶାର ଶିଳ୍ପକ୍ଷେତ୍ରକୁ ସୁଦୃଢ଼ କରିବ ତାହା ନୁହେଁ, ବରଂ ରାଜ୍ୟ ବିକାଶର ଗତିକୁ ତ୍ୱରାନ୍ୱିତ କରିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୮,୮୮୪ କୋଟି ଟଙ୍କାର ୨୦ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ, ଯେଉଁଥିରେ କି ୬,୮୩୨ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟିହେବାର ସମ୍ଭାବନା ରହିଛି। ଏଥିସହ ୫୨,୦୨୬ କୋଟି ଟଙ୍କାର ପୁଞ୍ଜି ନିବେଶ ଲାଗି ବୁଝାମଣାପତ୍ର ଓ ନିବେଶ ଇଚ୍ଛାପତ୍ର ସମ୍ପାଦିତ ହୋଇଛି, ଯାହାଦ୍ୱାରା ଆଗାମୀ ଦିନରେ ୨୦,୪୨୭ ଯୁବବର୍ଗଙ୍କୁ ନିଯୁକ୍ତି ମିଳିପାରିବ।

କାର୍ଯ୍ୟକ୍ରମକୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଏଣ୍ଟରପ୍ରାଇଜ୍ ଓଡ଼ିଶାର ରୌପ୍ୟ ଜୟନ୍ତୀ ସଂସ୍କରଣ ଆମ ପାଇଁ ଏକ ନୂଆ ଦିଗ୍‌ଦର୍ଶନ ଦେଉଛି। ଯାହାଫଳରେ କି ଓଡ଼ିଶା ପ୍ରତ୍ୟେକ କ୍ଷେତ୍ରରେ ସର୍ବୋତ୍କୃଷ୍ଟ ହେବାର ଆଶା ରଖୁଛି। ଆମେ ସର୍ବୋତ୍ତମ ହେବୁ ଏବଂ ସର୍ବୋତ୍ତମଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବୁ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ, ଓଡ଼ିଶା ଏବେ ସମସ୍ତଙ୍କ ପ୍ରଥମ ତଥା ସର୍ବୋତ୍ତମ ପସନ୍ଦ। ଏଠାରେ ବସବାସ କରିବା, କାମ କରିବା ଓ ବ୍ୟବସାୟ ପାଇଁ ଅନୁକୂଳ ପରିବେଶ ରହିଛି। ଏହା ଆମ ଦୂରଦୃଷ୍ଟିକୁ ପ୍ରତିଫଳିତ କରିବା ସହିତ ଅର୍ଥନୈତିକ ବିକାଶ କରିବ ଏବଂ ଜୀବନଶୈଳୀରେ ସୁଧାର ଆଣିବ। ଶିଳ୍ପର ବିକାଶ ହେଲେ ନିଯୁକ୍ତି ସୃଷ୍ଟି ହେବା ସହ ଲୋକେ ଉନ୍ନତମାନର ଜୀବନଯାପନ କରିପାରିବେ। ସହଜ ବ୍ୟବସାୟ ଦ୍ୱାରା ସରଳ ଜୀବନଯାପନ ସମ୍ଭବ ହୋଇପାରିବ।

ସେ ଆହୁରି କହିଥିଲେ, ଏଣ୍ଟରପ୍ରାଇଜ୍ ରୌପ୍ୟ ସଂସ୍କରଣ ଆମର ନୂତନ ଚିନ୍ତାଧାରା ପ୍ରତ୍ୟେକ କ୍ଷେତ୍ରରେ ଶ୍ରେଷ୍ଠ ହେବାର ମହତ୍ତ୍ୱାକାଂକ୍ଷାକୁ ପ୍ରତିଫଳିତ କରିଥାଏ। ଓଡ଼ିଶାରେ ଅଧିକ ନିବେଶ ହେବ। ନିବେଶକ ଆସିବେ। ଏହା ପାଇଁ ରାଜ୍ୟକୁ ଶକ୍ତି ଜୁଟାଇବାକୁ ହେବ। ଓଡ଼ିଶା ଏବେ ନିବେଶକଙ୍କ ପ୍ରଥମ ପସନ୍ଦ ସାଜିଛି। ରାଉରକେଲାରେ ଏହି ଶିଳ୍ପ ସମାବେଶ କରିବା ପ୍ରାସଙ୍ଗିକତା ରହିଛି। ଦେଶର ପ୍ରଥମ ରାଷ୍ଟ୍ରାୟତ୍ତ କମ୍ପାନୀ ସେଲ୍ ଆର୍‌ଏସ୍‌ପିର ମୂଳଦୁଆ ଏଠାରେ ପଡ଼ିଥିଲା। ଇଞ୍ଜିନିୟରିଂର ଦକ୍ଷତା, ବୈଷୟିକ ବିଜ୍ଞାନର ସମନ୍ୱୟ ରହିଛି। ରାଜ୍ୟରେ ବିସ୍ତୃତ ଉପକୂଳ, ୩ଟି ବନ୍ଦର, ପାଣି, ଜମି, ଗମନାଗମନ, ପରିବହନ, ଦକ୍ଷ ଯୁବବର୍ଗ ଉପଲବ୍ଧ ରହିଛି। ୩୦ଟି ଜିଲାରୁ ୨୯ଟି ଜିଲାରେ ନିବେଶକଙ୍କ ପ୍ରବେଶ ହୋଇସାରିଛି। ଗୁଜରାଟ ମଡେଲ ଅନୁସରଣୀୟ ହେବ। ଏମ୍‌ଏସ୍‌ଏମ୍‌ଇର ବିକାଶ ପାଇଁ ଦୃଢ଼ତା ସହ ଅନୁପାଳନୀୟ ହେବ। ସମ୍ବଲପୁର, ବ୍ରହ୍ମପୁର ଅଞ୍ଚଳରେ ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନ ହେବ। ରାଜ୍ୟରେ ଶିଳ୍ପ ବିପ୍ଳବ ହେଉଛି। ଫଳରେ ଆଗାମୀ ଦିନରେ ଶ୍ରେଷ୍ଠ ଅର୍ଥନୀତି ଦୃଷ୍ଟିକୋଣରୁ ୫ଟି ରାଜ୍ୟ ମଧ୍ୟରେ ଓଡ଼ିଶା ତାଲିକାଭୁକ୍ତ ହେବ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ପ୍ରତ୍ୟେକ ଅଞ୍ଚଳରେ କିଛି ମୁଖ୍ୟ ଶିଳ୍ପ ସ୍ଥାପନ କରି ସେମାନଙ୍କ ଚତୁଃପାର୍ଶ୍ୱରେ ଶତାଧିକ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସୃଷ୍ଟି କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ଏହାଦ୍ୱାରା ଯୁବପିଢ଼ିଙ୍କୁ ଆଉ ଚାକିରି ପାଇଁ ଦାଦନ ଖଟି ଯିବାକୁ ପଡ଼ିବ ନାହିଁ, ସୁଯୋଗ ହାତପାଆନ୍ତାରେ ମିଳିପାରିବ। ଏହି କାର୍ଯ୍ୟକ୍ରମରେ ୫,୭୦୮ କୋଟି ନିବେଶର ୧୧ଟି ଔଦ୍ୟୋଗିକ ପ୍ରକଳ୍ପର ଉଦ୍‌ଘାଟନ ହୋଇଥିବାବେଳେ ୪,୧୮୩ ଜଣଙ୍କୁ ନିଯୁକ୍ତି ମିଳିଛି। ଏହାପରେ ୩,୧୭୬ କୋଟି ମୂଲ୍ୟର ୯ଟି ପ୍ରକଳ୍ପର ଭିତ୍ତି ପ୍ରତିଷ୍ଠା ହୋଇ ୨,୬୪୯ ଜଣଙ୍କ ଚାକିରି ସୃଷ୍ଟି ହୋଇଛି। ରାଉରକେଲା ଗସ୍ତ କାଳରେ ମୁଖ୍ୟମନ୍ତ୍ରୀ ରାଉରକେଲା ଚାମ୍ବର ଅଫ୍ କମର୍ସ, ଓଡ଼ିଶା ସ୍ପଞ୍ଜ ଆଇରନ୍ ମ୍ୟାନୁଫାକ୍ଚରିଂ ଆସୋସିଏଶନ ଏବଂ ରାଞ୍ଚି-ରାଇପୁର ପ୍ରତିନିଧିମଣ୍ଡଳ ସହ ୩ଟି ଗୁରୁତ୍ୱପୂର୍ଣ୍ଣ ରାଉଣ୍ଡ ଟେବୁଲ୍ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଢେଙ୍କାନାଳର କାମାକ୍ଷାନଗରଠାରେ ବେଦାନ୍ତ ଆଲୁମିନିଅମ୍ ଲିମିଟେଡ୍‌କୁ ୧,୪୪୭.୯୨୭ ଏକର ଜମି ସମ୍ପର୍କିତ ପତ୍ର ହସ୍ତାନ୍ତର କରିଥିଲେ।

କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଥିଲେ, ଏଣ୍ଟରପ୍ରାଇଜ୍ ଓଡ଼ିଶା-୨୦୨୬ରେ ଶିଳ୍ପପତିଙ୍କ ଆଗ୍ରହ ବୁଝାମଣାପତ୍ରରେ ପରିଣତ ହୋଇଛି। ତେବେ ରାଜ୍ୟ ସରକାରଙ୍କ ପ୍ରାଥମିକତା ହେଉଛି, ଖୁବ୍‌ଶୀଘ୍ର ଜମି ବଣ୍ଟନକରି ଉତ୍ପାଦନ ଆରମ୍ଭ କରିବା। ଏଣ୍ଟରପ୍ରାଇଜ୍ ଓଡ଼ିଶାର ୨୫ତମ ସଂସ୍କରଣ ରାଜ୍ୟର ଶିଳ୍ପ ଅଭିବୃଦ୍ଧି ଯାତ୍ରାରେ ଏକ ମାଇଲଖୁଣ୍ଟ ହେବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତି, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ କୁମାର ଶର୍ମା ଓ ବିଶିଷ୍ଟ ଶିଳ୍ପପତିମାନେ ଉପସ୍ଥିତ ଥିଲେ।




ରାଉରକେଲାଠାରେ ଆୟୋଜିତ 'ଏଣ୍ଟରପ୍ରାଇଜ୍ ଓଡ଼ିଶା'କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ, ଶିଳ୍ପ, ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସମେତ ବରିଷ୍ଠ ଅଧିକାରୀ ଓ ଶିଳ୍ପୋଦ୍ୟୋଗୀ।




# ନବୀନଙ୍କୁ ସମୟ ମାଗିଲେ ଭକ୍ତ

## ଅନାସ୍ଥା ପରେ ରାଜ୍ୟ ସଭା ଭୋଟ

ଭୁବନେଶ୍ୱର,୨୮।୧ (ରବିନାରାୟଣ ଜେନା)

ଦୀର୍ଘବର୍ଷ ଧରି ରାଜ୍ୟ ସଭା ନିର୍ବାଚନରୁ ପଛରେ ରହୁଥିବା କଂଗ୍ରେସ ଏଥର ଟିକେ ସମ୍ମୁଖ ଭାଗକୁ ଆସିବାକୁ ଚେଷ୍ଟା କରିଛି। ଏପ୍ରିଲ ୨ରେ ଶେଷ ହେବାକୁଥିବା ୪ଟି ରାଜ୍ୟ ସଭା ଆସନ ଲାଗି ଭାଜପା ଓ ବିଜେଡିର ଅଙ୍କ ଛିଣ୍ଡୁ ନ ଥିବାରୁ ଏହାର ଫାଇଦା ନେବା ପାଇଁ କଂଗ୍ରେସ ତା'ର ଗୋଟିଚାଳନା ଆରମ୍ଭ କରିଛି। ଏହି କ୍ରମରେ ବୁଧବାର ପିସିସି ସଭାପତି ଭକ୍ତ ଚରଣ ଦାସ ଏକ ନୂଆ ଉପାୟ ବାହାର କରିଛନ୍ତି। ରାଜନୀତିରେ ବିରୋଧୀଙ୍କ ବିରୋଧୀ ମିତ୍ର ନ୍ୟାୟରେ ଆଗାମୀ ରାଜ୍ୟ ସଭା ନିର୍ବାଚନ ଅବସରରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିବାକୁ ପିସିସି ସଭାପତି ସମୟ ମାଗିଛନ୍ତି।

ଭକ୍ତ ଗଣମାଧ୍ୟମକୁ କହିଛନ୍ତି, ଫେବୃଆରୀ ପ୍ରଥମ ସପ୍ତାହରେ ନବୀନ ପଟ୍ଟନାୟକଙ୍କୁ ଭେଟିବାକୁ ରହିଛି। ଏହି ସମୟରେ ରାଜ୍ୟ ସଭା ଆସନ ପାଇଁ ବିଜେଡିକୁ ସମର୍ଥନ ମାଗିବୁ। ରାଜ୍ୟ ହିତରେ କାମ କରିଥିବା ସଫଳ ବ୍ୟକ୍ତିତ୍ୱଙ୍କୁ ରାଜ୍ୟ ସଭା ପଠାଇବାକୁ କଂଗ୍ରେସ ଚିନ୍ତା କରୁଛି। ଏଥିରେ ବିଜେଡିର ସହଯୋଗ କାମନା କରୁଛୁ ବୋଲି ଭକ୍ତ କହିଛନ୍ତି।

ଗତ ବିଧାନସଭାର ମୌସୁମୀ ଅଧିବେଶନ କାଳରେ ରାଜ୍ୟ ସରକାରଙ୍କ ବିରୋଧରେ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଜୋର୍‌ସୋର ଉଦ୍ୟମ ଚଳାଇଥିଲା। ଏହାକୁ ନେଇ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଦାମ ବିଧାନସଭାରେ ବାଚସ୍ପତିଙ୍କ ଉଦ୍ଦେଶ୍ୟରେ ଦୁଇଥର ନୋଟିସ ମଧ୍ୟ ପ୍ରଦାନ କରିଥିଲେ। ଏହି ଅନାସ୍ଥା ପ୍ରସ୍ତାବରେ ସାମିଲ ହେବା ପାଇଁ କଂଗ୍ରେସ ପକ୍ଷରୁ ବିଜେଡିର ସହଯୋଗ ଲୋଡ଼ାଯାଇଥିଲା। ହେଲେ ସ୍ଥିତି ଏପରି ଉପୁଜିଥିଲା ଯେ ଅନାସ୍ଥା ପ୍ରସ୍ତାବ ଗ୍ରହଣ ହୋଇ ନ ଥିଲା। ବିଜେଡି ତା' ବାଟରେ ରହିଲା, କଂଗ୍ରେସ ଉଦ୍ୟମ ସଫଳ ହୋଇ ନ ଥିଲା। ମାତ୍ର ଏଥର ରାଜ୍ୟ ସଭା ଆସନ ପାଇଁ ଭକ୍ତ ଯେଉଁ ଉଦ୍ୟମ କରୁଛନ୍ତି ତାହା କେତେଦୂର ସଫଳ ହେଉଛି ତାହାକୁ ନେଇ ରାଜନୈତିକ ମହଲରେ ଉତ୍ସୁକତା ଲାଗିରହିଛି।

# ଏଚ୍-୧ବି ଭିଜା ଉପରେ ରୋକ ଲଗାଇଲା ଟେକ୍ସାସ

ହ୍ୟୁଷ୍ଟନ, ୨୮।୧ (ପି.ଟି.)

ଆମେରିକାର ଟେକ୍ସାସ ସରକାର ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟ ଏବଂ ସରକାରୀ ସଂସ୍ଥାଗୁଡ଼ିକରେ ଏଚ୍-୧ବି ଭିଜା ଆବେଦନ ଉପରେ ରୋକ ଲଗାଇଛନ୍ତି। ଏହି ନିଷ୍ପତ୍ତି ମୁଖ୍ୟତଃ ସେଠାରେ କାର୍ଯ୍ୟରତ ଭାରତୀୟ ବୃତ୍ତିଗତ ଏବଂ ଗବେଷକମାନଙ୍କୁ ବହୁଭାବରେ ପ୍ରଭାବିତ କରିବ। ମଙ୍ଗଳବାର ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ, ଟେକ୍ସାସ ୱର୍କଫୋର୍ସ କମିଶନଙ୍କ ଲିଖିତ ଅନୁମତି ବିନା କୌଣସି ସରକାରୀ ସଂସ୍ଥା କିମ୍ବା ବିଶ୍ୱବିଦ୍ୟାଳୟ ନୂଆ ଏଚ୍-୧ବି ଭିଜା ଆବେଦନ କରିପାରିବେ ନାହିଁ। ଟ୍ରମ୍ପ ପ୍ରଶାସନ ପକ୍ଷରୁ ଭିଜା କାର୍ଯ୍ୟକ୍ରମରେ ପରିବର୍ତ୍ତନ ପାଇଁ ପଦକ୍ଷେପ ନିଆଯାଉଥିବା ବେଳେ ଟେକ୍ସାସ ଗଭର୍ନର ଗ୍ରେଗ୍ ଆବଟଙ୍କ ଏହି ନିଷ୍ପତ୍ତି ସାମ୍ନାକୁ ଆସିଛି। ଏହି କଟକଣା ୩୧ ମେ ୨୦୨୭ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଜଣାପଡ଼ିଛି। ଟେକ୍ସାସ୍ କରଦାତାଙ୍କ ଅର୍ଥରେ ଦିଆଯାଉଥିବା ଚାକିରି ପ୍ରଥମେ ସ୍ଥାନୀୟ ଲୋକଙ୍କୁ ମିଳିବା ଉଚିତ ବୋଲି ଗଭର୍ନର ଆବଟ କହିଛନ୍ତି। ଏହାସହ ସମସ୍ତ ଅନୁଷ୍ଠାନକୁ ସେମାନଙ୍କ ପାଖରେ ଥିବା ଏଚ୍-୧ବି କର୍ମଚାରୀଙ୍କ ସଂଖ୍ୟା, ଦେଶ ଏବଂ ଭିସା ଅବଧି ସମ୍ପର୍କରେ ରିପୋର୍ଟ ଦେବାକୁ କୁହାଯାଇଛି।

ଆମେରିକାରେ ଏଚ୍-୧ବି ଭିସା ପାଇଥିବା ଲୋକଙ୍କ ମଧ୍ୟରୁ ପ୍ରାୟ ୭୧% ଭାରତୀୟ। ଟେକ୍ସାସର ଏହି ନିଷ୍ପତ୍ତି ଯୋଗୁ ଉଚ୍ଚଶିକ୍ଷା, ଗବେଷଣା, ଡାକ୍ତରୀ ସେବା, ଆଇଟି କ୍ଷେତ୍ର ଗୁରୁତର ପ୍ରଭାବିତ ହେବ। ଟେକ୍ସାସର ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟ (ଯଥା: ୟୁନିଭର୍ସିଟି ଅଫ୍ ଟେକ୍ସାସ, ଟେକ୍ସାସ ଏ ଆଣ୍ଡ୍ ଏମ୍)ରେ ପ୍ରଫେସର, ବୈଜ୍ଞାନିକ ଏବଂ ଗବେଷକ ଭାବେ କାମ କରିବାକୁ ଚାହୁଁଥିବା ଭାରତୀୟମାନେ ନୂଆ ଭିଜା ପାଇପାରିବେ ନାହିଁ। ଅନେକ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲରେ କାର୍ଯ୍ୟରତ ଭାରତୀୟ ଡାକ୍ତର ମଧ୍ୟ ଏହାଦ୍ୱାରା ପ୍ରଭାବିତ ହେବେ। ଯଦିଓ ଏହି କଟକଣା କେବଳ ସରକାରୀ ସଂସ୍ଥା ପାଇଁ, ତଥାପି ଏହା ଏକ ନକାରାତ୍ମକ ବାତାବରଣ ସୃଷ୍ଟି କରୁଛି, ଯାହା ଘରୋଇ ସଂସ୍ଥା ବିଶେଷକରି ଆଇଟି ଅନୁଷ୍ଠାନଗୁଡ଼ିକୁ ମଧ୍ୟ ପ୍ରଭାବିତ କରିପାରେ। ସୂଚନାଥାଉ କି, ଗତ ସେପ୍ଟେମ୍ବରରେ ଆମେରିକାର କେନ୍ଦ୍ରୀୟ ପ୍ରଶାସନ ତଥା ଟ୍ରମ୍ପ୍ ପ୍ରଶାସନ ମଧ୍ୟ ଏଚ୍-୧ବି ଭିଜା ପାଇଁ ୧ ଲକ୍ଷ ଡଲାର (ପ୍ରାୟ ୯୨ ଲକ୍ଷ ଟଙ୍କା) ର ନୂଆ ଫି' ଘୋଷଣା କରିଛନ୍ତି, ଯାହା ଭାରତୀୟଙ୍କ ପାଇଁ ଏକ ବଡ଼ ଆର୍ଥିକ ବୋଝ ସଦୃଶ।

# ମୃତକଙ୍କ ନାଁରେ ଚାଉଳ ଉଠାଇଲେ ଦେଢ଼ଗୁଣା ଆଦାୟ ହେବ: ମନ୍ତ୍ରୀ

ଭୁବନେଶ୍ୱର, ୨୮।୧(ସୁନିତ୍ ମିଶ୍ର)

ମୃତକଙ୍କ ନାଁରେ ଚାଉଳ ଉଠାଉଥିଲେ ଏଣିକି କାର୍ଯ୍ୟାନୁଷ୍ଠାନ ହେବ। ଯଦି ରାଜ୍ୟରେ ସେମିତି କେହି ଚାଉଳ ଉଠାଉଥିବା ନେଇ ଜଣାପଡ଼େ ତେବେ ସରକାର କ୍ଷତିପୂରଣ ଆଦାୟ କରିବେ। ମୃତକଙ୍କ ନାଁରେ ଯେତିକି ଚାଉଳ ଉଠାଇଥିବେ ତା'ର ଦେଢ଼ଗୁଣା କ୍ଷତିଭରଣା ଆଦାୟ କରାଯିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବୁଧବାର ମନ୍ତ୍ରୀ ପାତ୍ର କହିଛନ୍ତି, ଇ-କେୱାଇସି ଜରିଆରେ ୬ ଲକ୍ଷ ୯୫ ହଜାରରୁ ଅଧିକ ମୃତ ହିତାଧିକାରୀ ଚିହ୍ନଟ ହୋଇଥିଲେ। ମୃତ ହିତାଧିକାରୀଙ୍କ ବିଷୟରେ ତଥ୍ୟ ଜଣାଇ ସେମାନଙ୍କ ନାଁ କାଟିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ଭୂତ ହିତାଧିକାରୀଙ୍କୁ ଚିହ୍ନଟକରିବା ଲାଗି ଇ-କେୱାଇସି ପ୍ରକ୍ରିୟା ଜାରି ରହିଛି। ଡିସେମ୍ବର ୩୧ରେ ଇ-କେୱାଇସି ସମୟ ଶେଷ ହେଉଥିବା ବେଳେ ଏହାର ଅବଧି ପୁଣି ଥରେ ସରକାର ବୃଦ୍ଧି କରିଛନ୍ତି। ଏବେ ମଧ୍ୟ ବହୁ ହିତାଧିକାରୀ ଇ-କେୱାଇସି କରିନାହାନ୍ତି। ରାଜ୍ୟ ବାହାରେ ରହୁଥିବା ଶ୍ରମିକମାନେ ଇ-କେୱାଇସି କରିପାରୁ ନ ଥିବା ଚର୍ଚ୍ଚା ହେଉଛି।

## ଖଣି ଖନନକୁ ବିରୋଧ

# ମରିବୁ ପଛେ ମାଟି ଛାଡ଼ିବୁ ନାହିଁ

ପଟ୍ଟାଙ୍ଗି,୨୮।୧(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟ ପାର୍ଶ୍ୱରେ ସେରୁବନ୍ଧ ସୁରକ୍ଷା ସମିତିର ଆହ୍ୱାନକ୍ରମେ ସେମିଳିଗୁଡ଼ା ଓ ପଟ୍ଟାଙ୍ଗି ବ୍ଲକ୍‌ର ୬ ପଞ୍ଚାୟତର କ୍ଷତିଗ୍ରସ୍ତ ଗ୍ରାମବାସୀ ଏକତ୍ର ହୋଇ ନାଲ୍‌କୋ, ବେଦାନ୍ତ ସମେତ ଅନ୍ୟ କମ୍ପାନୀଗୁଡ଼ିକର ଖଣି ଖନନକୁ ମଙ୍ଗଳବାର ବିରୋଧ କରିଛନ୍ତି। ମରିବୁ ପଛେ ଆମ ମାଟି ଛାଡ଼ିବୁ ନାହିଁ ବୋଲି ସ୍ଲୋଗାନ ଦେଇ ଖଣି କମ୍ପାନୀଗୁଡ଼ିକୁ କଡ଼ା ଚେତାବନୀ ଦେଇଛନ୍ତି। ସୂଚନାନୁଯାୟୀ, ସମିତିର ସଭାପତି ରବି ଖରାଙ୍କ ସଭାପତିତ୍ୱରେ ବିଶାଳ ଜନସମାବେଶ ଆୟୋଜିତ ହୋଇଥିଲା। ରାଜ୍ୟ ସରକାରଙ୍କ ଆଦିବାସୀ ମାରଣନୀତିକୁ କଡ଼ା ବିରୋଧ କରିବାକୁ ଆହ୍ୱାନ ଦିଆଯାଇଛି। କାର୍ଯ୍ୟକ୍ରମରେ ଲୋକଶକ୍ତି ଅଭିଯାନ ଆବାହକ ପ୍ରଫୁଲ୍ଲ ସାମନ୍ତରାୟ ପଲ୍ଲିସଭା ଓ ଗ୍ରାମସଭାକୁ ଗୁରୁତ୍ୱ ଦେଉଥିବା ସରକାର ଲୋକଙ୍କ ଜନମତ ନ ନେଇ ଅଞ୍ଚଳରେ ରହିଥିବା ଖଣି ନେବାକୁ ଚେଷ୍ଟା କରୁଛନ୍ତି ବୋଲି କହିଥିଲେ। ଏ ନେଇ ବିରୋଧୀ ଦଳଗୁଡ଼ିକ କାହିଁକି ଚୁପ୍ ରହିଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ପଞ୍ଚପଟମାଳି ଆହୁରି ୩୦ ବର୍ଷ ଯାଏ କାର୍ଯ୍ୟକ୍ଷମ ରହିବ। ଉକ୍ତ ଖଣି ସରିବା ନ ଯାଏ ଆମେ ଅନ୍ୟ ଖଣି ପାହାଡ଼କୁ ହାତ ମାରିବାକୁ ଦେବୁ ନାହିଁ। ରାଜ୍ୟର ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ ହୋଇଥିବା ବେଳେ ଆଦିବାସୀଙ୍କ ଦୁଃଖ ନିହାତି ବୁଝିବା ଆବଶ୍ୟକ। ଆଦାନୀକୁ କ'ଣ ସ୍ୱାର୍ଥରେ ନାଗେଶ୍ୱରୀ ଖଣି ପ୍ରଦାନ କରାଯାଇଛି ବୋଲି ପ୍ରଶ୍ନ କରିଛନ୍ତି। କଂଗ୍ରେସର କେନ୍ଦ୍ର ସ୍ତରର ନେତା ଖଣିବିରୋଧୀରେ କହୁଛନ୍ତି। ଓଡ଼ିଶାରେ କଂଗ୍ରେସ ନେତା ଓ ବିଧାୟକ କାହିଁକି ଚୁପ୍ ରହିଛନ୍ତି ପ୍ରଶ୍ନ ଉଠାଇଥିଲେ। ସମସ୍ତେ ଏକତ୍ର ହୋଇ ଏହାକୁ କଡ଼ା ବିରୋଧ କରିବା ଆବଶ୍ୟକ ବୋଲି ସେମିଳିଗୁଡ଼ା ବ୍ଲକ୍‌ର ସୋରିଷପଦର ଓ ଖୁଡ଼ି ପଞ୍ଚାୟତ ସହ ପଟ୍ଟାଙ୍ଗିର ମାଳିପୁଟ, ପଟ୍ଟାଙ୍ଗି, ନୂଆଗାଁ ଓ କୋଟିଆ ପଞ୍ଚାୟତର ୮୬ ଗ୍ରାମରୁ ଆସିଥିବା କ୍ଷତିଗ୍ରସ୍ତଙ୍କୁ ସାମନ୍ତରାୟ ଆହ୍ୱାନ ଦେଇଛନ୍ତି। ସେରୁବନ୍ଧ, ଦେଓମାଳି, ନାଗେଶ୍ୱରୀ ଭଳି ବକ୍ସାଇଟ ପାହାଡ଼ରେ ଖଣି ଖନନ ହେଲେ କୋରାପୁଟ ଜିଲା ଶେଷ ହୋଇଯିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ନିୟମଗିରି ସମିତି ଆବାହକ ଲିଙ୍ଗରାଜ ଆଜାଦ ଯୋଗଦେଇଥିଲେ। ଦୀର୍ଘ ବର୍ଷ ଧରି ସେରୁବନ୍ଧ ସମିତି ପକ୍ଷରୁ ହୋଇ ଆସୁଥିବା ଏହି ବିରୋଧକୁ ସମସ୍ତେ ଏକଜୁଟ୍ ହୋଇ ଲଢ଼େଇ କରିବା ଆବଶ୍ୟକ ବୋଲି ସେ କହିଥିଲେ। ସେରୁବନ୍ଧ ବକ୍ସାଇଟ ଖଣି ପାହାଡ଼କୁ ସୁରକ୍ଷା ଦେବା ପାଇଁ ଗତ ୨୦ ତାରିଖରୁ ଆରମ୍ଭ ହୋଇଥିବା ପଦଯାତ୍ରା ଶେଷ ହୋଇଛି। କୋରାପୁଟିଆ ଜନସୁରକ୍ଷା ସମିତି ସଭାପତି ଦାସୀ ନନ୍ଦିବାଲି ମରିବା ପଛେ ପଛକୁ ହଟିବା ନାହିଁ, ଖଣି ଦଲାଲମାନଙ୍କୁ ପ୍ରଶ୍ରୟ ଦେବା ନାହିଁ ବୋଲି ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ମୁନିଗୁଡ଼ା ବିନତି କାଟ୍ରାକା ବ୍ଲକ୍‌ର ୨ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ସଭ୍ୟ ଲଇଚନ ଖରା, ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗୀ, ମାଳିପୁଟ ସରପଞ୍ଚ ସୋମନାଥ ଗୁଣ୍ଡା, କୋଟିଆ ସରପଞ୍ଚ ଲିଉ ଗେମେଲ, ପଟ୍ଟାଙ୍ଗି ସରପଞ୍ଚ ଆଲମେ ଫୁଲ, ନୂଆଗାଁ ସରପଞ୍ଚ ସୁବାସ ଖରା ପ୍ରମୁଖ ଯୋଗଦେଇଥିଲେ। କ୍ଷତିଗ୍ରସ୍ତ ପରିବାରଙ୍କ ସହ ସ୍ୱର ମିଶାଇ ସମସ୍ତେ ଏକ ହୋଇ ରହିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବାଲଡ଼ା ନାଗେଶ୍ୱରୀର ଅଜୟ ମୁଦୁଲି, ବିଜୟ ମୁଦୁଲି, ହାଲ୍ ବିସ୍ଥାପିତ ସଭାପତି ତ୍ରିଲୋଚନ ମୁଦୁଲି, ମାଳି ପର୍ବତ ସମିତି ସଭାପତି ବିଜୟ ଖିଲ, ନିରଞ୍ଜନ ଖିଲ ଓ ବିସ୍ଥାପିତ ସମିତି କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ସେରୁବନ୍ଧ ସୁରକ୍ଷା ସମିତିର ଭଗବାନ ଗଲରୀ ଓ ବୈଦ୍ୟନାଥ ଗେମେଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଲୋକଶକ୍ତି ଅଭିଯାନ ଆବାହକ ପ୍ରଫୁଲ୍ଲ ସାମନ୍ତରାୟ ସମାବେଶରେ ଉଦ୍‌ବୋଧନ ଦେଉଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟା ଭବନର ୨୧୨ତମ ଆଲୋଚନାଚକ୍ର, ସ୍ଥାନ: ଭାରତୀୟ ବିଦ୍ୟାଭବନ, ଖାରବେଳ ନଗର, ସମୟ: ସନ୍ଧ୍ୟା ୫ଟା ୩୦।
- ୩୪ତମ ବାର୍ଷିକ ନାମ ସଂକୀର୍ତ୍ତନ, ସ୍ଥାନ: ଏକଡ଼ାଲିଆ ଗ୍ରାମ, ମାଝିସାହିସ୍ଥିତ ଭଗବତ ବାସୁଦେବଙ୍କ ପୀଠ, ସମୟ: ସନ୍ଧ୍ୟା ୭ଟା।
- ଉତ୍ତର ପୁରୁଷ ନାଟକ ପରିକ୍ରମା ପକ୍ଷରୁ ନାଟ୍ୟ ଉତ୍ସବ ଉପଲକ୍ଷେ ନାଟକ ରାଜଜେମା ମଞ୍ଚସ୍ଥ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୦।

## ବାଲେଶ୍ୱର

- ବିଶାଳ ଝୋଟି ପ୍ରତିଯୋଗିତା ଓ ପ୍ରଦର୍ଶନୀ, ସ୍ଥାନ: ପୋଲିସ ଲାଇନ ଛକରୁ ଆଇଟିଆଇ ଛକ, ବାଲେଶ୍ୱର, ସମୟ: ସକାଳ ୭ଟା।
- ଯୁବ ମହୋତ୍ସବ 'ଉତ୍ସାହ –୨୦୨୬'ର ତୃତୀୟ ଦିବସ, ସ୍ଥାନ: ଏଫଏମ୍ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାଲିଖଣ୍ଡ ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବାଲିଖଣ୍ଡ, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା।
- ରେମୁଣା ମହୋତ୍ସବର ଷଷ୍ଠ ସନ୍ଧ୍ୟା, ସ୍ଥାନ: ମହୋତ୍ସବ ପଡିଆ, ହାତୀଆଗଣ୍ଡ ଛକ, ରେମୁଣା, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ଜିଲାସ୍ତରୀୟ ପିଏମ୍ଶ୍ରୀ ଉତ୍ସବ ଉଦ୍‌ଘାଟନ, ସ୍ଥାନ: ବାଗୁରାଇ ବିନ୍ଦୁମାଧବ ହାଇସ୍କୁଲ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ସାଇଧାମ, କଚେରି ବଜାର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ହିନ୍ଦୁ ସମ୍ମିଳନୀ, ସ୍ଥାନ: କାଳୀମେଘା ମେଲଣ ପଡ଼ିଆ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- କିଶୋର ନାୟକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ପୁରୁଷୋତ୍ତମପୁର, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ଜୀବନଜ୍ୟୋତି କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲ, ସ୍ଥାନ: ଚତୁର୍ଭୁଜପୁର, ଭଣ୍ଡାରିପୋଖରୀ, ସମୟ: ମଧ୍ୟାହ୍ନ ୧୨ଟା।

- ମଦନ ମୋହନଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପନୀ, ସ୍ଥାନ: ସିଙ୍ଗିଟି, ଚାନ୍ଦବାଲି, ସମୟ: ଅପରାହ୍ନ ୪ଟା।
- ଉତ୍କଳ କଳାକାର ସଂଘର ବାର୍ଷିକୋତ୍ସବ, ସ୍ଥାନ: ମନ୍ଦୋଦରୀ ମାର୍କେଟ କମ୍ପ୍ଲେକ୍ସ, ତିହିଡ଼ି, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ମାରାଥନ, ସ୍ଥାନ: ଭଦ୍ରାସାହି ଠାରୁ ଉତ୍ସବ ପଡିଆ, ବଡ଼ବିଲ, ସମୟ : ସକାଳ ୭ଟା ୩୦।
- ୨୬ତମ ବଡ଼ବିଲ ମହୋତ୍ସବର ଉଦ୍‌ଘାଟନ, ସ୍ଥାନ: ଉତ୍ସବ ପଡ଼ିଆ, ବଡ଼ବିଲ, ସମୟ : ସନ୍ଧ୍ୟା ୭ଟା ୩୦।

## ମୟୂରଭଞ୍ଜ

- ୨୭ତମ ଆନ୍ତଃକଲେଜ ସାଂସ୍କୃତିକ କାର୍ଯ୍ୟକ୍ରମ 'ୟୁଫୋରିଆ–୨୦୨୬', ସ୍ଥାନ:ଶହୀଦ ସ୍ମୃତି ଭବନ, ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ରେଡକ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିରର ଉଦ୍‌ଘାଟନୀ ଉତ୍ସବ,ସ୍ଥାନ:ଖୁଣ୍ଟା ସ୍ଥିତ ପିଏମ୍ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋପବନ୍ଧୁନଗର, ସମୟ:ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକ ମେଳା,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୨ଟା।

## ଗଞ୍ଜାମ

- କୃଷ୍ଣ ସାର ମୃଗ ଗଣନା, ସ୍ଥାନ: ଆସିକା ବନାଞ୍ଚଳର କୃଷ୍ଣ ସାର ବସତି ଅଞ୍ଚଳ, ସମୟ: ସକାଳ ୬ ଟା।
- ମେକ୍ ମାଇକେଲ ସଂସ୍କୃତ ମହାବିଦ୍ୟାଳୟ ବାର୍ଷିକୋତ୍ସବ, ସ୍ଥାନ : ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ ଟା ୩୦।

## କନ୍ଧମାଳ

- ମଣ୍ଡଳ ସ୍ତରୀୟ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଶ୍ରୀରାମ ମନ୍ଦିର ପରିସର, ସାରଙ୍ଗଗଡ଼, ବାଲିଗୁଡ଼ା, ସମୟ: ସକାଳ ୮ ଟା।
- ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ଉତ୍ସବ ଉପଲକ୍ଷେ ବ୍ଲକସ୍ତରୀୟ ପ୍ରତିଯୋଗିତା, ସ୍ଥାନ: ସରକାରୀ ଆଶ୍ରମ ବିଦ୍ୟାଳୟ, ଦଣ୍ଡପଦର, ବାଲିଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଗଜପତି

- ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ଉତ୍ସବ, ମଶାଲ ଶୋଭାଯାତ୍ରା, ସ୍ଥାନ: ମୋହନା ପିଏମ୍ଶ୍ରୀ ଏସ୍‌ଏସ୍‌ଡି ହାଇସ୍କୁଲ ପଡ଼ିଆ, ସମୟ: ସକାଳ ୯ ଟା।

## ଅନୁଗୋଳ

- ଶ୍ରୀମଦ ଭାଗବତ ପାରାୟଣ ଜ୍ଞାନଯଜ୍ଞର ଚତୁର୍ଥ ଦିବସରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ସହରସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ମା' ସନ୍ତୋଷୀ ମନ୍ଦିରର ଜନ୍ମୋତ୍ସବ, ଚତୁର୍ଥ ପ୍ରହର ନାମଯଜ୍ଞ, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ସକାଳ ୬ ଟା।
- ଜିଲାସ୍ତରୀୟ ପିଏମ୍ଶ୍ରୀ ଉତ୍ସବ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।
- ସହଯୋଗ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ରଘୁନାଥପୁର ବ୍ଲକ ରେତୁଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୮ଟା।
- ସାଳିଜଙ୍ଗା ସାଇ ମନ୍ଦିର ନବମ ବାର୍ଷିକୋତ୍ସବ, ୨ୟ ଦିବସ ଉପଲକ୍ଷେ ମହାପୂଜା ଓ ଆହୁତି ପ୍ରଦାନ, ସ୍ଥାନ ତାରପୁର ନିକଟସ୍ଥ ସାଳିଜଙ୍ଗା ସାଇନାଥ ମନ୍ଦିର, ରଘୁନାଥପୁର, ସମୟ: ସକାଳ ୮ଟା।
- ସର୍ବ ଭାରତୀୟ ଫତେପୁର କପ୍ କ୍ରିକେଟ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ମ୍ୟାଚ ଝାଡ଼ଖଣ୍ଡ ସହ ରାଉରକେଲା, ସ୍ଥାନ: ନିମସୁନ୍ଦରୀ ଖେଳ ପଡିଆ, କୁଜଙ୍ଗ, ସମୟ: ପୂର୍ବାହ୍ନ ୧୧ ଟା।
- ସମୀର–ସୁଶୀଳ ମେମୋରିଆଲ ରାଜ୍ୟସ୍ତରୀୟ କ୍ରିକେଟର ସେମି ଫାଇନାଲ ମ୍ୟାଚ, ଆଦର୍ଶ ବାଲେଶ୍ୱର, ଆମ୍ବେଡକର ଜଗତ୍‌ସିଂହପୁର କ୍ଲବ, ସ୍ଥାନ: ଜଗତି, କୁଜଙ୍ଗ, ସମୟ: ମଧ୍ୟାହ୍ନ ୧୨ଟା।
- ଡିଏଲଆର ଆସୋସିଏଶନ ପକ୍ଷରୁ ବୈଠକ, ସ୍ଥାନ: ୟୁନିୟନ ପରିସର ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ବିରାଟ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଶ୍ରୀଧ୍ୟାନଦାସ ମହାପୁରୁଷ ମଠ, ବାରଡାଙ୍ଗ, ମହାକାଳପଡା, ସମୟ: ସକାଳ ୯ଟା।
- ଶିବଶକ୍ତି ଯୁବକ ସଂଘ ପକ୍ଷରୁ ଗ୍ରାମାଞ୍ଚଳ ରାଜ୍ୟସ୍ତରୀୟ ଜମ୍ବୁଦ୍ୱୀପ କ୍ରିକେଟ କପ, ସ୍ଥାନ: ଶଙ୍ଖପଦା ଖେଳପଡିଆ, ମହାକାଳପଡା, ସମୟ: ମଧ୍ୟାହ୍ନ ୧୨ଟା।

## ନୟାଗଡ଼

- ଜାମାଲାଗି ବେଶର ସପ୍ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା ।
- ଲୋକନାଥ ମହାଦେବଙ୍କ ମାଘ ସପ୍ତମୀ ଯାତ୍ରା ଓ ଯଜ୍ଞ ଉଦ୍‌ଯାପନ ଦିବସ, ସ୍ଥାନ:ନୟାଗଡ଼ ବ୍ଲକ ସିନ୍ଦୁରିଆ ଲୋକନାଥ ମହାଦେବଙ୍କ ପୀଠ, ସମୟ:ସକାଳ ୭ଟା ।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱାଦଶ ଦିବସରେ ୨ୟ ସେମି ଫାଇନାଲରେ ବଡ଼ ବାଣପୁର ବନାମ ଦେବାଂଶି କ୍ରିକେଟ କ୍ଲବ କଣ୍ଟିଲୋ, ସ୍ଥାନ:କଣ୍ଟିଲୋ ନୀଳମାଧବ କଲେଜ ପଡିଆ, ସମୟ:ପୂର୍ବାହ୍ନ ୧୧ଟା ।

## ରାୟଗଡ଼ା

- ହୋମଯଜ୍ଞ, ଅନ୍ନ ପ୍ରସାଦ ସେବନ, ସ୍ଥାନ: ଗୁଣପୁର ସରକାରୀ ବାଳିକା ବିଦ୍ୟାଳୟ ନିକଟ ତ୍ରିନାଥ ମନ୍ଦିର, ସମୟ: ପ୍ରାତଃ ୩ଟା ୩୦ରୁ ଆରମ୍ଭ।
- ଅଷ୍ଟପ୍ରହରୀ, ସ୍ଥାନ: ଗୁଣପୁର କୋର୍ଟ ନିକଟ ତ୍ରିନାଥ ମନ୍ଦିର, ସମୟ: ପ୍ରାତଃ ୪ଟା।
- ହୋମ ଯଜ୍ଞ, ପ୍ରସାଦ ସେବନ, ସ୍ଥାନ: ଗୁଣପୁର ଶ୍ରୀ ଭେଙ୍କଟେଶ୍ୱର ମନ୍ଦିର, ସମୟ: ପ୍ରାତଃ ୫ଟା।
- ସମ୍ପୂର୍ଣ୍ଣତା ଅଭିଯାନ ୨.୦ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ଆଦିବାସୀଙ୍କ ପାରମ୍ପାରିକ ମାଘ ମଣ୍ଡେଇ ଉତ୍ସବ, ସ୍ଥାନ: ଡାବୁଗାଁ ଭୈରବ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।

## କୋରାପୁଟ

ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ, ସ୍ଥାନ: ଗଣେଶ ମନ୍ଦିର ନିକଟ ଚୌଧୁରୀ ଷ୍ଟଲ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ବାବା ଭବାନୀ ଶଙ୍କର ମନ୍ଦିରର ରତ୍ନମୂଦ ଉତ୍ସବ, ସ୍ଥାନ: ବରେଇପାଲି ଶିଳ୍ପାଞ୍ଚଳ, ସମୟ: ସକାଳ ୯ଟା।
- ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଆୟୋଜନରେ କୁଦୋପାଲି ଶୀର୍ଷକ କର୍ମଶାଳା, ସ୍ଥାନ : ଜିଏମ୍‌ୟୁସ୍ଥିତ ଭିସି ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା ୪୫।
- ସେଲିବ୍ରେଟି କପ କ୍ରିକେଟ ମ୍ୟାଚ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ମଧ୍ୟାହ୍ନ ୧୨ଟା।
- ଏନ୍‌ବିଟି ଆୟୋଜିତ ସମ୍ବଲପୁର ପୁସ୍ତକ ମେଳା, ସ୍ଥାନ : ପିଏଚ୍‌ଡି ପଡିଆ, ସମୟ : ମଧ୍ୟାହ୍ନ ୧୨ଟାରୁ ରାତି ୧୦ଟା।
- ଶ୍ରୀଗଣେଷ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ହୋମ ଯଜ୍ଞ, ସ୍ଥାନ : କବରାପାଲି ଗ୍ରାମ, ସମୟ : ଅପରାହ୍ନ ୫ଟା।
- ଏମବିଟି ଓ ସେତୁ ଆୟୋଜିତ ପୁସ୍ତକ ମେଳା ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୭ଟା।
- ଧନୁଯାତ୍ର ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ପରମାଣପୁର ଗ୍ରାମ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଜିଲାସ୍ତରୀୟ ପିଏମଶ୍ରୀ ଉତ୍ସବ,ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଖେଳପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ମହାରାଜା ଆରଏନ୍ ସିଂଦେଓ ସ୍ମାରକୀ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ,ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର,ସମୟ: ଅପରାହ୍ନ ୨ଟା।

## ବରଗଡ଼

- ବରଗଡ଼ ଶ୍ରୀ ଶ୍ରୀ ଗୁଣ୍ଡିଚା ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ:ଗୋବିନ୍ଦପୁର, ବରଗଡ଼, ସମୟ: ସକାଳ ୮ଟା।
- ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ,ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, କାଦୋବାହାଲ, ଅତାବିରା, ସମୟ: ସନ୍ଧ୍ୟା ୫ଟା ୩୦।
- ବରଗଡ଼ ଫିଜିକାଲ ଏକାଡେମୀର ବାର୍ଷିକ ଉତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସନ୍ଧ୍ୟା ୬ଟା।

## ବୌଦ୍ଧ

- ୨୨ତମ ତିଲେଶ୍ୱର କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପନ ଦିବସ, ସ୍ଥାନ: ତିଲେଶ୍ୱର ଖେଳପଡ଼ିଆ, ହରଭଙ୍ଗା ବ୍ଲକ, ବୌଦ୍ଧ, ସମୟ: ଅପରାହ୍ନ ୩ଟା।
- ଅସୁରଗଡ଼ ଲୋକ ମହୋତ୍ସବ ଉଦ୍‌ଯାପନ ଉତ୍ସବ, ସ୍ଥାନ: ସୁବର୍ଣ୍ଣମେରୁ ପଡିଆ, ମନମୁଣ୍ଡା, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଏବଂ କୃଷି ମହୋତ୍ସବ, ସ୍ଥାନ: ପ୍ରଧାନପାଟ ରୋଡ ବଡ଼ବଗିଚା, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁବର୍ଣ୍ଣପୁର

- ବଡ ଗୋପାଳଜୀ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅବସରରେ ବିଷ୍ଣୁ ସହସ୍ର ନାମଯଜ୍ଞ ଓ ପୂଜାର୍ଚ୍ଚନା, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ଗୋପାଳଜୀ ମନ୍ଦିର ପରିସର, ସମୟ: ସକାଳ ୮ଟା।
- ଅଷ୍ଟପ୍ରହର ନାମଯଜ୍ଞର ଶୁଭାରମ୍ଭ, ସ୍ଥାନ: ସୁବର୍ଣ୍ଣପୁର ସହର ପଟାଭାଡି ଠାକୁରାଣୀ ପଡା ସ୍ଥିତ ନାମ ମଣ୍ଡପ, ସମୟ: ସକାଳ ୮ଟା।
- ଦାଦରପାଲି କ୍ରିକେଟ କପ୍‌ର ଚତୁର୍ଥ ଦିବସ, ସ୍ଥାନ: ଦାଦରପାଲି,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ୨: ଗୁଦଗୁଦା କ୍ରିକେଟ କପ, ସ୍ଥାନ: ଗୁଦୁଗୁଦା,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ରାଜୀମ ମାତା ଜୟନ୍ତୀ ମହୋତ୍ସବ ଓ ଶପଥ ଗ୍ରହଣ ସମାରୋହ, ସ୍ଥାନ: ସାହୁ ସମାଜ ଭବନ ଖରିଆର ରୋଡ୍, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ଲକ୍ଷ୍ମୀନାରାୟଣ ପୂଜା କାର୍ଯ୍ୟକ୍ରମ, ସ୍ଥାନ: ରାଧାମାଧବ ମନ୍ଦିର, ବେହେରାମାଲ, ସମୟ: ସକାଳ ୮ଟା।
- ନବ ଦାସଙ୍କ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ରକ୍ତଦାନ ଶିବିର, ସ୍ଥାନ: ନବ ଦାସ ଅଡିଟୋରିୟମ, ବେହେରାମାଲ, ସମୟ: ସକାଳ ୯ଟା।
- ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ୩ୟ ଶ୍ରାଦ୍ଧ ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ନବ ଦାସ ଅଡିଟୋରିୟମ, ବେହେରାମାଲ, ସମୟ: ପୂର୍ବାହ୍ନ ୧୦ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗାଆଁ ମୁଣ୍ଡ ଘର ଚୋରକୁ**
**ଅଦିନ ଚାଷ କରକୁ**
**ରାତି ଦହି ଖିଆ ଜରକୁ**
**ବୁଢା କାଳେ ବିଭା ପରକୁ।**

ସାଇ ପଡ଼ିଶା ପାଖ ଛାଡ଼ି ଗାଁ ମୁଣ୍ଡର ଏକୁଟିଆ ସ୍ଥାନରେ ଘର କରି ରହିଲେ ମନ ମଧ୍ୟରେ ଚୋରି ଯିବାର ଭୟ ଦେଖାଦେଇଥାଏ। ଅଦିନରେ କରାଯାଇଥିବା ଚାଷ ପାଇଁ ରାଜା ଘର କିମ୍ବା ସରକାର କର ନେବା ଲାଗି ମନ ବଳେଇଥାନ୍ତି। ରାତିରେ ଦହି ଖାଇଲେ ଜ୍ୱର ବା ଦେହ ଅସୁସ୍ଥ ହୋଇଥାଏ। ସେହିପରି ବୃଦ୍ଧକାଳେ ତରୁଣୀଟିଏକୁ ବାହାହେଲେ ସେ ସ୍ତ୍ରୀ ଭବିଷ୍ୟତରେ ପରପୁରୁଷର ପ୍ରୀତିରେ ଯେ ମଜ୍ଜି ନ ରହିବ ଏ ପ୍ରକାରର ଆଶଙ୍କା ସର୍ବଦା ମନକୁ ଆନ୍ଦୋଳିତ କରି ବସୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଗଛରୁ ପଡ଼ିଲା ଓଉ,**
**ଝିଅ ଜନମ ତ ପର ଘରକୁ**
**କାହିଁ କି କାନ୍ଦୁ ତୁ ବୋଉ ?**

ଝିଅଟିକୁ ବାପା ମା' କାଖେଇ କୋଳେଇ ବଡ଼ କରିଥାନ୍ତି। ଶେଷରେ ସେ ବୋହୂ ହୋଇଯାଏ ଆଉ ଗୋଟିଏ ଘରକୁ। ଏହା ହିଁ ଦୁନିଆର ରୀତି। ଶାଶୁଘରକୁ ବିଦା ହୋଇ ଯାଉଥିବା ଝିଅର ବିଚ୍ଛେଦଜନିତ ଦୁଃଖକୁ ସହ୍ୟ କରିବା ଜନ୍ମଦାତ୍ରୀ ମା'ପକ୍ଷେ ଅତୀବ କଷ୍ଟକର ହୋଇପଡୁଥିବା ବେଳେ ଏଥିରୁ କ୍ଷାନ୍ତ ରହିବା ପାଇଁ ସାନ୍ତ୍ୱନା ଦିଆଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ୧୨ କୋଟିଆ ଗ୍ରାମ ...

କୋଟିଆ ଗସ୍ତ ସମୟରେ ସ୍ଥାନୀୟ ବ୍ଲକ୍ ପ୍ରଶାସନକୁ ପଞ୍ଚାୟତରେ ଅନୁପ୍ରବେଶକାରୀଙ୍କୁ ରୋକିବାରେ ଭଲ ପଦକ୍ଷେପ ନେଉଥିବାରୁ ଧନ୍ୟବାଦ ଦେବା ଆବଶ୍ୟକ ବୋଲି କହିଥିଲେ। କିନ୍ତୁ ବ୍ଲକ୍ ପ୍ରଶାସନ ପକ୍ଷରୁ ସୀମା ଜଗିବା ଓ ଅନୁପ୍ରବେଶ ରୋକିବାରେ କ'ଣ ପଦକ୍ଷେପ ନିଆଯାଉଛି ଏହା ନେଇ ପ୍ରଶ୍ନ ଉଠିଛି।

ସୂଚନା ଅନୁଯାୟୀ, ଜନସେନା ପ୍ରତିନିଧିମାନେ ଉପରସେମ୍ଭି ଗ୍ରାମରେ ଅନୁପ୍ରବେଶକରି କୋଟିଆ ପଞ୍ଚାୟତର ୧୨ ଗ୍ରାମର ମୁଖିଆ ଓ ଉକ୍ତ ଗ୍ରାମବାସୀଙ୍କୁ ଏକତ୍ର କରିଥିଲେ। ସୀମା ବିବାଦ ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଥିଲେ ମଧ୍ୟ ଓଡ଼ିଶାର ପ୍ରଶାସନିକ ଅଧିକାରୀ ଓ ନିର୍ବାଚିତ ଜନପ୍ରତିନିଧିମାନେ କାହିଁକି ଅନୁପ୍ରବେଶକରି ସୀମାନ୍ତବାସୀଙ୍କୁ ଭ୍ରମିତ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। କୋଟିଆ ପଞ୍ଚାୟତର ୧୨ ଗ୍ରାମ ଦୀର୍ଘ ୬୦ବର୍ଷ ହେବ ଓଡ଼ିଶା ସୀମା ଭିତରେ ରହିଯାଇଛି। ଏହି ଗ୍ରାମର ଲୋକେ ଓଡ଼ିଶାରେ ରହିବାକୁ ଇଚ୍ଛା ପ୍ରକାଶ କରୁ ନ ଥିବା କହିଛନ୍ତି। ଏହାକୁ ନେଇ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଲିଖିତ ଦାବି କରିବା ସହ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ସେମାନେ ତେଲୁଗୁ ଭାଷାରେ ବୁଝାଇଥିଲେ। ଏହାପରେ ପ୍ରତିନିଧି ଦଳ ଉପରସେମ୍ଭି ଗ୍ରାମରେ ଶନିବାର ପଟ୍ଟାଙ୍ଗି ବ୍ଲକ ପ୍ରଶାସନର ସହଯୋଗରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ପ୍ରାଥମିକ ବିଦ୍ୟୁତ୍ ସବ୍‌ଷ୍ଟେଶନ ପାଇଁ ଭିତ୍ତିପ୍ରସ୍ତର ନିମନ୍ତେ ଆୟୋଜନ ହୋଇଥିବା ଘଟଣାସ୍ଥଳରେ ଭଙ୍ଗାରୁଜା ସହ ଉକ୍ତ ସ୍ଥାନ ପରିଦର୍ଶନକରି ସ୍ଥିତି ଅନୁଧ୍ୟାନକରି ଫେରିଯାଇଥିଲେ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଗସ୍ତ ପୂର୍ବରୁ ଅର୍ଥାତ୍ ୨୪ ତାରିଖ ଦିନ ବିଦ୍ୟୁତ୍ ପ୍ରକଳ୍ପ ଭିତ୍ତିପ୍ରସ୍ତର ସମ୍ପର୍କିତ ନାମଫଳକକୁ ଭଙ୍ଗାଯାଇଥିଲା। ଏଥିରୁ ନିଜ ମୁଣ୍ଡରୁ ଦୋଷ ହଟାଇବାକୁ ଯାଇ ବ୍ଲକ ପ୍ରଶାସନ ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟୁତ୍ ବିଭାଗର ବୋଲି କହିଥିଲା।

କୋଟିଆ ପଞ୍ଚାୟତର ସରପଞ୍ଚ ଲିଉ ଗେମେଲ କହିଛନ୍ତି, ଆନ୍ଧ୍ରର ସରକାରୀ ଅଧିକାରୀ, କର୍ମଚାରୀ ଓ ରାଜନୈତିକ ଦଳଗୁଡିକର ଅନୁପ୍ରବେଶ ରୋକିବାରେ ସ୍ଥାନୀୟ ପ୍ରଶାସନ ଆନ୍ତରିକତା ଦେଖାଉ ନାହିଁ। ପଞ୍ଚାୟତରେ ଦୀର୍ଘଦିନ ହେବ ଉନ୍ନୟନମୂଳକ କାର୍ଯ୍ୟ କାହିଁକି ବନ୍ଦ ହୋଇ ରହିଥିଲା ବୋଲି ବୈଠକରେ ପ୍ରଶ୍ନ ଉଠାଇଥିଲୁ। କିନ୍ତୁ ବ୍ଲକ୍ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟ ଆରମ୍ଭ ହୋଇନାହିଁ। ପଞ୍ଚାୟତ ପକ୍ଷରୁ କାମ କରାଯାଉଛି, କିନ୍ତୁ ସରକାର ବର୍ତ୍ତମାନ ପ୍ୟାକେଜ ଘୋଷଣା କରିଛନ୍ତି, ଏହାର ଲାଭ ଅଫିସର ଓ ଠିକାଦାର ଉଠାଇବେ। ପଞ୍ଚାୟତବାସୀଙ୍କ କିଛି ଲାଭ ହେବା ଭଳି ଲାଗୁନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

ଉପରସେମ୍ଭି ଗ୍ରାମର ପିଲୁକୁ ତାଡ଼ିଙ୍ଗି, ରାଜେଶ ତାଡ଼ିଙ୍ଗି ଓ ସାନାମା ତାଡିଙ୍ଗି କହିଛନ୍ତି, ଓଡ଼ିଶାର ବ୍ଲକ୍ ପ୍ରଶାସନ ସୀମାନ୍ତବାସୀ ରୋଜଗାରକ୍ଷମହେବା ନେଇ କୌଣସି ତତ୍ପରତା ଦେଖାଉନାହାନ୍ତି। ଆନ୍ଧ୍ର ସରକାର ପ୍ରତି କ୍ଷେତ୍ରରେ ଆମମାନଙ୍କୁ ବିଭିନ୍ନ ସହାୟତା ଯୋଗାଇବା ସହ ପିଲାମାନେ ଉଚ୍ଚଶିକ୍ଷା ଲାଭକରିବା ନେଇ ଭଲ ପଦକ୍ଷେପ ନେଉଛନ୍ତି। ଗଞ୍ଜେଇପଦର ଗ୍ରାମରେ ଓଡ଼ିଶା ପକ୍ଷରୁ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇଛି। କିନ୍ତୁ ଗ୍ରାମବାସୀ ବିଦ୍ୟୁତ୍ ସଂଯୋଗ କରିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। କାରଣ ଆନ୍ଧ୍ର ସରକାର ଏହି ସେବା ମାଗଣାରେ ଯୋଗାଇ ଦେଇଛନ୍ତି। ଏ ସମ୍ପର୍କରେ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆଙ୍କୁ ଆନ୍ଧ୍ରର ଜନସେବା ଦଳ ବୈଠକ କରିଥିବା ନେଇ ପଚାରିବାରୁ ତାଙ୍କ ପାଖରେ ଖବର ରହିଛି ବୋଲି କହିଥିଲେ।

### ବିମାନ ଦୁର୍ଘଟଣାରେ ...

ଅଜିତଙ୍କ ପରଲୋକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ମୋଦି ଓ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ତଥା ସେଲିବ୍ରିଟିମାନେ ଶୋକବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷେ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ୍ ବ୍ୟୁରୋ (ଏଏଆଇବି) ପକ୍ଷରୁ ବିମାନ ଦୁର୍ଘଟଣାର ତଦନ୍ତ କରାଯିବାକୁ ଥିବାବେଳେ ଅନେକେ ଉକ୍ତ କେନ୍ଦ୍ରୀୟ ଏଜେନ୍ସି ଉପରେ ଭରସା କରିପାରୁନାହାନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିମାନ ଦୁର୍ଘଟଣା ପଛରେ ଷଡ଼ଯନ୍ତ୍ରର ଗନ୍ଧ ବାରି ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଏହାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

ମହାରାଷ୍ଟ୍ର ରାଜନୀତିରେ 'ଦାଦା' ନାମରେ ପରିଚିତ ଅଜିତ ପାୱାର ବୁଧବାର ସକାଳେ ମୁମ୍ବାଇରେ ଏକ କ୍ୟାବିନେଟ ବୈଠକରେ ଯୋଗଦେଇଥିଲେ। ଜିଲା ପରିଷଦ ନିର୍ବାଚନ ପୂର୍ବରୁ ସେ ପୁଣେରେ ୪ଟି ରାଲିକୁ ସମ୍ବୋଧିତ କରିବା ପାଇଁ ସ୍ଥିର ହୋଇଥିଲା। ଏଥିପାଇଁ ଅଜିତ ମୁମ୍ବାଇସ୍ଥିତ ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରୁ ସକାଳ ୮ଟା ୧୦ରେ ଭିଏସ୍‌ଆର୍ ଆଭିଏଶନ୍ ଦ୍ୱାରା ପରିଚାଳିତ ବମ୍ବାର୍ଡିଅର ଲିଅରଜେଟ୍ ୪୫ଏକ୍ସଆର୍ (ରେ.ଭିଟି–ଏସ୍‌ଏସ୍‌କେ) ଯୋଗେ ପୁଣେ ଜିଲାର ବାରାମତିରେ ଥିବା ବିମାନବନ୍ଦର ଅଭିମୁଖେ ଯାତ୍ରା କରିଥିଲେ। ତାଙ୍କ ସହ ପାଇଲଟ, କୋ–ପାଇଲଟ, ପିଏସ୍‌ଓ ଏବଂ ଆଟେଣ୍ଡାଣ୍ଟ ମଧ୍ୟ ଉକ୍ତ ବିମାନରେ ଥିଲେ। ୮ଟା ୧୮ ମିନିଟ୍‌ରେ ବିମାନଟି ବାରାମତି ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି) ସହ ଯୋଗାଯୋଗ କରି ଦୁର୍ବଳ ଦୃଶ୍ୟମାନତା ଯୋଗୁ ରନ୍‌ୱେ ଦେଖାଯାଉ ନ ଥିବା ବିଷୟ ଜଣାଇଥିଲା। ୮ଟା ୩୦ରେ ପାଇଲଟ ବିମାନ ଅବତରଣ ପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ। ୮ଟା ୪୩ରେ ଏଟିସି ପକ୍ଷରୁ ଅବତରଣ ପାଇଁ ଦ୍ୱିତୀୟ ଥର କ୍ଲିଅରାନ୍ସ ମିଳିବାର କିଛି ମୁହୂର୍ତ୍ତ ପରେ ବିମାନଟି ୧୧ ନମ୍ବର ରନ୍‌ୱେକୁ ଓହ୍ଲାଇବା ମାତ୍ରେ ସେଥିରେ ବିସ୍ଫୋରଣ ଘଟିଥିଲା। ଚାହୁଁ ଚାହୁଁ ବିମାନଟିରେ ନିଆଁ ଲାଗିଯାଇଥିଲା। ବିମାନ ସମ୍ପୂର୍ଣ୍ଣ ଜଳିଯାଇଥିବାରୁ ଦୁର୍ଘଟଣାସ୍ଥଳରେ ଅଜିତଙ୍କ ସମେତ ସମସ୍ତ ୫ ଜଣଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ଏତେ ଭୟାବହ ଥିଲା ଯେ ମୃତକମାନଙ୍କ ମୃତଦେହରୁ ପରିଚୟ ଚିହ୍ନଟ କରିବା ଅସମ୍ଭବ। ଅଜିତ ପିନ୍ଧିଥିବା ହାତଘଣ୍ଟାରୁ ତାଙ୍କ ଖଣ୍ଡବିଖଣ୍ଡିତ ମୃତଦେହକୁ ଚିହ୍ନଟ କରାଯାଇଛି।

ଇତିମଧ୍ୟରେ ଏଏଆଇବି ଏବଂ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଟିମ୍‌କୁ ବାରାମତି ଏୟାରପୋର୍ଟକୁ ଦୁର୍ଘଟଣାର ତଦନ୍ତ ପାଇଁ ପଠାଯାଇଛି। କିଛି ଦେଖାଯାଉ ନ ଥିବାବେଳେ ବିମାନଟି ଅବତରଣ ଉଦ୍ୟମ କରିବାରୁ ଦୁର୍ଘଟଣାଗ୍ରସ୍ତ ହୋଇଥାଇପାରେ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ ପୁଣେରେ ରିପୋର୍ଟରମାନଙ୍କୁ କହିଛନ୍ତି। ଅଜିତଙ୍କ ନେତୃତ୍ୱାଧୀନ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଜାନୁଆରୀ ୧୫ରେ ଅନୁଷ୍ଠିତ ମହାନଗର ନିଗମ ନିର୍ବାଚନରେ ପୁଣେ ଓ ପିମ୍ପ୍ରି ଚିନ୍ଦୱାଡରେ ଦାଦା ଶରଦ ପାୱାରଙ୍କ ଏନ୍‌ସିପି(ଏସ୍‌ପି) ସହ ମେଣ୍ଟକରି ଲଢ଼ିଥିଲା। ଅଜିତ ନିକଟ ଭବିଷ୍ୟତରେ ଭାଜପା ନେତୃତ୍ୱାଧୀନ ଶାସକ ମହାୟୁତି ମେଣ୍ଟ ଛାଡ଼ି ଶରଦ ପାୱାରଙ୍କ ସହ ଏନ୍‌ସିପି(ଏସ୍‌ପି)କୁ ଫେରିବା ପାଇଁ ଯୋଜନା କରୁଥିଲେ। ଏଭଳି ସମୟରେ ତାଙ୍କ ବିମାନ ଦୁର୍ଘଟଣାକୁ ନେଇ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ ପ୍ରଶ୍ନ ଉଠାଇଛନ୍ତି। ମମତା କହିଛନ୍ତି, କେନ୍ଦ୍ର କିମ୍ବା ରାଜ୍ୟର କୌଣସି ତଦନ୍ତକାରୀ ଏଜେନ୍ସି ଉପରେ ତାଙ୍କର ଭରସା ନାହିଁ। ସବୁ ଏଜେନ୍ସି ସମ୍ପୂର୍ଣ୍ଣ ରୂପେ ସାଲିସ କରୁଛନ୍ତି। ଦେଶରେ ରାଜନେତାମାନେ ଯଦି ସୁରକ୍ଷିତ ନୁହନ୍ତି, ତେବେ ସାଧାରଣ ଲୋକଙ୍କୁ କିଏ ପଚାରେ। ଶାସକ ମେଣ୍ଟରେ ଥିବା ଲୋକେ ବି ଆଜି ଅସୁରକ୍ଷିତ। ତେଣୁ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଏହି ଦୁର୍ଘଟଣାର ତଦନ୍ତ କରାଯାଉ ବୋଲି ଦାବି କରିଛନ୍ତି। ମମତାଙ୍କ ଦାବିକୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କ ସମେତ ଅନେକ ବିରୋଧୀ ନେତା ସମର୍ଥନ କରିଛନ୍ତି।

ଅଜିତଙ୍କ ସ୍ତ୍ରୀ ସୁନେତ୍ରା ପାୱାର ରାଜ୍ୟ ସଭା ସଦସ୍ୟା ଥିବାବେଳେ ତାଙ୍କ ୨ ପୁଅ ପାର୍ଥ ଓ ଜୟ ଅଛନ୍ତି। ଅଜିତଙ୍କ ପରଲୋକ ଖବର ପାଇବା ପରେ ସୁନେତ୍ରା ଦିଲ୍ଲୀରୁ ଫେରିଛନ୍ତି। ଫଡ୍‌ନବିସ ଓ ଶିନ୍ଦେ ସେମାନଙ୍କୁ ଭେଟି ଗଭୀର ସମବେଦନା ଜଣାଇଛନ୍ତି। ମହାରାଷ୍ଟ୍ର ସରକାର ଜାନୁଆରୀ ୩୦ ପର୍ଯ୍ୟନ୍ତ ୩ଦିନିଆ ଶୋକ ଦିବସ ଘୋଷଣା କରିଛନ୍ତି। ଗୁରୁବାର ବାରାମତିସ୍ଥିତ ବିଦ୍ୟା ପ୍ରତିଷ୍ଠାନ ପଡ଼ିଆରେ ଅଜିତଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ। ଦାଦା ଶରଦ ପାୱାର ମଧ୍ୟ ବାରାମତି ମେଡିକାଲ କଲେଜକୁ ଯାଇ ପୁତୁରା ଅଜିତଙ୍କ ଶେଷଦର୍ଶନ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆପଣଙ୍କ ସହ ସବୁସମୟରେ ମିଶୁଥିବା ବନ୍ଧୁମାନେ ମୁହଁ ସାମ୍ନାରେ ମିଠାକଥା କହି ପଛରେ ଓଲଟା କଥା କହିବୁଲିବେ। କର୍ମାରମ୍ଭ ସକାଶେ ବିଜାତୀୟ ବନ୍ଧୁଙ୍କ ସହାୟତାରେ ଅର୍ଥ ପାଇବେ। କର୍ମକ୍ଷେତ୍ରରେ ଅକୁହା କଥାକୁ ସହକର୍ମୀଙ୍କ ଆଗରେ ବଖାଣି ବସି ସମସ୍ୟାକୁ ନିମନ୍ତ୍ରଣ କରିବେ। ପରିଜନଙ୍କ ସହିତ ନୂଆ ସ୍ଥାନକୁ ବୁଲିଯାଇ ପାରନ୍ତି।

**ବୃଷ** – ନୂତନ କର୍ମାରମ୍ଭ ପରିପ୍ରେକ୍ଷୀରେ ବନ୍ଧୁ ଓ ପଡ଼ୋଶୀଙ୍କ ସହଯୋଗରୁ ବିଶେଷ ଖୁସି ହେବେ। ଆଜିର ଯାତ୍ରା, ବାଣିଜ୍ୟ, ଗମନାଗମନ କ୍ଷେତ୍ରରେ ଅସୁବିଧା ହେବନାହିଁ। ପାରିବାରିକ କ୍ଷେତ୍ରରେ ଛୋଟ ଛୋଟ କଥାରେ କଳହରୁ ଦୂରେଇ ରହିବା ଭଲ ହେବ। ମାନସିକ ସ୍ତରରେ ଅଶାନ୍ତଗ୍ରସ୍ତ ହୋଇ ବନ୍ଧୁ ସମ୍ପର୍କକୁ କ୍ଷୁଣ୍ଣ କରିପାରନ୍ତି।

**ମିଥୁନ** – ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟସାଧନ ସକାଶେ ପ୍ରତିବନ୍ଧକର ସାମ୍ନା କରିବେ। କର୍ମକ୍ଷେତ୍ରର ବିଫଳତା ଖୋଜିବାକୁ ଯାଇ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଧାତୁଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ ସକାଶେ ମନ ବଳାଇବେ। ଦୂରସମ୍ପର୍କୀୟଙ୍କ ସାହାଯ୍ୟରୁ ଜମିଜମା, ଯାନବାହନ, ଲେଖାପଢ଼ା କ୍ଷେତ୍ରରୁ ଉପକୃତ ହେବେ।

**କର୍କଟ** – କର୍ମକ୍ଷେତ୍ରରେ ପ୍ରତୀକ୍ଷିତ ଖବର ପାଇ ଭାବବିହ୍ୱଳ ହୋଇପାରନ୍ତି। ବନ୍ଧୁଙ୍କ ପ୍ରଶଂସା ସହ ଅର୍ଥ, ସମ୍ମାନ, କାର୍ଯ୍ୟସିଦ୍ଧି ମନୋବଳକୁ ଦ୍ୱିଗୁଣିତ କରିବ। ଆଜିର ବାଣିଜ୍ୟ, ବନ୍ଧୁ ସମ୍ପର୍କ ସ୍ଥାପନ ସହିତ ସାହିତ୍ୟ, ସଂସ୍କୃତି, କାରିଗରି କାମରେ ଉତ୍ସାହିତ ହେବେ। ଯାନବାହନ କିମ୍ବା କୌଣସି ଯାନ୍ତ୍ରିକ ଜିନିଷ କ୍ରୟ କରିବାକୁ ମନ ବଳାଇବେ।

**ସିଂହ** – ପରିବାରର ସହମତି ଅଭାବରୁ ଟଣାଓଟରା ଭିତରେ ପ୍ରତ୍ୟେକ କାମ ସମ୍ପନ୍ନ କରିବେ। କର୍ମକ୍ଷେତ୍ରରେ କୌଣସି ଅସୁବିଧା ନ ହେଲେ ମଧ୍ୟ ସନ୍ତୋଷଜନକ ସ୍ଥିତି ଆସିବ ନାହିଁ। ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ନିଜକୁ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହେବେ। ଭଲ ସମ୍ପର୍କ ରହିଥିବା ପ୍ରିୟବନ୍ଧୁଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ବ୍ୟସ୍ତବିବ୍ରତ ହୋଇପାରନ୍ତି।

**କନ୍ୟା** – ଉପରିସ୍ଥଙ୍କ ବ୍ୟକ୍ତିଗତ ଆକ୍ରୋଶ କାରଣରୁ ଆପଣଙ୍କ ସପକ୍ଷରେ ଯାଉଥିବା ନିଷ୍ପତ୍ତି ବଦଳିଯାଇପାରେ। ବନ୍ଧୁଙ୍କର ପକ୍ଷପାତିତା କାମକୁ ଅପସନ୍ଦ କଲେ ମଧ୍ୟ କିଛି କରିପାରିବେ ନାହିଁ। ଗୃହ ନିର୍ମାଣ, ପରିବହନ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବେ। ଅବଶ୍ୟ ସାହିତ୍ୟ, କଳା ଓ ରଚନାତ୍ମକ କାମ ଯୋଗୁ ସାମାଜିକ ସ୍ତରରେ ଉଚ୍ଚ ପ୍ରଶଂସା ପାଇବେ।

**ତୁଳା** – କର୍ମଜଞ୍ଜାଳ ବୃଦ୍ଧିରୁ ଆଜି ଘରର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ଭୁଲି ଯାଇପାରନ୍ତି। ସ୍ୱାସ୍ଥ୍ୟ ଅପରିବର୍ତ୍ତିତ ରହିବ କିନ୍ତୁ ଭୁଲ୍ ବୁଝାମଣାରୁ ପାରିବାରିକ ଶାନ୍ତି ବ୍ୟାହତ ହୋଇପାରେ। ଅନ୍ୟମାନେ ଖାଲରେ ପକାଇବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହେବେ ନାହିଁ। ସନ୍ତାନ ହେତୁକ କେତେକ ସମସ୍ୟା ମନକୁ ବିବ୍ରତ କରିବା ସୂଚନା ରହିଛି।

**ବିଛା** – ସବୁ କିଛି ଭଲ ଥିଲେ ମଧ ପଡ଼ୋଶୀଙ୍କ ଶତ୍ରୁତା ଏବଂ କ୍ରନିକ୍ ରୋଗପୀଡ଼ାଜନିତ ବ୍ୟସ୍ତତା ଅନୁଭବ କରିବେ। ଯେତେ ଚେଷ୍ଟା କଲେ ମଧ ନିର୍ଦ୍ଦିଷ୍ଟ ସମୟରେ ଅଭିଳାଷ ପୂରଣ ନ ହେବାରୁ ଅସନ୍ତୁଷ୍ଟ ରହିପାରନ୍ତି। ଅସାବଧାନତାରୁ ଧନ ହାନି ଘଟିପାରେ। ଅନୁରାଧା ନକ୍ଷତ୍ର ସାହିତ୍ୟ ଓ ସଙ୍ଗୀତ, ବକ୍ତୃତା କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ଧନୁ** – ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ଆଶଙ୍କା ପୂର୍ଣ୍ଣମାତ୍ରାରେ ରହିଛି। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ କରି ଆଶ୍ୱସ୍ତିଲାଭ କରିବେ। ଆନୁଷ୍ଠାନିକ କାମରେ ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଅସମୟରେ ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ।

**ମକର** – ଭୁଲ୍ ବୁଝାମଣାରୁ ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ଦେଖାଦେବ। ଅନ୍ୟମାନଙ୍କ ସହଯୋଗ ଅଭାବରୁ ଚେଷ୍ଟା କରୁଥିବା କାମ ଅଟକି ରହିପାରେ। ପରିବହନ, ନିର୍ମାଣ, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ, ଶିକ୍ଷାରେ ସଫଳତା ଲାଭ କରିପାରନ୍ତି। ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡ଼ିତ କରି ମାନସିକ ଅସ୍ଥିରତା ସୃଷ୍ଟି କରିପାରେ।

**କୁମ୍ଭ** – ଆଜି ପୁରାତନ ରୋଗର ପ୍ରାଦୁର୍ଭାବ କର୍ଯ୍ୟହାସଲ ପାଇଁ ପ୍ରତିବନ୍ଧକ ସାଜିପାରେ। ବନ୍ଧୁଙ୍କ ଆଚରଣ ସନ୍ଦେହ ସୃଷ୍ଟି କଲେ ମଧ ନୀରବ ରହିବାକୁ ବାଧ୍ୟ ହେବେ। ଗୃହନିର୍ମାଣ, ଯାନ୍ତ୍ରିକ ଜିନିଷ କ୍ରୟ କିମ୍ବା ଜମିଜମା କ୍ରୟବିକ୍ରୟ ନେଇ ଆଲୋଚନା କରିପାରନ୍ତି। ବିବାଦୀୟ କ୍ଷେତ୍ରରେ ବେଶି ସମୟ ରହିବା ସମସ୍ୟାର କାରଣ ହୋଇପାରେ।

**ମୀନ** – ବନ୍ଧୁଙ୍କ ସହୃଦୟତା ଅଭାବ ରହିଥିଲେ ମଧ ଆବଶ୍ୟକତା ଅପୂରଣ ରହିବ ନାହିଁ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ପଡ଼ୋଶୀଙ୍କ ସହାୟତାରେ ଦୀର୍ଘଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। କର୍ମକ୍ଷେତ୍ରରେ ପରକଥାରେ ପଡି ଭୁଲ୍ ମାର୍ଗର ଅନୁସରଣ କରି ଅନୁତପ୍ତ ହୋଇପାରନ୍ତି।

ଆଜି ଜାନୁଆରୀ ୨୯ ତାରିଖ, ମାଘ ଶୁକ୍ଳପକ୍ଷର ସର୍ବସମ୍ମତ ଭୈମୀ (ବଡ଼) ଏକାଦଶୀ ଯୁକ୍ତ ବରାହ ଦ୍ୱାଦଶୀ ଗୁରୁବାର। କପୋତେଶ୍ୱର ଓ ବ୍ୟାସ ସରୋବର ଯାତ୍ରା, ଅଚ୍ୟୁତାନନ୍ଦଙ୍କ ଜୟନ୍ତୀ, ଭକ୍ତ ଦାସିଆଙ୍କ ତିରୋଧାନ ତିଥି, ବର୍ଣ୍ଣବୋଧ ଦିବସ, ଭକ୍ତକବି ମଧୁସୂଦନ ରାଓଙ୍କ ଜୟନ୍ତୀ। ରାଶିନକ୍ଷତ୍ର– ସକାଳ ଘ. ୦୭।୩୧ମି. ଗତେ ମୃଗଶିରା/ବୃଷ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଦ୍ୱାଦଶୀର ପାର୍ବଣ ଶ୍ରାଦ୍ଧ। ଅଦ୍ୟ ସକାଳ ଘ.୦୬।୨୬ମି. ଗତେ ଘ.୦୭।୫୫ମି. ମଧ୍ୟେ, ଘ.୧୦।୫୩ମି. ଗତେ ଘ.୦୧।୦୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୧।୨୩ମି. ଗତେ ଘ.୦୨।୪୬ମି. ମଧ୍ୟେ ରାହୁ କାଳ।

# ୧୨ ଘଣ୍ଟିଆ 'ବଲାଙ୍ଗୀର ବନ୍ଦ'କୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ

ବଲାଙ୍ଗୀର,୨୮।୧(ବୀରେନ୍ଦ୍ର କୁମାର ଝାଙ୍କର)

ଚାଷୀ ସଙ୍ଗଠନଗୁଡିକ ପକ୍ଷରୁ ବୁଧବାର ଦିଆଯାଇଥିବା ୧୨ ଘଣ୍ଟିଆ 'ବଲାଙ୍ଗୀର ବନ୍ଦ'କୁ ସ୍ୱତଃସ୍ଫୂର୍ତ୍ତ ଜନସମର୍ଥନ ମିଳିଛି। ଏହି ଆନ୍ଦୋଳନ ଯୋଗୁ ବଲାଙ୍ଗୀର ସମେତ ସମଗ୍ର ଜିଲାରେ ଜନଜୀବନ ପ୍ରଭାବିତ ହୋଇଛି। ଜିଲାର ବିଭିନ୍ନ ସ୍ଥାନରେ ବ୍ୟବସାୟିକ ଅନୁଷ୍ଠାନ, ସରକାର, ବେସରକାରୀ ଅଫିସ, ସ୍କୁଲ, କଲେଜ, ବ୍ୟାଙ୍କ, ବୀମା ପ୍ରତିଷ୍ଠାନ ଏବଂ ଗାଡି ମୋଟର ଚଳାଚଳ ବନ୍ଦ ରହିଥିଲା। ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦିଆଯାଇଥିବା ୮ ଘଣ୍ଟିଆ ଓଡିଶା ବନ୍ଦ ପାଳନକୁ ବଲାଙ୍ଗୀରର ମିଳିତ କୃଷକ ମଞ୍ଚ ସମର୍ଥନ ଘୋଷଣା କରିଥିଲା। ତେବେ ୮ ଘଣ୍ଟିଆ ବନ୍ଦ ବଦଳରେ ବଲାଙ୍ଗୀରରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଚାଷୀମାନଙ୍କ ଏହି ଆନ୍ଦୋଳନକୁ ବଲାଙ୍ଗୀରରେ ଅଭୁତପୂର୍ବ ସମର୍ଥନ ମିଳିଛି। ସକାଳ ୭ଟାରୁ ମିଳିତ କୃଷକ ମଞ୍ଚର କାର୍ଯ୍ୟକର୍ତ୍ତା ତଥା ବିଭିନ୍ନ ଚାଷୀ ଅନୁଷ୍ଠାନର ପ୍ରତିନିଧିମାନେ ବିଭିନ୍ନ ସ୍ଥାନରେ ପିକେଟିଂ ଆରମ୍ଭ କରିଥିଲେ। ସହରରେ ଦୋକାନ ବଜାର ବନ୍ଦ କରି ଲୋକେ ନୈତିକ ସମର୍ଥନ ଦେଇଥିବା ବେଳେ ଭାଗିରଥି ଛକଠାରେ ରିଲାଏନ୍ସ ସ୍ମାର୍ଟ ମଲ ଖୋଲାଥିବା ଦେଖି ଚାଷୀ ପ୍ରତିନିଧିମାନେ ସେଠାକୁ ଯାଇ ମଲ୍ କାହିଁକି ଖୋଲିଛ ବନ୍ଦ କର ବୋଲି କହିଥିଲେ। ମଲ୍ ବନ୍ଦ କରା ନ ଯିବାରୁ ଚାଷୀ ପ୍ରତିନିଧିମାନେ ସେଠାରେ ଜିନିଷପତ୍ର ପିଙ୍ଗି ଦେଇ ତୁରନ୍ତ ସଟର ବନ୍ଦ କରିବାକୁ କହିଥିଲେ। ଏହାପରେ ମଲ୍ କର୍ତ୍ତୃପକ୍ଷ ତୁରନ୍ତ ସଟର ବନ୍ଦ କରି ଦେଇଥିଲେ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା କର୍ମଚାରୀମାନେ ବ୍ୟାଙ୍କ ଭିତରକୁ ପଶିବାକୁ ଉଦ୍ୟମ କରୁଥିବା ଖବର ପାଇବା ପରେ ଚାଷୀ ପ୍ରତିନିଧିମାନେ ଏସବିଆଇ ମୁଖ୍ୟ ଶାଖା ସମ୍ମୁଖରେ ପହଞ୍ଚି ଗେଟ୍ ଦେଇ ବ୍ୟାଙ୍କ ବନ୍ଦ କରିବାକୁ ଅନୁରୋଧ କରିଥିଲେ। ଏହାପରେ ଜିଲାପାଳ କାର୍ଯ୍ୟାଳୟରେ ଏଡିଏମ୍ କିଛି ଚାକିରୀ ଆଶାୟୀଙ୍କ ସାର୍ଟିଫିକେଟ୍ ଭେରିଫିକେଶନ୍ କରୁଥିବା ଖବର ପାଇବା ପରେ ଚାଷୀ ପ୍ରତିନିଧିମାନେ ଜିଲାପାଳ କାର୍ଯ୍ୟାଳୟକୁ ପଶି ତୁରନ୍ତ ସାର୍ଟିଫିକେଟ୍ ଭେରିଫିକେଶନ ବନ୍ଦ କରିବାକୁ କହିଥିଲେ। ଏହାପରେ ସାର୍ଟିଫିକେଟ୍ ଭେରିଫିକେଶନ ବନ୍ଦ ହୋଇଯାଇଥିଲା। ଚାଷୀ ପ୍ରତିନିଧିମାନେ ଜିଲାପାଳ କାର୍ଯ୍ୟାଳୟ ଗେଟରେ ବ୍ୟାନର ଲଗାଇ ଗେଟ୍ ବନ୍ଦ କରି ଦେଇଥିଲେ। ରାଜ୍ୟରେ ଧାନକିଣାରେ ଅବ୍ୟବସ୍ଥା, ଚାଷୀଙ୍କ ସମସ୍ତ ଧାନକୁ କୁଇଣ୍ଟାଲ ପ୍ରତି ୩୧୬୯ ଟଙ୍କାରେ କିଣିନେବା, କଟନି ଛଟନି ସମ୍ପୂର୍ଣ୍ଣ ବନ୍ଦ କରିବା, ସମସ୍ତ ଚାଷୀଙ୍କୁ ଆବଶ୍ୟକ ଟୋକନ୍ ଉଚିତ୍ ସମୟରେ ଯୋଗାଇ ଦେବା, ପ୍ରଦୂଷଣ ସାର୍ଟିଫିକେଟ୍ ନାଁରେ ସାଧାରଣ ବ୍ୟକ୍ତିଙ୍କ ଠାରୁ ଫାଇନ ଆଦାୟ ତୁରନ୍ତ ବନ୍ଦ କରିବା, ଟାଟା ପାୱାରର ସ୍ମାର୍ଟ ମିଟର ନାମରେ ଶୋଷଣ ବନ୍ଦ କରିବା, କୃଷିମନ୍ତ୍ରୀ ଚାଷୀମାନଙ୍କୁ ନୌଟଙ୍କି, ଦଲାଲ କହିବା ଏବଂ ଚାଷୀଙ୍କୁ ମାଡ ମରାଯିବାର ପ୍ରତିବାଦରେ ଆଜିର ବନ୍ଦ ଡାକରା ଦିଆଯାଇଥିଲା। ବଲାଙ୍ଗୀରରେ ମିଳିତ କୃଷକ ମଞ୍ଚ ଆବାହକ ଆକାଶ ମିଶ୍ର, ଜିଲା କୃଷକ ମହାସଂଘର ସୌମେନ୍ଦ୍ର ପରିଚ୍ଛା, ଜିଲା କୃଷକ ସଙ୍ଗଠନର ଅରୁଣ ମିଶ୍ର, ଜୟ କିଶାନ ଆନ୍ଦୋଳନର ସତ୍ୟ ବନଛୋର, ଜିଲା କୃଷକ ସଂଘର ବିଭୁଦତ୍ତ ମିଶ୍ର, କୋଶଲୀ କିଶାନ ସଭାର କୌସ୍ତୁଭ ସାହୁ, ଚାଷୀ ନେତା ନରହରି ରାଉତ ଓ ଅମିତ ନାୟକଙ୍କ ସମେତ ଅନ୍ୟମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ। ବଲାଙ୍ଗୀର ନଗର କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ନେତୃତ୍ୱରେ ଏବଂ ଜିଲା କୃଷକ ସଂଘ ସଭାପତି ସାନନ୍ଦ ମିଶ୍ରଙ୍କ ନେତୃତ୍ୱରେ ବଲାଙ୍ଗୀର ସହରରେ ମୋଟର ସାଇକେଲ ରାଲି କରାଯାଇ ବନ୍ଦ ପାଳନକୁ ସମର୍ଥନ କରାଯାଇଥିଲା। ମିଳିତ କୃଷକ ମଞ୍ଚ ଆବାହକ ଆକାଶ ମିଶ୍ର କହିଥିଲେ ଯେ, ଚାଷୀଙ୍କ ଧାନ ବିକ୍ରି ହେଉନାହିଁ। ମଣ୍ଡିରେ ହଜାର ହଜାର କୁଇଣ୍ଟାଲ ଧାନ ପଡିଛି। ଟୋକନ ସମସ୍ୟା ଲାଗି ରହିଛି। ଚାଷୀଙ୍କ ଧାନ ନ କିଣି ଚାଷୀଙ୍କୁ ନୌଟଙ୍କି, ଦଲାଲ କୁହାଯିବା ସହ ମାଡ ମରାଯାଉଛି। ସରକାର ଚାଷୀଙ୍କ ଦାବି ପୂରଣ ନ କଲେ ଆଗକୁ ଆହୁରି ବଡ ଚାଷୀ ଆନ୍ଦୋଳନ କରାଯିବ ବୋଲି କହିଛନ୍ତି।



ବଲାଙ୍ଗୀର ଏସ୍‌ବିଆଇ ମୁଖ୍ୟ ଶାଖାଠାରେ ଚାଷୀମାନେ ପିକେଟିଂ କରୁଛନ୍ତି।

### ବନ୍ଦ ଡାକରାକୁ ମିଳିତ କୃଷକ ମଞ୍ଚ, ଜିଲା କଂଗ୍ରେସର ସମର୍ଥନ

# ରାମାୟଣ କଥା, ଯଜ୍ଞ ମହୋତ୍ସବ ଉଦ୍‌ଯାପିତ

ଲୋଇସିଂହା,୨୮।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସରଗାଡା ଜଗନ୍ନାଥପଡାରେ ରାମାୟଣ କଥା ଓ ଯଜ୍ଞ ମହୋତ୍ସବ–୨୦୨୬ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଜଗନ୍ନାଥ ଯୁବ ପରିଷଦ ଆନୁକୂଲ୍ୟରେ ଓ ଓଡିଆ ଭାଷା ,ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ସୋମବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗାୟିକା ଧରିତ୍ରୀ ଶତପଥୀ, ଗାୟକ ସୁଶୀଲ ଶତପଥୀ ପାରାୟଣ ପଠନ କରିଥିଲେ । ଏଠାରେ କୈଳାସ ପଧାନ ଓ ତାଙ୍କ ଧର୍ମପତ୍ନୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ସାମିଲ ହୋଇଥିଲେ । କୁଳମଣି ସାହୁ, ରାମ ନାରାୟଣ ପଧାନ, ମୋହନ ସେଠ, କ୍ରିଷ୍ଣା ବେହେରା, ଦେବରାଜ ସାହୁ, ନବଘନ ସାହୁ, ନାରାୟଣ ବାରିକ ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ବରିଷ୍ଠ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା।

# କୁଶଙ୍ଗାଇ କଳା ପରିଷଦର ପ୍ରସ୍ତୁତି ବୈଠକ

ଲୋଇସିଂହା,୨୮।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶମେଲ ହାଟପଦାପଡା ପ୍ରାଙ୍ଗଣରେ ମା' କୁଶଙ୍ଗାଇ କଳା ପରିଷଦର ୯ମ ବାର୍ଷିକ ଉତ୍ସବ ପାଇଁ ଆବାହକ ଲମ୍ବୋଦର ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ କଳାକାର ସଂଘର ସଭାପତି ସରୋଜ ବିଶ୍ୱାଳ, ଜିଲା ସମନ୍ୱୟ ସମିତିର ସଂଯୋଜକ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ସମ୍ପାଦକ ସତ୍ୟ ବନଛୋର, ଦ୍ୱିଜ ଦଳପତି ଅତିଥି ଭାବେ ଯୋଗ ଦେଇଥିଲେ । ବୈଠକରେ ଲୋଇସିଂହା ବ୍ଲକ ଏବଂ ଜିଲାର ବିଭିନ୍ନ ବ୍ଲକର କଳାକାର ସାମିଲ ହୋଇଥିଲେ। ୯ମ ବାର୍ଷିକ ଉତ୍ସବକୁ କିପରି ଆଡମ୍ବର ଭାବେ ପାଳନ କରାଯିବା ସହ ସମସ୍ତ କଳାକାର କଳା ପ୍ରଦର୍ଶନର ସୁଯୋଗ ପାଇପାରିବେ ସେ ନେଇ ଆଲୋଚନା କରାଯାଇଥିଲା। ଏହାଛଡା ଜିଲା ବାହାରୁ ମଧ୍ୟ କଳାକାରଙ୍କ ଯୋଗଦାନ ସମ୍ପର୍କରେ ମତପ୍ରକାଶ ପାଇଥିଲା। କଳା ପରିଷଦର ସଭାପତି ମହେନ୍ଦ୍ରସିଂ ନିଆଳ ପରିଚାଳନା କରିଥିଲେ।



ବୈଠକରେ ଉପସ୍ଥିତ କର୍ମକର୍ତ୍ତା ଓ ଅନ୍ୟମାନେ।

# 'ପାଠ ପଢ଼ି ଭଲ ମଣିଷ ହେବାକୁ ଆହ୍ୱାନ'

ଖପ୍ରାଖୋଲ,୨୮।୧(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ତେଲେନପାଲି ନବରତ୍ନ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଖପ୍ରାଖୋଲ ଅତିରିକ୍ତ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିନବ ମିଶ୍ର, ପ୍ରକୃତି କବି ଅର୍ଜୁନ କୁମାର ସାହୁ, ତେଲେନପାଲି ପଞ୍ଚାୟତର ସରପଞ୍ଚ ଶକୁନ୍ତଳା ବେହେରା, ବିପ୍ର ବିଶି, ଫୁଲକିମୁଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପାଳ ବେହେରା, ଘୁନସର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଐଶ୍ବର୍ଯ୍ୟ ଶେଖର ଦେବତା, ମହରାପଦର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନବକିଶୋର ନନ୍ଦ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ପାଠ ପଢି ଭଲ ମଣିଷ ହେବାକୁ ଛାତ୍ରୀଛାତ୍ରଙ୍କୁ କହିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବାର୍ଷିକ ଉତ୍ସବରେ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି, ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିବା ବେଳେ ଶିକ୍ଷକ ପ୍ରମୋଦ ବାଗ ଓ ଚୂଡାମଣି ପଟେଲ ମଞ୍ଚ ପରିଚାଳନା କରିଥିଲେ।

# 'ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ବିକାଶ ଶିକ୍ଷାର ମୂଳ ଲକ୍ଷ୍ୟ'

ବଲାଙ୍ଗୀର,୨୮।୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପବ୍ଲିକ ସ୍କୁଲର ୪୧ତମ ବାର୍ଷିକ ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ହାତୀଶାଳପଡାସ୍ଥିତ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଥିଲା। ସ୍କୁଲ ପରିଚାଳନା କମିଟି ସଭାପତି ବୀରେନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂଆ ଶିକ୍ଷାନୀତି କିଭଳି ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ବିକାଶ କରିବା ସହ ଶିକ୍ଷାର ଅଗ୍ରଗତିରେ ମୁଖ୍ୟ ଭୂମିକା ଗ୍ରହଣ କରୁଛି କହିଥିଲେ। ଶିକ୍ଷାର ବିକାଶ ବିନା ସମାଜର ପ୍ରଗତି ସମ୍ଭବ ନୁହେଁ ବୋଲି କହିଥିଲେ। ଏ ଦିଗରେ ଶିକ୍ଷକ, ଅଭିଭାବକ ଏବଂ ସ୍କୁଲ କମିଟିର ବଡ ଭୂମିକା ରହିଛି ବୋଲି ସେ କହିଥିଲେ। ଏହି ଅବସରରେ ସ୍କୁଲ ସଭାପତି ମିଶ୍ର ମନ୍ତ୍ରୀ ମହାଲିଙ୍ଗଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସ୍କୁଲ ସଭାପତି ସ୍ୱାଗତ ଅଭିଭାଷଣ ରଖିବା ସହ ଶିକ୍ଷାର ଉନ୍ନତି ଦିଗରେ ବଲାଙ୍ଗୀର ପବ୍ଲିକ ସ୍କୁଲ କିଭଳି ନିରନ୍ତର କାର୍ଯ୍ୟ କରିଆସୁଛି କହିଥିଲେ। ସ୍କୁଲ ଅଧ୍ୟକ୍ଷ ସତୀଶ କୁମାର ପଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ ପରିଚାଳନା କମିଟି ସମ୍ପାଦକ ଗୋପାଳ କୃଷ୍ଣ ସିଂଦେଓ, କୋଷାଧ୍ୟକ୍ଷ ଆଲୋକ ରଞ୍ଜନ ବେଦବାକ, ସଭ୍ୟ ବାଦଲ ମହାକୁର, ଶିରିଶ ଚନ୍ଦ୍ର ହୋତା ମଞ୍ଚାସୀନ ଥିଲେ। ବରିଷ୍ଠ ଶିକ୍ଷକ ହରେକୃଷ୍ଣ ନାୟକ ଓ ରିକି ପୁରୋହିତ ସଭା ସଂଯୋଜନା କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପୁରାତନ କୃତୀ ଛାତ୍ର ଅଟଳ ଦାସ ଓ ଶିବମ ସ୍ୱରୂପ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜାତୀୟ ସ୍ତରର ବଂଶୀ ବାଦକ ସତମନ୍ୟୁ ମିଶ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୫ ଶିକ୍ଷାବର୍ଷ ପାଇଁ ସ୍କୁଲ ଛାତ୍ରୀ ମୁକ୍ତାରାଣୀ ସାହୁଙ୍କୁ ଶ୍ରେଷ୍ଠ ଛାତ୍ରୀ ଭାବରେ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ସଭା ଶେଷରେ ଉପାଧ୍ୟକ୍ଷ ଦୀପକ ବରାଲ ଧନ୍ୟବାଦ ଦେଇଥିଲେ। ସଭା ପରେ ଛାତ୍ରୀଛାତ୍ରଙ୍କ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।




ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### ବଲାଙ୍ଗୀର ପବ୍ଲିକ ସ୍କୁଲର ୪୧ ତମ ବାର୍ଷିକ ଉତ୍ସବ

# ବିଭିନ୍ନ ସ୍ଥାନରେ ବନ୍ଦ ପାଳନ

ଦେଓଗାଁ,୨୮।୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ମୁଖ୍ୟାଳୟରେ ବୁଧବାର ନବନିର୍ମାଣ କୃଷକ ସଂଗଠନର ଆହ୍ୱାନକ୍ରମେ ଓଡିଶା ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ଭାବେ ହୋଇଛି । ଏହି ବନ୍ଦ ପାଳନକୁ କଂଗ୍ରେସ ଦଳ ପୂର୍ଣ୍ଣ ସହଯୋଗ କରିଥିବା ବେଳେ ଦେଓଗାଁରେ ଜିଲା କଂଗ୍ରେସର ଉପ–ସଭାପତି ଜନ୍ମେଜୟ ସାହୁଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ପିକେଟିଂ କରି ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ ଓ ଦୋକାନ ବଜାର ବନ୍ଦ କରିଥିଲେ । ଦେଓଗାଁ ମୁଖ୍ୟାଳୟ ସମେତ ବଙ୍ଗଳା ଛକ, ଜରାସିଂହା, ବନ୍ଧପଡା ଆଦି ଅଞ୍ଚଳରେ ଲୋକେ ସ୍ୱତଃପ୍ରବୃତ୍ତ ଭାବେ ବନ୍ଦ ପାଳନକୁ ସମର୍ଥନ ଜଣାଇଥିବା ନଜରକୁ ଆସିଥିଲା। ବନ୍ଦ ପାଳନ ଫଳରେ ଲୋକେ ଯିବା ଆସିବାରେ ଅସୁବିଧା ଭୋଗ କରିଥିଲେ । ଏହି ଦିନ ଅନେକ ବିବାହ ଉତ୍ସବ ରହିଥିବାରୁ ଲୋକେ ହନ୍ତସନ୍ତ ହୋଇଥିବା ଦେଖିବାକୁ ମିଳିଥିଲା । ବନ୍ଦପାଳନରେ କଂଗ୍ରେସ ଯୁବନେତା ବିଶ୍ୱଜିତ ପାତ୍ର, ଜରାସିଂହା ସମିତିସଭ୍ୟ ଅମିତ ତ୍ରିପାଠୀ,ବ୍ଲକ କଂଗ୍ରେସ କିଷାନସେଲ ସଭାପତି ପ୍ରଦ୍ୟୁମ୍ନ ସାହୁ, ବିଶାଳ ଦାସ, ସୁବଳ ରଣା, ମଦନ ସାହୁ, ଆର୍ତ୍ତ ଘିଭେଲା ପ୍ରମୁଖ ସହଯୋଗ କରିଥିଲେ।



ଦେଓଗାଁ ବସଷ୍ଟାଣ୍ଡରେ ବନ୍ଦ ପାଳନରେ ସାମିଲ କଂଗ୍ରେସ କର୍ମକର୍ତ୍ତାମାନେ।




ପାଟଣାଗଡ଼,୨୮।୧(ସଚ୍ଚିଦାନନ୍ଦ ମହାକୁର)

ନବନିର୍ମାଣ କୃଷକ ସଙ୍ଗଠନ ବୁଧବାର ଓଡିଶା ବନ୍ଦ ଡାକରା ଦେଇଥିବା ବେଳେ ଏହାର ପ୍ରଭାବ ବଲାଙ୍ଗୀର ଜିଲା ପାଟଣାଗଡ଼ରେ ମଧ୍ୟ ଦେଖିବାକୁ ମିଳିଥିଲା। ନବ ନିର୍ମାଣ କୃଷକ ସଂଗଠନର ବନ୍ଦ ଡାକରାକୁ ବିଭିନ୍ନ ଚାଷୀ ସଙ୍ଗଠନ, ଶ୍ରମିକ ସଙ୍ଗଠନ, ସାମାଜିକ ସଙ୍ଗଠନ,ବଣିକ ସଂଘ, କୋଶଳବାଦୀ ସଙ୍ଗଠନ ସମର୍ଥନ କରିଛି। ଏଥିସହ ବିଜେଡି ଜିଲା ସଭାପତି ତଥା ପାଟଣାଗଡ଼ ପୂର୍ବତନ ବିଧାୟକ ସରୋଜ ମେହେରଙ୍କ ନିର୍ଦ୍ଦେଶକ୍ରମେ ଦଳର ବିଭିନ୍ନ ପଦପଦବୀରେ ଥିବା କର୍ମକର୍ତ୍ତାମାନେ ଉପଖଣ୍ଡର ତିନୋଟି ବ୍ଲକରେ ଏହି ବନ୍ଦ ପାଳନରେ ଯୋଗଦେଇ ସମ୍ପୂର୍ଣ୍ଣ ଭାବରେ ସମର୍ଥନ ଜଣାଇଥିଲେ। କଂଗ୍ରେସ ଦଳ ମଧ୍ୟ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲା। ପରେ ଚାଷୀ ନେତା ଜତି ପଧାନ ଙ୍କ ନେତୃତ୍ୱରେ ଚାଷୀ ସଂଗଠନ ସହ ଅନ୍ୟ ସଙ୍ଗଠନର କର୍ମକର୍ତ୍ତାମାନେ ପାଟଣାଗଡ଼ ବ୍ଲକ ଛକରୁ ଏକ ବାଇକ୍ ରାଲିରେ ବାହାରି ସରକାରଙ୍କ ଚାଷୀ ବିରୋଧୀ ନାରାବାଜି କରି ସହର ପରିକ୍ରମା କରିଥିଲେ। ଧାନକିଣାରେ ଅବ୍ୟବସ୍ଥା, ପ୍ରଦୂଷଣ ସାର୍ଟିଫିକେଟ ଆଳରେ ଶୋଷଣ ଆଦିକୁ ବିରୋଧ କରାଯାଇଥିଲା । ଧାନକିଣା ଅବ୍ୟବସ୍ଥା ନେଇ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀଙ୍କୁ ତୁରନ୍ତ ବହିଷ୍କାର କରିବାକୁ ଆନ୍ଦୋଳନକାରୀମାନେ ଦାବି କରିଥିଲେ। ଏହି ଆନ୍ଦୋଳନରେ ଗାଡିମୋଟର, ଦୋକାନ ବଜାର, ବେସରକାରୀ ସ୍କୁଲ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଅପରପକ୍ଷରେ କୋର୍ଟ କଚେରୀ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ସ୍କୁଲ ଖୋଲା ଥିଲା। ସହରର ବ୍ଲକ ଛକ ସମେତ ଝୁଲେନବର, ଯୋଗୀମୁଣ୍ଡା, ସରମୁହାଣ ଗ୍ରାମଠାରେ ଚାଷୀ ଓ ଜନସାଧାରଣ ଆନ୍ଦୋଳନକୁ ସମ୍ପୂର୍ଣ୍ଣ ଭାବେ ସମର୍ଥନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ପାଟଣାଗଡ଼ କୋଶଳ ମୁକ୍ତି ମୋର୍ଚ୍ଚାର ଉପଖଣ୍ଡ ସଭାପତି ଗିରିରାଜ ଭୋଇ, ଜନସନ ନାଗ, ଯୁଗଳ ମେହେରଙ୍କ ସମେତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ଛକରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

ସଇଁତଲା,୨୮।୧(ରାଖାଲ ପ୍ରସାଦ ଶତପଥୀ)

ବୁଧବାର ସଇଁତଲା କୃଷକ ସଂଗଠନ, କୋଶଳ ସଂଗଠନ ତରଫରୁ ସଇଁତଲାଠାରେ ବନ୍ଦ ପାଳିତ ହୋଇଯାଇଛି। ମଙ୍ଗଳବାର କୃଷକ ସଂଗଠନ ତଥା କୋଶଳ ସଂଗଠନ ତରଫରୁ ସଇଁତଲାରେ ବନ୍ଦ ପାଳନ କରାଯିବା ନେଇ ଜନସାଧାରଣଙ୍କୁ ନିବେଦନ କରାଯାଇଥିଲା। ବନ୍ଦ ସମୟରେ ସଇଁତଲାର ସମସ୍ତ ଦୋକାନ ବଜାର, ବ୍ୟାଙ୍କ, ସ୍କୁଲ, କଲେଜ, ବିଭିନ୍ନ ବେସରକାରୀ ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ସଇଁତଲା ପୁରୁଣା ବ୍ୟାଙ୍କ ଛକ ନିକଟରେ କୃଷକ ସଂଗଠନ ଏବଂ କୋଶଳ ସଂଗଠନର ସଦସ୍ୟମାନେ ଏକତ୍ରିତ ହୋଇ ଜାତୀୟ ରାଜପଥ–୨୬କୁ ଅବରୋଧ କରିଥିଲେ। ଜରୁରୀକାଳୀନ ଯାନବାହାନ ଚଳାଚଳ କରୁଥିବା ବେଳେ ଅନ୍ୟ ସମସ୍ତ ଯାନବାହାନ ରାସ୍ତାର ଦୁଇ ପାର୍ଶ୍ୱରେ ଅଟକି ରହିଥିଲା। ବନ୍ଦ ପାଳନ ସମୟରେ ଚାଷୀ ନେତା ସତ୍ୟ ନାରାୟଣ ପଣ୍ଡା, ପ୍ରେମାନନ୍ଦ ଭୋଇ, ଉତ୍ତମ ପଟେଲ, ରାଜ୍ୟସଭା ସଦସ୍ୟଙ୍କ ପ୍ରତିନିଧି ସନ୍ତୋଷ ପୁଟା, ଅମିତ ରଥ, ଡ୍ରାଇଭର ସଂଘ ସଭାପତି ଦେବେନ୍ଦ୍ର ଭୋଇ, ପୂର୍ବତନ ସମିତି ସଭ୍ୟ ସୁବାଷ ବୁଡ଼େକ, ପୂର୍ବତନ ସରପଞ୍ଚ ଭୀମସେନ ସ୍ୱାଇଁ, ସରପଞ୍ଚ ଗଜପତି ସାହୁ, ପୁରୁଷୋତ୍ତମ କଲତା, ରାଜେନ୍ଦ୍ର ଜାନୀ, ସନ୍ତୋଷ ନାଗ, କୋଶଳ ସଂଗଠନର ବ୍ଲକ ସଭାପତି ତରଣୀ ବିଂଝାଲଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

ଲାଠୋର,୨୮।୧(ଭୁବନେଶ୍ୱର ବାରିକ)

ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ମିଳିତ କୃଷକ ମଞ୍ଚର ଡାକରା କ୍ରମେ ବୁଧବାର ଖପ୍ରାଖୋଲ ବ୍ଲକ ଲାଠୋରରେ ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ଭାବେ ହୋଇଛି। ବିଭିନ୍ନ ସଙ୍ଗଠନ ବନ୍ଦ ପାଳନକୁ ସମର୍ଥନ କରିଥିଲେ। ବୁଧବାର ସକାଳୁ ଏଲଡିଏ(ଲିବେରାଲ ଡେମୋକ୍ରାଟିକ ଅସୋସିଏଶନ)ର ପ୍ରତିଷ୍ଠାତା ଲବ ସୁନାଙ୍କ ନେତୃତ୍ୱରେ ସଙ୍ଗଠନ କର୍ମକର୍ତ୍ତାମାନେ ଗ୍ରାମରେ ପିକେଟିଂ କରି ଦୋକାନ, ବଜାର, ହୋଟେଲ, ସ୍କୁଲ, କଲେଜ, ବିଭିନ୍ନ ବ୍ୟାଙ୍କ, ପୋଷ୍ଟ ଅଫିସ ତଥା ଅନ୍ୟାନ୍ୟ ସରକାରୀ ବେସରକାରୀ ସଂସ୍ଥା ଏବଂ ବସ୍ ଚଳାଚଳ ବନ୍ଦ କରିଥିଲେ। ଏପରି କି ବୁଧବାର ସାପ୍ତାହିକ ଗୋରୁ ଏବଂ କୃଷି ହାଟକୁ ମଧ୍ୟ ସେମାନେ ବନ୍ଦ କରିଥିଲେ। ଫଳରେ ସାଧାରଣ ଲୋକ ଗାଡ଼ି ନ ପାଇ ଯାତାୟତରେ ନା ନା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଦୋକାନ ବଜାର ହୋଟେଲ ଇତ୍ୟାଦି ବନ୍ଦ ଯୋଗୁ ବିଶେଷ କରି ଖାଦ୍ୟ ସାମଗ୍ରୀ ପାଇଁ ଅସୁବିଧା ଭୋଗିବାକୁ ପଡ଼ିଥିଲା। ବନ୍ଦର ପ୍ରଭାବରେ ଗ୍ରାମର ଚାରି ଆଡ଼େ ଶୁନଶାନ ଲାଗୁଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଲାଠୋର ପୋଲିସ ପକ୍ଷରୁ ପାଟ୍ରୋଲିଂ କରାଯାଇଥିଲା ବୋଲି ଥାନା ଅଧିକାରୀ ଅଭିନାଶ ପ୍ରଧାନ କହିଥିଲେ।




ଲାଠୋର କଲେଜ ଛକଠାରେ ଏଲଡିଏ କର୍ମକର୍ତ୍ତା ପିକେଟିଂ କରି ଆନ୍ଦୋଳନ କରୁଛନ୍ତି।

କଣ୍ଟାବାଞ୍ଜି,୨୮।୧(ଗୁରୁଦୟାଲ ହଂସ)

କଣ୍ଟାବାଞ୍ଜି ସହରରେ ବନ୍ଦ ଡାକରାର ଆଂଶିକ ପ୍ରଭାବ ପଡିଥିବା ଦେଖିବାକୁ ମିଳିଥିଲା । ସହରରେ ଥିବା କେତେକ ଦୋକାନ ଖୋଲାଥିଲା । ଯାନବାହାନ ଯାତାୟତ ସ୍ୱାଭାବିକ ଥିଲା। ଏପରି କି ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଖୋଲାଥିଲା। ମଧ୍ୟାହ୍ନ ୧୨ଟା ଯାଏ କେତେକ ଜାତୀୟ କରଣ ବ୍ୟାଙ୍କ ବନ୍ଦ ଥିବା ବେଳେ ଅପରାହ୍ଣରେ ଅଧିକାଂଶ ଦୋକାନ ବଜାର ଖୋଲିବା ଦେଖିବାକୁ ମିଳିଥିଲା।

ଲୋଇସିଂହା,୨୮।୧(ସୁଶାନ୍ତ ବାରିକ)

ମଣ୍ଡି ଅବ୍ୟବସ୍ଥା ସାଙ୍ଗକୁ ପ୍ରଦୂଷଣ ଆଳରେ ଯାନବାହାନକୁ ଫାଇନ୍ ଓ ସ୍ମାର୍ଟ ମିଟର ଜରିଆରେ ଲୋକଙ୍କୁ ଲୁଟ କରାଯାଉଥିବା ଅଭିଯୋଗ ହେଉଛି। ଏହାର ପ୍ରତିବାଦରେ ନବ ନିର୍ମାଣ କୃଷକ ସଂଗଠନ ଓ ମିଳିତ କୃଷକ ମଞ୍ଚର ଆହ୍ୱାନରେ ବୁଧବାର ବଲାଙ୍ଗୀର ଜିଲାରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଏହିବନ୍ଦକୁ ଲୋଇସିଂହା ଓ ଆଗଲପୁର ବ୍ଲକରେ ଅଭୂତପୂର୍ବ ସଫଳତା ମିଳିଛି । ଉଭୟ ବ୍ଲକରେ ସ୍କୁଲ, କଲେଜ, ଦୋକାନ ବଜାର, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ଏହାଛଡା ଆନ୍ଦୋଳନକାରୀମାନେ ଲୋଇସିଂହା ଥାନା ଲୋଇସିଂହା–ପଦ୍ମପୁର ଛକ ଏବଂ ରାମପୁରଠାରେ ବଲାଙ୍ଗୀର–ବରଗଡ ୨୬ ନଂ ଜାତୀୟ ରାଜପଥ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଫଳସ୍ୱରୂପ ରାଜପଥରେ ଯାନବାହାନ ଚଳାଚଳ ବନ୍ଦ ଠପ୍ ପଡିଯାଇଥିଲା । ଲୋଇସିଂହା–ପଦ୍ମପୁର ଚାରିଛକରେ ମିଳିତ କୃଷକ ସଂଘର୍ଷ ସମିତିର ସକ୍ରିୟ ସଦସ୍ୟ କୃଷ୍ଣଚନ୍ଦ୍ର ନାଏକ, ନବ ନିର୍ମାଣ କୃଷକ ସଂଗଠନର ଜିଲା ସଂଯୋଜକ ହିମାଂଶୁ ଶେଖର ସାହୁ, ରାମନାରାୟଣ ବ୍ରହ୍ମ , ଦିଲୀପ ବେହେରା,ଦିଲୀପ ସାହୁ ଓ ଚାଷୀମାନେ ବିକ୍ଷୋଭରେ ସାମିଲ ହୋଇଥିଲେ । ସେହିପରି ଲୋଇସିଂହା ଥାନା ଆଗଲପୁର ବ୍ଲକ ରାମପୁରସ୍ଥିତ କୃଷି ସମବାୟ ସମିତି କାର୍ଯ୍ୟାଳୟ ଆଗରେ ୨୬ ନଂ ରାଜପଥରେ ବିକ୍ଷୋଭକାରୀ ଧାନ ବସ୍ତା ରଖି ପ୍ରତିବାଦ କରିଥିଲେ । ଏଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପଟୁଆପାଲି ପାକ୍ସ ସଭାପତି ପ୍ରମୋଦ ମିଶ୍ର ଅଧ୍ୟକ୍ଷତା କରିଥିଲେ । ଏଠାରେ ଆଗଲପୁର ବ୍ଲକର ବିଭିନ୍ନ ପାକ୍ସ ସଭାପତି ଉତ୍ତମ ଭୋଇ, ଫକିର ବିଶ୍ୱାଳ, କଳାରସିଂ ବାଗ, ଆନନ୍ଦ ବିଶ୍ୱାଳ, ଶ୍ୟାମସୁନ୍ଦର ବିଶ୍ୱାଳ, ଦିଲୀପ ବାରିକ ପ୍ରମୁଖ ଯୋଗଦେଇ ଚାଷୀମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ପ୍ରତିବାଦ ସଭାରେ ପୂର୍ବତନ ଏମ୍‌ପି ବାଳଗୋପାଳ ମିଶ୍ର ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ । ୨୦୧୪ ମସିହାରୁ ଭାଜପା କେନ୍ଦ୍ରରେ ଶାସନକୁ ଆସିଲା ପରେ ସମାଜର ସବୁ ବର୍ଗର ଲୋକେ ହନ୍ତସନ୍ତ ହେଉଛନ୍ତି ବୋଲି ସେ ଅଭିଯୋଗ କରିଥିଲେ ।



ରାମପୁରଠାରେ ଅନୁଷ୍ଠିତ ପ୍ରତିବାଦ ସଭା।

# ୮ ଘଣ୍ଟା ଧରି ଚକଅଖ ଗଡ଼ିଲାନି

ସୋନପୁର,୨୮।୧(ମୃତ୍ୟୁଞ୍ଜୟ ଶତପଥୀ)

ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରା ସୁବର୍ଣ୍ଣପୁର ଜିଲାରେ ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଛି। ଜିଲା ସଦର ମହକୁମା, ବ୍ଲକ ମୁଖ୍ୟାଳୟଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ବନ୍ଦର ପ୍ରଭାବ ଅନୁଭୂତ ହୋଇଥିଲା। ସକାଳ ୬ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଦୀର୍ଘ ୮ ଘଣ୍ଟା ଜିଲାରେ ଚକଅଖ ବନ୍ଦ ଥିଲା। ବସ୍‌ଷ୍ଟାଣ୍ଡରୁ ଯାତ୍ରୀବାହୀ ବସ ଗଡି ନ ଥିଲା। ଦୋକାନ ବଜାର, ବ୍ୟାଙ୍କ, ବ୍ୟବସାୟିକ ପ୍ରତିଷ୍ଠାନ, ସରକାରୀ କାର୍ଯ୍ୟାଳୟ ଓ କୋର୍ଟ କଚେରି ବନ୍ଦ ରହିଥିଲା। ଆନ୍ଦୋଳନକାରୀ ସହରର ବ୍ଲକଛକ, କୁଞ୍ଜଛକ ଭଳି ସ୍ଥାନମାନଙ୍କରେ ରାସ୍ତାରୋକୋ କରି ଯାନବାହନଗୁଡିକୁ ଅଟକ କରିଥିଲେ। ସେହିପରି ପିକେଟିଂ କରି ସରକାରୀ, ବେସରକାରୀ କାର୍ଯ୍ୟାଳୟ ଓ ବ୍ୟବସାୟ ପ୍ରତିଷ୍ଠାନଗୁଡିକୁ ବନ୍ଦ କରାଯାଇଥିଲା। ଏହି ବନ୍ଦ ପାଳନକୁ କଂଗ୍ରେସ ଦଳ ଓ ସୁବର୍ଣ୍ଣପୁର ଜିଲା କୃଷକ ସଙ୍ଗଠନ ପକ୍ଷରୁ ଦୃଢ ସମର୍ଥନ ମିଳିଥିଲା।

ରାଜ୍ୟରେ ଧାନ କିଣାକୁ ସରଳୀକରଣ କରିବା, ଯାନବାହନର ପ୍ରଦୂଷଣ ସାର୍ଟିଫିକେଟ ନାଁରେ ସାଧାରଣ ଲୋକମାନଙ୍କଠାରୁ ସରକାର ଫାଇନ ଆଦାୟ ବନ୍ଦ କରିବା, ଟାଟା ପାୱାର ସ୍ମାର୍ଟ ମିଟର ଲଗାଇବା ନାଁରେ ଲୁଟ୍ କରିବା ଭଳି ପ୍ରସଙ୍ଗକୁ ନେଇ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା। ନବନିର୍ମାଣ କୃଷକ ସଙ୍ଗଠନର ସୁବର୍ଣ୍ଣପୁର ଜିଲା ସଂଯୋଜକ ପ୍ରଦ୍ୟୁମ୍ନ କୁମାର ପାଢୀ, ରାଜ୍ୟ ଉପଦେଷ୍ଟା ରାଜେନ୍ଦ୍ର ମିଶ୍ର, ଶ୍ରୀକାନ୍ତ ସାହୁ, ଜିଲା କୃଷକ ସଙ୍ଗଠନର ସଭାପତି ବୈକୁଣ୍ଠ ଶତପଥୀ, ପଦ୍ମଲୋଚନ ମିଶ୍ର, ପ୍ରଦୀପ ପୁରୋହିତ, ଗୋବିନ୍ଦ ଚନ୍ଦ୍ର ମିଶ୍ର, ପ୍ରମୋଦ ଗୁରୁ, ତ୍ରିପୁରାରୀ ପଣ୍ଡା, କଂଗ୍ରେସ ଦଳ ପକ୍ଷରୁ ପ୍ରାକ୍ତନ ସୋନପୁର ବିଧାୟକ ବିନୋଦ ପାତ୍ର, ଜିତେନ୍ଦ୍ର ପଟ୍ଟନାୟକ, ସୁଧୀର ପଣ୍ଡା, ଶେଷଦେବ ମେହେର, ରଞ୍ଜିତ ରାୟ ଓ ସଚ୍ଚିନ୍ଦ୍ର ସାହୁ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।



ସୋନପୁର: ବ୍ଲକ ଛକରେ ଆନ୍ଦୋଳନକାରୀ ରାସ୍ତାରୋକୋ କରିଛନ୍ତି।

**ସୁବର୍ଣ୍ଣପୁରରେ ଓଡ଼ିଶା ବନ୍ଦର ପ୍ରଭାବ**

## ରାସ୍ତା ଅବରୋଧ, ଅଟକିଲା ଯାନବାହନ

ବୀରମହାରାଜପୁର,(ଯୁଗଳ କିଶୋର ମିଶ୍ର): ନବନିର୍ମାଣ କୃଷକ ସଙ୍ଗଠନ ତରଫରୁ ଦିଆଯାଇଥିବା ୮ ଘଣ୍ଟିଆ ବନ୍ଦ ଡାକରାର ପ୍ରଭାବ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର, ସୁବଳୟା ଆଦି ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ସକାଳ ୬ଟାରୁ କୃଷକ ସଙ୍ଗଠନ କର୍ମକର୍ତ୍ତାଙ୍କ ସହିତ ସମର୍ଥନ ଦେଇଥିବା କଂଗ୍ରେସ ଦଳ ଓ କୋଶଳ ସଙ୍ଗଠନ କର୍ମକର୍ତ୍ତା ଉପସ୍ଥିତ ରହି ବୀରମହାରାଜପୁର ମୁଖ୍ୟ ଛକଠାରେ ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ମୋଟର ଅଟକି ରହିଥିଲା। ବନ୍ଦରେ ଚାଷୀ ବୃନ୍ଦାବନ ମିଶ୍ର, ପର୍ଶୁରାମ ଦେହୁରୀ, ବ୍ରଜଗୋପାଳ ପଣ୍ଡା, ବ୍ଲକ କଂଗ୍ରେସ ସଭାପତି ବସନ୍ତ ମହାକୁର, କୋଶଳ ସଙ୍ଗଠନର ସୁଧାଂଶୁ କର୍ଣ୍ଣ, ପୃଥ୍ୱୀରାଜ ଜଗଦଲାଙ୍କ ସମେତ ଶତାଧିକ କୃଷକ ନେତା ସାମିଲ ହୋଇଥିଲେ।

## ବିନିକାରେ ଓଡ଼ିଶା ବନ୍ଦ ଶାନ୍ତିପୂର୍ଣ୍ଣ

ବିନିକା,(ରାମ ଗୋପାଳ ବାଘ): ନବ ନିର୍ମାଣ କୃଷକ ସଙ୍ଗଠନ ଆହୂତ ଓଡ଼ିଶା ବନ୍ଦର ପ୍ରଭାବ ସୁବର୍ଣ୍ଣପୁର ଜିଲା ବିନିକାରେ ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଛି। ବୁଧବାର ସକାଳ ୬ଟାରୁ ସହରର କଲେଜ ଛକରେ କୃଷକ ସଙ୍ଗଠନ ଓ କଂଗ୍ରେସ କର୍ମୀମାନେ ପିକେଟିଂ କରିଥିଲେ। ଏଥିସହ ବିନିକା-ବରପାଲି ଜାତୀୟ ରାଜପଥ ୧୨୬(ଏ) ମୁଖ୍ୟରାସ୍ତାକୁଅବରୋଧ କରାଯାଇଥିଲା। ଧାନ ମଣ୍ଡି ବ୍ୟବସ୍ଥାରେ ସରଳୀକରଣ, ସବୁ ଧାନକୁ ୩୧୬୯ ଟଙ୍କାରେ କିଣିବା, ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀଙ୍କ ଉପସ୍ଥିତିରେ ଚାଷୀଙ୍କୁ ଗୁଣ୍ଡାମାନେ ମାଡ଼ ମାରିବାର ପ୍ରତିବାଦ, ସ୍ମାର୍ଟ ମିଟର ପ୍ରତ୍ୟାହାର, ଟାଟା ପାୱାରର ଶୋଷଣ ବନ୍ଦ ଏବଂ ଯାନବାହାନ ଉପରେ ପ୍ରଦୂଷଣ ଫାଇନ ରଦ୍ଦ କରିବାକୁ ଆନ୍ଦୋଳନକାରୀ ଦାବି କରିଥିଲେ। ଜରୁରୀ ସେବାକୁ ବାଦଦେଲେ ଦୋକାନ ବଜାର, ସ୍କୁଲ, କଲେଜ, ସରକାରୀ, ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିଲା। ଯାନବାହାନ ଚଳାଚଳ ବନ୍ଦ ରହିଥିବାରୁ ରାସ୍ତାଘାଟ ଶୂନଶାନ ରହିଥିଲା।

## ଦୋକାନ ବଜାର ବନ୍ଦ, ଯାନବାହନ ଚଳାଚଳ କଲାନି

ଡୁଙ୍ଗୁରିପାଲି, (ଦୀନବନ୍ଧୁ ସୁନା): ନବ ନିର୍ମାଣ କୃଷକ ସଙ୍ଗଠନ ଆହୂତ ଓଡ଼ିଶା ବନ୍ଦର ପ୍ରଭାବ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଅଞ୍ଚଳରେ ଅନୁଭୂତ ହୋଇଥିଲା। ଆନ୍ଦୋଳନକାରୀ କୃଷକ ସଙ୍ଗଠନ କର୍ମକର୍ତ୍ତା ୨୬ ନଂ ଜାତୀୟ ରାଜପଥ ଡୁଙ୍ଗୁରିପାଲି ବସ୍‌ଷ୍ଟାଣ୍ଡ ଚାରିଛକରେ ବୁଧବାର ସକାଳ ୬ଟାରୁ ଧାରଣା ଦେଇଥିଲେ। ଡୁଙ୍ଗୁରିପାଲି ସହରର ଦୋକାନ ବଜାର, ସ୍କୁଲ, କଲେଜ, ବ୍ୟାଙ୍କ, ସରକାରୀ ଅଫିସ କାର୍ଯ୍ୟାଳୟ ବନ୍ଦ ରହିଥିଲା। ରାସ୍ତାରେ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଆନ୍ଦୋଳନକାରୀ ରାଜ୍ୟରେ ଧାନବିକ୍ରିରେ ଅବ୍ୟବସ୍ଥା, ପ୍ରଦୂଷଣ ସାର୍ଟିଫିକେଟ ନାଁରେ ସାଧାରଣ ଲୋକଙ୍କଠାରୁ ସରକାର ଫାଇନ ଆଦାୟ, ଟାଟା ପାୱାର ସ୍ମାର୍ଟ ମିଟର ଲଗାଇବା ନାଁରେ ଲୁଟ୍ କରିବା, ସବୁ ଧାନ କୁଇଣ୍ଟାଲ ପିଛା ୩୧୬୯ ଟଙ୍କାରେ କିଣିବା, ଚାଷୀଙ୍କ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ବେଳେ ଉପମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଚାଷୀଙ୍କୁ ଗୁଣ୍ଡାମାନେ ଆକ୍ରମଣର ପ୍ରତିବାଦ କରିଥିଲେ। ବନ୍ଦରେ ବ୍ଲକ କଂଗ୍ରେସ କର୍ମକର୍ତ୍ତା, ନବନିର୍ମାଣ କୃଷକ ସଙ୍ଗଠନ ଓ ଚାଷୀମାନେ ସାମିଲ ଥିଲେ। ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସୁରୁବାବୁ ନନ୍ଦ, ବାଳକୃଷ୍ଣ ଦଣ୍ଡସେନା, ମୃତ୍ୟୁଞ୍ଜୟ ମିଶ୍ର, ଗଙ୍ଗାଧର ଖମାରୀ, ଚେରୁପାଲି ସରପଞ୍ଚ ଦିଲୀପ କୁମାର ଶତପଥୀ, ସୁବାଷ ଭୋଇ, ଜିଲା ନବ ନିର୍ମାଣ କୃଷକ ସଙ୍ଗଠନ ପୂର୍ବତନ ପ୍ରଭାରୀ ରାଜେନ୍ଦ୍ର ସା, ଗୁଣନିଧି ଦୀପ, ପାଣ୍ଡ ତ୍ରିପାଠୀ, ସୁଶାନ୍ତ ବିଶ୍ୱାଳ ପ୍ରମୁଖ ବନ୍ଦରେ ସାମିଲ ଥିଲେ। ସେହିପରି ପଣ୍ଡକିଟାଲ ଓ ରାମପୁରରେ ମଧ ଓଡିଶା ବନ୍ଦ ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଛି।


ଡୁଙ୍ଗୁରିପାଲି ୨୬ ନଂ. ଜାତୀୟ ରାଜପଥ ବସ୍‌ଷ୍ଟାଣ୍ଡ ଚାରିଛକରେ ଆନ୍ଦୋଳନରତ ନବ ନିର୍ମାଣ କୃଷକ ସଙ୍ଗଠନ ଓ ବ୍ଲକ କଂଗ୍ରେସ ନେତୃବୃନ୍ଦ।


ବୀରମହାରାଜପୁରରେ ଅନୁଷ୍ଠିତ ବନ୍ଦରେ ସାମିଲ ନେତା ଓ କର୍ମୀ।

# ରାଧା ସହସ୍ର ନାମଯଜ୍ଞ, ମନ୍ଦିରରେ ଭକ୍ତଙ୍କ ଭିଡ଼


ବିଗ୍ରହ ପ୍ରତିଷ୍ଠା ଅବସରରେ ଆୟୋଜିତ ରାଧା ସହସ୍ର ନାମଯଜ୍ଞ।

**ଶ୍ରୀ ବଡ଼ ଗୋପାଳଜୀଙ୍କ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ**

ସୋନପୁର,୨୮।୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ରାଜପ୍ରାସାଦ ସମ୍ମୁଖ ଶ୍ରୀ ଶ୍ରୀ ବଡ ଗୋପାଳଜୀଙ୍କ ମନ୍ଦିରରୁ ୧୨ଟି ଅଷ୍ଟଧାତୁ ନିର୍ମିତ ପ୍ରାଚୀନ ମୂର୍ତ୍ତି ଚୋରି ହୋଇଥିଲା। ୪୨ବର୍ଷ ପରେ ମୂର୍ତ୍ତି ମନ୍ଦିରକୁ ଫେରିଛି। ଏଥିପାଇଁ ଗତ ୨୫ ତାରିଖରୁ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ଆରମ୍ଭ ହୋଇଛି। ବୁଧବାର ସକାଳେ ଷୋଡଷ ଉପଚାର ପୂଜା ହୋଇଥିଲା। ପରେ ରାଧା ସହସ୍ର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ତୁଷାରମୟୀ ମିଶ୍ର ଓ ଶ୍ରୀନିବାସ ମୁଖ୍ୟ କର୍ତ୍ତା, ପ୍ରେମାଞ୍ଜୀନୀ ପୂଜାରୀ ଓ ରାମଗୋପାଳ ସହଯୋଗୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ ଶିବନାରାୟଣ ପୂଜାରୀ, ଶିବ ନାରାୟଣ ଗୁରୁ ଓ ଆନନ୍ଦ ପୂଜାରୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ବିଗ୍ରହଙ୍କ ଦର୍ଶନ ଓ ନାମଯଜ୍ଞ ଦେଖିବା ପାଇଁ ଗୋପାଳଜୀ ମନ୍ଦିରରେ ଭକ୍ତଙ୍କ ଭିଡ ଲାଗି ରହିଛି। ୨୫ରେ କଳସ ଯାତ୍ରା, ଜଳଯାତ୍ରା ଓ ମନ୍ଦିରକୁ ଠାକୁରଙ୍କ ଆଗମନ ହୋଇଥିଲା। ୨୬ରେ ଯଜ୍ଞ ମଣ୍ଡପରେ ଥିବା ଦେବାଦେବୀଙ୍କର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ୨୭ରେ ଯଜ୍ଞାରମ୍ଭ ସହ ଗୋପାଳ ସହସ୍ର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଫେବୃୟାରୀ ୧ ରେ ପୂର୍ଣ୍ଣାହୁତି ସହ ଠାକୁରଙ୍କ ଗମ୍ଭୀରା ବିଜେ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି। ସପ୍ତାହେବ୍ୟାପି କାର୍ଯ୍ୟକ୍ରମ ଆୟୋଜନ ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ଏଥିପାଇଁ ଶ୍ରୀଶ୍ରୀ ବଡଗୋପାଳଜୀ ମନ୍ଦିରକୁ ସଫା ସୁତୁରା ସହ ସଜ୍ଜିତ କରାଯାଇଛି। ମହନ୍ତ ବଂଶୀଧର ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ଆୟୋଜନ ହେଉଛି।

# ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା

ସୋନପୁର,୨୮।୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ପଟାଭାଡି ଠାକୁରାଣୀ ପଡାଠାରେ ନାମ ମଣ୍ଡପ ପ୍ରତିଷ୍ଠା ଓ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ବୁଧବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଅଧିବାସ ଓ ନାମ ମଣ୍ଡପ ପ୍ରତିଷ୍ଠା ପରେ ବୁଧବାର କଳସ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଶତାଧିକ ମହିଳା ଓ ପୁରୁଷ ମହାନଦୀ ଓ ତେଲନଦୀ ସଙ୍ଗମସ୍ଥଳ ରାମେଶ୍ୱର ନିକଟରୁ କଳସ ଭର୍ତ୍ତି ଜଳ ଆଣି ସହର ପରିକ୍ରମା କରିଥିଲେ। ମଣ୍ଡପରେ କଳସ ଭର୍ତ୍ତି ଜଳ ସ୍ଥାପନ ପରେ ନାମଯଜ୍ଞ ମହୋତ୍ସବ ପାଇଁ ପୂଜାର୍ଚ୍ଚନା ହୋଇଥିଲା। ଗୁରୁବାର ସକାଳେ ନାମଯଜ୍ଞ ଶୁଭାରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ମଣ୍ଡପ ପ୍ରତିଷ୍ଠା ଉତ୍ସବରେ କର୍ତ୍ତାଭାବେ ବ୍ରତାନନ୍ଦ ଭୋଇ ଓ ଧର୍ମପତ୍ନୀ ନିରୁପମା ଭୋଇ ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ ଗଣେଷ ଦାଶ, ସୁନ୍ଦରମ ମିଶ୍ର, ଲୋକନାଥ ତ୍ରିପାଠୀ, ଦୀନେଶ ତ୍ରିପାଠୀ ଓ ସୁଜିତ ପାଣିଗ୍ରାହୀ ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି। ଠାକୁରାଣୀ ପଡାର ସାନନ୍ଦ ସାହୁ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଚିତ୍ତରଞ୍ଜନ ଭୋଇ, ପ୍ରକାଶ ଚନ୍ଦ୍ର ବଡମାଳୀ, ଡୁଗୁ ମିଶ୍ର, ଅଶୋକ ମହାପାତ୍ର, ସୁଧୀର ପଣ୍ଡା, ନନ୍ଦକିଶୋର ମିଶ୍ର, ପଦ୍ମନାଭ ଭୋଇ ପ୍ରମୁଖ ଏହି ଧାର୍ମିକ କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି। ଶତାଧିକ ମହିଳା ଓ ପୁରୁଷ କାର୍ଯ୍ୟକ୍ରମରେ ଯୋଗଦାନ କରି ପ୍ରଭୁଙ୍କ ଆଶିଷ ଲାଭ କରିବା ସହ ସାମୂହିକ ପ୍ରସାଦ ସେବନରେ ସାମିଲ ହେଉଛନ୍ତି।


କଳସଯାତ୍ରାରେ ମହିଳା ଓ ପୁରୁଷମାନେ ସହର ପରିକ୍ରମା କରୁଛନ୍ତି।

**ସଂକ୍ଷେପରେ**

## ତରଭା: ଦୋକାନ ବଜାର, ସରକାରୀ କାର୍ଯ୍ୟାଳୟ ବନ୍ଦ

ତରଭା, ୨୮।୧(ମାନଭଞ୍ଜନ ମିଶ୍ର)

ଚାଷୀମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ଓ ଦାବିକୁ ନେଇ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ପ୍ରଭାବରେ ତରଭା ସହର ସମେତ ବ୍ଲକର ବିଭିନ୍ନ ଅଞ୍ଚଳରେ ପଡିଥିଲା । କଂଗ୍ରେସ ବନ୍ଦକୁ ସମର୍ଥନ ଜଣାଇଥିଲା। ସକାଳେ ଆଞ୍ଚଳିକ କୃଷକ ସଙ୍ଗଠନ ସଭାପତି ସଦାନନ୍ଦ ପାଣିଗ୍ରାହୀଙ୍କ ନେତୃତ୍ୱରେ ବ୍ଲକ କଂଗ୍ରେସ ସଭାପତି କାର୍ତ୍ତିକ ନାଗ, ତରଭା ଟାଉନ କଂଗ୍ରେସ ସଭାପତି ପ୍ରବୀଣ ସାହୁ, ଉପ ସଭାପତି ଗଣେଶ ଗୁରୁ, ଜିଲା ସମ୍ପାଦକ ମୁକୁନ୍ଦ ବିଶ୍ୱାଳ, ରାଜେନ୍ଦ୍ର ଝାଙ୍କର, ଫକୀର ସୁନା, ଚାଷୀ ନେତା ପୁରନ୍ଦର ବାଘ, ଚତୁର୍ଭୁଜ ସରଭଙ୍ଗ, ଭରତ ନାଗ, ଅରୁଣ ସାହୁ , ଧିରଜ ସାହୁ ପ୍ରମୁଖ ବନ୍ଦରେ ସାମିଲ ହୋଇଥିଲେ।

## ଯୁବ ଖବରଦାତାଙ୍କ ପରଲୋକ

ଅମରପାଲି,୨୮।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳର ଯୁବ ଖବରଦାତା ରଞ୍ଜନ କୁମାର ତାଣ୍ଡିଆ (୩୭)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ପରଲୋକ ଘଟିଛି । ଦୁଇଦିନ ତଳେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ବୁର୍ଲା ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ବୁର୍ଲାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସ୍ୱର୍ଗତ ତାଣ୍ଡିଆ ଗତ ୧୦ ବର୍ଷ ଧରି ବିଭିନ୍ନ ଗଣମାଧ୍ୟମରେ କାମ କରୁଥିଲେ। ତାଙ୍କ ବିୟୋଗରେ ଜିଲା ଖବରଦାତା ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ସେ ସୁବଳୟା ଆମ୍ବେଦକର ସେବା ସଂଘ ଶାଖାର ପୂର୍ବତନ ସଭାପତି ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ଧର୍ମପତ୍ନୀ, ୨ ପୁଅ, ବୃଦ୍ଧ ମା’ ବାପା ଓ ସାନ ଭାଇ ଉପସ୍ଥିତ ଥିଲେ । ତାଙ୍କ ମର ଶରୀର ପୈତୃକ ଗ୍ରାମ ସଂଗ୍ରାମପୁର ପଞ୍ଚାୟତ ଅନ୍ତର୍ଗତ ସାନ ବର୍ଡକଟା ଗାଁ ଶ୍ମଶାନରେ ସତ୍କାର କରାଯାଇଛି। ବଡ ପୁଅ ସାଇ ମୁଖାଗ୍ନି ଦେଇଥିଲେ।

# ବନ୍ଦ ରହିଲା କାର୍ଯ୍ୟାଳୟ, ଦୋକାନବଜାର

**ନବ ନିର୍ମାଣ କୃଷକ ସଙ୍ଗଠନର ଓଡ଼ିଶା ବନ୍ଦ ଡାକରା**

ବୌଦ୍ଧ,୨୮।୧(ଅଜିତ କୁମାର ବାରିକ)

ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦିଆଯାଇଥିବା ୮ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରାରେ ବୌଦ୍ଧରେ ଚକ, ଅଖ, କାର୍ଯ୍ୟାଳୟ ବନ୍ଦ ରହିଥିଲା। ବୌଦ୍ଧ ଜିଲାର କୃଷକ ସଙ୍ଗଠନ ଓ ଜିଲା କଂଗ୍ରେସ ପକ୍ଷରୁ ବନ୍ଦ ପାଳନରେ ସାମିଲ ହୋଇ ବୁଧବାର ବନ୍ଦ ପାଳନ କରାଯାଇଥିଲା। ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ରାଜ୍ୟରେ ଧାନକିଣାରେ ଅବ୍ୟବସ୍ଥା, ସ୍ମାର୍ଟ ମିଟର ଜରିଆରେ ବିଦ୍ୟୁତ ଉପଭୋକ୍ତାଙ୍କୁ ଶୋଷଣ, ଗାଡିର ପ୍ରଦୂଷଣ ପ୍ରମାଣପତ୍ର ନାମରେ ରାଜ୍ୟବାସୀଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ କରିବା ସହିତ ଏହାର ପ୍ରତିବାଦରେ ୮ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ଜିଲାର ଚାଷୀ ସଙ୍ଗଠନ ଓ ଜିଲାରେ କଂଗ୍ରେସ କର୍ମୀମାନେ ରାଜରାସ୍ତାକୁ ଓହ୍ଲାଇ ସମସ୍ତ ସରକାରୀ ଅଫିସ,ଦୋକାନ ବଜାର ବନ୍ଦ କରାଇବା ସହିତ ଯାନବାହନ ଅଟକାଇ ଥିଲେ। ଜିଲା କଂଗ୍ରେସ କମିଟି ସଭାପତି ବିନ୍ଧ୍ୟାବିନୀ ସାହୁଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଦଳୀୟ କର୍ମୀମାନେ ଜଗି ରହିବା ସହିତ କୌଣସି ଅଧିକାରୀ ଓ କର୍ମଚାରୀମାନଙ୍କୁ ଭିତରକୁ ଛାଡି ନ ଥିଲେ। ଫଳରେ ଜିଲାର ଚକ, ଅଖ, କାର୍ଯ୍ୟାଳୟ ବନ୍ଦ ହୋଇଥିଲା। ଏହା ସହ ଚାଷୀ ସଙ୍ଗଠନର କର୍ମକର୍ତ୍ତା ଓ ଚାଷୀମାନେ ସକାଳ ୬ଟାରୁ ସହରର ବାଘଗୁଡା ଛକ, ବ୍ରିଜ ଆଦି ସ୍ଥାନରେ ରାସ୍ତା ଉପରେ ଠିଆ ହୋଇ ବନ୍ଦ ପାଳନ କରିଥିବା ବେଳେ ଚାଷୀ ବଞ୍ଚାଅ, ଚାଷ ବଞ୍ଚାଅ ଓ ଦେଶ ବଞ୍ଚାଅ ଆଦି ନାରା ଦେଇଥିଲେ। ତେବେ ଜିଲା ଦୌରାଜଜଙ୍କ କାର୍ଯ୍ୟାଳୟ ସ୍ୱାଭାବିକ ଭାବରେ ଖୋଲା ରହିଥିବା ଦେଖାଯାଇଥିଲା। ଏହି ଆନ୍ଦୋଳନରେ ବହୁ ସଂଖ୍ୟାରେ ଚାଷୀ ଓ କଂଗ୍ରେସ କର୍ମୀ ସାମିଲ ଥିଲେ।



ବୌଦ୍ଧ ସହରର ବାଘଗୁଡା ଛକଠାରେ କୃଷକମାନେ ବନ୍ଦ ପାଳନ କରୁଛନ୍ତି।

## ଲୋକ ମହୋତ୍ସବ ମାଲେଶ୍ରୀ ସ୍ମରଣିକା କମିଟି ବୈଠକ

ବୀରମହାରାଜପୁର, ୨୮।୧ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଲୋକ ମହୋତ୍ସବ ମାଲେଶ୍ରୀ-୨୦୨୬ ସ୍ମରଣିକା କମିଟିର ବୈଠକ ସ୍ମରଣିକା ସମ୍ପାଦକ ଡ.ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ମରଣିକାର କଳେବର ତଥା ଲେଖା ଆହ୍ୱାନ, ବିଶିଷ୍ଟ ବ୍ୟକ୍ତିଙ୍କଠାରୁ ବାର୍ତ୍ତା ସଂଗ୍ରହ, ବିଜ୍ଞାପନ,ସ୍ମରଣିକା ବ୍ୟୟ ଅଟକଳ, ସ୍ମୃତି ଫଟୋ ସଂଗ୍ରହ,ଲେଖା ପଠାଇବାର ଠିକଣା ଆଦି ଛଅଟି ବିନ୍ଦୁ ଉପରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଡ.ପ୍ରଫୁଲ୍ଲ କୁମାର ରଥ, ଭୂଷଣ କୁମାର ପାତ୍ର, ଯୁଗଳ କିଶୋର ମିଶ୍ର, ଅକ୍ଷୟ ରାଏ, ସଦାଶିବ ଚାନ୍ଦ, ଶୁଭ୍ରାଂଶୁ ପାଢୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସ୍ମରଣିକାରେ ସ୍ଥାନୀୟ ଲୋକକଳା, ଲୋକ ସାହିତ୍ୟ,ଐତିହ୍ୟ, ସଂସ୍କୃତି, ପରମ୍ପରା, ସ୍ଥାନୀୟ ଦର୍ଶନୀୟ ସ୍ଥାନ ସମ୍ପର୍କିତ ଓଡ଼ିଆ, ସମ୍ବଲପୁରୀ କୋଶଲି, ଇଂରାଜୀରେ ହେବା ବାଞ୍ଛନୀୟ ବୋଲି ପ୍ରସ୍ତାବ ଗୃହୀତ କରାଯାଇଛି। ପୁନଶ୍ଚ ଲେଖା ସବୁ ଇ ମେଲ ଠିକଣା maleshree୨୦୨୬@gmail.com କିମ୍ବା ହ୍ୱାଟ୍ସ ଅପ ନମ୍ବର ୯୯୩୮୦୪୭୭୯୦ରେ ପଠାଇବାକୁ ଅନୁରୋଧ କରାଯାଇଥିଲା। ପଙ୍କଜ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଫେବୃଆରୀ ୧ରେ ମୁଖ୍ୟମନ୍ତ୍ରୀଙ୍କ ସୁବର୍ଣ୍ଣପୁର ଗସ୍ତ

- ଗୋପାଳଜୀ ମନ୍ଦିର, ଭୀମ ଭୋଇଙ୍କ ପୀଠ ପରିଦର୍ଶନ କରିବେ
- ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳାରେ ଯୋଗ ଦେବେ

ସୋନପୁର,୨୮।୧(ମୃତ୍ୟୁଞ୍ଜୟ ଶତପଥୀ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ଫେବୃଆରୀ ୧ ତାରିଖ ରବିବାର ଦିନିକିଆ ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସୁଛନ୍ତି। ମୁଖ୍ୟମନ୍ତ୍ରୀ ହେବା ପରେ ଏହା ତାଙ୍କର ଦ୍ୱିତୀୟ ଜିଲା ଗସ୍ତ। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ସୂଚନା ଦିଆଯାଇଛି। ଭୁବନେଶ୍ୱରରୁ ମୁଖ୍ୟମନ୍ତ୍ରୀ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଆସି ପୂର୍ବାହ୍ଣ ୧୦ଟାରେ ସୁବର୍ଣ୍ଣପୁର ସହର ରାମେଶ୍ୱରସ୍ଥିତ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିବେ। ସେଠାରୁ ସିଧା ସର୍କିଟ୍ ହାଉସ ଯିବେ। ପରେ ସହର ସ୍ଥିତ ଶ୍ରୀଶ୍ରୀ ବଡ ଗୋପାଳଜୀ ମନ୍ଦିରକୁ ଯାଇ ଠାକୁରଙ୍କୁ ଦର୍ଶନ କରିବେ। ସୂଚନା ଯୋଗ୍ୟ ଏହି ମନ୍ଦିରରୁ ୧୨ଟି ଅଷ୍ଟଧାତୁ ନିର୍ମିତ ପ୍ରାଚୀନ ମୂର୍ତ୍ତି ଚୋରି ହୋଇଥିଲା। ପରବର୍ତ୍ତୀ ସମୟରେ ମୂର୍ତ୍ତି ଗୁଡିକୁ ଉଦ୍ଧାର ହୋଇ ସିବିଆଇ ମାଲଖାନାରେ ଥିଲା। ଦୀର୍ଘ ୪୨ ବର୍ଷ ପରେ ମୂର୍ତ୍ତି ଗୁଡିକୁ ସୁବର୍ଣ୍ଣପୁର ଫେରିଛି। ଗତ ୨୫ ତାରିଖରୁ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ଆୟୋଜନ ହେଉଛି।


ମୋହନ ଚରଣ ମାଝୀ।

ଫେବୃଆରୀ ୧ରେ ଠାକୁରଙ୍କ ଗମ୍ଭୀରା ବିଜେ ଅନୁଷ୍ଠିତ ହେବ। ତେଣୁ ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ସାମିଲ ହେବା ସହ ବିଭୁକୃପା ଲାଭ କରିବା ପାଇଁ ସୁବର୍ଣ୍ଣପୁର ଆସୁଛନ୍ତି। ଏହା ପରେ ମୁଖ୍ୟମନ୍ତ୍ରୀ ସୋନପୁର ବ୍ଲକ ଖଲିଆପାଲିସ୍ଥିତ ସନ୍ଥ କବି ଭୀମ ଭୋଇଙ୍କ ସମାଧି ପୀଠକୁ ଯିବେ। ଖଲିଆପାଲିରେ ଜାନୁଆରୀ ୨୯ରୁ ଫେବୃୟାରୀ ୨ ତାରିଖ ପର୍ଯ୍ୟନ୍ତ ଶତବର୍ଷ ପୁରୁଣା ମାଘ ସନ୍ଥ ମେଳା ଅନୁଷ୍ଠିତ ହେଉଛି। ମୁଖ୍ୟମନ୍ତ୍ରୀ ଏଥିରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ସେଠାରୁ ଫେରି ଅପରାହ୍ଣରେ ରାମେଶ୍ୱର ଷ୍ଟାଡିୟମରେ ଆୟୋଜିତ ହେବାକୁ ଥିବା ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା କାର୍ଯ୍ୟକ୍ରମରେ ଯୋଗଦାନ କରିବେ। ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ପାଇଁ ପ୍ରଶାସନ ଲକ୍ଷ୍ୟ ରଖିଛି। ଅପରାହ୍ଣ ୩ଟା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ସୁବର୍ଣ୍ଣପୁରରେ ରହିବେ। ଏହି ସବୁ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ସଭା ସ୍ଥଳ ଓ ହେଲିପ୍ୟାଡ ନିର୍ମାଣ କାର୍ଯ୍ୟ ବୁଧବାର ଠାରୁ ଆରମ୍ଭ ହୋଇଛି। ଜିଲା ପ୍ରଶାସନ ଓ ଭାଜପା ଶିବିର ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି। ଜିଲାବାସୀ ମଧ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବେଶ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି।

## ସଂକ୍ଷେପରେ

### ଟ୍ରେନରେ ଦୁର୍ଘଟଣାଗ୍ରସ୍ତ ଭେଣ୍ଡରଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

**ରାଉରକେଲା, ୨୮।୧(ସଙ୍ଗୀତା ଜେନା):** ଗତ ୨୦ ତାରିଖ ରାତି ୮ଟାରେ ଏକ ଟ୍ରେନରେ ଜଣେ ଫୁଡ୍ ଭେଣ୍ଡର ଖସିପଡ଼ିଥିଲେ। ତାଙ୍କର ବାମ ପାଦ କଟି ଯାଇଥିଲା। ତାଙ୍କୁ ତୁରନ୍ତ ଜେପି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ଗୋପବନ୍ଧୁପାଲୀ ଅଞ୍ଚଳର ମାଲୁ ଗୋରାଇ(୩୫)। ଜିଆରପି ପୋଲିସ ଏକ ମାମଲା(ନଂ.୬/୨୬) ରୁଜୁ କରିଛି।

### ଦୋକାନରୁ ଇନ୍‌ଭର୍ଟର ଓ ବ୍ୟାଟେରି ଚୋରି

**ରାଉରକେଲା, ୨୮।୧(ସଙ୍ଗୀତା ଜେନା):** ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ମଙ୍ଗଳଭବନ ନିକଟରେ ଥିବା ଦୁର୍ଗାଶପ୍‌ରୁ କେହି ଦୁର୍ବୃତ୍ତ ତାଲାଭାଙ୍ଗି ଚୋରି ଉଦ୍ୟମ କରିଥିବା ବୁଧବାର ଜଣାପଡ଼ିଛି। ଦୋକାନରୁ ଇନଭର୍ଟର ଏବଂ ବ୍ୟାଟେରୀ ଚୋରି ହୋଇଛି। ସକାଳ ୮ଟାରେ ଦୋକାନ ମାଲିକ ଦୋକାନ ଖୋଲିବା ପାଇଁ ପହଞ୍ଚିବା ପରେ ଏ ସମ୍ପର୍କରେ ଜଣାପଡ଼ିଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ସିସିଟିଭି ଓ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛି। ତେବେ ରାତି ୯ଟା ପର୍ଯ୍ୟନ୍ତ ଏ ନେଇ ମାମଲା ରୁଜୁ ହୋଇ ନ ଥିବା ସୂଚନା ମିଳିଛି।

### ନାଗରିକ ମଞ୍ଚର ନୂତନ କର୍ମକର୍ତ୍ତା ଚୟନ

**ବୋଡ଼େନ,୨୮।୧ (ଟିକେଶ୍ୱର ନାଗ):** ନୂଆପଡ଼ା ଜିଲ୍ଲା ବୋଡ଼େନ ନାଗରିକ ମଞ୍ଚର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ସଭାପତି ଭୁବନେଶ୍ୱର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମସ୍ତ ସଭ୍ୟ ଉପସ୍ଥିତ ରହିଥିଲେ। ସର୍ବସମ୍ମତିକ୍ରମେ ଭୁବନେଶ୍ୱର ପାଣିଗ୍ରାହୀ ସଭାପତି, ଟିକେଶ୍ୱର ନାଗ ଉପସଭାପତି, ତୋପ ସିଂହ ମାଝୀ ସମ୍ପାଦକ, ଯୁଜେଷ୍ଟି ସାହୁ ସହ ସମ୍ପାଦକ, ହୃଷୀକେଶ ବିଶ୍ୱାଳ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ଏଥିରେ ଡିଙ୍ଗର ମହାନନ୍ଦ, କବିରାଜ ମାଝୀ, ନୃପ ତାଣ୍ଡି, ପ୍ରେମଲାଲ ମାଝୀ, ଅମୃତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

### କୋମନା ଦେଇ ବସ୍ ଚଳାଚଳ ପାଇଁ ମନ୍ତ୍ରୀଙ୍କୁ ସ୍ମାରକପତ୍ର

**କୋମନା, ୨୮।୧(ମହେଶ ବାଗ):** ନୂଆପଡ଼ା ଜିଲ୍ଲା କୋମନାର ଶ୍ରୀ ଶ୍ରୀ ଜଗନ୍ନାଥ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି, ଟିଟିଲାଗଡ଼ ରେଲଷ୍ଟେଶନରୁ ବେଙ୍ଗାଲୁରୁ, ହାଇଦ୍ରାବାଦ, ଚେନ୍ନାଇ, କୋଲକାତା ଓ ରାୟପୁର ଭଳି ପ୍ରମୁଖ ସହରକୁ ଟ୍ରେନ ଯୋଗାଯୋଗ ରହିଛି। ମାତ୍ର ନୂଆପଡ଼ା ଜିଲ୍ଲାରୁ ଟିଟିଲାଗଡ଼କୁ ସିଧାସଳଖ ବସ୍ ସେବା ନ ଥିବାରୁ ଜିଲ୍ଲାର ୫ ବ୍ଲକର ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏକ ନୂତନ ସରକାରୀ ବସ୍ ଆରମ୍ଭ ସହ ନୂଆପଡ଼ାରୁ ବଲାଙ୍ଗୀର ଯାଉଥିବା ସରକାରୀ ବସ୍‌କୁ କୋମନା ସଦର ମହକୁମା ଦେଇ ଚଳାଇବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସଂଘ ସମ୍ପାଦକ ଓ ସଭାପତି ବିରେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି।

### ଝାମୁଯାତ୍ରା ମହୋତ୍ସବରେ ନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ଲାଞ୍ଜିଗଡ଼,୨୮।୧ (ରମେଶ ଚନ୍ଦ୍ର ନାୟକ):** ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ପଞ୍ଚାୟତ ବକଟପୁରଠାରେ ମା' ହିରାନୀଲାଙ୍କ ଝାମୁଯାତ୍ରା ମହୋତ୍ସବ ଅବସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଦକ୍ଷିଣ ବନଖଣ୍ଡ ଏସିଏଫ୍ ତଥା ବିଶ୍ୱନାଥପୁର ଭାରପ୍ରାପ୍ତ ରେଞ୍ଜର ନରୋତ୍ତମ ମାଝୀ ମୁଖ୍ୟ ଅତିଥି, ବିଶ୍ୱନାଥପୁର ଥାନାଧିକାରୀ ତୁଳସୀରାମ ଶବର ବିଶିଷ୍ଟ ଅତିଥି, ପୋଖରୀବନ୍ଧ କାର୍ଯ୍ୟନିର୍ବାହୀ ଅଧିକାରୀ ଭିଷ୍ମ ମେହେର ମୁଖ୍ୟବକ୍ତା ଓ ଖବରଦାତା ନିଲେଶ କୁମାର ନାଗ, ଯୋଗାଣ ସହାୟକ କୁଳମଣି ବେହେରା, କମିଟି ଉପସଭାପତି କର୍ଣ୍ଣ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ମହୋତ୍ସବ କମିଟି ସଭାପତି ରମେଶ ଚନ୍ଦ୍ର ସାହୁ ସ୍ୱାଗତ ଅଭିଭାଷଣ ଓ କୋଷାଧ୍ୟକ୍ଷ ସୁଧାଂଶୁ ଶେଖର ବାରିକ ଧନ୍ୟବାଦ ଦେଇଥିଲେ।

# ରାଉରକେଲାରେ ଭାରତ ବନ୍ଦ ଡାକରାର ଆଂଶିକ ପ୍ରଭାବ

**ରାଉରକେଲା, ୨୮।୧(ବିପ୍ଳବ ରଞ୍ଜନ ଦାଶ)**



ରାଉରକେଲାରେ ବସଷ୍ଟାଣ୍ଡ ମୁଖ୍ୟମାର୍ଗରେ ବସ ଚଳାଚଳ ବନ୍ଦ ରହିଛି।

ରାଜ୍ୟରେ ଲାଗି ରହିଥିବା ଧାନବିକ୍ରି ସମସ୍ୟା, ଚାଷୀଙ୍କୁ ଅସମ୍ମାନ ଓ ମାଡ଼ ଘଟଣା ନେଇ ବୁଧବାର ରାଜ୍ୟବ୍ୟାପି ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିବା ବେଳେ ଏହି ଡାକରାର ପ୍ରଭାବ ରାଉରକେଲା ସହରରେ ଆଂଶିକ ପକାଇଥିବା ଦେଖିବାକୁ ମିଳିଛି। ସହରର ୧୦ରୁ ଊର୍ଦ୍ଧ୍ୱ ଦୈନିକ ବଜାର, ପାୱାର ହାଉସ ଡେଲି ମାର୍କେଟ, ଗଜପତି ଡେଲି ମାର୍କେଟ, ପାନପୋଷ ଦୈନିକ ବଜାର ସହିତ ଡେଲି ମାର୍କେଟ ରୋଡରେ ଥିବା ସମସ୍ତ ଦୋକାନ ବଜାର ଖୋଲା ରହିଥିଲା। ମାତ୍ର ବସ୍ ଚଳାଚଳ ସହିତ ଭାରିଯାନବାହାନ ଚଳାଚଳ ବନ୍ଦ ରହିଥିଲା। ବସ ଚଳାଚଳ ବନ୍ଦ ରହିବା ହେତୁ ରାଉରକେଲା ନ୍ୟୁ ବସଷ୍ଟାଣ୍ଡରୁ ଆଖପାଖ ଅଞ୍ଚଳ ଏବଂ ସୁନ୍ଦରଗଡ, ବଣେଇ, ବୀରମିତ୍ରପୁର ଆଦି ସ୍ଥାନକୁ ବସ ଯାତାୟତ ଅପରାହ୍ନ ୫ଟା ଯାଏ ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଥିଲା। ଏହାଦ୍ୱାରା ରାଉରକେଲା ଆଖପାଖ ଅଞ୍ଚଳରୁ ରାଉରକେଲା ସହରକୁ ବାଣିଜ୍ୟ ବ୍ୟବସାୟ ଓ ଶିକ୍ଷା ଅଧ୍ୟୟନ ପାଇଁ ଆସୁଥିବା ପରିବା ବିକାଳି ଓ ସାଧାରଣ ଛାତ୍ରୀଛାତ୍ରଙ୍କ ଉପରେ ଆଂଶିକ ପ୍ରଭାବ ପଡିଥିଲା। ଏଥିସହ ରାଉରକେଲାରେ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ପୁରୀ, ବାଲେଶ୍ୱର ଆଦି ଦୂରସ୍ଥାନକୁ ଯାଉଥିବା ବସଗୁଡିକ ମଧ୍ୟ ବନ୍ଦ ରହିଥିଲା। ଅନ୍ୟପଟେ ସହରରେ କାର, ବାଇକ ଚଳାଚଳ ଜାରି ରହିଥିଲା। ବୁଧବାର ହୋଇଥିବା ରାଜ୍ୟବ୍ୟାପି ବନ୍ଦ ଡାକରା ରାଉରକେଲାରେ ଆଂଶିକ ପ୍ରଭାବ ପକାଇଥିଲା।

# ସୁନ୍ଦରଗଡ଼ରେ ଓଡ଼ିଶା ବନ୍ଦର ଆଂଶିକ ପ୍ରଭାବ


ଓଡ଼ିଶା ବନ୍ଦ ଯୋଗୁ ସୁନ୍ଦରଗଡ ନୂଆ ବସଷ୍ଟାଣ୍ଡରେ ବସ ଗୁଡିକ ଅଟକି ରହିଛି।

**ସୁନ୍ଦରଗଡ,୨୮।୧(ଜୟ ନାରାୟଣ ମେଣ୍ଟୁଲି)**

ନବ ନିର୍ମାଣ କୃଷକ ସଙ୍ଗଠନ ସମେତ ମିଳିତ ଚାଷୀ ସଙ୍ଗଠନ ପକ୍ଷରୁ ବୁଧବାର ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରା ସୁନ୍ଦରଗଡରେ ମିଶ୍ରିତ ପ୍ରଭାବ ଦେଖିବାକୁ ମିଳିଥିଲା। ଓଡିଶା ବନ୍ଦ ଡାକରାକୁ କଂଗ୍ରେସ, ସିପିଆଇ, ସିପିଆଇ(ଏମ) ଓ ବିଜେଡି ସମର୍ଥନ ଜଣାଇଥିଲେ। ଏଠାରେ ଦୋକାନ ବଜାର, ଅଫିସ କଚେରୀ, ସ୍କୁଲ କଲେଜ ଆଦି ସ୍ୱାଭାବିକ ଭାବେ ଖୋଲାଥିଲା। ହେଲେ ବନ୍ଦ ଡାକରା ଯୋଗୁ ଲୋକେ ଆସି ନ ଥିବାରୁ ଯାତ୍ରୀ ବାହୀ ବସ ଚଳାଚଳ ବନ୍ଦ

**ବସ୍ ଚଳାଚଳ ପ୍ରଭାବିତ**

ରହିଥିଲା। କେହି କେଉଁଠି ପିକେଟିଂ କରି ନ ଥିଲେ। ବ୍ୟାଙ୍କ କର୍ମଚାରୀ ମାନେ ପୂର୍ବରୁ ଆନ୍ଦୋଳନରେ ରହିଥିବାରୁ ବ୍ୟାଙ୍କ ଗୁଡିକ ବନ୍ଦ ରହିଥିଲା। ଯେଉଁ ଯାତ୍ରୀମାନେ ବନ୍ଦ ବିଷୟରେ ଜାଣି ନ ଥିଲେ ସେମାନେ ବସଷ୍ଟାଣ୍ଡରେ ଅଟକି ରହିଥିଲେ। ଯାତ୍ରୀ ନ ଥିବାରୁ ବସ ଗୁଡିକ ନୂଆ ବସଷ୍ଟାଣ୍ଡରେ ଛିଡା ହୋଇଥିବା ଦେଖିବାକୁ ମିଳିଥିଲା।

# ରାଉରକେଲା ମହାବିଦ୍ୟାଳୟରେ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର

**ରାଉରକେଲା,୨୮।୧(ବିପ୍ଳବ ରଞ୍ଜନ ଦାଶ)**

ଉଚ୍ଚ ଶିକ୍ଷା ବିଭାଗ, ଓଡ଼ିଶା ସରକାର ନିର୍ଦ୍ଦେଶିତ ମହାବିଦ୍ୟାଳୟ ସ୍ତରର ପ୍ରଥମ ବର୍ଷ ଛାତ୍ରୀମାନଙ୍କ ଆତ୍ମ ସୁରକ୍ଷା କୌଶଳ ଅଭିବୃଦ୍ଧି ପାଇଁ ସ୍ଥାନୀୟ ସେକ୍ଟର ୪ ସ୍ଥିତ ରାଉରକେଲା କଲେଜ ଆନୁକୂଲ୍ୟରେ ଏକ ଅଷ୍ଟ-ଦିବସୀୟ ଶିବିର କଲେଜ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସେକ୍ଟର ୩ ଥାନାଧିକାରୀ ପିଙ୍କି କୁମାରୀ ମୁର୍ମୁଙ୍କ ଦ୍ୱାରା ଶିବିର ଉଦ୍‌ଘାଟିତ ହୋଇଥିଲା। ସମାରୋପ କାର୍ଯ୍ୟକ୍ରମରେ ରାଉରକେଲାର ଅତିରିକ୍ତ ପୋଲିସ ଅଧୀକ୍ଷକ ଶ୍ରାବଣୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଙ୍କର ବକ୍ତବ୍ୟରେ ଛାତ୍ରୀଙ୍କୁ ନିଜର ସୁରକ୍ଷାକୁ ପ୍ରାଥମିକତା ପ୍ରଦାନ କରିବା ସହ ଆତ୍ମ ସୁରକ୍ଷା କୌଶଳରେ ନିପୁଣ ହେବାକୁ ପରାମର୍ଶ ଦେଇଥିଲେ। ସାମାଜିକ ଗଣମାଧ୍ୟମରେ ନିଜର ବ୍ୟକ୍ତିଗତ ସୂଚନା ପ୍ରଦାନ ନ କରିବାକୁ ସତର୍କ କରାଇଥିଲେ। ସମ୍ମାନିତ ଅତିଥି ଭାବେ ସତ୍ୟାନନ୍ଦ ବେହେରା ଯୋଗଦେଇ ଛାତ୍ରୀମାନଙ୍କୁ ସଶକ୍ତ ହେବା ସହ ସମାଜ ଗଠନରେ ସହଭାଗୀ ହେବା



ଛାତ୍ରୀମାନଙ୍କ ଆତ୍ମ ସୁରକ୍ଷା କୌଶଳ ପ୍ରଦର୍ଶନ।

ପାଇଁ ପ୍ରେରିତ କରିଥିଲେ। କଲେଜର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଆତ୍ମ ସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ବରିଷ୍ଠ ପ୍ରାଧ୍ୟାପିକା ବନ୍ଦନା ସୋରେନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ସହଯୋଗୀ ଭାବେ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ପ୍ରାଧ୍ୟାପିକା ରଶ୍ମିପ୍ରଭା ମାଥାନ ଏବଂ ଦୀପାଳି ପ୍ରଧାନ। ଅଷ୍ଟ-ଦିବସୀୟ ଶିବିରର ପ୍ରଶିକ୍ଷଣ ଦାୟିତ୍ୱ ନିର୍ବାହ କରିଥିଲେ ଜୟା କୁମାରୀ ସିଂ, ଖୁସବୁ କେରକେଟା ଏବଂ ନିକି କୁମାରୀ କୁଶୱାହ। ସମାପନ କାର୍ଯ୍ୟକ୍ରମରେ ପ୍ରଶିକ୍ଷିତ ଛାତ୍ରୀମାନେ ନିଜର ଆତ୍ମ ସୁରକ୍ଷା କୌଶଳର ପ୍ରୟୋଗ ପ୍ରଦର୍ଶନ କରିଥିଲେ। ଛାତ୍ରୀ ପୂଜା ତିର୍କୀ ଏବଂ ଅନ୍ୱେଷା ନାୟକ ପ୍ରଶିକ୍ଷଣ ଶିବିରର ଉପାଦେୟତା ସମ୍ପର୍କରେ ଅନୁଭବ ରଖିଥିଲେ। ବରିଷ୍ଠ ପ୍ରାଧ୍ୟାପିକା ଭାରତୀ ବରୱା, ମୌସୁମୀ ଦାସ, ରଞ୍ଜିତା ପାଣିଗ୍ରାହୀ, ପ୍ରତିମା ପାତ୍ର, ପ୍ରିୟଙ୍କା ପଲାଇ, ରଚନା ମିଶ୍ର, ସ୍ୱାତୀ ସ୍ମିତା ସାହୁ, ରଞ୍ଜିତ ପ୍ରଧାନ, ସୁଶାନ୍ତ ରଣା, ସୁମନ ଡୁଙ୍ଗଡୁଙ୍ଗ, ସିଦ୍ଧାର୍ଥ ସାହୁ ଏବଂ ଅଜୟ କୁମାର ଯାଦବ ପ୍ରମୁଖ ଶିବିର ସଫଳତା ପାଇଁ ସହଯୋଗ ପ୍ରଦାନ କରିଥିଲେ।

# ବନ୍ଦେ ମାତରମ୍‌ର ୧୫୦ବର୍ଷ ପୂର୍ତ୍ତି ଉପରେ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

**ରାଉରକେଲା,୨୮।୧(ବିପ୍ଳବ ରଞ୍ଜନ ଦାଶ)**

ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ରାଉରକେଲାର ନିର୍ମଳ ମୁଣ୍ଡା ନଗର ଶାଖା ଓ ଗୋପବନ୍ଧୁ ପାଠାଗାରର ମିଳିତ ଆନୁକୂଲ୍ୟରେ ମାସିକ ସାରସ୍ୱତ ସମାବେଶ ତଥା ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଆଲୋଚନାଚକ୍ର ପାଠାଗାର ଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ପ୍ରାଧ୍ୟାପକ ଗିରିଜା ଶଙ୍କର ଗୋସ୍ୱାମୀଙ୍କ ସଭାପତିତ୍ୱ ଓ ଉପସଭାପତି ଅଜୟ କୁମାର ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି ସମାବେଶରେ ମୁଖ୍ୟଅତିଥି ଭାବେ ରାଉରକେଲା କଲେଜର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନା, ବିଷୟ ବିଶେଷଜ୍ଞ ଭାବେ ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡା ବିଷୟ ଶୀର୍ଷକ ଉପରେ ଆଲୋଚନା କରିଥିଲେ। ଅତିଥି ଓ ଆଲୋଚକ ଦ୍ୱୟ ସେମାନଙ୍କ ବକ୍ତବ୍ୟରେ ବନ୍ଦେ ମାତରମ ଶବ୍ଦର ଉତ୍ପତ୍ତି, ଏହାର ଇତିବୃତି, ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଅବଦାନ, ମାତୃଭାଷା, ମାତୃଭୂମିର ଋଣ ଓ ପଞ୍ଚ ପରିବର୍ତ୍ତନ ଯଥା ସାମାଜିକ ସମରତା, ପର୍ଯ୍ୟାବରଣ ସଂରକ୍ଷଣ, କୁଟୁମ୍ବ ପ୍ରବୋଧନ, ସ୍ୱ-ଆଧାରିତ ଜୀବନ ଓ ନାଗରିକ କର୍ତ୍ତବ୍ୟବୋଧ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ନଗରପାଳକ ଅଧ୍ୟାପକ ସଞ୍ଜୟ କୁମାର ମହାପାତ୍ର ପ୍ରାକକଥନ ରଖିଥିଲେ। ସଭାପତି ଗୋସ୍ୱାମୀ ଆଲୋଚ୍ୟ ପ୍ରସଙ୍ଗର ଆଭିମୁଖ୍ୟ ଓ ଆଲୋଚନାର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପାଠାଗାର ସମ୍ପାଦକ ବିଶ୍ୱନାଥ ଜେନା ସ୍ୱାଗତ ଭାଷଣ ଓ ସାଧାରଣ ସମ୍ପାଦକ ହରିହର ଶତପଥୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶେଷରେ ସଭ୍ୟ ରମେଶ ଚନ୍ଦ୍ର ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହରର ବିଭିନ୍ନ ଶାଖାର କର୍ମକର୍ତ୍ତା, ସାହିତ୍ୟିକ,କବି ବନ୍ଧୁମାନେ ଉପସ୍ଥିତ ଥିଲେ।

### ଦେଶ ନିର୍ମାଣରେ ବ୍ରତୀ ହେବାକୁ ଆହ୍ୱାନ

**ଖଡ଼ିଆଳ,୨୮।୧ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ୪୯ତମ ବାର୍ଷିକ ଉତ୍ସବ ଅଧ୍ୟକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ବିଶିଷ୍ଟ କବି ମଧୁସୂଦନ ଦାସ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟ ଅତିଥି, ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ବିଶିଷ୍ଟ କବି ଡ. କାଳୀପଦ ପଣ୍ଡା ମୁଖ୍ୟବକ୍ତା ଓ ଖଡ଼ିଆଳ ରାଜାସାହେବ ଦେବ ଦେବ ପ୍ରସାଦ ସିଂହଦେବ, ଖଡ଼ିଆଳ ଏନ୍‌ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଡ. ପଣ୍ଡା ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ଭାରତବର୍ଷର ଗୁରୁ ଶିଷ୍ୟ ପରମ୍ପରାର ମହନୀୟତା ବର୍ଣ୍ଣନା କରିବା ସହ ଦେଶ ନିର୍ମାଣରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ଛାତ୍ର କଲ୍ୟାଣ ଅଧିକାରୀ ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା ଅତିଥି ପରିଚୟ ଓ ଅନ୍ୟତମ ଅଧିକାରୀ ଅଧ୍ୟାପିକା ସାଗରିକା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଯୁକ୍ତ ୨ ଅଧ୍ୟକ୍ଷ ଡ. ରଣବୀର ସିଂହ ଉଚ୍ଚ ମାଧ୍ୟମିକ ଶିକ୍ଷା ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ପ୍ରଶାସନିକ ସେବାରେ କୃତିତ୍ୱ ହାସଲ କରିଥିବା ଛାତ୍ର ନିଖିଳ ଅଗ୍ରୱାଲ, ଛାତ୍ରୀ ପ୍ରଣତି ତାଣ୍ଡିଙ୍କ ସମେତ ସ୍ନାତକ ଓଡ଼ିଆ ବିଭଗରେ ଦିବ୍ୟ ଭାରତି ଯାଦବ ଟପ୍ପର ହୋଇଥିବାରୁ ଅତିଥିଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ତୁଣ୍ଡଲା,୨୮।୧(ଫିରୋଜ କୁମାର ଦାଶ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀର ଜିଲ୍ଲା ଲୋଇସିଂହା ମହାବିଦ୍ୟାଳୟ ଅଧ୍ୟକ୍ଷ ବିଭୂଦେନ୍ଦୁ ମହାନ୍ତି ମୁଖ୍ୟ ଅତିଥି ଓ ଅଧ୍ୟାପକ ସଞ୍ଜୀବ କୁମାର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବେଲଖଣ୍ଡି ଧବଳେଶ୍ୱର ମନ୍ଦିରରୁ ମଶାଲ ଶୋଭାଯାତ୍ରା ବିଦ୍ୟାଳୟରେ ପହଞ୍ଚିବା ପରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।

# ଆର୍‌ଏସ୍‌ପିର ୫ ଅଧିକାରୀଙ୍କ ସମ୍ମାନଜନକ ଜବାହର ପୁରସ୍କାର ଲାଭ

**ରାଉରକେଲା,୨୮।୧(ବିପ୍ଳବ ରଞ୍ଜନ ଦାଶ)**

ପ୍ରଶଂସନୀୟ କାର୍ଯ୍ୟ ସମ୍ପାଦନ ସହ ଉତ୍ପାଦନ, ଉତ୍ପାଦକତା, ରକ୍ଷଣାବେକ୍ଷଣ, ସେବା, ଗୁଣବତ୍ତା, ଉତ୍ପାଦନ ବ୍ୟୟ ହ୍ରାସ ଏବଂ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ରାଉରକେଲା ଇସ୍ପାତ କାରଖାନାର ୫ଜଣ ଅଧିକାରୀ ସମ୍ମାନଜନକ ଜବାହାର ପୁରସ୍କାର ଲାଭ କରିଛନ୍ତି। ଇସ୍ପାତ ଷ୍ଟାଡିୟମଠାରେ ଜାନୁଆରୀ ୨୬ରେ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଆୟୋଜିତ ଉତ୍ସବରେ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଏହି ପୁରସ୍କାର ପ୍ରଦାନ କରିଥିଲେ। ଚଳିତ ବର୍ଷର ଜବାହାର ପୁରସ୍କାର ବିଜେତାମାନେ ହେଉଛନ୍ତି କୋକ ଓଭେନ ବିଭାଗର ମହାପ୍ରବନ୍ଧକ ସଜଲ ଚନ୍ଦା, ଏସଏମଏସ -୨ ବିଭାଗର ମହାପ୍ରବନ୍ଧକ ସୂର୍ଯ୍ୟକାନ୍ତ ନାୟକ, ଆରଏସ୍‌ଏମ ବିଭାଗର ମହାପ୍ରବନ୍ଧକ ଦିଲ୍ଲୀପ କୁମାର ନାୟକ, ମାନବ ସମ୍ବଳ ବିଭାଗର ସହକାରୀ ମହାପ୍ରବନ୍ଧକ ଶରତ କୁମାର ସେନାପତି ଏବଂ ବୋଲାଣି ଲୌହ ଖଣି ଓଜିଓଏମ-ସିଏମଏଲଓର ମହାପ୍ରବନ୍ଧକ ସମରେନ୍ଦ୍ର ପଟ୍ଟନାୟକ।


ଆର୍‌ଏସ୍‌ପିର ଅଧିକାରୀଙ୍କୁ ପୁରସ୍କୃତ କରାଯାଉଛି।

# ଖୁବ୍‌ଶୀଘ୍ର ଆର୍‌ଏସ୍‌ପି ଓ ବିମାନ ବନ୍ଦର ସମ୍ପ୍ରସାରଣ: ମୁଖ୍ୟମନ୍ତ୍ରୀ ମାଝୀ

**ରାଉରକେଲା, ୨୮।୧(ସଙ୍ଗୀତା ଜେନା)**

ସମ୍ବଲପୁର, ସୋନପୁର ଓ ଅନ୍ୟ ସ୍ଥାନରେ ନୂତନ ଶିଳ୍ପ ଓ ପ୍ରକଳ୍ପର ସ୍ଥାପନ କରାଯାଉଛି। ଯାହା ଦ୍ୱାରା ରାଜ୍ୟରେ ୪୦ବର୍ଷରୁ କମ୍ ସଫଳ ଯୁବକ ଉଦ୍ୟୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବ। ରାଉରକେଲାର ଆଖପାଖରେ ଶିଳ୍ପ ପ୍ରତିଷ୍ଠା ଦିଗରେ କାମ ହେବ। ୨୦୨୭ ଆର୍ଥିକ ବର୍ଷରେ ୪୦ ବର୍ଷରୁ କମ୍ ଯୁବ ଉଦ୍ୟୋଗୀଙ୍କ ସଂଖ୍ୟା ଦ୍ୱିଗୁଣା କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି ମଧ୍ୟରେ ୨୨ଜଣ ଉଦ୍ୟୋଗୀ ରାଜ୍ୟକୁ ମିଳିସାରିଛନ୍ତି। ବିଶେଷକରି ୧୧ଟି ପ୍ରକଳ୍ପ ୫,୭୦୮ କୋଟି ନିବେଶ ଓ ୪୧୮୩ ନିଯୁକ୍ତି ଉତ୍ପନ୍ନ ଉଦ୍‌ଘାଟନ କରାଯାଇଛି। ସେହିପରି ୯ଟି ପ୍ରକଳ୍ପ ୩,୧୭୬ କୋଟି ନିବେଶ ଓ ୨,୬୪୯ ନିଯୁକ୍ତିର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଯାହା ଅଞ୍ଚଳରେ ଶିଳ୍ପକୁ ପ୍ରୋତ୍ସାହିତ କରିବ ବୋଲି ମୁଖ୍ୟମନ୍ତ୍ରୀ ମାଝୀ ସିଆଇଆଇ ଏଣ୍ଟରପ୍ରାଇଜ



ନୂତନ ପ୍ରକଳ୍ପ ଉଦ୍‌ଘାଟନ ଅବସରେ ମୁଖ୍ୟମନ୍ତ୍ରୀ, ଆର୍‌ଏସ୍‌ପି ଡିଆଇସି ଆଲୋକ ବର୍ମା ଓ ଅନ୍ୟମାନେ।

କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମତବ୍ୟକ୍ତ କରିଥିଲେ। ସେଲ୍ ପରିଚାଳିତ ରାଉରକେଲା ଇସ୍ପାତ କାରଖାନା(ଆରଏସ୍‌ପି) ତଥା ବିମାନବନ୍ଦରର ସମ୍ପ୍ରସାରଣ ପାଇଁ କାର୍ଯ୍ୟତ୍ୱରାନ୍ୱିତ ଖୁବ୍‌ଶୀଘ୍ର ହେବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି। ଉକ୍ତ ସମ୍ପ୍ରସାରଣ ସମ୍ପର୍କରେ ଅବଗତ ହେବା ପରେ ଟାସ୍କଫୋର୍ସ ଗଠନ କରାଯାଇଛି। ଇତିମଧ୍ୟରେ ଉକ୍ତ ଟାସ୍କଫୋର୍ସ ୩ ଥର ରାଉରକେଲା ଗସ୍ତ କରି ସମ୍ପ୍ରସାରଣ ସମ୍ପର୍କିତ ବିଭିନ୍ନ ଅନୁଧ୍ୟାନ କରିଛି। ଏ ନେଇ ସକାରାତ୍ମକ ଆଲୋଚନା ମଧ୍ୟ ହୋଇଛି। ସମ୍ପ୍ରସାରଣ ପୂର୍ଣ୍ଣାଙ୍ଗ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପଚରାଯାଇଥିବା ପ୍ରଶ୍ନ ଅବସରରେ ଉତ୍ତର ରଖିଥିଲେ। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ସିଆଇଆଇର ଏଣ୍ଟରପ୍ରାଇଜ୍ ଓଡ଼ିଶା ୨୫ତମ ସଂସ୍କରଣ କାର୍ଯ୍ୟକ୍ରମରେ ଯୋଗଦେବାକୁ ରାଉରକେଲାକୁ ୨ଦିନିଆ ଗସ୍ତରେ ଆସିଥିଲେ। ମଙ୍ଗଳବାର ସନ୍ଧ୍ୟା ୫ଟାରେ ସମ୍ବଲପୁରରୁ ରାଉରକେଲାକୁ ଆସିଥିବା ବେଳେ ବୁଧବାର ଏଣ୍ଟରପ୍ରାଇଜ୍ ଓଡ଼ିଶା ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ ଶେଷକରି ଅପରାହ୍ନ ୪ଟା ୩୦ରେ ଏକ ସ୍ୱତନ୍ତ୍ର ବିମାନରେ ରାଉରକେଲାରୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି କାର୍ଯ୍ୟକ୍ରମ ୨୭ ରୁ ୩୦ ତାରିଖ ପର୍ଯ୍ୟନ୍ତ ସେକ୍ଟର-୧୩ ମେଳଣ ଗ୍ରାଉଣ୍ଡରେ ଅନୁଷ୍ଠିତ ହେଉଛି। ଏଥିରେ ୧୨୦ଟି ଉଦ୍ୟୋଗର ଷ୍ଟଲ୍ ରହିଛି।

### ବେଆଇନ ଇଟାଭାଟି ବନ୍ଦ ନ ହେଲେ ଆନ୍ଦୋଳନ

**କୋମନା, ୨୮।୧ (ମହେଶ ବାଗ)**

ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ପେଣ୍ଡ୍ରାବନ ପଞ୍ଚାୟତର ସୁଲୋପଲା ଗ୍ରାମରେ ବେଆଇନ ଇଟାଭାଟିକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ ୧୦ ବର୍ଷ ହେବ ଚାଲିଥିବା ଏହି ବେଆଇନ କାରବାର ଯୋଗ ଗ୍ରାମ ପରିବେଶ ପ୍ରଦୂଷିତ ହେବା ସହ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏହି ଇଟାଭାଟିରୁ ନିର୍ଗତ ଧୂଆଁ ଓ ପାଉଁଶ ଯୋଗୁ ବାୟୁ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଇଟା ତିଆରି ପାଇଁ ଜେସିବି ସାହାଯ୍ୟରେ ନଦୀପଠା ଓ ଶ୍ମଶାନ ଜମିରୁ ବ୍ୟାପକ ମାଟି ଖୋଳାଯାଉଛି। ଫଳରେ ମୃତ୍ତିକା କ୍ଷୟ ହେବା ସହ ଗ୍ରାମର ମୂଲ୍ୟବାନ ଜମି ଓ ଗଛଲତା ନଷ୍ଟ ହେଉଛି। ଲୋକେ ବିରୋଧ କଲେ ସେମାନଙ୍କୁ ଧମକ ଦିଆଯାଉଛି। ଏହି ସମସ୍ୟାର ସମାଧାନ ପାଇଁ ସୁଲୋପଲା ଗ୍ରାମର ଶତାଧିକ ଗ୍ରାମବାସୀ କୋମନା ତହସିଲଦାର ଓ ନୂଆପଡ଼ା ଆରକ୍ଷୀ ଅଧୀକ୍ଷକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ପତ୍ରର ନକଲ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ମଧ୍ୟ ପ୍ରେରଣ କରାଯାଇଛି।



ବୁଧବାର ସମ୍ବଲପୁର ପୁସ୍ତକ ମେଳାର ପଞ୍ଚମ ଦିବସରେ ପୁରସ୍କୃତ କୃତୀ ପ୍ରତିଯୋଗୀମାନେ।

# ଜୈବ ବିବିଧତାର ଅବକ୍ଷୟ ଘଟୁଛି

**ସମ୍ବଲପୁର ପୁସ୍ତକମେଳାର ପଞ୍ଚମ ଦିବସ**

ସମ୍ବଲପୁର,୨୮।୧(ବି.ଶଙ୍କର)

ଏନ୍‌ବିଟି ଇଣ୍ଡିଆ ପକ୍ଷରୁ ଆୟୋଜିତ ସମ୍ବଲପୁର ପୁସ୍ତକ ମେଳାର ପଞ୍ଚମ ଦିବସରେ ବୁଧବାର ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସେତୁ ପ୍ରଯୋଜିତ ସମ୍ବଲପୁର ଅଇଁଠାପାଲି ପିଏଚ୍‌ଡି ପଡିଆ ପରିସରସ୍ଥ ମଞ୍ଚରେ ପରିବେଶ ସୁରକ୍ଷା ଦିଗରେ ଜୈବ ବିବିଧତା ଶୀର୍ଷକ ଆଲୋଚନା ଚକ୍ର ହୋଇଥିଲା । ଏଥିରେ ବରିଷ୍ଠ ସଦସ୍ୟ ପ୍ରଫେସର ଶଙ୍କର ପ୍ରସାଦ ପତି ସଭାପତିତ୍ୱ କରିଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ସଞ୍ଜିତ କୁମାର ସାହୁ ଆଲୋଚକ ଥିଲେ । ପ୍ରଫେସର ସାହୁ କହିଥିଲେ, ଆମ ପୃଥିବୀରେ ବିଭିନ୍ନ ପ୍ରକାରର ଜୈବ ବିବିଧତା ରହିଛି । ତେଣୁ ଜୈବ ବିବିଧତାକୁ ୩ ଭାଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ମଧ୍ୟରେ ଜେନେଟିକ୍ ବାୟୋଡାଇଭର୍ସିଟି, ସ୍ପେସିସ ବାୟୋଡାଇଭର୍ସିଟି ଏବଂ ଇକୋ-ସିଷ୍ଟମ ବାୟୋଡାଇଭର୍ସିଟି ରହିଛି । ଜୈବ ବିବିଧତା ଯୋଗୁ ପରିବେଶର ସୁରକ୍ଷା କରି ହେଉଛି । ଜୈବ ବିବିଧତାର ସନ୍ତୁଳନ ରକ୍ଷା ନ ହେଲେ ଆମ ପରିବେଶର ସନ୍ତୁଳନ ନଷ୍ଟ ହୋଇଯିବ । ଜୈବ ବିବିଧତା ଯୋଗୁ ପଲିନେସନ୍ ସମ୍ଭବ ହେବା ସହ ବାୟୁ ଓ ଜଳ ଶୁଦ୍ଧିକରଣ, ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣ, ମୃତ୍ତିକା କ୍ଷୟ, ମରୁଡ଼ି ଓ ବନ୍ୟା ନିୟନ୍ତ୍ରଣ ପ୍ରଭୃତି ସମ୍ଭବ ହୋଇ ପାରୁଛି । ଜୈବ ବିବିଧତା ରିକ୍ରିଏସନ, ଇକୋ ଟୁରିଜମ ପ୍ରଭୃତି ବିଭିନ୍ନ ଦିଗରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବର୍ତ୍ତମାନ ଜୈବ ବିବିଧତାର ବହୁ ପରିମାଣରେ ଅବକ୍ଷୟ ଘଟୁଛି । ଏହାର ମୁଖ୍ୟ କାରଣ ହେଉଛି ଜଙ୍ଗଲ ନଷ୍ଟ, ଲ୍ୟାଣ୍ଡ ପ୍ୟାଟର୍ଣ୍ଣରେ ପରିବର୍ତ୍ତନ, ପ୍ରଦୂଷଣ, ଗ୍ଲୋବାଲ ୱାର୍ମିଂ ଓ କ୍ଲାଇମେଟ୍ ଚେଞ୍ଜ, ବିଲୁପ୍ତପ୍ରାୟ ପ୍ରଜାତିରେ ହ୍ରାସ, ଆକ୍ରମଣକାରୀ ପ୍ରଜାତିରେ ବୃଦ୍ଧି । ଏଥିପାଇଁ ଜୈବ ବିବିଧତାକୁ ସଂରକ୍ଷଣ କରିବା ପାଇଁ ସଚେତନତା ଆବଶ୍ୟକତା ରହିଛି । କାରଣ ଏହା କେବଳ ପରିବେଶକୁ ସୁରକ୍ଷା ଦିଏ ନାହିଁ, ବଂର ସ୍ଥିରତା ମଧ୍ୟ ଆଣିଥାଏ ବୋଲି ପ୍ରଫେସର ସାହୁ ମତବ୍ୟକ୍ତ କରିଛନ୍ତି । ସେତୁ ସମ୍ପାଦକ ହରିନାରାୟଣ ପଣ୍ଡା ପ୍ରାରମ୍ଭିକ ସୂଚନା ଏବଂ ସ୍ୱୟଂ ପ୍ରକାଶ ପଣ୍ଡା ଆଲୋଚନାଚକ୍ରର ସଂଯୋଜନା କରିଥିଲେ । ସନ୍ଧ୍ୟାରେ ୟୁବମ ପ୍ରୋଜେକ୍ଟ ଗ୍ରୁପ ପପ, ରେଟ୍ରୋ ଓ ବଲିଉଡ ଗୀତରେ ଦର୍ଶକ ବିମୋହିତ ହୋଇଥିଲେ । ପୁସ୍ତକ ମେଳା ମାଧ୍ୟମରେ ପ୍ରକାଶକ ଏବଂ ପାଠକଙ୍କ ମଧ୍ୟରେ ସଂଯୋଗକୁ ଅଧିକ ମଜଭୁତ କରିବା ପାଇଁ ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆର ପ୍ରଚେଷ୍ଟା କାର୍ଯ୍ୟକ୍ରମ ଜାରି ରହିଛି । ଏହିକ୍ରମରେ ଅଭିଭାବକ ଓ ପିଲାମାନଙ୍କ ଆକର୍ଷଣର କେନ୍ଦ୍ର ପାଲଟିଛି ସମ୍ବଲପୁର ପୁସ୍ତକ ମେଳାର ଶିଶୁ ମଣ୍ଡପ । କାହାଣୀ କଥନ ଅଧିବେଶନ, ସଙ୍ଗୀତ, କୁଇଜ, ଚିତ୍ରାଙ୍କନ ଏବଂ ସ୍ଲୋଗାନ ଲେଖା ପ୍ରତିଯୋଗିତା, ପୁସ୍ତକ କଭର ଏବଂ ପୋଷ୍ଟର ଡିଜାଇନ୍ କର୍ମଶାଳା, ପିଲାମାନଙ୍କ ପାଇଁ ଯୋଗ, ବିଜ୍ଞାନ ସହ ମଜା, ମଣ୍ଡଳ କଳା, ପଟ୍ଟ ଚିତ୍ରକଳା, ଇକତ କଳା କର୍ମଶାଳା ଅଭିଜ୍ଞ ପ୍ରଶିକ୍ଷକଙ୍କ ଦ୍ୱାରା କରାଯାଉଛି । ପୁସ୍ତକମେଳାର ପଞ୍ଚମ ଦିବସରେ ପ୍ରାଚୀ ତାରାଙ୍କ କାହାଣୀ କଥନ ହୋଇଥିଲା । ଏହାପରେ ବନ୍ଦନା ପଣ୍ଡାଙ୍କ ମାର୍ଗଦର୍ଶନରେ ସମବେତ ଛାତ୍ରୀଛାତ୍ର ଅଙ୍କନ କରିଥିଲେ ପଟ୍ଟ ଚିତ୍ର । ଶେଷରେ ବିଦ୍ୟାର୍ଥୀଙ୍କ ଦ୍ୱାରା ଲୋକ ନୃତ୍ୟ ପରିବେଷିତ ହୋଇଥିଲା ।

# ସ୍ଥାନୀୟ ଲୋକ କଳାକାରଙ୍କୁ ହତାଦର ନେଇ ଅସନ୍ତୋଷ

**ଭୀମ ଭୋଇ ଲୋକ ମହୋତ୍ସବ**

ସମ୍ବଲପୁର,୨୮।୧(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ରେଢ଼ାଖୋଲରେ ପ୍ରଶାସନ ପକ୍ଷରୁ ଭୀମ ଭୋଇ ଲୋକ ମହୋତ୍ସବ ପ୍ରଥମ ଥର ପାଇଁ ଆୟୋଜିତ ହେବାକୁ ଯାଉଛି। ତେବେ କାର୍ଯ୍ୟକ୍ରମ ଆୟୋଜନ ପୂର୍ବରୁ ସ୍ଥାନୀୟ କଳାକାରଙ୍କୁ ସୁଯୋଗ ଦିଆ ନ ଯିବା ନେଇ ଅସନ୍ତୋଷ ଦେଖାଦେଇଛି। ଅଭିଯୋଗ ଅନୁସାରେ ସରାପାଲିର କଳାକାର ସୁଧୀର କୁମାର ସ୍ୱାଇଁ ଭୀମ ଭୋଇଙ୍କ କବିତାକୁ ନେଇ ନୃତ୍ୟ, ଗୀତ ଓ ଚିତ୍ରକୁ ନେଇ ଏକ ଯୁଗଳ ବନ୍ଦୀ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଆବେଦନ କରିଥିଲେ। ଏ ନେଇ ସେ ରେଢ଼ାଖୋଲ, ଉପଜିଲାପାଳ ଓ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ମାଗଣାରେ କଳା ପ୍ରଦର୍ଶନ ପାଇଁ ଅବଗତ କରିଥିଲେ। ଏହାଦ୍ୱାରା ଭୀମମୋଇଙ୍କ ଲେଖା ପ୍ରଚାରିତ ହେବ ବୋଲି ସୁଧୀର କହିଥିଲେ। କିନ୍ତୁ କଳା ପରିବେଷଣ କରିବାକୁ ପ୍ରଶାସନ ପକ୍ଷରୁ ତାଙ୍କୁ ଅନୁମତି ଦିଆଯାଇ ନାହିଁ। ଏହାପରେ ସ୍ଥାନୀୟ କଳାକାରଙ୍କ ସହଯୋଗରେ ସୁଧୀର ମୁଖ୍ୟମନ୍ତ୍ରୀଙ୍କୁ ମେଲ ଯୋଗେ ଅଭିଯୋଗ କରିଛନ୍ତି। ସମ୍ବଲପୁର ଏମ୍‌ପି, ରେଢ଼ାଖୋଲ ବିଧାୟକ, ଉପଜିଲାପାଳଙ୍କୁ ମଧ୍ୟ ସେ ଲିଖିତାକାରରେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ସଂସ୍କୃତି ଓ ଐତିହ୍ୟ ପରମ୍ପରାକୁ ପ୍ରଚାର ପ୍ରସାର କରାଇବା ଉଦ୍ଦେଶ୍ୟରେ ଭୀମ ଭୋଇ ଲୋକ ମହୋତ୍ସବ ଆୟୋଜନ କରାଯାଉଛି। ଆସନ୍ତା ୨୯ ତାରିଖରୁ ୧ ଫେବୃଆରୀ ପର୍ଯ୍ୟନ୍ତ ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହେବ। ତେବେ ସ୍ଥାନୀୟ କଳାକାରଙ୍କୁ ଉପେକ୍ଷା କରି ଅନ୍ୟ ଜିଲାର କଳାକାରଙ୍କୁ ସୁଯୋଗ ଦେବାକୁ ସ୍ଥାନୀୟ ଲୋକ କଳାକାରମାନେ ପ୍ରଶ୍ନ ଉଠାଇଛନ୍ତି। ସୂଚନାଯୋଗ୍ୟ ଯେ, ଭୀମଭୋଇ ଲୋକ ମହୋତ୍ସବର ଲୋଗୋକୁ ମଧ୍ୟ କଳାକାର ସୁଧୀର ସ୍ୱାଇଁ ତିଆରି କରିଛନ୍ତି। ଯାହାକୁ ଉପଜିଲାପାଳ ଗତ ୨୦ତାରିଖରେ ଉନ୍ମୋଚନ କରିଥିଲେ। ଏ ସମ୍ପର୍କରେ ଲୋକ ମହୋତ୍ସବ କମିଟି ଅଧିକାରୀ ତଥା ରେଢ଼ାଖୋଲ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ ମାର୍ଥାଙ୍କୁ ପଚାରିବାରୁ ସେ କହିଛନ୍ତି, ଚଳିତବର୍ଷ କାର୍ଯ୍ୟକ୍ରମ ଖସଡା ତିଆରି ସରିଛି। ତେଣୁ ନୂଆ କାର୍ଯ୍ୟକ୍ରମ ସାମିଲ ସମ୍ଭବ ହୋଇ ପାରିବନାହିଁ। ଆସନ୍ତା ବର୍ଷକୁ ତାଙ୍କୁ ସୁଯୋଗ ଦିଆଯିବ ବୋଲି କହିଛନ୍ତି।

# ୩ ରେଲ୍‌ୱେ କର୍ମଚାରୀ ପୁରସ୍କୃତ


ତିନି ରେଲୱେ କର୍ମଚାରୀଙ୍କୁ ପୁରସ୍କୃତ କରୁଛନ୍ତି ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ।

ସମ୍ବଲପୁର,୨୮।୧(ପ୍ରମୋଦ ବହିଦାର)

ରେଲୱେର କର୍ତ୍ତବ୍ୟନିଷ୍ଠ ୩ କର୍ମଚାରୀ ପୁରସ୍କୃତ ହୋଇଛନ୍ତି। ସେମାନେ ହେଲେ ଆମ୍ବୋଦଲା ଷ୍ଟେଶନର ମାଲବାହୀ ଟ୍ରେନ୍‌ର ବରିଷ୍ଠ ପ୍ରବନ୍ଧକ ରବି କିରଣ ରାଚକୋଣ୍ଡା, ମହାସମୁନ୍ଦ ଷ୍ଟେଶନର ପଏଣ୍ଟସ୍ ମ୍ୟାନ(ଏ) ବିଭୁଲା ନାଗ ଏବଂ ସମ୍ବଲପୁର ଷ୍ଟେଶନର ଟେକ୍ନିସିଆନ୍ ବି.ଚନ୍ଦ୍ର ଶେଖର ରାଓ। ସମ୍ବଲପୁର ରେଳ ମଣ୍ଡଳ କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଏକ ଉତ୍ସବରେ ରେଳ ମଣ୍ଡଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧୁରୀ ନିରାପତ୍ତା ପ୍ରତି ସର୍ବଦା ସତର୍କତା, ସୁରକ୍ଷିତ ଟ୍ରେନ୍ ଚଳଚଳ ପ୍ରତି ସମର୍ପଣ ଭାବ ଏବଂ ନିରାପତ୍ତା ନିୟମ ଉପରେ ଗଭୀର ଜ୍ଞାନ ପାଇଁ ଉକ୍ତ ୩ କର୍ମଚାରୀଙ୍କୁ ପୁରସ୍କୃତ କରଛନ୍ତି। ମଣ୍ଡଳ ପ୍ରବନ୍ଧକ ଚୌଧୁରୀ ଉକ୍ତ କର୍ମଚାରୀଙ୍କୁ ମାନପତ୍ର ଓ ନଗଦ ରାଶିରେ ପୁରସ୍କୃତ କରିଛନ୍ତି। ପୁରସ୍କାର ଉତ୍ସବରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସନ୍‌ସନ୍‌ୱାଲ, ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ ଅଖିଳେଶ ତ୍ରିପାଠୀ, ବରିଷ୍ଠ ମଣ୍ଡଳ ଯନ୍ତ୍ରୀ ମନୀଷ କୁମାର ସିହ୍ନାରାୟ, ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ସମ୍ବିତ ସୌରଭ ନାୟକ ପ୍ରମୁଖଙ୍କ ସହିତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଦେବକୀ ବସୁଦେବ ବିବାହ, କଂସଙ୍କ ରାଜ ଅଭିଷେକ

**ଖଣ୍ଡୋକଟା ଧନୁଯାତ୍ରା ଉଦ୍‌ଘାଟିତ**

କୁଚିଣ୍ଡା,୨୮।୧(ବିରଞ୍ଚି ଦର୍ଜା)


ମନ୍ତ୍ରୀ ରବିନାରାୟଣ ନାଏକ ଧନୁଯାତ୍ରା ମହୋତ୍ସବକୁ ଫିତାକାଟି ଉଦ୍‌ଘାଟନ କରୁଛନ୍ତି।

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଖଣ୍ଡୋକଟାର ଧନୁଯାତ୍ରା ମହୋତ୍ସବ ବୁଧବାର ରାତ୍ର ୮ଟାରେ ଉଦ୍‌ଘାଟିତ ହୋଇଛି। ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟଅତିଥିଭାବେ ଯୋଗଦେଇ ୩୫ତମ ଧନୁଯାତ୍ରା ମହୋତ୍ସବକୁ ଉଦ୍‌ଘାଟନ କରିଛନ୍ତି। କୁଚିଣ୍ଡା ଉପଜିଲାପାଳ ସରୱନନ ସ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ,କୁଚିଣ୍ଡା ଏସ୍‌ଡିପିଓ ପ୍ରଦୀପ କୁମାର ଦାସ, ତହସିଲଦାର ସରିତା ଓରାମ ରାଜ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବାହ୍ନରେ ଗୋପପୁରରେ କଳସ ଶୋଭାଯାତ୍ରା, ହୋମଯଜ୍ଞ ହୋଇଥିବା ବେଳେ, ମଥୁରା ନଗରୀରେ ଶିବ ପୂଜା, ମଞ୍ଚ ପୂଜା ହୋଇଥିଲା। କଂସ ମଣ୍ଡପ ଉଦ୍‌ଘାଟନୀ ପରେ ଉଗ୍ରସେନଙ୍କ ରାଜ ଦରବାର ସହ ଦେବକୀ-ବସୁଦେବ ସମ୍ପନ୍ନ ହୋଇଥିଲା। ଏହାପରେ ଉଗ୍ରସେନଙ୍କ ଗାଦିଚ୍ୟୁତି ଓ ଯୁବରାଜ କଂସଙ୍କ ରାଜ ଅଭିଷେକ ଆଦି ନାଟ୍ୟ ଅଭିନୟ ହୋଇଥିଲା। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଧନୁଯାତ୍ରା ମହୋତ୍ସବରେ ଓରମାସ ପକ୍ଷରୁ ପଲ୍ଲୀଶ୍ରୀ ମେଳାକୁ ମନ୍ତ୍ରୀ ନାଏକ ଉଦ୍‌ଘାଟନ ଓ ଏକ କଲ୍ୟାଣ ମଣ୍ଡପକୁ ଲୋକାର୍ପିତ କରିଥିଲେ। ପାଞ୍ଚଦିନ ଧରି ହେବାକୁ ଥିବା ଏହି ଧନୁଯାତ୍ରା ମାଘ ପୂର୍ଣ୍ଣିମା ଦିନ ଉଦଯାପିତ ହେବ। ଧନୁଯାତ୍ରାରେ ମନ୍ତ୍ରୀ ନାଏକ ଓ ବିଶେଶ୍ୱର ସାହୁ ଉପଦେଷ୍ଟା ରହିଥାବାବେଳେ ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ, ଉପସଭାପତି ସନ୍ତୋଷ ପୃଷେଠ ଓ ସନ୍ତୋଷ ପଟେଲ, ସାଧାରଣ ସମ୍ପାଦକ ଧନିରାମ ନାୟକ, ସହସମ୍ପାଦକ ମନୋଜ ପୃଷେଠ ଓ ବିକାଶ ଚନ୍ଦ୍ର ନାଏକ, କୋଷାଧ୍ୟକ୍ଷ ଚନ୍ଦ୍ରମଣି ନାଏକ ଏବଂ ସହ କୋଷାଧ୍ୟକ୍ଷ ଭାବେ ବୀରେନ୍ଦ୍ର ପଟେଲ ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି। ଏଥିରେ ଜିତେନ୍ଦ୍ର ପଟେଲ ଓ ମଞ୍ଜରୀ ପଟେଲ ସପତ୍ନୀକ ଯଜ୍ଞକର୍ତ୍ତା ଭାବେ କାର୍ଯ୍ୟନିର୍ବାହ କରିଥିଲେ। ପଣ୍ଡିତ ପତିତପାବନ ପାଣିଗ୍ରାହୀ ପୂଜକ ଭାବେ ଦାୟିତ୍ୱ ତୁଲାଇଥିଲେ।

## ଇଣ୍ଡିଆନ ଆର୍ଟ ଫେଷ୍ଟରେ ଶିବାନୀ ଭୋଇ ଦ୍ୱିତୀୟ

ସମ୍ବଲପୁର,୨୮।୧(ଭବାନୀ ଶଙ୍କର ଭୋଇ)

ଇଣ୍ଡିଆନ ଆର୍ଟ ଫେଷ୍ଟ ପକ୍ଷରୁ ବୁଧବାର ଆଭାସୀ ଜରିଆରେ ଆୟୋଜିତ ଜାତୀୟସ୍ତରୀୟ ଆର୍ଟ ପ୍ରତିଯୋଗିତାରେ ସମ୍ବଲପୁରର ଶିବାନୀ ଭୋଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାରେ ହଜାରେରୁ ଅଧିକ



ଚିତ୍ରକଳା ସ୍ଥାନିତ ହୋଇଥିଲା। ତେବେ ଶିବାନୀଙ୍କ 'ବୁଦ୍ଧ'ପେଣ୍ଟିଂକୁ ବିଚାରକମାନେ ଦ୍ୱିତୀୟ ସ୍ଥାନରେ ରଖିଥିଲେ। ଏହାକୁ ନେଇ ସମ୍ବଲପୁରର କଳାକାର ମହଲରେ ଉତ୍ସହ ଦେଖିବାକୁ ମିଳିଛି। ଶିବାନୀ ସମ୍ବଲପୁର କଳା ଏକାଡେମୀରୁ ଚିତ୍ରକଳା ଶିକ୍ଷା ଗ୍ରହଣ କରୁଛନ୍ତି।

# ଓଏସ୍‌ଓୟୁ-ଆର୍‌ଇଆଣ୍ଡଆର୍‌ଏଫ୍ ଏମ୍‌ଓୟୁ ସ୍ୱାକ୍ଷରିତ

ସମ୍ବଲପୁର,୨୮।୧(ବି.ଶଙ୍କର)

ସମ୍ବଲପୁରର ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଓଏସ୍‌ଓୟୁ) ଆଧ୍ୟାତ୍ମିକ କଲ୍ୟାଣ, ମୂଲ୍ୟବୋଧ ଶିକ୍ଷା ଏବଂ ସାମଗ୍ରିକ ବିକାଶ କ୍ଷେତ୍ରରେ ଶୈକ୍ଷିକ ସହଯୋଗକୁ ସୁଦୃଢ଼ କରିବା ପାଇଁ ସର୍ବଦା ଗୁରୁତ୍ୱ ଦେଇଆସୁଛି । ଏନେଇ ବୁଧବାର ଓଏସ୍‌ଓୟୁ ଏବଂ ରାଜସ୍ଥାନର ମାଉଣ୍ଟ ଆବୁସ୍ଥିତ ରାଜଯୋଗ ଶିକ୍ଷା ଏବଂ ଗବେଷଣା ଫାଉଣ୍ଡେଶନ୍(ଆର୍‌ଇଆଣ୍ଡଆର୍‌ଏଫ) ସହିତ ଏକ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି । ଏହି ବୁଝାମଣାପତ୍ର ଅଧୀନରେ, ଓଏସ୍‌ଓୟୁ ଜାତୀୟ ଶିକ୍ଷା ନୀତି(ଏନ୍‌ଇଏଫ) ୨୦୨୦ର ଦୃଷ୍ଟିକୋଣ ସହିତ ଆଧ୍ୟାତ୍ମିକ ମନସ୍ତତ୍ତ୍ୱ, ମଙ୍ଗଳ ଏବଂ ମୂଲ୍ୟବୋଧ ଭିତ୍ତିକ ଶିକ୍ଷାରେ କାର୍ଯ୍ୟକ୍ରମ ପ୍ରଚଳନ କରିବ । ଏହି ସହଯୋଗ ଓ ଏସଓୟୁ କ୍ୟାମ୍ପସରେ ପରାମର୍ଶ, ମାନସିକ ସ୍ୱାସ୍ଥ୍ୟ ସଚେତନତା ଏବଂ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଶାନ୍ତି ଓ ଆଭ୍ୟନ୍ତରୀଣ ମଙ୍ଗଳକୁ ପ୍ରୋତ୍ସାହିତ କରିବ । ଏହା ରାଜଯୋଗ ଚିନ୍ତାଧାରା ଏବଂ ସାମଗ୍ରିକ ବିକାଶ ପ୍ରୟୋଗଶାଳା ପ୍ରତିଷ୍ଠା କରିବାର ମଧ୍ୟ ପରିକଳ୍ପନା କରିଛି । ଏଭଳି ସହଭାଗୀତା ମିଳିତ ଗବେଷଣା, ବିଶେଷଜ୍ଞ ବକ୍ତୃତା, କ୍ଷୁଦ୍ରକାଳୀନ ପାଠ୍ୟକ୍ରମ ଏବଂ ସାମଗ୍ରିକ ଜୀବନଯାପନ ଅଧିବେଶନକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖିଛି । ଏହା ଛାତ୍ର ଏବଂ ସମାଜର ସାମଗ୍ରିକ ସାମାଜିକ, ଆଧ୍ୟାତ୍ମିକ ଓ ବୌଦ୍ଧିକ ବିକାଶରେ ଯୋଗଦାନ ଦେବ । ଓଏସ୍‌ଓୟୁ ପରୀକ୍ଷା ପରିଚାଳନା କରିବ ଏବଂ ପ୍ରମାଣପତ୍ର ପ୍ରଦାନ କରିବ । ଏହି ପାଞ୍ଚବର୍ଷୀୟ ଏମ୍‌ଓୟୁ ଭାରତର ସମୃଦ୍ଧ ଆଧ୍ୟାତ୍ମିକ ଐତିହ୍ୟ ସହ ଆଧୁନିକ ଜ୍ଞାନ ପ୍ରଣାଳୀକୁ ସମନ୍ୱିତ କରି ଅନ୍ତର୍ଭୁକ୍ତ, ମୂଲ୍ୟବୋଧ ଚାଳିତ ଏବଂ ଶିକ୍ଷାର୍ଥୀ କୈନ୍ଦ୍ରିକ ଶିକ୍ଷା ପ୍ରତି ଓଏସ୍‌ଓୟୁର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ ବୋଲି କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ସୂଚିତ କରିଛନ୍ତି । ଓଏସ୍‌ଓୟୁ କୁଳ ସଚିବ ଚିତ୍ତରଞ୍ଜନ ସାହୁ ଏବଂ ମାଉଣ୍ଟ ଆବୁ ଶିକ୍ଷା ବିଭାଗର ଅତିରିକ୍ତ ନିର୍ଦ୍ଦେଶିକା ରାଜଯୋଗୀନୀ ଗୀତାରାଣୀ ଦେବୀ ଏମ୍‌ଓୟୁରେ ସ୍ୱାକ୍ଷରିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟର କୁଳ ସଚିବ ପ୍ରତିଭା ପୃଷ୍ଟି, ବ୍ରହ୍ମକୁମାରୀ ଦୀପା ଉପସ୍ଥିତ ଥିଲେ ।



ବୁଧବାର ଓଏସ୍‌ଓୟୁ ଏବଂ ରାଜସ୍ଥାନର ମାଉଣ୍ଟ ଆବୁ ସ୍ଥିତ ଆରଇଆଣ୍ଡଆର୍‌ଏଫ୍ ଏମ୍‌ଓୟୁ ସ୍ୱାକ୍ଷରିତ କାର୍ଯ୍ୟକ୍ରମରେ ପ୍ରତିନିଧିମାନେ।

# ଟେଲିସ୍କୋପ୍‌ରେ ଖଗୋଳୀୟ ପିଣ୍ଡ ଦେଖିଲେ ଛାତ୍ରୀଛାତ୍ର

**ମହିଳା ମହାବିଦ୍ୟାଳୟରେ ଜାତୀୟ ସଂପାନ**

ସମ୍ବଲପୁର,୨୮।୧(ବି.ଶଙ୍କର)



ଆୟୋଜିତ ଜାତୀୟ ସଂପାନରେ ମଞ୍ଚାସୀନ ଅତିଥି ଓ ବକ୍ତା।

ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ଏବଂ ଅନ୍ତରୀଣ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠର ମିଳିତ ଆୟୋଜନରେ ଦ୍ୱିଦିବସୀୟ ଜାତୀୟ ସଂପାନ ବୁଧବାର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅଧକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସ୍ୱାଗତ ସମ୍ଭାଷଣ ଦେଇ ପ୍ରଫେସର ମେହେର ସାମ୍ପ୍ରତିକ କାଳରେ ଭୌତିକ ବିଜ୍ଞାନ କ୍ଷେତ୍ରରେ ବିଭିନ୍ନ ଗବେଷଣାର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ଆଲୋଚକମାନେ ପଦାର୍ଥ ବିଜ୍ଞାନରେ ସାମ୍ପ୍ରତିକ ପ୍ରଗତି: କ୍ୱାଣ୍ଟମ୍ ଜଗତରୁ ବ୍ରହ୍ମାଣ୍ଡୀୟ ଦିଗବଳୟ ପର୍ଯ୍ୟନ୍ତ ଭାରତର ବିଭିନ୍ନ ପ୍ରାନ୍ତରୁ ଆଗତ ବିଶେଷଜ୍ଞ ଓ ଗବେଷକମାନେ ଆଲୋଚନା କରିଥିଲେ। ସମ୍ବଲପୁର ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପ୍ରଫେସର ମୁରଲୀଧର ମାଝୀ ମୁଖ୍ୟ ଅତିଥି, ଭୁବନେଶ୍ୱରସ୍ଥିତ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ପ୍ରଫେସର ନନ୍ଦ ଡାକ୍ତରୀ ତାପମାପକ ଯନ୍ତ୍ରର ଜନ୍ମଜାତକ ଓ ଐତିହାସିକ ଯାତ୍ରା ଶୀର୍ଷକ ଭିତ୍ତି-ପ୍ରବନ୍ଧ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ପ୍ରଫେସର ମାଝୀ ନିଜ ବକ୍ତବ୍ୟରେ ପୃଥିବୀର ବିଜ୍ଞାନ ଗବେଷଣାର ବ୍ୟବହାରିକ ଦିଗ ତଥା ବିଜ୍ଞାନକୁ ଜନପ୍ରିୟ ତଥା ବହୁ ପ୍ରସାରୀ କରିବାରେ ଆମର ଭୂମିକା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଡ. ରାକେଶ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନ୍ତରୀଣ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠର ଅଧିକାରୀ ପ୍ରଫେସର ରବୀନ୍ଦ୍ର କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ସଙ୍ଗଠନ ସମ୍ପାଦକ ଡ. ସଞ୍ଜୟ କୁମାର ପଟ୍ଟନାୟକ ଏହି ସମ୍ପାନର ଉଦ୍ଦେଶ୍ୟ ଜ୍ଞାପନ ଓ ସଂପାନ ସଂଯୋଜକ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଉଦ୍‌ଘାଟନୀ ଉତ୍ସବର ସଂଯୋଜନା କରିଥିଲେ। ଏଥିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଫେସର ରାଜୀବ ପାଢ଼ୀ, ପ୍ରଫେସର ହୀରକ ଚକ୍ରବର୍ତ୍ତୀ ଓ ଡ. ଦିବାକର ସାହୁ, ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ରାଜାରମନ୍ନା ଚେୟାର ପ୍ରଫେସର ଡ. ଅଜିତ ମୋହନ ଶ୍ରୀବାସ୍ତବ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ପ୍ରସନ୍ନ କୁମାର ମିଶ୍ର, ପ୍ରଫେସର ଜୀତେନ କୁମାର ମିଶ୍ର ଓ ପ୍ରଫେସର ନୌବିହାରୀ ପ୍ରଧାନ ସ୍ୱନିବନ୍ଧ ପାଠ କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗର ଡ. ରାକେଶ କୁମାର ସାହୁ, ଡ. ସଞ୍ଜୟ କୁମାର ପଟ୍ଟନାୟକ, ଡ. କେ ମାଧୁରୀ, ଡ. ରାଜେନ୍ଦ୍ର ବିଶାଳ, ଅଧ୍ୟାପକ ସିଦ୍ଧାର୍ଥ ସାହୁ , ତ୍ରିନାଥ କେଛୁ, ରବୀନ୍ଦ୍ର ପୁରୋହିତ ଏହି ସଂପାନ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ ତରଫରୁ ମହାକାଶ ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଛାତ୍ରୀ ଓ ଛାତ୍ରମାନେ ବୈଜ୍ଞାନିକ ଟେଲିସ୍କୋପ ଦ୍ୱାରା ଖଗୋଳୀୟ ପିଣ୍ଡ ଯଥା ଗ୍ରହ, ଉପଗ୍ରହ, ନକ୍ଷତ୍ର ଇତ୍ୟାଦି ଦର୍ଶନ କରିବାର ସୁଯୋଗ ପାଇଥିଲେ । ଏଥିରେ ବରିଷ୍ଠ ବୈଜ୍ଞାନିକ ଡ. କ୍ଷୀରୋଦ ପାତ୍ର ଓ ବୀର କିଶୋର ମିଶ୍ର ସହାୟତା କରିଥିଲେ। ପରବର୍ତ୍ତୀ ସମୟରେ ପଦାର୍ଥ ବିଜ୍ଞାନ ଅନୁଷ୍ଠାନ ଓଡ଼ିଶା ଉଚ୍ଚଶିକ୍ଷା ବିଭାଗର ସହଯୋଗରେ ଏପରି କାର୍ଯ୍ୟକ୍ରମ ବିଭିନ୍ନ ସ୍ଥାନରେ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ନିର୍ଦ୍ଦେଶକ ପ୍ରଫେସର ନନ୍ଦ ପ୍ରକାଶ କରିଥିଲେ।

" ଏକ ଆଧାତ୍ମିକ ଜୀବନ ବଞ୍ଚିବା ପାଇଁ ବିଶ୍ୱ ସଂଗ୍ରାମ କରି ଚାଲିଛି। କିନ୍ତୁ ଅଦିବ୍ୟ ଓ ବିରୋଧୀ ଶକ୍ତିମାନେ ଏଠାରେ ଠୁଳ ହୋଇ ସମସ୍ତଙ୍କୁ ଭୀତତ୍ରସ୍ତ କରୁଛନ୍ତି। ପ୍ରଭୁ ! ଆମେ ଚାହୁଁ – ଆପଣଙ୍କ ପକ୍ଷରେ ରହି ବୀର ଯୋଦ୍ଧା ରୂପେ ଲଢ଼ିବାକୁ ଏବଂ ବିଜୟଲାଭ କରିବାକୁ।–ଶ୍ରୀମା

–ଭୈମୀ (ବଡ଼) ଏକାଦଶୀ, ବ୍ୟାସସରୋବର ମେଳା, ଲକ୍ଷ୍ମୀନାରାୟଣ ବ୍ରତ, ବରାହ ଦ୍ୱାଦଶୀ ଓ ହଳ ନିଷେଧ



# ରାମାୟଣରେ ସତୀ ସିଦ୍ଧାନ୍ତ



ଦେବଦତ୍ତ ପଟ୍ଟନାୟକ

ରାମାୟଣର ଏକ ଓଡ଼ିଆ ସଂସ୍କରଣରେ ବର୍ଣ୍ଣନା କରାଯାଇଛି ଯେ, ଋଷି ଗୌତମ ତାଙ୍କ କନ୍ୟା ଅଞ୍ଜନି ଓ ଦୁଇ ପୁତ୍ରଙ୍କ ସହ ସମୁଦ୍ରକୂଳରେ ଚାଲୁଥିଲେ। ବାଲି ତାତି ଥିଲା, ଏଣୁ ଗୌତମ ଋଷି ଦୁଇ ବାଳକଙ୍କୁ ଉଠାଇ ନେଇ କାଖେଇ ଧରି ଚାଲିଲେ। ଏଥିରେ ଗୌତମଙ୍କ ଝିଅ ଅସନ୍ତୁଷ୍ଟ ହୋଇ ପଚାରିଲେ, ତୁମର ନିଜ ପିଲା ତତଲା ବାଲିରେ ଚାଲୁଥିବା ବେଳେ କାହିଁକି ସାବତପୁଅଙ୍କୁ କାଖେଇ ନେଉଛ ? ଗୌତମ ଋଷି ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ଏହା ତାଙ୍କ ସ୍ତ୍ରୀଙ୍କ ସମ୍ପର୍କରେ କୁହାଯାଉଥିବା ବ୍ୟଭିଚାର ବା ଅସତୀ କାର୍ଯ୍ୟର ଏକ ପ୍ରତ୍ୟକ୍ଷ ଟିପ୍ପଣୀ ବୋଲି ଭାବି ଦ୍ୱନ୍ଦ୍ୱରେ ପଡ଼ିଗଲେ। ସେ ଦୁଇ ପୁତ୍ରଙ୍କୁ ସମୁଦ୍ରକୁ ଫିଙ୍ଗି ଦେଲେ ଏବଂ ଘୋଷଣା କଲେ ଯେ, ଯଦି ସେମାନେ ବାସ୍ତବରେ ତାଙ୍କ ପୁଅ ହୋଇଥିବେ, ତେବେ ମଣିଷ ରୂପରେ ଫେରି ଆସିବେ ଏବଂ ଯଦି ହୋଇ ନ ଥିବେ ତେବେ ସେମାନେ ଦୁଇ ମାଙ୍କଡ଼ ହୋଇ ଫେରିବେ। ସମୁଦ୍ରକୁ ଫିଙ୍ଗି ଦେଇଥିବା ଦୁଇ ପୁଅ ସଙ୍ଗେ ସଙ୍ଗେ ବାଳି ଓ ସୁଗ୍ରୀବ ନାମକ ମାଙ୍କଡ଼ ରୂପକୁ ପରିବର୍ତ୍ତନ ହୋଇଗଲେ। ଏହା ଦେଖି ଗୌତମ ଅନୁଭବ କରିଛନ୍ତି ଯେ, ସେ ବାହାରେ ଥିବା ସମୟରେ ତାଙ୍କ ସ୍ତ୍ରୀ ଅହଲ୍ୟାଙ୍କର ବୈଦିକ ଦେବଗଣ ଯଥା ଇନ୍ଦ୍ର ଓ ସୂର୍ଯ୍ୟଙ୍କ ସହ ସମ୍ପର୍କ ଥିଲା। ଅହଲ୍ୟାଙ୍କ ଅସତୀ କାର୍ଯ୍ୟ ସମ୍ପର୍କରେ ଏଭଳି ବର୍ଣ୍ଣନା ମଧ୍ୟ ଥାଇଲାଣ୍ଡ ଏବଂ ଇଣ୍ଡୋନେସିଆରେ ରଚିତ ରାମାୟଣ ସଂସ୍କରଣରେ ଦେଖିବାକୁ ମିଳେ। ତେବେ ଅଧିକ ଗ୍ରହଣୀୟ ହେଉଥିବା ରାମାୟଣ ସଂସ୍କରଣଗୁଡ଼ିକରେ ଅହଲ୍ୟା ଅଭିଶପ୍ତ ହେବା ପରେ ଅଦୃଶ୍ୟ ହୋଇଯାଇଛନ୍ତି କିମ୍ବା ପଥର ପାଲଟି ଯାଇଥିବା ବର୍ଣ୍ଣନା କରାଯାଇଛି। ତାଙ୍କୁ ପୁଣି ସ୍ୱରୂପକୁ ଫେରାଇ ଆଣିବା ପାଇଁ ରାମଙ୍କୁ କହିଛନ୍ତି ବିଶ୍ୱାମିତ୍ର। ଅହଲ୍ୟାଙ୍କୁ ପୁନର୍ଜୀବନ ଦେଇଛନ୍ତି ରାମ ଏବଂ ତାଙ୍କୁ ଗ୍ରହଣ କରିବା ପାଇଁ ଗୌତମଙ୍କୁ ବୁଝାଇଛନ୍ତି। ବାଲ୍ମୀକି ରାମାୟଣର ପ୍ରଥମ ଅଧ୍ୟାୟ ବାଲ୍‌ଖଣ୍ଡରେ କାହିଁକି ଏଭଳି ଅସତୀଙ୍କ କାହାଣୀ ରହିଲା ତାହାକୁ ନେଇ ଅନେକେ ଆଶ୍ଚର୍ଯ୍ୟ ହୋଇଥାନ୍ତି। ସୀତାଙ୍କୁ ଅପହରଣ କରି ନେଇ ରାବଣ ଲଙ୍କାରେ ରଖିବା ସମୟରେ ତାଙ୍କ ଉପରେ ଉଠିଥିବା ଅସତୀ ଅଭିଯୋଗ ପରେ ତାଙ୍କ ପ୍ରତି ହୋଇଥିବା ବ୍ୟବହାର ସମ୍ପର୍କରେ ଏହା ସୂଚିତ କରିଥାଇ ପାରେ କି ? ପ୍ରତ୍ୟକ୍ଷ ଭାବେ ନ ଦେଖି ଅସତୀ କାର୍ଯ୍ୟକୁ ପ୍ରମାଣ କରିବା ଅସମ୍ଭବ ଥିଲା।



ରାମାୟଣ ତିନି ପ୍ରକାର ଅସତୀ କାର୍ଯ୍ୟ ସମ୍ପର୍କରେ ବର୍ଣ୍ଣନା କରିଛି। ଅହଲ୍ୟା ଅନ୍ୟ ଜଣେ ବ୍ୟକ୍ତିଙ୍କ ସହ ଶାରୀରିକ ସମ୍ପର୍କ ରଖିଛନ୍ତି। ଋଷି ଯମଦଗ୍ନିଙ୍କ ସ୍ତ୍ରୀ ରେଣୁକା କିଛି କ୍ଷଣ ପାଇଁ ଆଉ ଜଣେ ପୁରୁଷଙ୍କ କଥା ଭାବିଛନ୍ତି, ଯାହା ମାନସିକ ଅସତୀ କାର୍ଯ୍ୟକୁ ପ୍ରତିପାଦନ କରେ। ଏହା ସହ ସୀତା ଉଭୟ ଶରୀର ଓ ମାନସିକ ସ୍ତରରେ ତାଙ୍କ ସ୍ୱାମୀଙ୍କ ପ୍ରତି ସମ୍ପୂର୍ଣ୍ଣ ବିଶ୍ୱସ୍ତ ରହିଥିଲେ ମଧ୍ୟ ଜଣେ ରାକ୍ଷସ ରାଜାଙ୍କ ଦ୍ୱାରା ଅପହୃତ ହେବା ପରେ ତାଙ୍କ ଖ୍ୟାତି ଧୂଳିସାତ୍ ହୋଇଯାଇଛି। ପ୍ରତ୍ୟେକ ମହିଳା ବିଭିନ୍ନ ଦଣ୍ଡର ସମ୍ମୁଖୀନ ହୋଇଛନ୍ତି। ଅହଲ୍ୟା ପାଷାଣ ପାଲଟି ଯାଇଛନ୍ତି। ସ୍ୱାମୀ ଯମଦଗ୍ନି ତାଙ୍କ ପୁତ୍ର ପର୍ଶୁରାମଙ୍କୁ ରେଣୁକାଙ୍କ ମୁଣ୍ଡ କାଟିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପରେ ପର୍ଶୁରାମ ରେଣୁକାଙ୍କ ଜୀବନ ଫେରାଇ ଆଣିବା ପାଇଁ ଯମଦଗ୍ନିଙ୍କୁ ପ୍ରାର୍ଥନା କରିଛନ୍ତି । ରାମ ରାଜକୀୟ ପ୍ରତିଷ୍ଠା ରକ୍ଷା କରିବା ପାଇଁ ସୀତାଙ୍କୁ ତ୍ୟାଗ କରିଛନ୍ତି। ପର୍ଶୁରାମ ତାଙ୍କ ମା'ଙ୍କୁ ହତ୍ୟା କରିବା ପରେ ମାତୃହତ୍ୟା ଦୋଷରେ ସେ ଆର୍ଯ୍ୟବ୍ରତ ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି ଓ ଦ୍ରାବିଡ ଭୂମିରେ ଶରଣ ନେବା ଲାଗି ଚାହିଁଛନ୍ତି। ଏବେକାର ରାଜନୀତିଜ୍ଞମାନେ ଅନେକ ସମୟରେ ପର୍ଶୁରାମଙ୍କ ଏଭଳି ଦୃଷ୍ଟିକୋଣକୁ ଅଣଦେଖା କରିଛନ୍ତି। ପର୍ଶୁରାମଙ୍କୁ ଜଣେ ଗୋରକ୍ଷକ ଭାବେ ପ୍ରତିପାଦନ କରାଯାଉଛି, ଯିଏ କି ବିଦେଶୀଙ୍କ ସହ ଲଢ଼େଇ କରିଛନ୍ତି, କିନ୍ତୁ ଏ ବିଷୟ କୌଣସି ପବିତ୍ର ଗ୍ରନ୍ଥରେ ଦେଖିବାକୁ ମିଳେ ନାହିଁ। ପର୍ଶୁରାମ ତାଙ୍କ ମାତାଙ୍କ ମୁଣ୍ଡ ଛେଦନ କରିବାକୁ ପିତାଙ୍କ ନିର୍ଦ୍ଦେଶ ପାଳନ କରିଛନ୍ତି ବୋଲି ଦର୍ଶାଯାଏ। ତେବେ ରେଣୁକା ପୁନର୍ଜୀବନଲାଭ କରିଥିବାରୁ ସେ ପୂଜ୍ୟା, ଯାହା ଜୀବନ-ମୃତ୍ୟୁ, ଅତୁଟ ବିଶ୍ୱାସ ଓ ସତୀତ୍ୱ ଏବଂ ବ୍ରାହ୍ମଣବାଦ ପବିତ୍ରତା ଓ ଅଣ- ବ୍ରାହ୍ମଣବାଦ ଅପବିତ୍ରତା ମଧ୍ୟରେ ପରିବର୍ତ୍ତନର କ୍ଷଣକୁ ସୂଚିତ କରେ। ଉତ୍ତର କର୍ଣ୍ଣାଟକ ଏବଂ ଦକ୍ଷିଣ ମହାରାଷ୍ଟ୍ରରେ ପୂଜା ପାଉଥିବା ୟେଲ୍ଲେମାଙ୍କର ରେଣୁକାଙ୍କ ସ୍ୱାମୀ ଯମଦଗ୍ନିଙ୍କ ସହ ସମ୍ପର୍କ ରହିଛି। ସାରା ଭାରତରେ ବିଭିନ୍ନ ସ୍ଥାନରେ ପଇତାଧାରୀ ପର୍ଶୁରାମଙ୍କ ବିରାଟକାୟ ପ୍ରତିମୂର୍ତ୍ତି ପବିତ୍ରତାକୁ ସୂଚିତ କରେ। ଅନ୍ୟପକ୍ଷରେ ମସ୍ତକ କଟାଯାଇ ପରେ ପୁନର୍ଜୀବନ ଲାଭ କରିଥିବା ମା' ଏବଂ ଘୃଣ୍ୟ କାର୍ଯ୍ୟ କରି ପବିତ୍ର ସ୍ଥାନ ଲାଭ କରିଥିବା ୟେଲ୍ଲେମାଙ୍କୁ କମ୍ ସ୍ୱୀକୃତି ମିଳିଛି।

ରାମାୟଣର ପୁରୁଣା ସଂସ୍କରଣ ସତୀ ପ୍ରଥା ସମ୍ପର୍କରେ କିଛି ଉଲ୍ଲେଖ କରିନାହିଁ। କିନ୍ତୁ ପରବର୍ତ୍ତୀ ସମୟରେ ଆଞ୍ଚଳିକ ଭାଷାରେ ଲିଖିତ ରାମାୟଣରେ ସତୀର ଧାରଣାକୁ ଉଲ୍ଲେଖ କରାଯିବା ଆରମ୍ଭ ହୋଇଥିଲା। ମେଘନାଦଙ୍କ ଶରୀର ଉଦ୍ଧାର କରାଯିବା ପରେ ରାବଣଙ୍କ ବୋହୂ ସୁଲୋଚନା ସତୀ ପ୍ରଥା ପାଳନ କରିଛନ୍ତି। ତାଙ୍କୁ ଜଣେ ସତୀ କିମ୍ବା ପ୍ରକୃତରେ ପବିତ୍ର ନାରୀ ଭାବେ ଘୋଷଣା କରାଯାଇଛି। ୧୮୬୧ରେ ମାଇକେଲ ମଧୁସୂଦନ ଦତ୍ତଙ୍କ ରଚିତ ମେଘନାଦ ବଧ କାବ୍ୟରେ ଉଲ୍ଲେଖ କରାଯାଇଛି ଯେ, ମେଘନାଦ (ଇନ୍ଦ୍ରଜିତ)ଙ୍କ ସ୍ତ୍ରୀ ସୁଲୋଚନା ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କ ମୃତଦେହ ଉଦ୍ଧାର କରିବା ସହ ସତୀପ୍ରଥା ପାଳନ କରିଛନ୍ତି। ଏଭଳି ଘୃଣ୍ୟ କାର୍ଯ୍ୟକୁ ନିନ୍ଦା କରାଯାଇନାହିଁ। ଏହା ପରିବର୍ତ୍ତେ ସେ ସମୟର ହିନ୍ଦୁ ପୁନର୍ଗଠନ ଯୁଗରେ ଦତ୍ତ ସମ୍ପୂର୍ଣ୍ଣ ଭାବେ ତାଙ୍କୁ ଜଣେ ପ୍ରକୃତ ପତିବ୍ରତା, ପ୍ରକୃତ ସତୀ ତଥା ସମର୍ପିତ ସ୍ତ୍ରୀ ଭାବେ ଦର୍ଶାଇଛନ୍ତି। କେବଳ ଏତିକି ନୁହେଁ, ତାଙ୍କ ଆତ୍ମାହୁତିକୁ ସାହସକତା, ଦୁଃଖଦ ତଥା ନୈତିକ ରୂପରେ ମହାନ୍ ବୋଲି ଉଲ୍ଲେଖ କରାଯାଇଛି।

ବାଲ୍ମୀକି ରାମାୟଣରେ ବର୍ଣ୍ଣନା କରାଯାଇଛି ଯେ, ବାଳିଙ୍କ ସ୍ତ୍ରୀ ତାରା ବିଧବା ହେବା ପରେ ତାଙ୍କ (ବାଳିଙ୍କ) ସାନଭାଇ ସୁଗ୍ରୀବଙ୍କୁ ପୁନର୍ବିବାହ କରିଥିଲେ । ଠିକ୍ ସେହିଭଳି ରାବଣଙ୍କ ସ୍ତ୍ରୀ ମନ୍ଦୋଦରୀ ବିଧବା ହେବା ପରେ ରାବଣଙ୍କ ସାନଭାଇ ବିଭୀଷଣଙ୍କୁ ବାହା ହୋଇଥିଲେ। ମୂଳ ବୈଦିକ ପରମ୍ପରାରେ ପୁନର୍ବିବାହର ଏଭଳି ପ୍ରଥା ରାକ୍ଷସ ଓ ମାଙ୍କଡ଼ଙ୍କ ସହ ଜଡ଼ିତ ଥିଲା, ଯେଉଁଥିରେ ବିଧବାଙ୍କୁ ଜୀବିତ ଲୋକଙ୍କ ହାତ ଧରି ପୁନର୍ବାର ଜୀବନ କ୍ଷେତ୍ରକୁ ଫେରିବା ସକାଶେ ସ୍ତୋତ୍ରରେ କୁହାଯାଇଛି। ସେତେବେଳେ ବିଧବାଙ୍କୁ ପୁନର୍ବିବାହ କରିବା ପାଇଁ କିଏ ରୋକିଥିଲେ ? କିଏ ହିନ୍ଦୁ ଧର୍ମରେ କଡ଼ା ସତୀ ପ୍ରଥା ଆରମ୍ଭ କରିଥିଲେ ? ସେ କ'ଣ ମନୁ ଥିଲେ କି?

–devduttofficial@gmail.com

# ମଦ ବନ୍ୟା



ବିପ୍ଳବ

ମାନବସମାଜ ପ୍ରତି ମଦର ଉପଯୋଗିତା ସମ୍ବନ୍ଧରେ କୌଣସି ପୁସ୍ତକ ଆଜିଯାଏଁ ପ୍ରକାଶିତ ହୋଇନାହିଁ। କୌଣସି ବୈଜ୍ଞାନିକ ତଥ୍ୟ ଆବିଷ୍କୃତ ହୋଇନାହିଁ। କୌଣସି ଡାକ୍ତର ପଥ୍ୟ ଭାବରେ ଗ୍ରହଣ ପାଇଁ ପରାମର୍ଶ ଦେଇନାହାନ୍ତି। କୌଣସି ବୁଦ୍ଧିଜୀବୀ ମଦ ସପକ୍ଷରେ ସଭାରେ ତର୍କ ରଖିନାହାନ୍ତି। ତେବେ କ'ଣ ପାଇଁ ସମାଜରେ ମଦର ପ୍ରଚାର, ପ୍ରସାର ଏବଂ ବ୍ୟବହାର ଭୟଙ୍କର ଭାବରେ ବୃଦ୍ଧି ପାଉଛି। ପ୍ରତିଟି ଆନନ୍ଦରେ, ପ୍ରତିଟି ନିରାନନ୍ଦରେ ମଦ ଆବଶ୍ୟକ ହେଉଛି ? ମଦ ପାଇଁ ସ୍ୱତନ୍ତ୍ର ଉତ୍ସବ ବନାହେଉଛି । ଜନ୍ମରୁ ଜୁଇ ଯାଏଁ, ଏକୋଇଶାରୁ ମଶାଣି ଯାଏଁ, ବାହାଘର, ଶୁଦ୍ଧିଘର, ଭାଗବତ, ସଂକୀର୍ତ୍ତନ, ପୂଜା, ପାର୍ବଣ ସବୁଠି ମଦର ପ୍ରାବଲ୍ୟ! ସୃଷ୍ଟିର ଉତ୍କୃଷ୍ଟ ଜୀବ ଗୋଟିଏ ନିକୃଷ୍ଟ ପାନୀୟ ପଛରେ ପାଗଳପ୍ରାୟ ହୋଇ ଧନ, ଜୀବନ, ଯୌବନ, ସମ୍ମାନ ସବୁ ହାରିଯିବା ପରେ ବି ସେଥିରୁ ମୁକୁଳି ପାରୁନି ? ଏ ପ୍ରଶ୍ନ ଆଜି ଅନେକଙ୍କ ମନରେ।

ମଦ ସେବନକାରୀ ସାରା ଜୀବନ ଦରିଦ୍ର ହୋଇ ଅଶାନ୍ତିରେ ବଞ୍ଚେ ଆଉ ଅସମୟରେ ମରିଯାଏ। ତିରିଶ ବର୍ଷ ପଛକୁ ଫେରିଗଲେ ମନେପକେଇ ହେବ ଯେ ଗାଁ ଗୋଟିକେ ଅତିବେଶୀରେ ଦି' ତିନି ଜଣ ମଦ ପିଉଥିଲେ ପୁଣି ଲୁଚିକରି। ମଦ ପିଇଲେ ସମ୍ମାନହାନିର ଭୟ ରହୁଥିଲା। ଆଜିକାଲି ନ ପିଇଲେ ସମ୍ମାନ ଚାଲିଯାଉଛି। ଗାଁ ଗୋଟାକେ ଦି' ଚାରିଜଣ ମଦ କବଳରୁ ବର୍ତ୍ତିଥିବେ କି ନାହିଁ ସନ୍ଦେହ, କାରଣ ମଦ ଏବେ ସହଜ ଲଭ୍ୟ। ସରକାର ଲାଇସେନ୍ସ ଦେଇ ବିକ୍ରିକଲେ ଆଉ ଥାନାବାଲା, ଅବକାରୀବାଲାଙ୍କୁ ବଟିଦେଇ ବେପାରୀ ଗାଁ ଗହଳିରେ ଚୋରାରେ ବିକ୍ରିକଲେ। ସେଥିପାଇଁ ଗାଁ ଗହଳିର ବନ୍ଧ, ହୁଡ଼ା, ନଦୀ, ପୋଖରୀ କୂଳଠୁଁ ଆରମ୍ଭ କରି ବିଦ୍ୟାଳୟ, ଦେବାଳୟ, ମଠ, ଅଙ୍ଗନୱାଡ଼ି କେନ୍ଦ୍ରଯାଏଁ ମଦ କବଳରୁ କେହି ମୁକ୍ତ ନୁହନ୍ତି। ଯୁଆଡ଼େ ଚାହିଁବ ସିଆଡ଼େ ମାଲମାଲ ବୋତଲ।

ଚଳିତ ଇଂଲିଶ୍ ନୂଆବର୍ଷ ପାଳନର ପ୍ରାକ୍ ପ୍ରସ୍ତୁତି ସମୟରେ ଅର୍ଥାତ୍ ଡିସେମ୍ବର ପଚିଶରୁ ଏକତିରିଶ ମଧ୍ୟରେ କେବଳ ରାଜଧାନୀ ଭୁବନେଶ୍ୱରରେ ୩୨ କୋଟି ୫୫ ଲକ୍ଷ ୧୨ ହଜାର ୫୬୦ ଟଙ୍କାର ମଦ ଉଠାଯାଇଛି। ଏହା ସରକାରୀ ହିସାବ। ବେସରକାରୀ ହିସାବ ଆଉ ଚୋରା ହିସାବ ସହିତ ସାରା ଓଡ଼ିଶାର ହିସାବ ଆପଣ କଳନା କରନ୍ତୁ! ଜଣେ ମଦ ବେପାରୀଙ୍କ ବାଇଟ୍ ଶୁଣୁଥିଲି। ସରକାର ତାଙ୍କୁ ଟାର୍ଗେଟ୍ ଦେଉଛନ୍ତି। ପୂରଣ କଲେ ଉପହାର ନହେଲେ ଲାଇସେନ୍ସ ରଦ୍ଦ; ଆଶ୍ଚର୍ଯ୍ୟ କଲା ପରି ଖବର। ସରକାରଙ୍କ ଲକ୍ଷ୍ୟ ଛତୁ ଫୁଟିଲା ପରି ସବୁଆଡ଼େ ମଦ ଦୋକାନ ଖୋଲିବେ। ପିଇକି ଆସିଲେ ବାଟରେ ପୋଲିସ ଦ୍ୱାରା ଫାଇନ ଆଦାୟ କରେଇବେ। ମଦ ପିଇ ଦୁର୍ଘଟଣାଗ୍ରସ୍ତ ହୋଇ ଆହତ ହେଲେ ମାଗଣା ଆମ୍ବୁଲାନ୍ସ ସେବା ଦ୍ୱାରା ତାକୁ ମେଡିକାଲ ନେବେ ଆଉ ତାଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ଆୟୁଷ୍ମାନ୍ କାର୍ଡରେ ଚିକିତ୍ସା କରେଇବେ। ଯଦି ଦୈବାତ୍ ମରିଗଲା, ତେବେ ହରିଶ୍ଚନ୍ଦ୍ର ଯୋଜନାରେ ଶବ ଦାହ କରେଇବେ, ତା'ଙ୍କ ସ୍ତ୍ରୀକୁ ବିଧବା ଭତ୍ତା ଦେବେ। ଶେଷରେ ତାଙ୍କୁ ଦାରିଦ୍ର୍ୟ ସୀମାରେଖା ତଳେ ଅଛି ଘୋଷଣାକରି ମାଗଣା ଚାଉଳ ବ୍ୟବସ୍ଥା କରିବେ। ସବୁଠୁଁ ଆଶ୍ଚର୍ଯ୍ୟଜନକ କଥାଟି ହେଉଛି, ନିଶା ସେବନ ନ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ସରକାର ବିଭିନ୍ନ ଗଣମାଧ୍ୟମରେ ବିଜ୍ଞାପନ ଦେବେ, ପଥପ୍ରାନ୍ତ ସଭା ଆୟୋଜନ କରି ଲୋକଙ୍କୁ ସଚେତନ କରିବେ। ମୋଟାମୋଟି ଭାବରେ କହିବାକୁ ଗଲେ ଏ ଏକ ନିର୍ଲଜ ବ୍ୟବସ୍ଥା ନୁହେଁ କି!

ଏଥିରୁ ନିସ୍ତାର ପାଇବାର ଉପାୟ କ'ଣ ? ମଦର ବହୁଳ ପ୍ରସାର ସପକ୍ଷରେ ସରକାରୀ ଯୁକ୍ତିହେଲା ଏଥିରୁ ପ୍ରବଳ ରାଜସ୍ୱ ମିଳୁଛି। ଏଇ ମଦବିକା ପଇସାରେ ବିଭିନ୍ନ ମାଗଣା ଯୋଜନା ଚାଲୁଚି। ମଦ ନ ବିକିଲେ ତଜ୍ଜନିତ କ୍ଷତି ସରକାର ଅନ୍ୟ କୌଣସି ସୂତ୍ରରୁ ଭରଣା କରିପାରିବେନି। କିନ୍ତୁ ଲକ୍ଷ୍ୟ କଲେ ଜଣାପଡ଼ିବ ଯେ, ଅନେକ ସରକାରୀ ଯୋଜନା ଭୋଟ ବ୍ୟାଙ୍କ ରାଜନୀତିର ଅଂଶ ଓ ପଥଭ୍ରଷ୍ଟ ହୋଇଛି ଏବଂ ଯେଉଁମାନଙ୍କ ପାଇଁ କରାଯାଇଛି, ସେମାନେ ଏହାର ସୁଫଳ ପାଇବାରୁ ବଞ୍ଚିତ। ବରଂ ଏଗୁଡ଼ିକ ବନ୍ଦ କରାଯାଇ ଲୋକଙ୍କୁ କର୍ମ ସଂସ୍ଥାନ ଯୋଗାଇଦେଲେ ସମାଜର ମଙ୍ଗଳ ହେବ। ଆମେ ଏମିତି ଏକ ସମୟରେ ପହଞ୍ଚିଛେ, ଯେଉଁଠି ମାନବିକତାକୁ ସରକାର ବେଶି ଗୁରୁତ୍ୱ ଦେଉଛନ୍ତି। ଯେଉଁଠି ନ୍ୟାୟିକ ବ୍ୟବସ୍ଥାରେ କୁହାଯାଉଛି ହଜାରେ ଦୋଷୀ ଖସିଗଲେ ଚଳିବ, ମାତ୍ର ଜଣେ ନିର୍ଦ୍ଦୋଷ ଦଣ୍ଡ ନପାଉ, ସେଠି ମଦର ପ୍ରସାର କ'ଣ କୋଟି କୋଟି ନିର୍ଦ୍ଦୋଷଙ୍କ ପ୍ରତି ଅବିଚାର ନୁହେଁ ?

ମକୁନ୍ଦପୁର, ବାଙ୍କୀ
ମୋ: ୯୪୩୭୪୬୮୦୧୬

## ଏଇ ଭାରତରେ

ଡ. ରୁବି ମୁଖାର୍ଜୀ ବର୍ଜ୍ୟ ପରିଚାଳନା କ୍ଷେତ୍ରରେ ଦେଶରେ ଉଦାହରଣ ସୃଷ୍ଟି କରିଛନ୍ତି। ଦକ୍ଷିଣ ଦିଲ୍ଲୀର ନବଜୀବନ ବିହାରରେ ରହୁଥିବା ୨୫୦ ପରିବାରରୁ ପ୍ରତିଦିନ ରୋଷେଇଘରୁ ବାହାରୁଥିବା ବର୍ଜ୍ୟକୁ ଡ. ମୁଖାର୍ଜୀ ସଂଗ୍ରହ କରୁଛନ୍ତି। ଏହାସହ ଅନ୍ୟାନ୍ୟ ଅଦରକାରୀ ଜିନିଷକୁ ପୁନଃ ବ୍ୟବହାରଯୋଗ୍ୟ କରିପାରିଛନ୍ତି। ପ୍ରତିଦିନ ମିଳୁଥିବା ରୋଷଘର ବର୍ଜ୍ୟରୁ ଜୈବିକ ଖତ ପ୍ରସ୍ତୁତ କରାଯାଉଛି। ପ୍ଲାଷ୍ଟିକ୍, କାଗଜ ଓ କାଚ ଆଦି ବର୍ଜ୍ୟକୁ ରିସାଇକେଲ ସେଣ୍ଟରକୁ ପଠାଉଛନ୍ତି ରୁବି। ସେ ଏବେ ସୁଦ୍ଧା କଲୋନିରୁ ମୋଟ୍ ୩୦ ଟନ୍ ବର୍ଜ୍ୟ ସଂଗ୍ରହ କରିସାରିଛନ୍ତି, ଯେଉଁଥିରୁ ୧୭ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ରିସାଇକେଲ ପାଇଁ ପଠାଇ ସାରିଲେଣି। ସେ ଟ୍ରିପଲ୍ ଆର୍ ସେଣ୍ଟର ନାମକ ଏନ୍‌ଜିଓ ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। କେବଳ ଏତିକି ନୁହେଁ, କଲୋନିର ପରିବାରଗୁଡ଼ିକରୁ ପୁରୁଣା ଲୁଗା, ଫର୍ନିଚର ଏବଂ ଗ୍ୟାସ୍ ସିଲିଣ୍ଡର ସଂଗ୍ରହକରି ସେ ଅସହାୟ ଲୋକଙ୍କୁ ବାଣ୍ଟି ଦେଉଛନ୍ତି। ରୁବି ତାଙ୍କ ଚେଷ୍ଟାରେ ଗତ ୬ ବର୍ଷ ଭିତରେ ନବଜୀବନ ବିହାରକୁ ସମ୍ପୂର୍ଣ୍ଣ ବର୍ଜ୍ୟମୁକ୍ତ କରିସାରିଲେଣି। ଏବେ କଲୋନି ବାହାରେ କୌଣସି ସ୍ଥାନରେ ବର୍ଜ୍ୟ ଦେଖିବାକୁ ପାଇବେ ନାହିଁ।

## ୫୦ ବର୍ଷ ତଳର ଧରିତ୍ରୀ DHARITRI

୨୯ ଜାନୁଆରୀ ୧୯୭୭

- ରାଜ୍ୟର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ନୃତ୍ୟପ୍ରବୀଣା ସଂଯୁକ୍ତା ପାଣିଗ୍ରାହୀ ଏବଂ ତାଙ୍କର ସଙ୍ଗୀତଜ୍ଞ ସ୍ୱାମୀ ସୁରମଣି ରଘୁନା ପାଣିଗ୍ରାହୀଙ୍କୁ ସଂଯୁକ୍ତ ଭାବେ କେନ୍ଦ୍ରୀୟ ସଙ୍ଗୀତ-ନାଟକ ଏକାଡ଼େମୀ ପୁରସ୍କାର ପ୍ରଦାନ।
- ରାଜ୍ୟର ବିଶିଷ୍ଟ ନାରୀକବି, ସୁସାହିତ୍ୟିକା ବିଦ୍ୟୁତପ୍ରଭା ଦେବୀଙ୍କ ୫୨ ବର୍ଷ ବୟସରେ ପରଲୋକ।
- ଗୁଜରାଟରେ ୯୬ ଯାତ୍ରୀଙ୍କୁ ନେଇ ମହାନଦୀରେ ଯାଉଥିବା ଗୋଟିଏ ଡଙ୍ଗା ଥାନ୍‌ସାଭାଲି ଓ ଅଗରୱାଡା ମଧ୍ୟବର୍ତ୍ତୀ ଅଞ୍ଚଳରେ ବୁଡ଼ିଯିବା ଯୋଗୁ ୬୧ ଜଣଙ୍କ ସଳିଳ ସମାଧି।

# ନାରୀ ପାଇଁ ଭୋଟ ଅଧିକାର



ପ୍ରତାପ ଚନ୍ଦ୍ର ସାମଲ

ପୁରାଣରୁ ଜଣାଯାଏ ମଦ୍ର ଦେଶର ନରପତି ଅଶ୍ୱପତି କନ୍ୟା ସନ୍ତାନଟିଏ ଲାଭକରିବା ଉଦ୍ଦେଶ୍ୟରେ ସହସ୍ରାଧିକ ଯଜ୍ଞ କରିଥିଲେ। ସେହିଭଳି ମିଥିଳାର ରାଜା ଜନକ ଏକଦା ଆକାଶରେ ସୁନ୍ଦରୀ ଅପ୍‌ସରା ମେନକାଙ୍କୁ ଦେଖି ତାଙ୍କ ପରି କନ୍ୟାର ପିତା ହେବାକୁ ପ୍ରୟାସ କରିଥିଲେ ଓ ଦକ୍ଷିଣ ସିନ୍ଧୁ ତୀରରେ ବିଶିଷ୍ଟ ମୁନିଋଷିମାନଙ୍କୁ ନିମନ୍ତ୍ରଣକରି ତାଙ୍କ ଦ୍ୱାରା ଯଜ୍ଞ କରାଇଥିଲେ। ଉପରୋକ୍ତ ଦୁଇ ରାଜାଙ୍କର କନ୍ୟା ଥିଲେ ଯଥାକ୍ରମେ ସାବିତ୍ରୀ ଓ ସୀତା। ତତ୍କାଳୀନ ଭାରତୀୟମାନଙ୍କ ଭାବନା ଥିଲା ଅତି ପୁଣ୍ୟ। ଏପରିକି କନ୍ୟାକୁ ରତ୍ନ ସହ ସମାନ ଚକ୍ଷୁରେ ଦେଖି କହୁଥିଲେ କନ୍ୟାରତ୍ନ। ଏପରି ଭାବନାର ବଶବର୍ତ୍ତୀ ହୋଇ ସେ ସମୟର ରାଜା ଓ ପ୍ରଜାଗଣ କନ୍ୟାପିତା ହେବାକୁ ସୌଭାଗ୍ୟ ବୋଲି ବିବେଚନା କରୁଥିଲେ।

ରାତି ପାହିଲା ବେଳକୁ ଗାଁ ଦାଣ୍ଡ ନିକଟ ଗାଁର ଗୋପାଳଘରର ସ୍ତ୍ରୀ ଲୋକଟି ଯେତେବେଳେ ଡାକଦିଏ 'ଦହି ନେବ ଦହି' ସେହି ଡାକରେ ଗାଁର ଆବାଳ ବୃଦ୍ଧବନିତାଙ୍କ ନିଦ ଭାଙ୍ଗିଯାଏ ଏବଂ ତାଟିଆଟିଏ ଧରି ଧାଇଁଯାଆନ୍ତି ଗୋପାଳୁଣୀ ନିକଟକୁ ଦହିନେବା ପାଇଁ। ଦହି ବିକ୍ରି କରୁଥିବା ମାଉସୀଟି ସମସ୍ତଙ୍କ ନିକଟରେ ଥାଏ ଆଦରଣୀୟ। ଆଉ ତା'ର ଡାକ ଓ ଦହି ବ୍ୟବସାୟରେ ଥାଏ ସ୍ନେହଭରା ଆଦର। ମାତ୍ର କେତେଜଣ ଚାଟୁକାରଙ୍କ ଲାଭଖୋର ମନୋବୃତ୍ତିରେ ଭାରତକୁ ବ୍ୟବସାୟ କରିବାକୁ ଆସିଥିବା ଇଂରେଜମାନଙ୍କ କବଳରେ ଶାସନଭାର ପଡ଼ିଯିବାରୁ ଭାରତ ହେଲା ପରାଧୀନ। ନାରୀମାନଙ୍କ ସ୍ୱାଧୀନତା ଛଡ଼ାଇ ନିଆଗଲା। ବ୍ରିଟିଶ ଶାସନ କାଳରେ ଭାରତରେ ନାରୀ ଜାତିକୁ ସର୍ବନିମ୍ନ ଭୋଟ ଅଧିକାରରୁ ବଞ୍ଚିତ କରାଯାଇଥିଲା।

ସେହି ବ୍ରିଟିଶ ଶାସନ ସମୟରେ ମଧୁସୂଦନ ଦାସ ୧୯୨୧ରୁ ୧୯୨୩ ମସିହା ପର୍ଯ୍ୟନ୍ତ ବିହାର ଏବଂ ଓଡ଼ିଶା ପ୍ରଦେଶର ସ୍ୱାୟତ୍ତ ଶାସନ, ପୂର୍ତ୍ତ ଓ ସ୍ୱାସ୍ଥ୍ୟ ବିଭାଗର ମନ୍ତ୍ରୀ ଥିଲେ। ସେ ସମୟରେ ନାରୀଜାତି ପାଇଁ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କଥା ଚିନ୍ତାକରି ଉତ୍କଳ ଗୌରବ ମଧୁସୂଦନ ଦାସ ୨୩ ନଭେମ୍ବର୧୯୨୧ରେ ସର୍ବପ୍ରଥମେ ବିହାର ଏବଂ ଓଡ଼ିଶା ବିଧାନ କାଉନସିଲ୍‌ରେ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଗରିମାମୟ ପ୍ରସ୍ତାବ 'ନାରୀଜାତି ପାଇଁ ଭୋଟ ଅଧିକାର' ଆଗତ କରିଥିଲେ। ଏହା ଏକ ଐତିହାସିକ ପ୍ରସ୍ତାବ ରୂପେ ସୁଖ୍ୟାତି ଲାଭ କରିଥିଲା। ନାରୀଜାତି ପାଇଁ ଭୋଟ ଅଧିକାର ପ୍ରସ୍ତାବଟି ଆଗତ କରି ମଧୁସୂଦନ ଦାସ ବିହାର, ଓଡ଼ିଶା ବିଧାନ କାଉନ୍‌ସିଲ୍‌କୁ ସ୍ତବ୍ଧ କରିଦେଇଥିଲେ। ସେହି ପ୍ରସ୍ତାବ ଆଗତ ବେଳେ ମଧୁସୂଦନ ଦାସ ଅନର୍ଗଳ ଇଂରାଜୀରେ ଭାଷଣ ଦେଇଥିଲେ। ପରବର୍ତ୍ତୀ କାଳରେ ୧୯୨୩ ମସିହାରେ ମଧୁସୂଦନଙ୍କ ଅଦମ୍ୟ ପ୍ରଚେଷ୍ଟାରେ ଭାରତୀୟ ନାରୀ ଆଇନଜୀବୀ ବୃତ୍ତି ଗ୍ରହଣର ଯୁଗାନ୍ତକାରୀ ଅଧିକାର ପାଇଥିଲେ। ସେ କହିଥିଲେ, ପୁରୁଷମାନଙ୍କ ମଣିଷପଣିଆର କେବଳ ଦୃଢ଼ ଅଭିନୀତ ସ୍ୱଭାବ ରହିଥାଏ। ଆଉ ଥାଏ ପୁରୁଷପଣିଆର କଠୋରତା। ମାତ୍ର ନାରୀଜାତି ସମସ୍ତ ଅଧ୍ୟାତ୍ମ୍ୟ ଗୁଣର ଅଧିକାରୀ ଯାହା ଭାଗବତ ଆଧାରିତ, ଯାହା ପ୍ରେମପୂର୍ଣ୍ଣ ଆଉ ଉଦାର, ଯହିଁରେ ପ୍ରକୃତ ମଣିଷପଣିଆର ସ୍ୱରୂପ ପ୍ରକାଶିତ ହୁଏ। ସମଗ୍ର ଭାରତ ଭ୍ରମଣକର, ଆକାଶଟି ତାରା ଖଚିତ ହେଲା ଭଳି ସମସ୍ତ ରାଜ୍ୟ ମନ୍ଦିରମାନଙ୍କରେ ପରିପୂର୍ଣ୍ଣ। ଧର୍ମ ପାଇଁ ଭାରତ କେତେ ତ୍ୟାଗ ନ କରିଛି ? ମାତାମାନେ ସେମାନଙ୍କର ସନ୍ତାନ ପାଇଁ ସ୍ୱାର୍ଥ ତ୍ୟାଗ ଆଉ ବଳୀଦାନର ଊର୍ଦ୍ଧ୍ୱରେ କ'ଣ ବା ଥାଇପାରେ ? ତୁମେ ଯେତେ ଯାହା କୁହ, ଯେଉଁ କଣ୍ଠସ୍ୱରରେ ନାରୀମାନଙ୍କର ଭୋଟ ଅଧିକାର ପ୍ରତି ବିରୋଧ କରୁଛ ଏହାହିଁ ସତ୍ୟ ଯେ ତୁମର ଶରୀର ଯେଉଁ କଣ୍ଠସ୍ୱର ଓ ଜିହ୍ୱା ସାହାଯ୍ୟରେ ନାରୀଜାତି ବିରୋଧରେ ଏକ ଶବ୍ଦ ଉଚ୍ଚାରିତ କରୁଛ ଏ ସମସ୍ତ ନାରୀଜାତିର ଦାନ ହିଁ ତୁମର ଜନନୀଙ୍କର ପ୍ରଦତ୍ତ। ଏ ସମସ୍ତ ତୁମ୍ଭ ଜୀବନର ଇତିହାସ। ଯାହାର ପ୍ରାରମ୍ଭ ମାତୃଗର୍ଭରୁ ହିଁ ହୋଇଛି। ସେ ମାତୃଗର୍ଭ ହେଉଛି ଜୀବନ୍ତ ଦେବାଳୟ। ଯେଉଁଠାରେ ଭଗବାନ୍ ମଣିଷ ସହ ସମ୍ମିଳିତ ଆଉ ସଂଯୁକ୍ତ ହୁଅନ୍ତି। ମାତୃଗର୍ଭରୁ ଶିଶୁ ଜନ୍ମହେଲା ପରେ ପ୍ରଥମେ ମାତା ହିଁ ଶିକ୍ଷାଦାତ୍ରୀ ରୂପେ ମନୁଷ୍ୟର ମାନବୀୟ ଗୁଣଗୁଡ଼ିକର ବିକଶିତ କରାନ୍ତି। ଶିଶୁ ଜନ୍ମହେଲା ପରେ ତାହାର ଅତୁଟ ବିଶ୍ୱାସ ମାତାଙ୍କ ଉପରେ ସ୍ଥାପିତ କରିଥାଏ। ମାତା ଶିଶୁଟିକୁ ବିଶ୍ୱାସ ପ୍ରତି ନିବଦ୍ଧ ରହିବାକୁ ଶିଖାନ୍ତି।



ଫରାସୀ ଦାର୍ଶନିକ କମ୍‌ଟେ କହନ୍ତି, 'ମାନବିକତା ମାତା, ପତ୍ନୀ ଓ କନ୍ୟାମାନଙ୍କଠାରେ ପ୍ରତିନିଧିତ୍ୱ କରିଥାଏ'। ପ୍ରାଚୀନ କାଳରେ ଏ ଦେଶ ବହୁତ ଉନ୍ନତି କରିଥିଲା ଓ ନାରୀମାନେ ଉଚ୍ଚ ସ୍ଥାନର ଅଧିକାରିଣୀ ଥିଲେ। ମାତ୍ର ବ୍ରିଟିଶ ଶାସନକାଳରେ ପୁରୁଷମାନେ ସ୍ତ୍ରୀ ଜାତି ପ୍ରତି ଘୃଣିତ ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ନାରୀମାନେ ବିଚାରାଳୟରେ ବିଭିନ୍ନ ଦଣ୍ଡରେ ଦଣ୍ଡିତ ହେଉଛନ୍ତି ଏବଂ ପାଶ୍ଚାତ୍ୟ ଦେଶରେ ନାରୀର କ୍ଷମତାହୀନତା ଓ ଅଧିକାର ହୀନତା ବିଷୟ ଚିନ୍ତାକଲେ ମଧୁସୂଦନଙ୍କ କ୍ରୋଧ ପ୍ରଜ୍ୱଳିତ ହୁଏ ବୋଲି କହିଥିଲେ। ଆଜି ପାଶ୍ଚାତ୍ୟ ବିଧି ବ୍ୟବସ୍ଥାକୁ ଗ୍ରହଣ କରିବା ଦ୍ୱାରା ନାରୀଜାତିକୁ ଭୋଟ ଅଧିକାରରୁ ବଞ୍ଚିତକରି ଆମେ ଅପରାଧ କରି ଚାଲିଛୁ। ଆମ୍ଭେମାନେ କାଉନ୍‌ସିଲ୍ ଗଢ଼ି ୨୦୦ ଲୋକଙ୍କୁ ଯୋଡ଼ି ଯେଉଁ ଆଲୋଚନା କରୁଛେ ତାହା ଜାତି ପାଇଁ ନୁହେଁ। ଯେଉଁ ଭାରତୀୟ ସଭ୍ୟତାର ସୂର୍ଯ୍ୟର ପ୍ରଖର ଜ୍ୟୋତିରେ ପ୍ରଜ୍ୱଳିତ ଥିଲା ଆଜି ତାହା ନିର୍ବାପିତ ଓ ଅସ୍ତମିତ। ନାରୀ ଜାତିର ଅପରାଧ କ'ଣ ଯେ ସେ ଆଜି ସର୍ବନିମ୍ନ ଭୋଟ ଅଧିକାରରୁ ବଞ୍ଚିତ। ରାମାୟଣ ଓ ମହାଭାରତରେ ସୀତା କିମ୍ବା ଦ୍ରୌପଦୀ ଚରିତ୍ର ନ ଥିଲେ ତା'ର କ'ଣ ବା ମୂଲ୍ୟ ଥାଆନ୍ତା ?

ମଧୁସୂଦନ କହିଥିଲେ, ମୁଁ ବିଚାରକରେ ଯେ, ନାରୀଜାତିକୁ ଭୋଟ ଅଧିକାରରୁ ବଞ୍ଚିତକରିବା ଏକ କଳଙ୍କ ଓ ମହାନ୍ ଅପରାଧ। ମୋର ଧମନୀରେ ସତୀ ରକ୍ତ ପ୍ରବାହିତ। ତାହା ହିଁ ମୋତେ ଉଜ୍ଜୀବିତକରି ରଖିଛି ଓ ନାରୀଜାତିକୁ ଭୋଟ ଅଧିକାର ପ୍ରଦାନ ଲାଗି ଅନୁପ୍ରେରିତ କରୁଛି। ଶେଷରେ ୧୯୨୩ରେ ମଧୁସୂଦନଙ୍କ ଅନର୍ଗଳ ଭାଷଣରେ ବିହାର ଓଡ଼ିଶା କାଉନ୍‌ସିଲର ଶେଷ ବିଚାରରେ ଭାରତୀୟ ନାରୀ ଆଇନଜୀବୀ ବୃତ୍ତି ଗ୍ରହଣ ଯୁଗାନ୍ତକାରୀ ଅଧିକାର ପାଇଁ ବ୍ରିଟିଶ ଇମ୍ପେରିଆଲ କାଉନ୍‌ସିଲ୍‌ର ଅନୁମୋଦନ ପାଇଲା। ଏହା ଥିଲା ନାରୀ ଜାତିର ବ୍ରିଟିଶ ଶାସନରେ ଓଡ଼ିଆମାନଙ୍କ ଜିତାପଟ। ଏ ଜିତାପଟଟି ମଧୁସୂଦନଙ୍କର ନ ଥିଲା, ଏହା ଥିଲା ସମଗ୍ର ଓଡ଼ିଆ ଜାତିର ବୋଲି ମଧୁସୂଦନ କହିଥିଲେ।

ବରିଷ୍ଠ ସମବାୟବିତ୍
ମୋ: ୯୦୯୦୩୨୫୮୦୨

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | 4 | | 5 | | | 7 | 9 |
| 7 | 9 | | | | 3 | | | 4 |
| | | 5 | | | 7 | | | 8 |
| 8 | | 3 | 5 | | 9 | | | |
| | 5 | | | | | | 1 | |
| 9 | | | 3 | | 1 | 8 | | |
| | 3 | | 6 | | 5 | | | |
| 5 | | | 1 | | | | | |
| | 2 | 1 | 4 | 3 | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 3 | 6 | 8 | 9 | 4 | 2 | 7 |
| 7 | 8 | 6 | 3 | 2 | 4 | 9 | 1 | 5 |
| 4 | 2 | 9 | 1 | 7 | 5 | 8 | 3 | 6 |
| 3 | 5 | 8 | 7 | 9 | 1 | 6 | 4 | 2 |
| 6 | 9 | 1 | 2 | 4 | 3 | 5 | 7 | 8 |
| 2 | 4 | 7 | 8 | 5 | 6 | 1 | 9 | 3 |
| 1 | 6 | 2 | 9 | 3 | 8 | 7 | 5 | 4 |
| 9 | 3 | 5 | 4 | 6 | 7 | 2 | 8 | 1 |
| 8 | 7 | 4 | 5 | 1 | 2 | 3 | 6 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅଗ୍ନି ନିରାପତ୍ତା ଯାଞ୍ଚରେ ନିଷ୍କ୍ରିୟତା

ମହାଶୟ,

ଆମ ଦେଶରେ ହୋଟେଲ, ରେଷ୍ଟୁରାଣ୍ଟ, ସିନେମା ହଲ୍, ଡାକ୍ତରଖାନା, ବିଶ୍ୱବିଦ୍ୟାଳୟ, ବଡ଼ ବଡ଼ କୋଠା, କ୍ଲବ୍, କଲେଜ, ସ୍କୁଲ, ଯାତ୍ରୀବାହୀ ବସ୍, ଆପାର୍ଟମେଣ୍ଟ ଆଦି ସର୍ବସାଧାରଣ ସ୍ଥାନରେ ଅଗ୍ନିକାଣ୍ଡ ଏବଂ ମୃତାହତ ଘଟଣା ନୂଆ ନୁହେଁ। ଗୋଆର ଆରୁପୁରାରେ ଏକ ନାଇଟ୍ କ୍ଲବ୍‌ରେ ଭୟାବହ ଅଗ୍ନିକାଣ୍ଡ ଘଟି ୨୫ ଜଣଙ୍କ ଜୀବନ୍ତ ଦଗ୍ଧହେବା ଓ ଏହି ଦୁଃଖଦ ଘଟଣାରେ ୪ ଜଣ ବିଦେଶୀ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରିପୋର୍ଟରେ ପ୍ରକାଶ ଯେ, ନାଇଟ୍ କ୍ଲବ୍ ପାଇଁ ପ୍ରଶାସନିକ ଅନୁମତି ନ ଥିଲା। ଦିଲ୍ଲୀର ବିଭିନ୍ନ ହସ୍ପିଟାଲରେ ବାରମ୍ବାର ଅଗ୍ନିକାଣ୍ଡ ଘଟି ଅନେକଙ୍କ ମୃତ୍ୟୁ ଘଟିବା ସହ ଆହତ ହେଉଛନ୍ତି। ଗତବର୍ଷ ରାଜକୋଟ୍‌ରେ, ନିକଟରେ ଜୟପୁରର ସ୍ୱାମୀ ମାନସିଂହ ହସ୍ପିଟାଲରେ, ତାମିଲନାଡୁର ବିରୁଦ୍ଧୁନଗରସ୍ଥିତ ଏକ ବାଣ କାରଖାନାରେ, କୋଲକାତାର ଏକ ଆପାର୍ଟମେଣ୍ଟରେ, ଆନ୍ଧ୍ରପ୍ରଦେଶର କୁର୍ନୁଲରେ ରାତ୍ରକାଳୀନ ଏକ ଯାତ୍ରୀବାହୀ ବସ୍‌ରେ, ବିଭିନ୍ନ ହସ୍ପିଟାଲ, ଶପିଂମଲ୍‌ରେ ଅଗ୍ନିକାଣ୍ଡ ଦେଶବାସୀଙ୍କ ମନରୁ ଲିଭିନାହିଁ। କହିବା ବାହୁଲ୍ୟ, ଅଗ୍ନି ନିରାପତ୍ତା ବ୍ୟବସ୍ଥା ନେଇ ଆମ ଦେଶ ତଥା ରାଜ୍ୟଗୁଡ଼ିକରେ ସ୍ୱତନ୍ତ୍ର ମାନଦଣ୍ଡ ଏବଂ କଠୋର ଆଇନ ରହିଛି। ମାତ୍ର ତାହା କାର୍ଯ୍ୟକାରୀ ହେଉନାହିଁ କିମ୍ବା ତଦାରଖ ହେଉନାହିଁ। କଟକ ଓ ଭୁବନେଶ୍ୱରର ହସ୍ପିଟାଲଠାରୁ ଶପିଂମଲ୍‌ରେ ମଧ୍ୟ ଅଗ୍ନିକାଣ୍ଡ ଘଟୁଛି। ଏଥିରେ ଅବହେଳା ପାଇଁ ଆଇନରେ କଠୋର ଦଣ୍ଡର ବ୍ୟବସ୍ଥା ରହିଥିଲେ ମଧ୍ୟ ପ୍ରଶାସନ, ପୋଲିସ କେହି ଗୁରୁତ୍ୱ ଦେଇ ନ ଥାନ୍ତି। ତେବେ ପ୍ରଶାସନ କେବଳ କିଛିଦିନ ପାଇଁ ସଜାଗ ହୋଇଥାଏ ଓ ଧରପଗଡ଼ କରିଥାଏ। ପୁଣି ସବୁ କିଛି ନୀରବିଯାଇଥାଏ। ତେବେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚରେ ସବୁ ସମୟରେ ପ୍ରଶାସନିକ ସକ୍ରିୟତା ପ୍ରକାଶ ପାଇଲେ ବିପଦକୁ ଏଡ଼ାଇ ଦିଆଯାଇପାରିବ।

–ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆଲୋଡ଼ିତ କରେ ପ୍ରାଣ
ସକଳ ଏ ଦିଶା,
ସବୁ ପଥେ ଘାଟେ ଜାଗି
ଉଠେ କୁହୁ-ନିଶା । –(ଚିରନ୍ତନ କୁହୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ସାଇକେଲକୁ ଧକ୍କା ଦେଇ ବାଇକ୍ ଜଳିଗଲା

**ନୂଆପଡ଼ା, ୨୮ା୧ (ମକାରୁ ବେମାଲ):** ନୂଆପଡ଼ା ଜିଲା କୋମନା ଥାନା ଉଦ୍ୟାନବନ୍ଧ ନିକଟ ଖଇରଭାଡି ଛକ ଜାତୀୟ ରାଜପଥ ଉପରେ ବୁଧବାର ସାଇକେଲକୁ ଧକ୍କା ଦେଇ ଏକ ବାଇକ୍ ଜଳିଯାଇଛି। ସେଥିରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ବାରଣ୍ଡାପାଟ ଗାଁର ବାଇକ୍ ଆରୋହୀ ମନସୂଦନ ମାଝୀ (୪୦), ତପନ ରାଉତ (୪୫) ଓ ସାଇକେଲ ଆରୋହୀ ଯୁଧିଷ୍ଠିର ରାଉତ (୩୫)। ସୂଚନା ଅନୁଯାୟୀ, ଅପରାହ୍ନ ଗୋଟାଏ ସମୟରେ ଦୁଇ ବାଇକ୍ ଆରୋହୀ ଉଦ୍ୟାନବନ୍ଧ ପଟୁ ଜଡାମୁଣ୍ଡା ପଟେ ଯାଉଥିଲେ। ସେହି ସମୟରେ ସାଇକେଲକୁ ଧକ୍କା ଦେଇ ବାଇକ୍ ଜଳି ଯାଇଥିଲା। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ବାଇକ ଜଳି ଯାଇଥିଲା। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି କୋମନା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରେ ଯୁଧିଷ୍ଠିର ଓ ତପନ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରି ଯାଇଥିବା ବେଳେ ମନସୂଦନ ଗୁରୁତର ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କୋମନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବେହେରା, ୨୮ା୧ (ଭୂପେଶ ତିୱାରୀ):** କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ଲଖିରାମ ଅଗ୍ରୱାଲ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଧର୍ମଗଡ଼ ବିଡିଓ ସଦାଶିବ ନାୟକ ମୁଖ୍ୟ ଅତିଥି, କୋକସରା ଡିଗ୍ରୀ କଲେଜର ଅଧ୍ୟାପକ ଅଶ୍ୱିନୀ କୁମାର ପଟ୍ଟନାୟକ ମୁଖ୍ୟବକ୍ତା ଓ ସୁନିଲ କୁମାର ଆଗ୍ରୱାଲ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅଧ୍ୟାପକ ମୋହନ ଚରଣ ବିଶି ସ୍ୱାଗତ ଅଭିଭାଷଣ, ଅଧ୍ୟାପକ ରଞ୍ଜନ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ନିକୁଞ୍ଜ ବିହାରୀ ସାହୁ, ଫକିର ନାରାୟଣ ଚଣ୍ଡି, ସାନୁର୍ଯ୍ୟ ଗୋପାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପୂର୍ବରୁ ଅନୁଷ୍ଠିତ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ

**ଲାଞ୍ଜିଗଡ଼, ୨୮ା୧ (ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ମଧୁପୁର ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ମୁଖ୍ୟ ଅତିଥି, ମଧୁପୁର ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବେଦବ୍ୟାସ ପ୍ରଧାନ ମୁଖ୍ୟବକ୍ତା ଓ ଗୋବର୍ଦ୍ଧନପୁର ସରପଞ୍ଚ ବୈଦେହୀ ମାଝୀ, ସମିତିସଭ୍ୟା ସୁଚିତ୍ରା ମାଝୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉମାଶଙ୍କର ପଣ୍ଡା, ସୁରେଶ ଚନ୍ଦ୍ର ସାହୁ, ସାମାଜିକ କର୍ମୀ ହରିଶଙ୍କର ପାତ୍ର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗିରିଧାରୀ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ଶିକ୍ଷକ ସନ୍ତୋଷ ପାତ୍ର, ମଧୁସୂଦନ ରାଉତ ପରିଚାଳନା କରିଥିବାବେଳେ ଶିକ୍ଷକ ଚିତ୍ତରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଜଳ ଯୋଗାଣ ପ୍ରକଳ୍ପରୁ ମିଳୁନି ପାଣି: ୧୫ ପରିବାର ହନ୍ତସନ୍ତ

**ଲାଠୋର, ୨୮ା୧ (ଭୁବନେଶ୍ୱର ବାରିକ)**

**ବର୍ଷେ ହେଲା ସୋଲାର ପମ୍ପ ଅଚଳ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ମାଲପଡ଼ା ପଞ୍ଚାୟତ ଫୁଲଝର ଗ୍ରାମ ଉପରପଡ଼ାରେ ବସବାସ କରୁଥିବା ଅଧିବାସୀ ପ୍ରାୟ ୨ ମାସ ହେବ ଜଳ ଯୋଗାଣ ପ୍ରକଳ୍ପରୁ ସ୍ୱଚ୍ଛ ପାନୀୟଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି । ଉପରପଡ଼ାରେ ଲାଗିଥିବା ସୋଲାର ପମ୍ପ ମଧ୍ୟ ପ୍ରାୟ ୧ ବର୍ଷ ହେବ ଅଚଳ ହୋଇ ପଡିରହିଛି । ଜଳ ଯୋଗାଣ ପ୍ରକଳ୍ପରୁ ଜଳ ଯୋଗାଣ ସହ ସୋଲାର ପମ୍ପ ମରାମତି ପାଇଁ ଦାବି କରି ଆସୁଥିଲେ ମଧ୍ୟ ସେମାନଙ୍କ କଥାକୁ କେହି କର୍ଣ୍ଣପାତ କରୁ ନ ଥିବା ନେଇ ଉପରପଡ଼ାର ସୁଦାମ ମହଲିଙ୍ଗ, ପ୍ରେମାନନ୍ଦ ବନ୍ଛୋର, ମହିନ୍ଦ୍ର ଗହିର, ନିରାକାର ମାଝୀ, ବିରଞ୍ଚି ଗହିର ପ୍ରମୁଖ ଅଭିଯୋଗ କରିଛନ୍ତି ।

ସୂଚନା ଅନୁସାରେ, ଫୁଲଝର ଗ୍ରାମ ଉପରପଡ଼ାରେ ୧୫ ପରିବାର ବସବାସ କରୁଛନ୍ତି। ସେମାନଙ୍କ ନିମନ୍ତେ ଉପରପଡ଼ାରେ ଏକ ନଳକୂପ ଖୋଳି ସେଥିରେ ସୋଲାର ପମ୍ପ ଖଞ୍ଜି ପାନୀୟଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲା। ପରବର୍ତ୍ତୀ ସମୟରେ ଜଳଯୋଗାଣ ପ୍ରକଳ୍ପରୁ ପାଇପ ଯୋଗେ ଜଳ ଯୋଗାଣ କରାଯାଇଥିଲା। ହେଲେ ସୋଲାର ପମ୍ପ ଅଚଳ ହୋଇପଡିଛି। ଜଳଯୋଗାଣ ପ୍ରକଳ୍ପରୁ ଆସିଥିବା ପାଇପ ୬ ମାସ ହେବ ଫାଟିଯାଇଛି । ତାହାକୁ ମରାମତି ନ କରି ଜଳଯୋଗାଣ ହେଉଥିଲା। ହେଲେ ପାଇପ ଆସିଥିବା ରାସ୍ତାରେ ଜଣେ ବ୍ୟକ୍ତିଙ୍କ ଜମି ପଡୁଛି । ସେ ତାଙ୍କ ଜମିରୁ ପାଇପ ହଟାଇବାକୁ ଦାବି କରିବା ସହ ପ୍ରାୟ ୨ ମାସ ହେବ ପମ୍ପ ଡ୍ରାଇଭରଙ୍କୁ ପାଣି ବନ୍ଦ କରିବା ପାଇଁ କହିବାରୁ ଜଳ ଯୋଗାଣ ବନ୍ଦ ରହିଛି । ଫଳରେ ଉପରପଡ଼ାର ଲୋକମାନେ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ବାଧ୍ୟ ହୋଇ ନଳକୂପ ଓ ଖୋଲକୂଅରୁ ପାଣି ଆଣ ପିଉଛନ୍ତି। ଖୋଲାକୂଅର ଦୂଷିତ ପାଣି ବ୍ୟବହାର କରିବା ଦ୍ୱାରା ଲୋକମାନେ ରୋଗରେ ଆକ୍ରାନ୍ତ ହେବା ଆଶଙ୍କା ପ୍ରକାଶ ପାଇଛି। ଏନେଇ ଖପ୍ରାଖୋଲ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଶ୍ୟାମ କୁମାର କହିଛନ୍ତି, ସ୍ଥାନୀୟ ସରପଞ୍ଚଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ।

# ଦୋକାନ ବଜାର ବନ୍ଦ, ଗାଡ଼ି ଚଳାଚଳ ଠପ୍



**ଖପ୍ରାଖୋଲ, ୨୮ା୧ (ଅଭୟ ତ୍ରିପାଠୀ)**

ନବ ନିର୍ମାଣ କୃଷକ ସଙ୍ଗଠନ ସମେତ ବିଭିନ୍ନ ସଙ୍ଗଠନ ମିଳିତ ଭାବରେ ଚାଷୀ ସମସ୍ୟା ନେଇ ବନ୍ଦ ଡାକରା ଦେଇଥିବା ବେଳେ ଖପ୍ରାଖୋଲରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। କ୍ଷମାନିଧି ଭୋଇ, ଟିକେନ୍ଦ୍ର ଜାଲଙ୍କ ନେତୃତ୍ୱରେ ବିଭିନ୍ନ ସଙ୍ଗଠନର କାର୍ଯ୍ୟକର୍ତ୍ତା ସ୍ଥାନୀୟ ଥାନା ଛକଠାରେ ରାସ୍ତା ଅବରୋଧ କରି ଧାରଣା ଦେଇଥିଲେ। ଏହି ଅବସରରେ ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ ସମେତ ସ୍ଥାନୀୟ ସଦର ମହକୁମା ର ବିଦ୍ୟାଳୟ ବନ୍ଦ ରହିଥିଲା। ଦୋକାନ ବଜାର ବନ୍ଦ ଥିବା ବେଳେ ଗାଡ଼ି ଚଳାଚଳ ଠପ୍ ହୋଇ ଯାଇଥିଲା। ଅପରାହ୍ନ ୨ ଟା ପରେ ଗାଡି ମୋଟର ଚଳାଚଳ ସ୍ୱାଭାବିକ ହେବା ସହିତ କେତେକ ଦୋକାନ ମଧ୍ୟ ଖୋଲିବା ଦେଖିବାକୁ ମିଳିଥିଲା। ସେହିପରି ଧଣ୍ଡାମୁଣ୍ଡାରେ ମଧ୍ୟ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା ବେଳେ ଆଭ୍ୟନ୍ତରୀଣ ଗାଁ ରେ କିଛି ବିଦ୍ୟାଳୟ ସ୍ୱାଭାବିକ ଥିଲା। ଏହି ଅବସରରେ ରମେଶ ପ୍ରଧାନ, ଚକ୍ର ସାହୁ, ରଘୁନାଥ ସିଂ ବରିହା, ବିପ୍ର ବିଶି, ଟିକେଶ୍ୱର ଧରୁଆଙ୍କ ସମେତ ବିଜୁ ଜନତା ଦଳ, ଆଦିବାସୀ ସଂଘ, ଗନ୍ଧମର୍ଦ୍ଦନ ସୁରକ୍ଷା ଏକ୍ସନ କମିଟି ପ୍ରମୁଖ ବିଭିନ୍ନ ସଙ୍ଗଠନର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଖଡିଆଳ ମହୋତ୍ସବ ନେଇ ଶାନ୍ତି କମିଟି ବୈଠକ



ବୈଠକରେ ଉପସ୍ଥିତ ଏସ୍‌ପି ଓ କମିଟି କର୍ମକର୍ତ୍ତା।

**ଖଡ଼ିଆଳ, ୨୮ା୧ (ସୁଜିତ କୁମାର ପ୍ରଧାନ)**

ଖଡିଆଳ ମହୋତ୍ସବ ୨୦୨୬ ପାଳନ ନେଇ ବୁଧବାର ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଖଡିଆଳ ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ଖଡିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିବା ବେଳେ ପୋଲିସ ଆରକ୍ଷୀ ଅଧୀକ୍ଷକ ଅମୃତ ପାଲ ସିଂ ଯୋଗଦେଇ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିଛନ୍ତି। କମିଟିର ସହଯୋଗ ଓ ପୋଲିସ ପ୍ରଶାସନର ମିଳିତ ସହଯୋଗରେ ମହୋତ୍ସବ ଶାନ୍ତି ଶୃଙ୍ଖଳା ଭାବେ ପାଳନ କରିବା ନେଇ ବିହିତ ପଦକ୍ଷେପ ନିଆଯିବ ବୋଲି ଆଲୋଚନା ହୋଇଥିଲା। ମହୋତ୍ସବକୁ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ଥିବାରୁ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରାଯିବ। ତେଣୁ ପାଳନ କମିଟି, ଖଡିଆଳ ନାଗରିକ ସହଯୋଗ କରିବାକୁ କୁହାଯାଇଥିଲା। ବୈଠକରେ ପୋଲିସ ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନ, ଖଡିଆଳ, ବୋଡ଼େନ ଓ ସିନାପାଲି ଥାନା ଅଧିକାରୀମାନେ ଯୋଗଦେଇଥିଲେ। ମହୋତ୍ସବ କମିଟି ସମ୍ପାଦକ ପୃଥ୍ୱୀରାଜ ମହାନ୍ତି, ସମସ୍ତ ପଦାଧିକାରୀ ଓ ସଦସ୍ୟ ଯୋଗ ଦେଇଥିଲେ।

### ଟିଟିଲାଗଡ଼ରେ ବନ୍ଦ ପାଳନ

**ଟିଟିଲାଗଡ଼, ୨୮ା୧ (ଶରତ ମିଶ୍ର):** ବିଭିନ୍ନ ଦାବି ନେଇ କୃଷକ ସଂଗଠନର ଆହ୍ୱାନ କ୍ରମେ ୮ ଘଣ୍ଟିଆ ବନ୍ଦ ଟିଟିଲାଗଡ଼ରେ ଶାନ୍ତିପୂର୍ଣ୍ଣ ଭାବରେ ହୋଇଛି । ଏହି ପରିପ୍ରେକ୍ଷୀରେ ସହରର ଦୋକାନ ବଜାର, ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। କଂଗ୍ରେସ ଦଳ ଏଠାରେ ଚାଷୀଙ୍କ ଆନ୍ଦୋଳନର ନେତୃତ୍ୱ ନେଇଥିବା ବେଳେ ସକାଳୁ କଂଗ୍ରେସ ଦଳର କର୍ମୀ ତଥା ଚାଷୀ ପିକେଟିଂ କରି ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଓ ବିଭିନ୍ନ ପ୍ରତିଷ୍ଠାନ ବନ୍ଦ କରିଥିଲେ। ସହରରେ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । କଂଗ୍ରେସର ନେତା ତଥା ଆଇନଜୀବୀ ବୀରେନ୍ଦ୍ର ବାଗଙ୍କ ନେତୃତ୍ୱରେ କଂଗ୍ରେସ ଦଳର ଜିଲା ସାଧାରଣ ସମ୍ପାଦକ ଶିବ ପ୍ରସାଦ ପରିଡା, ଉପସଭାପତି ଦେବାନନ୍ଦ ସାହୁ, ଜିଲା ଏସ୍‌ସି ସେଲ ଅଧ୍ୟକ୍ଷ ଡମ୍ବରୁଧର ଛତ୍ରିଆ, ଜିଲା ସମ୍ପାଦକ ବିଚିତ୍ର ବାଗ, ଜୟସିଂ ତାଣ୍ଡି, ଜିଲା ସଂଖ୍ୟାଲଘୁ ସେଲ ଅଧ୍ୟକ୍ଷ ଏମଡି ସାହିଲ, ବ୍ଲକ ସଭାପତି ମଗନ ନାଗ, ଓବିସି ସେଲ ବ୍ଲକ ସଭାପତି ସୁବାସ ଯାଦବ, ତାଜୁଦ୍ଦିନ ଖାନ, କିଷାନ ନାଗ, ଶ୍ରୀମନ୍ତ ନାଗ, ମୋହନ ଛୁରା, କୌତୁକ ପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ଆଇନଶୃଙ୍ଖଳା ଦୃଷ୍ଟିରୁ ଟିଟିଲାଗଡ଼ ଥାନା ଆଇଆଇସି ମନୋଜ ମୁଣ୍ଡାଙ୍କ ନେତୃତ୍ୱରେ ପୋଲିସ ବିଭିନ୍ନ ଛକରେ ମୁତୟନ ଥିବା ଦେଖାଯାଇଥିଲା ।

# ବେଲପଡାରେ ବନ୍ଦ ଶାନ୍ତିପୂର୍ଣ୍ଣ



ବନ୍ଦ ପାଳନ ବେଳେ ବେଲପଡାରେ ରାସ୍ତାଘାଟ ଶୂନଶାନ।

**ବେଲପଡା, ୨୮ା୧ (ମନୋଜ କୁମାର ମିଶ୍ର)**

ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ବୁଧବାର ୮ ଘଣ୍ଟିଆ ବନ୍ଦ ପାଳନ ଡାକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ବନ୍ଦକୁ ବେଲପଡା ବଣିକ ସଂଘ, କୃଷକ ସଂଗଠନ, କୋଶଳ ସଂଗଠନ ସମେତ ବିଭିନ୍ନ ସଂଗଠନ ସମର୍ଥନ ଜଣାଇଥିଲେ। ବେଲପଡା ଭାରତୀୟ କିଷାନ ସଂଘ ସଭାପତି କନ୍ଦର୍ପ ଦନ୍ତା, ମୁନା ମେହେର, ଜନାର୍ଦ୍ଦନ ସିଂ, ବସନ୍ତ ପୁଟେଲ, ନରେନ୍ଦ୍ର ମେହେର, ଯଦୁମଣି ଭୁଏ ଓ ଅନ୍ୟମାନେ ଆନ୍ଦୋଳନରେ ସାମିଲ ହୋଇ ସ୍ଥାନୀୟ ତାରିଣୀ ମନ୍ଦିର ସମ୍ମୁଖରେ ଥିବା ବଲାଙ୍ଗୀର–କଣ୍ଟାବାଞ୍ଜି ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ । ତାରିଣୀ ମନ୍ଦିର ଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ କିଷାନ ସଂଘର ସଭାପତି କନ୍ଦର୍ପ ଦନ୍ତା ଯୋଗଦେଇ ସରକାରଙ୍କ ଚାଷୀମାରଣ ନୀତି, ପ୍ରଦୂଷଣ ଟେଷ୍ଟ ନାମରେ ଜନତାଙ୍କୁ ଶୋଷଣ କରାଯିବା ଉପରେ କହିଥିଲେ । ବନ୍ଦ ସମୟରେ ଜରୁରୀକାଳୀନ ସେବାକୁ ବାଦ ଦେଇ ସମସ୍ତ ଦୋକାନ, ବଜାର ,ସରକାରୀ, ବେସରକାରୀ କାର୍ଯ୍ୟାଳୟ ,ସ୍କୁଲ କଲେଜ ବନ୍ଦ ରହିଥିଲା ।

# ପରିବର୍ଦ୍ଧିତ ଜନଶୁଣାଣି: ପ୍ରବାସୀ ଶ୍ରମିକଙ୍କୁ ଭେଟିଲେ ଜିଲାପାଳ

**ବୋଡ଼େନ, ୨୮ା୧ (ଟିକେଶ୍ୱର ନାଗ)**

ବୋଡ଼େନ ବ୍ଲକ ଟେମରୀ ଗ୍ରାମରେ ଆୟୋଜିତ ପରିବର୍ଦ୍ଧିତ ଜନଶୁଣାଣି ଅବସରରେ ଜିଲାପାଳ ମଧୁସୂଦନ ଦାଶ ପ୍ରବାସୀ ଶ୍ରମିକ ଚରଣ କାଣ୍ଡ ଓ ତାଙ୍କ ପରିବାର ଲୋକଙ୍କୁ ଭେଟି ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ। ପୂର୍ବରୁ ଚରଣ ତାଙ୍କ ପତ୍ନୀଙ୍କ ସହ ହାଇଦ୍ରାବାଦ ଯାଇ ଇଟାଭାଟିରେ କାମ କରୁଥିଲେ। କିନ୍ତୁ ଚଳିତବର୍ଷ ସେମାନେ ଜିଲାପାଳଙ୍କ ପ୍ରୋତ୍ସାହନ ଯୋଗୁ ବାହାରକୁ ନ ଯାଇ ଗ୍ରାମରେ ରହି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରିବା ସହ ନିଜ ଜମିରେ ଧାନ ଚାଷ ଆରମ୍ଭ କରିଛନ୍ତି। ଜିଲାପାଳଙ୍କ ସହ କଥାବାର୍ତ୍ତା ସମୟରେ ଚରଣ କହିଥିଲେ, ତାଙ୍କ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଓ ରାଶନ କାର୍ଡ ଭଳି ବିଭିନ୍ନ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଏବର୍ଷ ତାଙ୍କ ପରିବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୯୯ ଦିନ କାମ କରିଥିବା ସେ ଜଣାଇଥିଲେ। ବର୍ତ୍ତମାନ ସେ ତାଙ୍କର ୨.୫ ଏକର ଜମିରେ ଜଳସେଚନ ପାଇଁ କୂଅ ଖୋଳି ବିଭିନ୍ନ ଲାଭଜନକ ଫସଲ ଚାଷ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏଭଳି ଉତ୍ସାହୀ ପରିବାରକୁ ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ଯୋଗାଇଦେବା ପାଇଁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଜିଲାପାଳ ବୋଡ଼େନ ଏସ୍‌ଏସ୍‌ଡି ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ପ୍ରତିଭା ଗିରିଙ୍କ ଘରକୁ ଯାଇ ତାଙ୍କୁ ଭେଟିଥିଲେ। ଆଗାମୀ ବୋର୍ଡ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବା ପାଇଁ ଜିଲାପାଳ ତାଙ୍କୁ ଉତ୍ସାହିତ କରି ବିଭିନ୍ନ ଉପଦେଶ ପ୍ରଦାନ କରିଥିଲେ।

### ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ଲାଞ୍ଜିଗଡ଼, ୨୮ା୧ (ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା ମୁଖ୍ୟ ଅତିଥି ଓ ଲାଞ୍ଜିଗଡ଼ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆ, ବରିଷ୍ଠ କର୍ମୀ ନିରଞ୍ଜନ ଆଚାର୍ଯ୍ୟ, ସାମାଜିକ କର୍ମୀ ତ୍ରିନାଥ ମହାଖୁଡ, ଲାଞ୍ଜିଗଡ଼ ପ୍ରେସ କ୍ଲବ ଉପସଭାପତି କ୍ଷମାନିଧି ମହାଖୁଡ, ସଦସ୍ୟ ରମେଶ ଚନ୍ଦ୍ର ନାୟକ, ଖବରଦାତା ପୁରନ୍ଦର ଦଣ୍ଡସେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ରାଧାମାଧବ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ଶିକ୍ଷକ ମନୋଜ କୁମାର ମହାଖୁଡ, ଦୁର୍ଗା ମାଧ ମହାଖୁଡ ଓ ଡ଼ମ୍ବରୁଧର ସାହୁ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଶିକ୍ଷୟିତ୍ରୀ ସୁଜାତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ନିରନ୍ତର ପ୍ରୟାସ ସଫଳତା ଆଣିଦିଏ

**କୋକସରା, ୨୮ା୧ (ଦୁଷ୍ମନ୍ତ କୁମାର ପାଢୀଯୋଷୀ)**




କୋକସରା ବ୍ଲକ ଚିକିଲି ଚନ୍ଦ୍ରଭାନୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ୪୨ ତମ ଚନ୍ଦ୍ରଭାନୁ ମହୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମଳୟ କୁମାର ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋକସରା ବିଇଓ ମହେଶ କୁମାର ଭାଟି ମୁଖ୍ୟ ଅତିଥି, ନେଗୀଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ଜାଲ ମୁଖ୍ୟବକ୍ତା ଓ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ହୃଷୀକେଶ ନାଏକ, ଡ଼ଙ୍ଗରୀଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଲୋକନାଥ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ନିରନ୍ତର ପ୍ରୟାସ ଫଳରେ ସଫଳତା ସୁନିଶ୍ଚୟ ହାସଲ ହୋଇଥାଏ ବୋଲି ଛାତ୍ରୀଛାତ୍ରଙ୍କୁ କହିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କ୍ରମରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଡୋଲେଶ୍ୱର କୁମାର ଓ ଶିକ୍ଷୟିତ୍ରୀ ଗାୟତ୍ରୀ ଷଡ଼ଙ୍ଗୀ ମଞ୍ଚ ସଂଯୋଜନା କରିଥିବାବେଳେ ଶିକ୍ଷୟିତ୍ରୀ ଚନ୍ଦ୍ରିକା ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

### ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କୋକସରା, ୨୮ା୧ (ଦୁଷ୍ମନ୍ତ କୁମାର ପାଢୀଯୋଷୀ):** କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ପଞ୍ଚାୟତ ତଳାଗାଁ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନୀଳାମ୍ବର ଦାସ ବାର୍ଷିକ ବିବରଣୀ ପଠନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସିଆର୍‌ସିସି ସୁମନ୍ତ ପ୍ରସାଦ ଠାକୁର ସଭାପତି କରିଥିଲେ। ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି, ଏବିଇଓ ତୋଫାନ ମାଝୀ ମୁଖ୍ୟବକ୍ତା ଓ ଶିକ୍ଷକ ଲକ୍ଷ୍ମୀଧର ସେନାପତି, କାଉଡୋଳା ୟୁପି ସ୍କୁଲର ପ୍ରଧାନଶିକ୍ଷକ ସ୍ୱର୍ଣ୍ଣପ୍ରଭା ପଣ୍ଡା, ପ୍ରଧାନ ଶିକ୍ଷକ ଜୟଶଙ୍କର ପାଠୀ, ସ୍ଥାନୀୟ ସରପଞ୍ଚ ଜମୁନା ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀମାନଙ୍କୁ ଅତିଥି ମାନଙ୍କ ଦାରା ପୁରସ୍କାର ପ୍ରଦାନ କରାଯାଇଥିଲା।

# କାଣ୍ଡାମାକୁ ହରାଇ ଖମାରି ଚାମ୍ପିୟନ



ଅତିଥିଙ୍କ ସହ ଖେଳାଳିମାନେ।

**ଲାଞ୍ଜିଗଡ଼, ୨୮ା୧ (ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମୁଷାନାଳସ୍ଥିତ ଖେଳପଡିଆଠାରେ ମୁଷାନାଳ ମହାବୀର ୱାରିୟର୍ସ ଆନୁକୂଲ୍ୟରେ ଏକ ଦିବସୀୟ ନକଆଉଟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଲାଞ୍ଜି ପଞ୍ଚାୟତ କାଣ୍ଡାମା ଓ ବେନଗାଁ ପଞ୍ଚାୟତ ଖମାରି ଦଳ ମଧ୍ୟରେ ହୋଇଥିଲା। ଖମାରି ଦଳ ପ୍ରଥମ ବ୍ୟାଟିଂ କରି ୧୦ ଓଭରରେ ୫ ଉଇକେଟ ବିନିମୟରେ ୧୨୨ ରନ କରିଥିଲା। ଜବାବରେ କାଣ୍ଡାମା ଦଳ ୯ ଓଭରରେ ସମସ୍ତ ଉଇକେଟ ହରାଇ ୬୧ ରନ କରି ପରାଜିତ ହୋଇଥିଲା। ଫଳରେ ଖମାରୀ ଚାମ୍ପିୟନ ଘୋଷିତ ହୋଇଥିଲା। କାହ୍ନୁ ଦୋରା ଓ ରାଜା ପୂଜାରୀ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସାମାଜିକ କର୍ମୀ ପବିତ୍ର ବାଗ ମୁଖ୍ୟ ଅତିଥି ଓ ଧନେଶ୍ୱର ପାତ୍ର, ରଘୁରାମ ଦୋରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଏକ ଦିବାସୀୟ ପ୍ରତିଯୋଗିତାରେ ୮ ଟି ଦଳ ସାମିଲ ହୋଇଥିଲେ।

# ବରଗଡ଼କୁ ହରାଇ ବିହାର ବକ୍ସର ଫାଇନାଲରେ

**ଷଷ୍ଠ ଦିବରେ ୨୨ତମ ତିଳେଶ୍ୱର କପ ଫୁଟବଲ ମହାକୁମ୍ଭ**

**ହରଭଙ୍ଗା, ୨୮ା୧ (ନରେନ୍ଦ୍ର କୁମାର ସାହୁ)**



ତିଳେଶ୍ୱର କପ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଖେଳାଳି ଓ ଅତିଥି।

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତିଳେଶ୍ୱର ବଜାର ଆସୋସିଏଶନ ପକ୍ଷରୁ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ୨୨ତମ ତିଳେଶ୍ୱର କପ ଫୁଟବଲ ମହାକୁମ୍ଭର ବୁଧବାର ଥିଲା ଷଷ୍ଠ ଦିବସ। ଷଷ୍ଠ ଦିବସରେ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ଖେଳ ବିହାର ବକ୍ସର ଓ ବରଗଡ ୟୁନାଇଟେଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳଟି ବହୁ ଚିତାକର୍ଷକ ହୋଇଥିବା ବେଳେ ବିହାର ବକ୍ସର ଦଳ ୧–୦ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ସମାଜସେବୀ ସାଗର ପଟନାୟକ, ବନପାଳ ପ୍ରସନ୍ନ କୁମାର ପ୍ରଧାନ, ସୁଧିର ମହାକୁଡ, ଡ. ଚିନ୍ମୟ ମିଶ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରେଫରି ଦିଲୀପ ରାଉତ, ସୁଜିତ କୁମାର ହଂସ, ଶିବ ଦେହୁରୀ ଓ ଚତୁର୍ଥ ରେଫରୀ ଭାବେ ସରୋଜ ମଲିକ ପରିଚାଳନା କରିଥିଲେ। ସିମୁନ ନାଏକ ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ସୁଜିତ ବେହେରା ଓ ସୁନୀଲ କର୍ଣ୍ଣ ସଂଯୋଜନା କରିଥିଲେ। ଖେଳ ପରିଚାଳନାରେ ଶୁଭ୍ରଜିତ ପ୍ରଧାନ, ନାରାୟଣ ମହାନ୍ତି, ଖଗିଆ ପ୍ରଧାନ, ଶିବାନନ୍ଦ ସାହୁ, ବିକ୍ରମ ପ୍ରଧାନ, ଓମପ୍ରକାଶ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ଢୋଲ ମହୁରୀ ନୃତ୍ୟରେ ଦୁଲୁକିଲା ମଞ୍ଚ

**ଦ୍ୱିତୀୟ ଦିନରେ ଚତୁର୍ଥ ହରଭଙ୍ଗା ଲୋକ ମହୋତ୍ସବ**

**ହରଭଙ୍ଗା, ୨୮ା୧ (ନରେନ୍ଦ୍ର କୁମାର ସାହୁ)**



ଚତୁର୍ଥ ହରଭଙ୍ଗା ଲୋକ ମହୋତ୍ସବ ବୁଧବାର ଦ୍ୱିତୀୟ ସନ୍ଧ୍ୟାରେ ସଭାପତି ସଂଗ୍ରାମ କେଶରୀ ବେହେରା ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ହରଭଙ୍ଗା ତହସିଲଦାର ବଳଦେବ ବେହେରା, ଅତିଥି ହରଭଙ୍ଗା ଥାନା ଅଧିକାରୀ ଶାରଦା ପ୍ରସାଦ ଦାସ, ଡ. ଶ୍ୟାମକାନ୍ତ ମେହେର, ଯୋଗ ଦେଇଥିଲେ। ସଞ୍ଜୀବ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ମହୋସବ ମାଧ୍ୟମରେ ସ୍ଥାନୀୟ ଅଞ୍ଚଳର କଳା ସଂସ୍କୃତିର ବିକାଶ ପାଇଁ ହୋଇପାରିବ ବୋଲି ଅଥିତିମାନେ ମତ କରିଥିଲେ। ସନ୍ଧ୍ୟାରେ ନଟରାଜ ଲୋକନୃତ୍ୟ ଫୁଲବାଣୀ, ବୌଦ୍ଧରୁ ଆସିଥିବା ଗେହ୍ଲା ମା ସାଂସ୍କୃତିକ ପରିଷଦ ଢୋଲ ମହୁରୀ ଓ ହରଭଙ୍ଗା କଲେଜ ଏବଂ ହରଭଙ୍ଗା ବିଦ୍ୟାଳୟର କୁନି କଳାକାର ଏବଂ ସ୍ଥାନୀୟ ଲୋକ ନୃତ୍ୟ ପରିବେଷଣ କରି ମଞ୍ଚ ଦୁଲୁକେଇ ଦେଇଥିଲେ। କମିଟିର ସମ୍ପାଦକ ଓ ସମସ୍ତ ସଭ୍ୟ, ଡ୍ରାଇଭର ମହାସଂଘ, ପୋଲିସ ବାହିନୀମାନେ ସହଯୋଗ କରିଥିଲେ। ମହୋତ୍ସବରେ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ଷ୍ଟଲ, ମିନାବଜାର, ବୁଲି ଦର୍ଶକମାନେ ଉପଭୋଗ କରିଥିଲେ।


ଅଇଁଠାପାଲି ବସ୍‌ଷ୍ଟାଣ୍ଡରେ ଘରୋଇ ବସ୍ ଛିଡ଼ା ହୋଇଛି।


ବନ୍ଦ ଯୋଗୁ ବସ୍ ଟର୍ମିନସ୍‌ରେ ଛିଡ଼ା ହୋଇଛି ଆମ ବସ୍।

# ସମ୍ବଲପୁରରେ ଓଡ଼ିଶା ବନ୍ଦର ଆଂଶିକ ପ୍ରଭାବ

**ସମ୍ବଲପୁର,୨୮।୧(ପ୍ରମୋଦ ବହିଦାର)**

ନବନିର୍ମାଣ କୃଷକ ସଙ୍ଗଠନ ଆହୂତ ବୁଧବାର ଓଡ଼ିଶା ବନ୍ଦ ଡାକରାର ପ୍ରଭାବ ସମ୍ବଲପୁରରେ ଆଂଶିକ ପ୍ରଭାବ ଦେଖିବାକୁ ମିଳିଥିଲା। ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ୮ ଘଣ୍ଟିଆ ବନ୍ଦ ପାଳନ ଯୋଗୁ ସମ୍ବଲପୁରରେ ସରକାରୀ ଓ ବେସରକାରୀ ବସ୍ ସେବା ସହିତ ସହର ମଧ୍ୟରେ ଚଳାଚଳ କରୁଥିବା ଆମ ବସ୍ ସେବା ବନ୍ଦ ରହିଥିଲା। ସହରର ସମସ୍ତ ଶିକ୍ଷାନୁଷ୍ଠାନ, କେତେକ ବଡ଼ ମଲ୍ ବନ୍ଦ ରହିଥିଲା। ମାତ୍ର କେତେକ ସରକାରୀ କାର୍ଯ୍ୟାଳୟ, ରାଷ୍ଟ୍ରାୟ ଓ ଘରୋଇ ବ୍ୟାଙ୍କ ବନ୍ଦ ରହିଥିଲା। ଏଚ୍‌ଡିଏଫ୍‌ସି, ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟଶାଖାକୁ ଛାଡ଼ି ଅନ୍ୟାନ୍ୟ ସମସ୍ତ ଶାଖା, ଜୀବନବୀମା କାର୍ଯ୍ୟାଳୟ, ଡାକ ବିଭାଗ, ଜିଲାପାଳ, ଆର୍‌ଡିସି, ଯୋଗାଣ, ଟ୍ରେଜେରୀ, ଉପଜିଲାପାଳଙ୍କ କାର୍ଯ୍ୟାଳୟ ସହିତ କଚେରିରେ ସ୍ୱାଭାବିକ ଭାବେ କାର୍ଯ୍ୟ ଚାଲିଥିଲା। ସହରର ଗୋଲବଜାର ଲକ୍ଷ୍ମୀଟକିଜ, ଧନୁପାଲି ଆଦି କେତେକ ଅଞ୍ଚଳରେ ଦୋକାନ ବଜାର ବନ୍ଦ ଥିବା ବେଳେ ଫାଟକ, ବୁଢ଼ାରଜା, ଅଇଁଠାପାଲି, ବୈଦ୍ୟନାଥଛକ ଆଦି ଅଞ୍ଚଳରେ ଦୋକାନଗୁଡ଼ିକ ସ୍ୱାଭାବିକ ଭାବେ ଖୋଲା ରହିଥିଲା। ହୋଟେଲ, ରେସ୍ତୋରାଁ ଆଦି ବନ୍ଦ ଥିବା ବେଳେ ଅଇଁଠାପାଲି, ବୁଢ଼ାରଜା, ସରକାରୀ ବସଷ୍ଟାଣ୍ଡ, ପୀରବାବାଛକ ଆଦି ଅଧିକାଂଶ ପରିବା ବଜାରରେ ମଧ୍ୟ ସ୍ୱାଭିବିକ ଭାବେ ବ୍ୟବସାୟ ଚାଲିଥିଲା।ସହର ମଧ୍ୟରେ ଆମ ବସ୍ ସେବା ବ୍ୟତୀତ, ଅନ୍ୟ ଯାନବାହାନ ସ୍ୱାଭାବିକ ଭାବେ ଚଳାଚଳ କରିଥିବା ଦେଖିବାକୁ ମିଳିଥିଲା। ପେଟ୍ରୋଲ ପମ୍ପ ସବୁ ଖୋଲା ରହିଥିଲା। ଦୂରଦୂରାନ୍ତରୁ ଆସି ସକାଳୁ ସମ୍ବଲପରୁରେ ପହଞ୍ଚି ବସ୍ ଯେଗେ ଅନ୍ୟ ଗନ୍ତବ୍ୟସ୍ଥଳକୁ ଯିବାକୁ ଥିବା ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସୂଚନାଯୋଗ୍ୟ, ବନ୍ଦ ପାଇଁ ସମ୍ବଲପୁରରେ ବିଶେଷ ପ୍ରଚାର ପ୍ରସାର ହୋଇ ନ ଥିଲା। କାରଣ ଟୋକନ ଓ ଧାନ ସଂଗ୍ରହରେ ଅବ୍ୟବସ୍ଥାର ପ୍ରତିବାଦରେ ଗତ ଡିସେମ୍ବର ୧୯ରେ ସମ୍ବଲପୁର ଜିଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ସମ୍ବଲପୁର ବନ୍ଦ ପାଳନ କରାଯାଇଥିଲା। ତେଣୁ ବନ୍ଦକୁ ନେଇ ସମ୍ବଲପୁରରେ ପ୍ରତ୍ୟକ୍ଷ ଭାବେ ଚାଷୀ ସଂଗଠନ ବା କୌଣସି ରାଜନୈତିକ ଦଳ ସେଭଳି କୌଣସି ପ୍ରକାର ତତ୍ପରତା ଦେଖାଇ ନ ଥିଲେ।

**ସରକାରୀ କାର୍ଯ୍ୟାଳୟ ଅଧା ଖୋଲା ଓ ଅଧା ବନ୍ଦ**

## ନାକଟିଦେଉଳ

**(ବୈକୁଣ୍ଠନାଥ ସାହୁ)**

ନବ ନିର୍ମାଣକୃଷକ କୃଷକ ସଂଘ ପକ୍ଷରୁ ବୁଧବାର ଦିଆଯାଇଥିବା ୮ଘଣ୍ଟିଆ ଓଡ଼ିଶା ବନ୍ଦର ଆଂଶିକ ପ୍ରଭାବ ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସଦରଠାରେ ଦେଖିବାକୁ ମିଳିଥିଲା। ଏହି ବନ୍ଦକୁ କଂଗ୍ରେସ ଦଳ ପକ୍ଷରୁ ସମର୍ଥନ କରାଯାଇଥିବା ପରିପ୍ରେକ୍ଷୀରେ ନାକଟିଦେଉଳଠାରେ କଂଗ୍ରେସ କର୍ମୀମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରି ସରକାରୀ କାର୍ଯ୍ୟାଳୟ ବନ୍ଦ କରିଥିଲେ। ପିକେଟିଂ ଫଳରେ ନାକଟିଦେଉଳଠାରେ ଥିବା ତହସିଲ, ବ୍ଲକ କାର୍ଯ୍ୟାଳୟ, ଷ୍ଟେଟ ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ, ସମବାୟ ବ୍ୟାଙ୍କ, ଓଡିଶା ଗ୍ରାମୀଣ ବ୍ୟାଙ୍କ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସ୍ନାତକ ମହାବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟଗୁଡିକ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବନ୍ଦ ରହିଥିଲା। ତେବେ ଏଠାରେ ଥିବା ଦୋକାନ ବଜାର ଖୋଲା ରହିଥିବା ବେଳେ ଗାଡ଼ି ମୋଟର ଚଳାଚଳ ସ୍ୱାଭାବିକ ରହିଥିବା ଦେଖିବାକୁ ମିଳିଥିଲା। ସୁମନ୍ତ ଧଳ, ପଦ୍ମଲୋଚନ ବିଶି, ବାବୁନୁ ପ୍ରଧାନ, ୱାରିଶ ପ୍ରଧାନ, ଅଶୋକ ପୋଢ଼ ଏବଂ ତପନ ବାଦୀଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ଅଭିଜିତ ମଜୁମଦାରଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର,୨୮।୧(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ସ୍ଥାନୀୟ ସାମ୍ବାଦିକ ଭବନଠାରେ ବୁଧବାର ବିଶିଷ୍ଟ ଗାୟକ, ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାରଙ୍କୁ ଅଞ୍ଚଳର କଳାକାରମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସମ୍ବଲପୁର ଏବଂ ବରଗଡ଼ର ବୁଦ୍ଧିଜୀବୀ ଓ କଳାକାରମାନେ ସ୍ମୃତି ସଭାରେ ଯୋଗଦେଇ ଅଭିଜିତଙ୍କ ସ୍ମୃତି ଚାରଣ କରିଥିଲେ। ସମ୍ବଲପୁରରୁ ତାଙ୍କର ସଙ୍ଗୀତ ଯାତ୍ରା ଆରମ୍ଭ ସମୟର ସ୍ମୃତି ସହ ଜଡ଼ିତ କଳାକାରମାନେ ସ୍ମୃତିଚାରଣ କରିଥିଲେ। ସେ ପ୍ରଥମେ ସମ୍ବଲପୁରର ବିଭିନ୍ନ କ୍ଲବକୁ ଯାଇ ସଙ୍ଗୀତ ଶିକ୍ଷା କରିବା ସହ ପ୍ରଥମ କ୍ୟାସେଟ 'ଧସକି ଗଲା' ତିଆରି କରିଥିଲେ। ତା' ପରେ ତାଙ୍କର ସଙ୍ଗୀତ ନିଶା ତାଙ୍କୁ କଟକକୁ ଟାଣି ନେଇଥିଲା। ସେ ସମୟରେ ସେ ଜଣେ ବନ୍ଧୁଙ୍କ ସହ ସମ୍ବଲପୁରରୁ ଗୋଟିଏ ସାଇକେଲ ଧରି କଟକ ପହଞ୍ଚିଥିଲେ। ତାଙ୍କ ଘରେ ବାରମ୍ବାର ବାରଣ କରିବା ସତ୍ତ୍ୱେ ସେ ସଙ୍ଗୀତ ପାଇଁ ଘର ଛାଡ଼ିଥିଲେ। ଆସନ୍ତା ୯ ତାରିଖରେ ଅଭିଜିତ ମଜୁମଦାରଙ୍କ ସ୍ମୃତିରେ ସମ୍ବଲପୁର ଗଙ୍ଗାଧର ମଣ୍ଡପରେ ଏକ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜନ ନେଇ ସ୍ଥିର କରାଯାଇଛି। ଏହି ସ୍ମୃତି ସଭାରେ ବହୁ କଳାକାର ଓ ସଙ୍ଗୀତ ପ୍ରେମୀ ଯୋଗ ଦେଇଥିଲେ। ଗାୟକ ବିଭୂତି ପଟ୍ଟନାୟକ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଲିଟୁ ମହାନ୍ତି, ଗୌର ଗୁରୁ, ସୁଧୀର ବହିଦାର, ସୁନୀଲ ତ୍ରିପାଠୀ, କୃଷ୍ଣଚନ୍ଦ୍ର ବାଗ, ଲଳିତ ମୋହନ ବେର୍ତା, ସିଲୁ ସିଂଦେଓ, ସୁଶାନ୍ତ ମିଶ୍ର ଓ ତର୍ପଣ ପ୍ରଧାନଙ୍କ ସହ ବହୁ କଳାକାର ଓ ବୁଦ୍ଧିଜୀବୀ ଏହି ସ୍ମୃତି ସଭାରେ ଉପସ୍ଥିତ ରହିଥିଲେ।



ଅଭିଜିତ ମଜୁମଦାରଙ୍କୁ କଳାକାରମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।


ଆୟୋଜିତ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରୀଛାତ୍ର।

# ଭାରତୀୟ ସମ୍ବିଧାନ ଆମ ଦେଶର ଆତ୍ମା

**ସମ୍ବଲପୁର,୨୮।୧(ବି.ଶଙ୍କର)**

**ଆଇପିଏସ ସ୍କୁଲରେ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମ**

ସମ୍ବଲପୁରର କ୍ଷେତରାଜପୁରସ୍ଥିତ ଇଣ୍ଡିଆନ୍ ପବ୍ଲିକ ସ୍କୁଲ(ଆଇପିଏସ୍)ରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ୫ (ଓ) ବାଟାଲିୟନ ଏନସିସି ସମ୍ବଲପୁରର ୧୦ମ ଶିଖ୍ ଲାଇଟ୍ ଇନଫାଣ୍ଟ୍ରିର ସୁବେଦାର ମେଜର ଗୁରୁବଚନ ସିଂହ ମୁଖ୍ୟ ଅତିଥିଥିଲେ। ମୁଖ୍ୟ ଅତିଥି ସିଂହ ଏବଂ ନିର୍ଦ୍ଦେଶକ କେଶବ ଡାଲମିଆ, ଚେୟାରମ୍ୟାନ ସୁମନ ଡାଲମିଆ ଦେଶଭକ୍ତି ବିଷୟରେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଚାରୋଟି ସଦନର ବିଦ୍ୟାର୍ଥୀମାନେ ପ୍ରଧାନ ଛାତ୍ର ନୀତିନ ଅଗ୍ରୱାଲ ଏବଂ ପ୍ରଧାନ ଛାତ୍ରୀ ରିତିକା ମିଶ୍ରଙ୍କ ନେତୃତ୍ୱରେ ମାର୍ଚ୍ଚପାଷ୍ଟ ହୋଇଥିଲା। ପ୍ରଧାନଶିକ୍ଷକ ସଚିନ ପାଠକ କହିଥିଲେ, ଭାରତୀୟ ସମ୍ବିଧାନ ଆମ ଦେଶର ଆତ୍ମା, ଯାହା ଆମକୁ ଅଧିକାର ସହିତ କର୍ତ୍ତବ୍ୟର ମଧ୍ୟ ବୋଧ କରାଏ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରସ୍ତୁତ ଦେଶଭକ୍ତି ସାଂସ୍କୃତିକ କାର୍ଯ୍ୟକ୍ରମ, ଦେଶଭକ୍ତି ଗୀତ, ନୃତ୍ୟ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଅତିଥି ସିଂହ ବିଦ୍ୟାର୍ଥୀମାନଙ୍କୁ ସମ୍ବୋଧିତ କରି ଦିବସର ଐତିହାସିକ ଏବଂ ରାଷ୍ଟ୍ରୀୟ ମହତ୍ତ୍ୱ ଉପରେ ପ୍ରକାଶ ପକାଇଥିଲେ। ବିଦ୍ୟାଳୟ ଏକାଡେମିକ କୋଅର୍ଡିନେଟର ରଶ୍ମିରେଖା ପଣ୍ଡା, ଇଂଲିଶ ବିଭାଗାଧ୍ୟକ୍ଷ ବିଜୟ କୁମାର ପ୍ରଧାନ, ହିନ୍ଦୀ ବିଭାଗାଧ୍ୟକ୍ଷ ହେମନ୍ତ କୁମାର ଯାଦବ, ବିଜ୍ଞାନ ବିଭାଗାଧ୍ୟକ୍ଷ ତଥା ପରୀକ୍ଷା ନିୟନ୍ତ୍ରକ ବିକ୍ରମ ଷଡ଼ଙ୍ଗୀ, ଏନସିସି. ଶିକ୍ଷୟିତ୍ରୀ ରୋଶନୀ ସିଂହ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ହିନ୍ଦୀ ବିଭାଗାଧ୍ୟକ୍ଷ ହେମନ୍ତ କୁମାର ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ ।

## ସାଇକେଲକୁ ଧକ୍କା ଦେଇ ବାଇକ୍ ଜଳିଗଲା

**ନୂଆପଡ଼ା, ୨୮।୧ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ଥାନା ଉଦ୍ୟାନବନ୍ଧ ନିକଟ ଖଇରଭାଡି ଛକ ଜାତୀୟ ରାଜପଥ ଉପରେ ବୁଧବାର ସାଇକେଲକୁ ଧକ୍କା ଦେଇ ଏକ ବାଇକ୍ ଜଳିଯାଇଛି। ସେଥିରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ବାରଣ୍ଡାପାଟ ଗାଁର ବାଇକ୍ ଆରୋହୀ ମନସୂଦନ ମାଝୀ (୪୦), ତପନ ରାଉତ (୪୫) ଓ ସାଇକେଲ ଆରୋହୀ ଯୁଜିଷ୍ଠିର ରାଉତ (୩୫)। ସୂଚନା ଅନୁଯାୟୀ, ଅପରାହ୍ନ ଗୋଟାଏ ସମୟରେ ଦୁଇ ବାଇକ୍ ଆରୋହୀ ଉଦ୍ୟାନବନ୍ଧ ପଟୁ ଜଡାମୁଣ୍ଡା ପଟେ ଯାଉଥିଲେ। ସେହି ସମୟରେ ସାଇକେଲକୁ ଧକ୍କା ଦେଇ ବାଇକ୍ ଜଳି ଯାଇଥିଲା। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ବାଇକ ଜଳି ଯାଇଥିଲା। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି କୋମନା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରେ ଯୁଜିଷ୍ଠିର ଓ ତପନ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରି ଯାଇଥିବା ବେଳେ ମନସୂଦନ ଗୁରୁତର ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କୋମନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ବ୍ରାଇଟ ଫ୍ୟୁଚର ପବ୍ଲିକ ସ୍କୁଲ ପାଳିଲା ସାଧାରଣତନ୍ତ୍ର ଦିବସ


ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

**ସମ୍ବଲପୁର,୨୮।୧(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ନକ୍ସାପାଲିସ୍ଥିତ ବ୍ରାଇଟ ଫ୍ୟୁଚର ପବ୍ଲିକ ସ୍କୁଲ ଏବଂ କୋଶଳ ନର୍ସିଂ କଲେଜର ମିଳିତ ଆନୁକୂଲ୍ୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଏବଂ କଲେଜ ଅଧ୍ୟକ୍ଷ ଡା. ବସନ୍ତ କୁମାର ବିଶୋଇଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୁର୍ଲା ଭିମସାର ନର୍ସିଂ କଲେଜ ଉପାଧ୍ୟକ୍ଷା ଡା. ମାଳତୀ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଜମନକିରା ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଡା. ବସନ୍ତ କୁମାର ଦାସ ମୁଖ୍ୟବକ୍ତା ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଶ୍ୱଜିତ ସାହୁ, ବବିତା ରାଣୀ ନାୟକ, ଏସ. ଏସ. ଜୟସିଂହ, ଆର.ଏନ.ଜେନା, ସିକୁନ ବିଶ୍ୱାଳ କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ନେଇଥିଲେ । ଶେଷରେ ଦୀପା ଓରାମ ଧନ୍ୟବାଦ ଅର୍ପଣ କରିଥିଲେ ।

# ପରମାଣପୁର ଧନୁଯାତ୍ରାରେ ସାରସ୍ୱତ ସମାରୋହ


ସାରସ୍ୱତ କାର୍ଯ୍ୟକ୍ରମରେ କଳାକାରଙ୍କ ସହ ମଞ୍ଚାସୀନ କବୟିତ୍ରୀକବିମାନେ।

**ସମ୍ବଲପୁର,୨୮।୧(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ପରମାଣପୁର ଧନୁଯାତ୍ରାର ଚତୁର୍ଥ ଦିବସରେ ବୁଧବାର ଗୋମତ୍ତ ଋଷୀଙ୍କ ଅଭିଶାପ, ଦୁର୍ମିଳ ବଧ, ଉଗ୍ରସେନଙ୍କ ମୁକୁଟ ହରଣ, ନଗର ଭ୍ରମଣ ଆଦି ଦୃଶ୍ୟ ଅଭିନୀତ ହୋଇଥିଲା। ଏହାସହ ରୟାଲ ଡ୍ୟାନ୍ସଗ୍ରୁପ ଭୁବନେଶ୍ୱର, ବଲାଙ୍ଗୀରର ମୁହୁରିଆ କଳାପରିଷଦ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ପରମାଣପୁରର ନିରମାଏଲ ସାହିତ୍ୟ ସଂସଦ ପକ୍ଷରୁ ଧନୁଯାତ୍ରା ମଞ୍ଚରେ କବିତା ପାଠ ଏବଂ ସାରସ୍ୱତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଲଳିତ ମୋହନ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ସାରସ୍ୱତ ସମାରୋହରେ କାହ୍ନୁଚରଣ ନାଥ, ତ୍ରିଲୋଚନ ସାହୁ, ପ୍ରଦ୍ୟୁମ୍ନ ନାଥ, ମିଶ୍ର, ରାଜଲକ୍ଷ୍ମୀ ମିଶ୍ର, ନିରୂପମା ନାଥ, ପ୍ରଭଞ୍ଜନ ପୁରୋହିତ, ଆଭାସ ପଣ୍ଡା, ଶୁଶିଲ କୁମାର ମିଶ୍ର ପ୍ରମୁଖ କବିତା ପାଠ କରିଥିଲେ। ସେହିପରି ମଞ୍ଚରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ।

## ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ

**ଲାଞ୍ଜିଗଡ଼, ୨୮।୧(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ମଧୁପୁର ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ମୁଖ୍ୟ ଅତିଥି, ମଧୁପୁର ପିଏମ୍‌ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବେଦବ୍ୟାସ ପ୍ରଧାନ ମୁଖ୍ୟବକ୍ତା ଓ ଗୋବର୍ଦ୍ଧନପୁର ସରପଞ୍ଚ ବୈଦେହୀ ମାଝୀ, ସମିତିସଭ୍ୟା ସୁଚିତ୍ରା ମାଝୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉମାଶଙ୍କର ପଣ୍ଡା, ସୁରେଶ ଚନ୍ଦ୍ର ସାହୁ, ସାମାଜିକ କର୍ମୀ ହରିଶଙ୍କର ପାତ୍ର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗିରିଧାରୀ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ଶିକ୍ଷକ ସନ୍ତୋଷ ପାତ୍ର, ମଧୁସୂଦନ ରାଉତ ପରିଚାଳନା କରିଥିବାବେଳେ ଶିକ୍ଷକ ଚିତ୍ତରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଢୋଲ ମହୁରୀ ନୃତ୍ୟରେ ଦୁଲୁକିଲା ମଞ୍ଚ



**ହରଭଙ୍ଗା,୨୮।୧(ନରେନ୍ଦ୍ର କୁମାର ସାହୁ)**

**ଦ୍ୱିତୀୟ ଦିନରେ ଚତୁର୍ଥ ହରଭଙ୍ଗା ଲୋକ ମହୋତ୍ସବ**

ଚତୁର୍ଥ ହରଭଙ୍ଗା ଲୋକ ମହୋତ୍ସବ ବୁଧବାର ଦ୍ୱିତୀୟ ସନ୍ଧ୍ୟାରେ ସଭାପତି ସଂଗ୍ରାମ କେଶରୀ ବେହେରା ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ହରଭଙ୍ଗା ତହସିଲଦାର ବଳଦେବ ବେହେରା, ଅତିଥି ହରଭଙ୍ଗା ଥାନା ଅଧିକାରୀ ଶାରଦା ପ୍ରସାଦ ଦାସ, ଡ. ଶ୍ୟାମକାନ୍ତ ମେହେର, ଯୋଗ ଦେଇଥିଲେ। ସଞ୍ଜୀବ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ମହୋତ୍ସବ ମାଧ୍ୟମରେ ସ୍ଥାନୀୟ ଅଞ୍ଚଳର କଳା ସଂସ୍କୃତିର ବିକାଶ ପାଇଁ ହୋଇପାରିବ ବୋଲି ଅଥିତିମାନେ ମତ କରିଥିଲେ। ସନ୍ଧ୍ୟାରେ ନଟରାଜ ଲୋକନୃତ୍ୟ ଫୁଲବାଣୀ, ବୌଦ୍ଧରୁ ଆସିଥିବା ଗେହ୍ଲା ମା ସାଂସ୍କୃତିକ ପରିଷଦ ଢୋଲ ମହୁରୀ ଓ ହରଭଙ୍ଗା କଲେଜ ଏବଂ ହରଭଙ୍ଗା ବିଦ୍ୟାଳୟର କୁନି କଳାକାର ଏବଂ ସ୍ଥାନୀୟ ଲୋକ ନୃତ୍ୟ ପରିବେଷଣ କରି ମଞ୍ଚ ଦୁଲୁକେଇ ଦେଇଥିଲେ। କମିଟିର ସମ୍ପାଦକ ଓ ସମସ୍ତ ସଭ୍ୟ, ଡ୍ରାଇଭର ମହାସଂଘ, ପୋଲିସ ବାହିନୀମାନେ ସହଯୋଗ କରିଥିଲେ। ମହୋତ୍ସବରେ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ଷ୍ଟଲ, ମିନାବଜାର, ବୁଲି ଦର୍ଶକମାନେ ଉପଭୋଗ କରିଥିଲେ।

# ତଦନ୍ତ ଦାବି, ତେଜିଲା ରାଜନୀତି



ବାରାମତି ବିମାନବନ୍ଦରରେ ବୁଧବାର ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଦୁର୍ଘଟଣାଗ୍ରସ୍ତ ବିମାନର ଭଗ୍ନାବଶେଷ ଚାରିପଟେ ଉଦ୍ଧାରକାରୀ ଦଳ ଓ ଦେଖଣାହାରିଙ୍କ ଗହଳି। (ଫଟୋ: ପି.ଟି.)



**ଅଜିତ ପାୱାର**
୨୨.୭.୧୯୫୯-୨୮.୧.୨୦୨୬

**ମୁମ୍ବାଇ/ନୂଆଦିଲ୍ଲୀ,୨୮।୧**

ମହାରାଷ୍ଟ୍ରରେ ସର୍ବାଧିକ ୬ ଥର ଉପମୁଖ୍ୟମନ୍ତ୍ରୀ ହୋଇଥିଲେ ଏନ୍‌ସିପି ମୁଖ୍ୟ ଅଜିତ ପାୱାର। ଯେଉଁ ଦଳ କ୍ଷମତାକୁ ଆସୁନା କାହିଁକି ଅଜିତଙ୍କ ସମର୍ଥନ ସବୁବେଳେ ଲୋଡ଼ା ପଡୁଥିଲା। ତାଙ୍କୁ ଜାତୀୟତାବାଦୀ କଂଗ୍ରେସ ପାର୍ଟି ପ୍ରତିଷ୍ଠାତା ଶରଦ ପାୱାରଙ୍କ ପରେ ମହାରାଷ୍ଟ୍ର ରାଜନୀତିକୁ ସବୁଠୁ ଅଧିକ ବୁଝିଥିବା ନେତା ବୋଲି ମନେକରାଯାଉଥିଲା। ଏପରି କି ଶରଦଙ୍କ ବିରୋଧରେ ବିଦ୍ରୋହକରି ସଂଖ୍ୟାଧିକ ବିଧାୟକ, ଏମ୍‌ପିଙ୍କ ସମର୍ଥନ ହାସଲକରି ନିଜ ଗୋଷ୍ଠୀ ପାଇଁ ଅସଲ ଏନ୍‌ସିପି ମାନ୍ୟତା ହାସଲ କରିବାରେ ଅଜିତ ଦାଦା ସକ୍ଷମ ହୋଇଥିଲେ। କିଛିଦିନ ପରେ ସେ ହୁଏତ ଭାଜପା ନେତୃତ୍ୱାଧୀନ ଶାସକ ମହାଯୁତି ମେଣ୍ଟ ଛାଡ଼ି ଦାଦା ଶରଦଙ୍କ ଏନ୍‌ସିପି(ଏସ୍‌ପି) ସହ ନିଜ ଏନ୍‌ସିପିର ମିଶ୍ରଣ କରାଇଥାଆନ୍ତେ, ଯାହାକି ମହାରାଷ୍ଟ୍ର ରାଜନୀତିରେ ନୂଆ ସମୀକରଣ ସୃଷ୍ଟି କରିଥାଆନ୍ତା। ଏଭଳି ଜଣେ ବହୁଚର୍ଚ୍ଚିତ ବ୍ୟକ୍ତିଙ୍କ ବିମାନ ଦୁର୍ଘଟଣାରେ ମୃତ୍ୟୁକୁ ରାଜ୍ୟବାସୀ ଓ ବିରୋଧୀ ଦଳଗୁଡ଼ିକର ନେତାମାନେ ସହଜରେ ଗ୍ରହଣ କରିପାରି ନାହାନ୍ତି। କେନ୍ଦ୍ର ସରକାରଙ୍କ ଅଧୀନରେ ଆସୁଥିବା ଏଜେନ୍ସିଗୁଡ଼ିକ ଉପରେ ଭରସା ନ ଥିବାରୁ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ଏହାକୁ ନେଇ କେବଳ ମହାରାଷ୍ଟ୍ର ନୁହେଁ, ଜାତୀୟ ରାଜନୀତି ମଧ୍ୟ ସରଗରମ ହୋଇଛି।

ଅଜିତ ପାୱାରଙ୍କ ବିମାନ ଦୁର୍ଘଟଣା ପରେ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ୍ ବ୍ୟୁରୋ (ଏଏଆଇବି) ଏବଂ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଟିମ୍ ତଦନ୍ତ ପାଇଁ ବାରାମତିରେ ପହଞ୍ଚିଥିବାବେଳେ ସର୍ବପ୍ରଥମେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସନ୍ଦେହ ବ୍ୟକ୍ତ କରିଛନ୍ତି। ଅଜିତଙ୍କ ମୃତ୍ୟୁ ପଛରେ ଷଡ଼ଯନ୍ତ୍ର ରହିଥିବା ମନେକରି ମମତା ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଏହାର ତଦନ୍ତ ଦାବି କରିଥିବାବେଳେ ଅନେକ ରାଜନେତା ଏହାକୁ ସମର୍ଥନ କରିଛନ୍ତି। ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି, ଅନେକ ଭିଆଇପି ଅନୁରୂପ ଭାବେ ଦୁର୍ଘଟଣାରେ ପ୍ରାଣ ହରାଇଲେଣି। ଦୁର୍ଘଟଣା ପଛର ପ୍ରକୃତ କାରଣ ଜାଣିବା ପାଇଁ ଏହାର ନିରପେକ୍ଷ ତଦନ୍ତ କରାଯାଉ। ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ଶିବସେନା (ୟୁବିଟି) ଏମ୍‌ପି ଅନିଲ ଦେଶାଇ ଏବଂ ବିଜେଡି ଉପସଭାପତି ଦେବୀ ପ୍ରସାଦ ମିଶ୍ର ମଧ୍ୟ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ଦାବି କରିଛନ୍ତି। ଅନ୍ୟପକ୍ଷେ ମମତା ଶସ୍ତା ରାଜନୀତି କରୁଥିବା ଭାଜପା ପକ୍ଷରୁ ସମାଲୋଚନା କରାଯାଇଛି। ଶରଦ ପାୱାର ଏଭଳି କୌଣସି ଷଡ଼ଯନ୍ତ୍ର ହୋଇ ନ ଥିବା କହି ଏହାକୁ ନେଇ ରାଜନୀତି କରା ନ ଯାଉ ବୋଲି ଅନୁରୋଧ କରିଛନ୍ତି।

## ସଞ୍ଜୟ ଗାନ୍ଧୀଙ୍କଠାରୁ ଅଜିତ ପାୱାରଙ୍କ ଯାଏ...

### ବିମାନ ଦୁର୍ଘଟଣା ନେଇଛି ନେତାଙ୍କ ଜୀବନ

**ସଞ୍ଜୟ ଗାନ୍ଧୀ(୧୯୮୦)**



ଦେଶରେ ଜରୁରିକାଳୀନ ସ୍ଥିତି ଲାଗି ରହିଥିଲା ବେଳେ ୧୯୮୦ ଜୁନ୍ ୨୩ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପୁତ୍ର ସଞ୍ଜୟ ଗାନ୍ଧୀ ଦିଲ୍ଲୀସ୍ଥିତ ସଫଦରଜଙ୍ଗ ବିମାନ ବନ୍ଦରରେ ଏକ ପରୀକ୍ଷଣମୂଳକ ଉଡ଼ାଣ ସମୟରେ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ।

**ମାଧବରାଓ ସିନ୍ଧିଆ (୨୦୦୧)**



ଗ୍ୱାଲିୟର ରାଜ ପରିବାରର ସଦସ୍ୟ ଏବଂ କଂଗ୍ରେସର ପ୍ରଭାବଶାଳୀ ନେତା ମାଧବରାଓ ସିନ୍ଧିଆ ୨୦୦୧ , ସେପ୍ଟେମ୍ବର ୩୦ରେ ଏକ ଘରୋଇ ବିମାନରେ ଯାତ୍ରା କରୁଥିଲା ବେଳେ ଉତ୍ତରପ୍ରଦେଶର ମୈନପୁରୀ ନିକଟରେ ଦୁର୍ଘଟଣା ଯୋଗୁ ପ୍ରାଣ ହରାଇଥିଲେ।

**ବିଜୟ ରୂପାନୀ(୨୦୨୫)**



ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଅନ୍ୟ ପ୍ରଭାବଶାଳୀ ନେତାଙ୍କ ମଧ୍ୟରେ ରହିଛନ୍ତି ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ। ୨୦୨୫ ଜୁନ୍ ୧୨ରେ ଏୟାର ଇଣ୍ଡିଆର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ପରେ ଏଥିରେ ଯାତ୍ରା କରୁଥିବା ୨୪୧ ଯାତ୍ରୀଙ୍କ ସମେତ ବିଜୟ ରୂପାନୀଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା।

**ଜିଏମ୍‌ସି ବାଲାଯୋଗୀ(୨୦୦୨)**



ତେଲୁଗୁ ଦେଶମ ପାର୍ଟି ନେତା ତଥା ତତ୍କାଳୀନ ଲୋକସଭା ବାଚସ୍ପତି ଜିଏମ୍‌ସି ବାଲାଯୋଗୀ ୨୦୦୨ ମାର୍ଚ୍ଚ ୩ରେ ଆନ୍ଧ୍ରପ୍ରଦେଶରେ ଏକ ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିଲେ।

**ଦୋରଜୀ ଖାଣ୍ଡୁ (୨୦୧୧)**



ଅରୁଣାଚଳ ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଦୋରଜୀ ଖାଣ୍ଡୁ ୨୦୧୧ ଏପ୍ରିଲ ୩୦ରେ ଏକ ହେଲିକପ୍ଟରରେ ଯାତ୍ରା କରୁଥିଲା ବେଳେ ଭାରତ-ଚାଇନା ସୀମାବର୍ତ୍ତୀ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇ ପ୍ରାଣ ହରାଇଥିଲେ।

**ୱାଇ.ଏସ୍. ରାଜଶେଖର ରେଡ୍ଡୀ (୨୦୦୯)**



ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ରାଜଶେଖର ରେଡ୍ଡୀ ୨୦୦୯ ସେପ୍ଟେମ୍ବର ୨ରେ ଏକ ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିଲେ।

**ଓ.ପି. ଜିନ୍ଦଲ ଓ ସୁରେନ୍ଦର ସିଂ(୨୦୦୫)**



ହରିୟାଣାର ପୂର୍ବତନ ଶକ୍ତିମନ୍ତ୍ରୀ ଓ.ପି. ଜିନ୍ଦଲ ଏବଂ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ସୁରେନ୍ଦର ସିଂ ୨୦୦୫ ମେ' ୩୧ରେ ଉତ୍ତରପ୍ରଦେଶ ନିକଟରେ ଏକ ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିଲେ।

**ଗୁରୁନାମ ସିଂ(୧୯୭୩)**



ପୂର୍ବତନ ପଞ୍ଜାବ ମୁଖ୍ୟମନ୍ତ୍ରୀ ଗୁରୁନାମ ସିଂ ୧୯୭୩ ମେ ' ୩୧ରେ ଦିଲ୍ଲୀ ନିକଟରେ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ।



ବାରାମତିରେ ଅଜିତ ପାୱାରଙ୍କ ସ୍ତ୍ରୀଙ୍କୁ ଭେଟି ସମବେଦନା ଜଣାଉଛନ୍ତି ମହାରାଷ୍ଟ୍ର ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ, ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ଓ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ। (ଫଟୋ: ପି.ଟି.)

## ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ମାମଲାର ଶୁଣାଣି କରିବେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୮।୧**

ଅହମ୍ମଦାବାଦ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ମାମଲାରେ ଦାଏର ହୋଇଥିବା ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ସହମତି ପ୍ରକାଶ କରିଛନ୍ତି। ୨୦୨୫ ଜୁନ୍ ୧୨ରେ ଏୟାର ଇଣ୍ଡିଆର ଏକ ବିମାନ ଲଣ୍ଡନ ଅଭିମୁଖେ ଯାତ୍ରା ଆରମ୍ଭ କରି ଉଡ଼ାଣ ଭରିଥିଲା ବେଳେ ମାତ୍ର କିଛି ମୁହୂର୍ତ୍ତ ପରେ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯାଇଥିଲା। ଏଥିରେ ୨୪୧ ଯାତ୍ରୀଙ୍କ ସମେତ ବିମାନ କର୍ମଚାରୀଙ୍କୁ ମିଶାଇ ମୋଟ ୨୬୦ ଜଣଙ୍କ ମୃତ୍ୟୁ ହୋଇଥିଲା। କିନ୍ତୁ ଏହି ଦୁର୍ଘଟଣାକୁ ନେଇ ସରକାରୀ ସ୍ତରରେ ଯେଭଳି ଯାଞ୍ଚ କରାଯାଇଛି ,ତଦ୍ୱାରା ନାଗରିକଙ୍କ ଜୀବନ ସହ ଖେଳାଯିବା, ମୌଳିକ ଅଧିକାର କ୍ଷୁଣ୍ଣ ହେବା ଏବଂ ଠିକ ତଥ୍ୟ ଦେବା କ୍ଷେତ୍ରରେ ଉଚିତ ପଦକ୍ଷେପ ନିଆଯାଇ ନାହିଁ ବୋଲି ଅଭିଯୋଗ ଆଣି 'ସେଫ୍ଟି ମାଟର୍ସ ଫାଉଣ୍ଡେଶନ' ନାମକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ଏହି ଅନୁଷ୍ଠାନର ପକ୍ଷ ରଖି ଆଇନଜୀବୀ ପ୍ରଶାନ୍ତ ଭୂଷଣ ବୁଧବାର ପ୍ରଧାନବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠଙ୍କ ନିକଟରେ ଆବେଦନ କରିବା ପରେ ସମ୍ପୃକ୍ତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବାକୁ ସହମତି ପ୍ରକାଶ କରିଛନ୍ତି।

## ଶୂନ୍ୟରେ ପ୍ରାସାଦ ଗଢ଼ୁଛନ୍ତି ରାଜ୍ୟ



**ନୂଆଦିଲ୍ଲୀ,୨୮।୧(ପି.ଟି.)**

ବୁଲା କୁକୁର ନିୟନ୍ତ୍ରଣ ଓ ବନ୍ଧ୍ୟାକରଣ କରିବା ଦିଗରେ ଦକ୍ଷତା ବୃଦ୍ଧି ପାଇଁ ସୁପ୍ରିମକୋର୍ଟ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶର ଅନୁପାଳନ କରି ଅଗ୍ରଗତି ସମ୍ପର୍କିତ ରିପୋର୍ଟ ଦେବାକୁ କହିଥିଲେ। ହେଲେ ଓଡ଼ିଶା ଓ ବିହାର ସମେତ ଅନ୍ୟ ରାଜ୍ୟ ସରକାରମାନେ ଉକ୍ତ ରିପୋର୍ଟ ଦାଖଲ କରି ନ ଥିବାରୁ ବୁଧବାର ସୁପ୍ରିମକୋର୍ଟ କଡ଼ା ଭର୍ତ୍ସନା କରିଛନ୍ତି। ସେହିପରି ଝାଡ଼ଖଣ୍ଡ ଦାଖଲ କରିଥିବା ରିପୋର୍ଟକୁ ସୁପ୍ରିମକୋର୍ଟ ଅବାସ୍ତବ କହିଥିବାବେଳେ ଆସାମର ରିପୋର୍ଟକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ତେବେ ରାଜ୍ୟଗୁଡ଼ିକର ଦାୟିତ୍ୱହିନତାକୁ ନେଇ ସର୍ବୋଚ୍ଚ ଅଦାଲତ 'ଆକାଶେ କୁସୁମ' ବୋଲି ଟିପ୍ପଣୀ ଦେବା ସହ ସେମାନେ ସମସ୍ତେ ଶୂନ୍ୟରେ ଦୁର୍ଗ ନିର୍ମାଣ କରୁଛନ୍ତି ବୋଲି କହିଛନ୍ତି।

ଜଷ୍ଟିସ୍ ବିକ୍ରମ ନାଥ, ସନ୍ଦୀପ ମେହଟ୍ଟା ଏବଂ ଏନ୍.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ସୁପ୍ରିମକୋର୍ଟଙ୍କ ପୂର୍ବ ରାୟର ଅନୁପାଳନର ଅଗ୍ରଗତି ସମ୍ପର୍କରେ ରାଜ୍ୟଗୁଡ଼ିକ ପକ୍ଷରୁ ଦାଖଲ ସତ୍ୟପାଠ ଉପରେ ଶୁଣାଣି ବେଳେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ରାଜ୍ୟ ସରକାରମାନେ କାହାଣୀ ଶୁଣାଇବାରେ ବ୍ୟସ୍ତ। ଏହି ପ୍ରସଙ୍ଗରେ ଅଦାଲତ ଆମିକସ୍ କ୍ୟୁରି ନିଯୁକ୍ତ କରିଥିବା ବରିଷ୍ଠ ଆଇନଜୀବୀ ସୌରଭ ଅଗ୍ରୱାଲ ବିଭିନ୍ନ ରାଜ୍ୟ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଉପରେ ଖଣ୍ଡପୀଠଙ୍କୁ ଅବଗତ କରାଇଥିଲେ। ରାଜ୍ୟଗୁଡ଼ିକର ରିପୋର୍ଟ ସମ୍ପୂର୍ଣ୍ଣ ନୁହେଁ। ପ୍ରାଣୀ ଜନ୍ମ ନିୟନ୍ତ୍ରଣ (ଏବିସି) ସୁବିଧାକେନ୍ଦ୍ର,

### ବୁଲା କୁକୁର ମାମଲାରେ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

କୁକୁରଙ୍କ ବନ୍ଧ୍ୟାକରଣ, ପ୍ରାଣୀ ଆଶ୍ରୟସ୍ଥଳ ନିର୍ମାଣ, ରାସ୍ତା ଓ ରାଜପଥରୁ କୁକୁରଙ୍କୁ ହଟାଇବା ଆଦି କ୍ଷେତ୍ରରେ ସରକାରଗୁଡ଼ିକୁ ଆହୁରି ଅଧିକ ପଦକ୍ଷେପ ନେବାକୁ ପଡ଼ିବ ବୋଲି କହିଥିଲେ। ବିହାର ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଉପରେ ଆମିକସ୍ କ୍ୟୁରି କହିଥିଲେ, ରାଜ୍ୟରେ ୩୪ ଏବିସି ସେଣ୍ଟର ରହିଛି, ଯେଉଁଠି ୨୦,୬୪୮ କୁକୁରଙ୍କ ବନ୍ଧ୍ୟାକରଣ କରାଯାଇଛି। କିନ୍ତୁ ସେମାନେ ବନ୍ଧ୍ୟାକରଣ କରାଇବା ନେଇ ନିଜ ସାମର୍ଥ ଏବଂ ଅବଧି ସମ୍ପର୍କରେ ଉଲ୍ଲେଖ କରିନାହାନ୍ତି। ଏହା ଶୁଣିବା ପରେ ଖଣ୍ଡପୀଠ କହିଛନ୍ତି, ସେମାନେ ସମସ୍ତେ ଶୂନ୍ୟରେ ପ୍ରାସାଦ ନିର୍ମାଣ କରୁଛନ୍ତି। ଆସାମ ବ୍ୟତୀତ କୌଣସି ଗୋଟିଏ ବି ରାଜ୍ୟ କୁକୁର କାମୁଡ଼ା ଉପରେ ତଥ୍ୟ ଦେଇନାହାନ୍ତି। ଆସାମର ତଥ୍ୟ ମଧ୍ୟ ବିସ୍ମୟକର। ୨୦୨୪ରେ ୧.୬୬ ଲକ୍ଷ ଲୋକଙ୍କୁ କୁକୁର କାମୁଡ଼ିଥିବା ସେମାନେ କହିଛନ୍ତି। ୨୦୨୫ ଜାନୁଆରୀରେ କେବଳ ୨୦,୯୦୦ ଜଣଙ୍କୁ କୁକୁର କାମୁଡ଼ିଥିବା ନେଇ ସତ୍ୟପାଠରେ ରିପୋର୍ଟ ଦାଖଲ କରିଛନ୍ତି, ଯାହାକି ଚକିତ କରିଦେଇଛି। ରାଜ୍ୟଗୁଡ଼ିକ ଅସ୍ପଷ୍ଟ ବିବୃତି ଦେଇପାରିବେ ନାହିଁ। ଏହା ବିରୋଧରେ ଆମେ କଡ଼ା ନିର୍ଦ୍ଦେଶ ଦେବାକୁ ଯାଉଛୁ ବୋଲି ଖଣ୍ଡପୀଠ କହିଛନ୍ତି।

## ଟ୍ରେନ୍‌କୁ ରୁଷିଆର ଟାର୍ଗେଟ: ୧୨ ୟୁକ୍ରେନୀୟ ମୃତ

**କିଭ୍,୨୮।୧**

ୟୁକ୍ରେନ୍‌ର ଏକ ପାସେଞ୍ଜର ଟ୍ରେନ୍ ଉପରେ ରୁଷିଆ ସେନା ଡ୍ରୋନ୍ ଆକ୍ରମଣ କରିବାରୁ ଅନ୍ୟୂନ ୧୨ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ଦୀର୍ଘ ୪ ବର୍ଷ ହେଲା ଲାଗି ରହିଥିବା ଯୁଦ୍ଧ ବନ୍ଦ କରିବାକୁ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଚାଲିଥିଲେ ହେଁ ମଙ୍ଗଳବାର ବିଳମ୍ବିତ ରାତିରେ ରୁଷିଆ ସେନା ୟୁକ୍ରେନ୍‌ର ଖାରକିଭ୍ ଅଞ୍ଚଳର ଉତ୍ତରପୂର୍ବାଞ୍ଚଳ ଇଲାକାରେ କେତେକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ସମେତ ଏକ ପାସେଞ୍ଜର ଟ୍ରେନ୍‌କୁ ଲକ୍ଷ୍ୟ କରି ଏଭଳି ଆକ୍ରମଣ କରିଛି। ଏହି ଘଟଣାରେ ୧୨ ଜଣଙ୍କ ମୃତ୍ୟୁ ହେବା ସହିତ ଆଉ କେତେଜଣ ଲୋକ ଆହତ ହୋଇଛନ୍ତି ବୋଲି ୟୁକ୍ରେନ୍ ପ୍ରଧାନମନ୍ତ୍ରୀ ୟୁଲିଆ ସ୍ୱିରିଡେଙ୍କୋ ଏକ୍ସ'ରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ରୁଷିଆ ସେନା ସାଧାରଣ ନାଗରିକଙ୍କ ଉପରେ ଯେଭଳି ଦମନଲୀଳା ଚଳାଇଛି ତାହା ଆଦୌ ସମୀଚୀନ ନୁହେଁ ବୋଲି ରାଷ୍ଟ୍ରପତି ଜେଲେନ୍‌ସ୍କି କହିଛନ୍ତି।



## ଯୁଦ୍ଧ ମୃତ୍ୟୁସଂଖ୍ୟା ୨୦ ଲକ୍ଷ ଛୁଇଁପାରେ

ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଗତ ୪ ବର୍ଷ ହେଲା ଲାଗି ରହିଥିବା ଯୁଦ୍ଧରେ ବର୍ତ୍ତମାନ ସୁଦ୍ଧା ୨୦ ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି ବୋଲି ଏକ ସଦ୍ୟତମ ରିପୋର୍ଟରୁ ଜଣାପଡ଼ିଛି। ଉଭୟ ପକ୍ଷର ମୃତାହତ ସେନା ସମେତ ସାଧାରଣ ନାଗରିକ ଏବଂ ନିଖୋଜ ଥିବା ଲୋକଙ୍କ ସଂଖ୍ୟା ୨୦ ଲକ୍ଷ ଛୁଇଁପାରେ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି। ଏଥିରେ ସର୍ବାଧିକ ଭାବେ ରୁଷିଆ ସୈନିକଙ୍କ ମୃତ୍ୟୁ ହୋଇଥିଲା ବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ କୌଣସି ଏକ ଶକ୍ତିଶାଳୀ ରାଷ୍ଟ୍ରରେ ବହୁ ସଂଖ୍ୟକ ସୈନିକଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି।

## ଆମେରିକା-ଇରାନ ଯୁଦ୍ଧ ଆଶଙ୍କା ବଢ଼ିଲା

**ତେହରାନ୍,୨୮।୧**

ଆମେରିକା ଏବଂ ଇରାନ ମଧ୍ୟରେ ପୁଣି ଉତ୍ତେଜନା ବଢ଼ିଛି। ମଧ୍ୟପ୍ରାଚ୍ୟରେ ଆମେରିକାର ଶକ୍ତିଶାଳୀ ଯୁଦ୍ଧପୋତ ଆବ୍ରାହମ ଲିଙ୍କନ୍ ସମେତ ଅନ୍ୟ ବହୁ କ୍ଷେପଣାସ୍ତ୍ର ନିକ୍ଷେପକାରୀ ପୋତ ମୁତୟନ ହୋଇଥିବା ବେଳେ କୌଣସି ମୁହୂର୍ତ୍ତରେ ଆମେରିକା ଇରାନ ଉପରେ ଆକ୍ରମଣ କରିପାରେ ବୋଲି ଆଶଙ୍କା କରାଯାଉଛି। ଦୁଇ ପ୍ରମୁଖ ଇସ୍‌ଲାମିକ ରାଷ୍ଟ୍ର ସାଉଦି ଆରବ ଏବଂ ୟୁଏଇ ସେମାନଙ୍କ ଆକାଶପଥ ଆମେରିକାକୁ ଉପଯୋଗ କରିବାକୁ ଦେବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ ମଧ୍ୟ ଆମେରିକା ସେନା ସମୁଦ୍ର ପଟୁ ଇରାନ ଉପରେ ଆକ୍ରମଣ କରିବା ଆଶଙ୍କା ବଢ଼ିଛି। ତେବେ ଆମେରିକାର ଯେକୌଣସି ଦୁଃସାହସ ପାଇଁ ଇରାନ ପ୍ରସ୍ତୁତ ରହିଛି ଏବଂ ଠିକଣା ଜବାବ ଦେବ ବୋଲି ଇରାନର ଜଣେ ବରିଷ୍ଠ ସେନାଧିକାରୀ କହିଛନ୍ତି। ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଆମେରିକା ଆଲୋଚନା କରିବାକୁ କହୁଥିବା ବେଳେ ଇରାନ ଏଥିପାଇଁ ପ୍ରସ୍ତୁତ ରହିଛି। କିନ୍ତୁ ଏହାସତ୍ତ୍ୱେ ଆମେରିକା ଆକ୍ରମଣ କଲେ ଇରାନ ନିଜର ସୁରକ୍ଷା ପାଇଁ ଠିକଣା ଜବାବ ଦେବ ବୋଲି ସମ୍ପୃକ୍ତ ଅଧିକାରୀ ଜଣକ କହିଛନ୍ତି। ଏଭଳି ସ୍ଥିତିରେ ମଧ୍ୟପ୍ରାଚ୍ୟ ସ୍ଥିତି ଆଗକୁ ଜଟିଳ ହୋଇପାରେ ବୋଲି ଆନ୍ତର୍ଜାତିକ ସ୍ତରରେ ଆଶଙ୍କା ବଢ଼ିଛି।

## ସଂକ୍ଷେପରେ

### ନାଗରିକ ମଞ୍ଚର ନୂତନ କର୍ମକର୍ତ୍ତା ଚୟନ

**ବୋଡ଼େନ,୨୮।୧ (ଟିକେଶ୍ୱର ନାଗ):** ନୂଆପଡ଼ା ଜିଲା ବୋଡ଼େନ ନାଗରିକ ମଞ୍ଚର ନୂତନ କର୍ମକର୍ତ୍ତା ଚୟନ ହେଇଯାଇଛି। ସଭାପତି ଭୁବନେଶ୍ୱର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମସ୍ତ ସଭ୍ୟ ଉପସ୍ଥିତ ରହିଥିଲେ। ସର୍ବସମ୍ମତିକ୍ରମେ ଭୁବନେଶ୍ୱର ପାଣିଗ୍ରାହୀ ସଭାପତି, ଟିକେଶ୍ୱର ନାଗ ଉପସଭାପତି, ତୋପ ସିଂହ ମାଝୀ ସମ୍ପାଦକ, ଯୁଜେଷ୍ଟି ସାହୁ ସହ ସମ୍ପାଦକ, ହୃଷୀକେଶ ବିଶ୍ୱାଳ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ଏଥିରେ ଡିଙ୍ଗର ମହାନନ୍ଦ, କବିରାଜ ମାଝୀ, ନୃପ ତାଣ୍ଡି, ପ୍ରେମଲାଲ ମାଝୀ, ଅମୃତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

### ଧର୍ମ ପରାୟଣ ବ୍ୟକ୍ତିଙ୍କ ପରଲୋକ

**ରିଷିଡ଼ା, ୨୮।୧(ସୁଶାନ୍ତ ମଲ୍ଲିକ):** କର୍ଲାମୁଣ୍ଡା ବ୍ଲକ ସଲଣ୍ଡିଆମୁଣ୍ଡାର ଧର୍ମପରାୟଣ ବ୍ୟକ୍ତି ନରେନ୍ଦ୍ର ସେଲମାଙ୍କର ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୬୦ବର୍ଷ ହୋଇଥିଲା। ନିଜ କ୍ଷେତରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ବଡ଼ପୁଅ ଗୋବିନ୍ଦ ସେଲମା ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ସମତେ ଦୁଇ ପୁଅ ଗୋବିନ୍ଦ ଓ ଚିନ୍ତାମଣି, ଦୁଇ ବୋହୂ, ନାତିନାତୁଣୀ, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ପରଲୋକରେ ପରିଚିତ ମହଲରେ ଶୋକ ପ୍ରକାଶ ପାଇଛି।

### କୋମନା ଦେଇ ବସ୍ ଚଳାଚଳ ପାଇଁ ମନ୍ତ୍ରୀଙ୍କୁ ସ୍ମାରକପତ୍ର

**କୋମନା, ୨୮।୧(ମହେଶ ବାଗ):** ନୂଆପଡ଼ା ଜିଲା କୋମନାର ଶ୍ରୀ ଶ୍ରୀ ଜଗନ୍ନାଥ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି, ଟିଟିଲାଗଡ଼ ରେଲଷ୍ଟେଶନରୁ ବେଙ୍ଗାଲୁରୁ, ହାଇଦ୍ରାବାଦ, ଚେନ୍ନାଇ, କୋଲକାତା ଓ ରାୟପୁର ଭଳି ପ୍ରମୁଖ ସହରକୁ ଟ୍ରେନ ଯୋଗାଯୋଗ ରହିଛି। ମାତ୍ର ନୂଆପଡ଼ା ଜିଲାରୁ ଟିଟିଲାଗଡ଼କୁ ସିଧାସଳଖ ବସ୍ ସେବା ନ ଥିବାରୁ ଜିଲାର ୫ ବ୍ଲକର ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏକ ନୂତନ ସରକାରୀ ବସ୍ ଆରମ୍ଭ ସହ ନୂଆପଡ଼ାରୁ ବଲାଙ୍ଗୀର ଯାଉଥିବା ସରକାରୀ ବସ୍‌କୁ କୋମନା ସଦର ମହକୁମା ଦେଇ ଚଳାଇବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସଂଘ ସମ୍ପାଦକ ଓ ସଭାପତି ବିରେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି।

### ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ତୁଣ୍ଡଲା,୨୮।୧(ଫିରୋଜ କୁମାର ଦାଶ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀର ଜିଲା ଲୋଇସିଂହା ମହାବିଦ୍ୟାଳୟ ଅଧ୍ୟକ୍ଷ ବିଭୂଦେନ୍ଦୁ ମହାନ୍ତି ମୁଖ୍ୟ ଅତିଥି ଓ ଅଧ୍ୟାପକ ସଞ୍ଜୀବ କୁମାର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବେଲଖଣ୍ଡି ଧବଳେଶ୍ୱର ମନ୍ଦିରରୁ ମଶାଲ ଶୋଭାଯାତ୍ରା ବିଦ୍ୟାଳୟରେ ପହଞ୍ଚିବା ପରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା ସାବିତ୍ରୀ ଜାଲ ଓ ସୁପ୍ରଭା ନାୟକ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

### ଝାମୁଯାତ୍ରା ମହୋତ୍ସବରେ ନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ଲାଞ୍ଜିଗଡ଼,୨୮।୧ (ରମେଶ ଚନ୍ଦ୍ର ନାୟକ):** ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ପଞ୍ଚାୟତ ବକଟପୁରଠାରେ ମା' ହିରାନୀଲାଙ୍କ ଝାମୁଯାତ୍ରା ମହୋତ୍ସବ ଅବସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଦକ୍ଷିଣ ବନଖଣ୍ଡ ଏସିଏଫ୍ ତଥା ବିଶ୍ୱନାଥପୁର ଭାରପ୍ରାପ୍ତ ରେଞ୍ଜର ନରୋତ୍ତମ ମାଝୀ ମୁଖ୍ୟ ଅତିଥି, ବିଶ୍ୱନାଥପୁର ଥାନାଧିକାରୀ ତୁଳସୀରାମ ଶବର ବିଶିଷ୍ଟ ଅତିଥି, ପୋଖରୀବନ୍ଧ କାର୍ଯ୍ୟନିର୍ବାହୀ ଅଧିକାରୀ ଭିଷ୍ମ ମେହେର ମୁଖ୍ୟବକ୍ତା ଓ ଖବରଦାତା ନିଲେଶ କୁମାର ନାଗ, ଯୋଗାଣ ସହାୟକ କୁଳମଣି ବେହେରା, କମିଟି ଉପସଭାପତି କର୍ଣ୍ଣ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ମହୋତ୍ସବ କମିଟି ସଭାପତି ରମେଶ ଚନ୍ଦ୍ର ସାହୁ ସ୍ୱାଗତ ଅଭିଭାଷଣ ଓ କୋଷାଧ୍ୟକ୍ଷ ସୁଧାଂଶୁ ଶେଖର ବାରିକ ଧନ୍ୟବାଦ ଦେଇଥିଲେ।

# କଳାହାଣ୍ଡିରେ ବନ୍ଦର ମିଶ୍ରିତ ପ୍ରଭାବ

**ଭବାନୀପାଟଣା,୨୮।୧ (ଉତ୍ତମ କୁମାର ଦାଶ)**


ଭବାନୀପାଟଣା ଘୋଡାଘାଟ ଛକଠାରେ ରାସ୍ତା ଅବରୋଧ କରିଛନ୍ତି ଆନ୍ଦୋଳନକାରୀ।

ଧାନ ମଣ୍ଡିରେ ଅବ୍ୟବସ୍ଥା, ପ୍ରଦୂଷଣ ନାଁରେ ସାଧାରଣ ବ୍ୟକ୍ତିଙ୍କଠାରୁ ଜରିମାନା ଆଦାୟ, ଟାଟା ପାୱାରର ସ୍ମାର୍ଟ ମିଟର ନାଁରେ ଶୋଷଣ ସହ କୃଷି ମନ୍ତ୍ରୀଙ୍କ ଉପସ୍ଥିତିରେ ନବ ନିର୍ମାଣ ନେତୃତ୍ୱଙ୍କ ଉପରେ ଆକ୍ରମଣ ପ୍ରତିବାଦରେ ବୁଧବାର ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। କଳାହାଣ୍ଡି ଜିଲାରେ ଏହାର ମିଶ୍ରିତ ପ୍ରଭାବ ଦେଖିବାକୁ ମିଳିଛି। ବୁଧବାର ସକାଳୁ ଜିଲାର ମୁଖ୍ୟାଳୟ ଭବାନୀପାଟଣା ସମେତ ଧର୍ମଗଡ଼, ଗୋଲାମୁଣ୍ଡା ଓ ଥୁଆମୂଳ ରାମପୁର ମୁଖ୍ୟ ରାସ୍ତାକୁ ଆନ୍ଦୋଳନକାରୀ ବନ୍ଦ କରିଥିଲେ। ଏହି ସମୟରେ ସେମାନେ ପିକେଟିଂ କରି ରାସ୍ତାରେ ଯାଉଥିବା ଗାଡିଗୁଡିକୁ ଅଟକାଇବା ସହ ଧାରଣାରେ ବସିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ଅଟକି ରହିଥିଲା। ଦୋକାନବଜାର ମଧ୍ୟ ବନ୍ଦ ରହିଥିଲା। ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିଥିଲା। ଏହି ଆନ୍ଦୋଳନକୁ କଂଗ୍ରେସ, ବିଜେଡି ଓ ସିପିଆଇ ସମର୍ଥନ ଦେଇଥିଲା। ଜିଲାର ଜୁନାଗଡ଼ ସହର ସମେତ ଅନେକ ବ୍ଲକରେ ବନ୍ଦର ପ୍ରଭାବ ଦେଖିବାକୁ ମିଳି ନ ଥିଲା। ନବନିର୍ମାଣ କୃଷକ ସଂଗଠନର କଳାହାଣ୍ଡି ଜିଲା ସଂଯୋଜକ ଲିଙ୍ଗରାଜ ପ୍ରଧାନଙ୍କ ନେତୃତ୍ୱରେ ଓ ବିଭିନ୍ନ ସଂଗଠନ ତଥା ରାଜନୈତିକ ଦଳର ସହଯୋଗରେ ଭବାନୀପାଟଣା ସହରର ଘୋଡାଘାଟ ଛକ, ବ୍ରିଜ ରାସ୍ତା ଅବରୋଧ କରାଯାଇଥିଲା। ବସ୍, ଅଟୋ, ଚାରିଚକିଆ ଯାନ ଚଳାଚଳ, ଦୋକାନ ବଜାର ସ୍ୱତଃପ୍ରବୃତ୍ତ ଭାବରେ ବନ୍ଦ ରହିଥିଲା। କର୍ମକର୍ତ୍ତା ପିକେଟିଂ କରି କିଛି ସ୍କୁଲ, ବ୍ୟାଙ୍କ, ଅଫିସ ବନ୍ଦ କରିଥିଲେ। ଏଥିରେ ନବନିର୍ମାଣ କୃଷକ ସଂଗଠନର ହେରାମ୍ବ ସେନାପତି, ହିତେଶ ନାଏକ, ବୃନ୍ଦା ନାଏକ, ଗମୟ ରଞ୍ଜନ ନାଏକ, ମୁଇଁ କଳାହାଣ୍ଡିଆ ଫର୍ କଳାହାଣ୍ଡି ସଂଗଠନର ସଭାପତି ସୁରେଶ ସଂଗ୍ରାମ, ଲକ୍ଷ୍ମୀନାରାୟଣ ପଣ୍ଡା, ନିରୋଦ କୁମାର ରାଉତ, କବିତା ରାଉତ, ମଧୁଲାଲ ନାଏକ ଓ ପ୍ରଫୁଲ୍ଲ କର, ଜନ ଜାଗରଣ ମଞ୍ଚର ଅଗଷ୍ଟ ନାଏକ ଓ ସୁରେଶ ମାଝୀ, କଂଗ୍ରେସ ଦଳର ଜିଲା ସଭାପତି ଜଳନ୍ଧର ନାଏକ, ସରୋଜ ବାଗ, ମହମ୍ମଦ ସାହେବ, ମନ୍ଦାକିନୀ ବାଣୁଆ, ଲକ୍ଷ୍ମୀପ୍ରିୟା ନାୟକ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସଞ୍ଜୟ ସୁନାନୀଙ୍କ ସମେତ ବିଭିନ୍ନ ଗାଁର ୧୦୦ରୁ ଉର୍ଦ୍ଧ୍ୱ ଚାଷୀ, ମହିଳା, ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

# ବିଭିନ୍ନ ସ୍ଥାନରେ ବନ୍ଦ ଶାନ୍ତିପୂର୍ଣ୍ଣ

**ଖଡ଼ିଆଳ,୨୮।୧ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଳ ଆମ୍ବେଡ଼କର ଛକ ଓ ବୋଡେନ ଛକଠାରେ ନବନିର୍ମାଣ କୃଷକ ସଂଘ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା। ସଂଘ କର୍ମକର୍ତ୍ତା ୩୫୩ ନମ୍ବର ଜାତୀୟ ରାଜପଥ ଅବରୋଧ କରିବା ଫଳରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ସେହିପରି ସହରର ସମସ୍ତ ଦୋକାନ ବଜାର, ସରକାରୀ ବେସରକାରୀ ସ୍କୁଲ କଲେଜ ଓ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଧାନ ମଣ୍ଡିରେ ଅବ୍ୟବସ୍ଥା, ପ୍ରଦୂଷଣ ନାମରେ ଜନତାଙ୍କଠାରୁ ଅର୍ଥ ଆଦାୟ, ଟାଟା ପାୱାର କମ୍ପାନୀ ଦ୍ୱାରା ସ୍ମାର୍ଟ ମିଟର ନାମରେ ଶୋଷଣ ଆଦିକୁ ବିରୋଧ କରାଯାଇଥିଲା। ସଂଘ ଜିଲା ସଭାପତି କେଶବ ବେହେରା,ବ୍ଲକ ସଭାପତି ଚୈତନ୍ୟ ତାଣ୍ଡି, ସଦସ୍ୟ ଦେବସାଗର ନାଗ, ଶ୍ରୀନିବାସ ବେହେରା, ଗଦାଧର ବେହେରା, ହେମାସାଗର ମାଝୀ, ଦେବ ସିଂ ମାଝୀ, ଅନୁପ ବେହେରା, ସଞ୍ଜୀବ ବେହେରା, ଶ୍ରୀକାନ୍ତ ବେହେରା, ଥବିର ବେହେରା, ଖଡିଆଳ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ କମଲ ଚରଣ ତାଣ୍ଡି, ପ୍ରବୀଣ କୁମାର ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ।

**କର୍ଲାମୁଣ୍ଡା(ପ୍ରଦୀପ କୁମାର ସାହୁ):** ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବିଭିନ୍ନ ଦାବି ନେଇ ବୁଧବାର ରାଜ୍ୟରେ ବନ୍ଦ ପାଳନ କରାଯାଇଛି। ଏହାର ପ୍ରଭାବ କର୍ଲାମୁଣ୍ଡା ବ୍ଲକ ସଦରଠାରେ ଦେଖିବାକୁ ମିଳିଛି। ଦୋକାନ ବଜାର, ବ୍ୟାଙ୍କ ସେବା, ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ ଅନୁଷ୍ଠାନ, ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଆମ୍ବା କାର୍ଯ୍ୟାଳୟ ଆଦି ବନ୍ଦ ରହିଥିବା ବେଳେ ଜରୁରିକାଳୀନ ସେବାକୁ ବାଦ ଦିଆଯାଇଥିଲା। କୃଷକ ନେତା ଦୀନବନ୍ଧୁ ସାହୁ, ମଜଦୁର ସଂଘ ଜିଲା ସଭାପତି ହିରୋଜ କୁମାର ସାହୁ, କଂଗ୍ରେସ କର୍ମୀ ସୁଦାମ ଚରଣ ସାହୁ ପ୍ରମୁଖଙ୍କ ନେତୃତ୍ୱରେ ବନ୍ଦ ପାଳନ ହୋଇଥିଲା। ତେବେ ଖବର ଲେଖା ସୁଦ୍ଧା ବ୍ଲକର ପ୍ରମୁଖ ବ୍ୟବସାୟ ପେଣ୍ଟସ୍ଥଳ ଜୋରାଡବରା ଛକରେ ବନ୍ଦର କୌଣସି ପ୍ରଭାବ ନ ଥିବା ଜଣାପଡ଼ିଛି।

**ଥୁଆମୂଳ ରାମପୁର (ଦୁର୍ଗା କୀର୍ତ୍ତି):** ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବୁଧବାର ଦିଆଯାଇଥିବା ୮ ଘଣ୍ଟିଆ ଓଡ଼ିଶା ବନ୍ଦର ପ୍ରଭାବ ଥୁଆମୂଳ ରାମପୁର ବ୍ଲକରେ ଆଂଶିକ ଦେଖିବାକୁ ମିଳିଛି। ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏହି ବନ୍ଦ ଡାକରା ଦିଆଯାଇଥିବା ବେଳେ ବ୍ଲକ ମୁଖ୍ୟାଳୟରେ ସାଧାରଣ ଜୀବନଯାତ୍ରା କିଛି ମାତ୍ରାରେ ବାଧାପ୍ରାପ୍ତ ହୋଇଛି। ବ୍ଲକ କାର୍ଯ୍ୟାଳୟ, ବ୍ୟାଙ୍କ ଓ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। ସଙ୍ଗଠନର କର୍ମକର୍ତ୍ତା କଲମପୁର ଛକଠାରେ ଗାଡ଼ି ମୋଟର ଅଟକାଇ ରାସ୍ତା ଅବରୋଧ କରିଥିଲେ। ଏହା ଦ୍ୱାରା ଦୁଇ ଚକିଆ ଓ ଚାରି ଚକିଆ ଯାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ହେଲେ କିଛି ସରକାରୀ ଓ ବେସରକାରୀ ବସ୍ ଚଳାଚଳ ସ୍ୱାଭାବିକ ରହିଥିଲା। ଏଥିରେ ବ୍ଲକ ସ୍ତରୀୟ ସଙ୍ଗଠନ ସଭାପତି ମଳୟ ନାଏକ, ଉପସଭାପତି ବୃନ୍ଦା ନାଏକ, ସମ୍ପାଦକ ଦୀପକ ନାଏକ, ସହସମ୍ପାଦକ ଅନନ୍ତ ନାଏକ, ଯୁବ ଉପସଭାପତି ଶାନ୍ତି କୁମାର ନାଏକ ଏବଂ ଯୁବ ସାଧାରଣ ସମ୍ପାଦକ ବସନ୍ତ କୁମାର ନାଏକ ସାମିଲ ହୋଇଥିଲେ।

**କେସିଙ୍ଗା (ଡୁମେଶ୍ୱର ସାହୁ):** ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବୁଧବାର ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ୮ଘଣ୍ଟା ପାଇଁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ଏହାର ପ୍ରଭାବ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକରେ ଦେଖିବାକୁ ମିଳିଛି। ବୋରିଅ ଗ୍ରାମ ଦେଇ ଯାଇଥିବା ଜାତୀୟ ରାଜପଥ ୨୬କୁ କଂଗ୍ରେସ ପକ୍ଷରୁ ସକାଳୁ ଅବରୋଧ କରାଯାଇଥିଲା। ଫଳରେ ଗମନାଗମନ କ୍ଷେତ୍ରରେ ଘୋର ସମସ୍ୟା ଦେଖାଦେଇଥିଲା। ସମସ୍ତ ବସ୍, ଟ୍ରକ୍, ଚାରିଚକିଆ ଗାଡି ଛିଡା ହୋଇ ରହିଥିଲା। ଏଥିରେ କଂଗେସର ଦେବେନ୍ଦ୍ର ନାୟକ, ଗୋପୀ ମାଝୀ, ଧରଣୀ ପ୍ରଧାନ ପ୍ରମୁଖ କର୍ମକର୍ତ୍ତା ସାମିଲ ହୋଇଥିଲେ। ମାତ୍ର କେସିଙ୍ଗା ସହରରେ ଏହାର କୌଣସି ପ୍ରଭାବ ଦେଖିବାକୁ ମିଳିନାହିଁ।

**ଲାଞ୍ଜିଗଡ଼(ରମେଶ ଚନ୍ଦ୍ର ନାୟକ):** ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଓଡ଼ିଶା ବନ୍ଦର ପ୍ରଭବା ଲାଞ୍ଜିଗଡ଼ରେ ଦେଖିବାକୁ ମିଳିଛି। ଲାଞ୍ଜିଗଡ଼ ବ୍ଲକ କୃଷକ ସଂଗଠନ ଓ ବ୍ଲକ କଂଗ୍ରେସ ଦଳ ପକ୍ଷରୁ ପୂର୍ବତନ ମନ୍ତ୍ରୀ ଡ଼. ବଳଭଦ୍ର ମାଝୀଙ୍କ ନେତୃତ୍ୱରେ ଆନ୍ଦୋଳନ କରାଯାଇଥିଲା। ବିଶ୍ୱନାଥପୁରଠାରେ କଂଗ୍ରେସ ଦଳୀୟ କର୍ମୀମାନେ ପିକେଟିଂ କରିବା ସହ ବ୍ୟାଙ୍କ, ତହସିଲ କାର୍ଯ୍ୟାଳୟ, ଧାନ ମଣ୍ଡି, ସ୍କୁଲ, କଲେଜ, ସରକାରୀ, ବେସରକାରୀ କାର୍ଯ୍ୟାଳୟ ବନ୍ଦ କରିଥିଲେ। ଲାଞ୍ଜିଗଡ଼ ରୋଡ଼ଠାରେ ମଧ୍ୟ ବ୍ୟାଙ୍କ, ସ୍କୁଲ, କଲେଜ, ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର ବନ୍ଦ ରହିଥିଲା। ଏଥିରେ ଲାଞ୍ଜିଗଡ଼ ବ୍ଲକ କଂଗ୍ରେସ ସଭାପତି ଗୋବିନ୍ଦ ପ୍ରଧାନୀ, ଟଙ୍କଧର ମାଝୀ, ଭୀମସେନ ନାଏକ, ଭାସ୍କର ଚନ୍ଦନ, ପୂର୍ଣ୍ଣଚନ୍ଦ୍ର ଗଉଡ଼, ଗଣେଷ ବେହେରା, ରଜତ କୁମାର ରାଉତ, ସନ୍ତୋଷ ଡୁଲ, ଫକୀର ଚରଣ ବିଶି ସମେତ ଦଳୀୟ କଂଗ୍ରେସ କର୍ମୀ ଓ କୃଷକମାନେ ଉପସ୍ଥିତ ଥିଲେ।


କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ଆଗରେ ବନ୍ଦ ପାଳନରେ ସାମିଲ କର୍ମକର୍ତ୍ତା।

# ପ୍ରଗତି ଶିକ୍ଷାନୁଷ୍ଠାନରେ ୭୭ତମ ସାଧାରଣତନ୍ତ୍ର ଦିବସ



ସାଧାରଣତନ୍ତ୍ର ଦିବସ ସମାରୋହରେ ମଞ୍ଚାସୀନ ଅତିଥିମାନେ।

**ଭବାନୀପାଟଣା,୨୮।୧(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସହରର ପ୍ରଗତି ଶିକ୍ଷାନୁଷ୍ଠାନରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଭବାନୀପାଟଣା ଆର୍ମଡ଼ ସବ୍‌ଇନ୍ସପେକ୍ଟର ସନ୍ତୋଷ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଗତି ଅନୁଷ୍ଠାନର ମୁଖ୍ୟ ଇଂ. ଅଜୟ କୁମାର ପଣ୍ଡା, ଚେୟାର ପର୍ସନ ସୁଶ୍ରୀ ସଂଗୀତା ପଣ୍ଡା, ପ୍ରଶାସନିକ ଅଧିକାରୀ ପ୍ରଣବ କୁମାର ପଣ୍ଡା, ଅଧ୍ୟକ୍ଷ ଚିନ୍ମୟ ଗୁରୁ, ଶେଷଦେବ ମୁଣ୍ଡ, ତାପସ ପରିମାଣିକ ପ୍ରମୁଖ ଯୋଗଦେଇଥିଲେ। ଜାତୀୟ ସଙ୍ଗୀତ ଗାନ ପରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରେଡ଼ ପ୍ରଦର୍ଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ପ୍ରଗତି ପ୍ରତିଭା ପ୍ରତିଯୋଗିତା ପରୀକ୍ଷାରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କ ନାମ ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କୃତୀ ପ୍ରତିଯୋଗୀମାନେ ଆଗାମୀ ଶିକ୍ଷାବର୍ଷରେ ଯୁକ୍ତ ୨ ବିଜ୍ଞାନରେ ଦୁଇ ବର୍ଷ ବିନା ଶୁଳ୍କରେ ପଢିବା ସହିତ ପାଠପଢା, ରହିବା, ଖାଇବା ଖର୍ଚ୍ଚ, ପୋଷାକ, ବହିପତ୍ର ସୁବିଧା ପାଇବେ ବୋଲି ଅନୁଷ୍ଠାନର ମୁଖ୍ୟ ଅଜୟ ପଣ୍ଡା ଘୋଷଣା କରିଥିଲେ। ଡ଼. ଶୁଭଶ୍ରୀ ଜେନା ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟକ୍ଷ ଚିନ୍ମୟ ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦେଶ ନିର୍ମାଣରେ ବ୍ରତୀ ହେବାକୁ ଆହ୍ୱାନ

**ଖଡ଼ିଆଳ,୨୮।୧ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ୪୯ତମ ବାର୍ଷିକ ଉତ୍ସବ ଅଧ୍ୟକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ବିଶିଷ୍ଟ କବି ମଧୁସୂଦନ ଦାସ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟ ଅତିଥି, ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ବିଶିଷ୍ଟ କବି ଡ. କାଳୀପଦ ପଣ୍ଡା ମୁଖ୍ୟବକ୍ତା ଓ ଖଡ଼ିଆଳ ରାଜାସାହେବ ଦେବ ଦେବ ପ୍ରସାଦ ସିଂହଦେବ, ଖଡ଼ିଆଳ ଏନ୍‌ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଡ. ପଣ୍ଡା ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ଭାରତବର୍ଷର ଗୁରୁ ଶିଷ୍ୟ ପରମ୍ପରାର ମହନୀୟତା ବର୍ଣ୍ଣନା କରିବା ସହ ଦେଶ ନିର୍ମାଣରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ଛାତ୍ର କଲ୍ୟାଣ ଅଧିକାରୀ ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ୱଦା ଅତିଥି ପରିଚୟ ଓ ଅନ୍ୟତମ ଅଧିକାରୀ ଅଧ୍ୟାପିକା ସାଗରିକା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଯୁକ୍ତ ୨ ଅଧ୍ୟକ୍ଷ ଡ. ରଣବୀର ସିଂହ ଉଚ୍ଚ ମାଧ୍ୟମିକ ଶିକ୍ଷା ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ପ୍ରଶାସନିକ ସେବାରେ କୃତିତ୍ୱ ହାସଲ କରିଥିବା ଛାତ୍ର ନିଖିଳ ଅଗ୍ରୱାଲ, ଛାତ୍ରୀ ପ୍ରଣତି ତାଣ୍ଡିଙ୍କ ସମେତ ସ୍ନାତକ ଓଡ଼ିଆ ବିଭଗରେ ଦିବ୍ୟ ଭାରତି ଯାଦବ ଟପ୍ପର ହୋଇଥିବାରୁ ଅତିଥିଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅମିତ ରାଜ ଓ ସୌଭାଗ୍ୟଲକ୍ଷ୍ମୀଙ୍କ ଅର୍କେଷ୍ଟ୍ରାକୁ ଛାତ୍ରୀଛାତ୍ର ଉପଭୋଗ କରିଥିଲେ।

# ଦୋଷୀଙ୍କୁ ଛଡ଼ାଯିବନି, ସମସ୍ତଙ୍କୁ ଧରିବୁ: ଜଙ୍ଗଲ ମନ୍ତ୍ରୀ

**ଭବାନୀପାଟଣା:୨୮।୧ (ଉତ୍ତମ କୁମାର ଦାଶ)**

### ବେଲଘର ବନାଞ୍ଚଳରେ ହାତୀ ମୃତ୍ୟୁ ଘଟଣା

ବହୁ ଚର୍ଚ୍ଚିତ କନ୍ଧମାଳ ଜିଲା ବାଲିଗୁଡ଼ା ବନଖଣ୍ଡ ଅଧୀନ ବେଲଘର ବନାଞ୍ଚଳରେ ହାତୀ ମୃତ୍ୟୁ ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ରାଜ୍ୟ ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ। ସୋମବାର ଭବାନୀପାଟଣା ରିଜର୍ଭ ପଡିଆଠାରେ ଅନୁଷ୍ଠିତ କଳାହାଣ୍ଡି ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ଯୋଗ ଦେଇ ଗଣମାଧ୍ୟମକୁ ମନ୍ତ୍ରୀ ଖୁଣ୍ଟିଆ କହିଥିଲେ, ଘଟଣାକୁ ନେଇ ତତ୍ପର ରହିଛି ବନ ବିଭାଗ। ଯେତେ ଦୋଷୀ ଅଛନ୍ତି ସମସ୍ତଙ୍କୁ ଧରାଯିବ। କାହାରିକୁ ଛଡାଯିବନି ବୋଲି କହିଥିଲେ। ପ୍ରକାଶ ଯେ, ଗତ ଜାନୁୟାରୀ ୫ ତାରିଖରେ ବେଲଘର ବନାଞ୍ଚଳର ମୁଣ୍ଡୁଟି ଜଙ୍ଗଲରେ ଏକ ହାତୀର ମୃତ୍ୟୁ ପରେ ବେଲଘର ରେଞ୍ଜର ବିନୟ କୁମାର ବିଶି ଉପରିସ୍ଥ ଅଧିକାରୀଙ୍କୁ ନ ଜଣାଇ ବିଭାଗରେ କାର୍ଯ୍ୟରତ କେତେଜଣ କର୍ମଚାରୀଙ୍କ ସହଯୋଗରେ ମୃତ ହାତୀର ଶବକୁ ୩୨ ଖଣ୍ଡ କରି ପ୍ରଥମେ ବେଲଘର କାଡାପାନା ନିକଟ ନର୍ସରୀରେ ପୋତି ଦେଇଥିଲେ। ପରେ ସେଠାରୁ ବାହାର କରି କଳାହାଣ୍ଡି ଜିଲାର କେସିଙ୍ଗା ନିକଟ ତହସିର ଡ୍ୟାମ ନିକଟରେ ପୋତି ଦେଇଥିଲେ। ତଦନ୍ତ ଜୋରଦାର୍ କରାଯିବା ପରେ ଏବେ ଘଟଣାର ଗୁମର ଖୋଲୁଛି। ତଦନ୍ତ ପରେ ରେଞ୍ଜର ବିଶିଙ୍କୁ ନିଲମ୍ବନ କରିବା ପରଠାରୁ ସେ ଗିରଫ ଭୟରେ ଫେରାର୍ ଥିବା ଜଣାପଡ଼ିଛି। ଅନ୍ୟପଟେ ଘଟଣାରେ ବ୍ୟବହୃତ ଗୋଟିଏ ବୋଲେରୋ, ଗୋଟିଏ ବୋଲେରୋ ପିକ୍‌ଅପ ଓ ଗୋଟିଏ ଜେସିବି ଜବତ କରାଯାଇଛି। ପିକଅପ ଡ୍ରାଇଭର ହୃଷିକେଶ ପଣ୍ଡାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ବନ ବିଭାଗରେ କାର୍ଯ୍ୟରତ ୮ଜଣ ସ୍କ୍ୱାଡ୍ କର୍ମଚାରୀଙ୍କୁ ପଚରାଉଚରା ପରେ ୧୩୫/୩ ନୋଟିସରେ ଛଡ଼ାଯାଇଛି।

# ବେଆଇନ ଇଟାଭାଟି ବନ୍ଦ ନ ହେଲେ ଆନ୍ଦୋଳନ

**କୋମନା, ୨୮।୧ (ମହେଶ ବାଗ)**

ନୂଆପଡ଼ା ଜିଲା କୋମନା ବ୍ଲକ ପେଣ୍ଡ୍ରାବନ ପଞ୍ଚାୟତର ସୁଲୋପଲା ଗ୍ରାମରେ ବେଆଇନ ଇଟାଭାଟିକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ ୧୦ ବର୍ଷ ହେବ ଚାଲିଥିବା ଏହି ବେଆଇନ କାରବାର ଯୋଗ ଗ୍ରାମ ପରିବେଶ ପ୍ରଦୂଷିତ ହେବା ସହ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏହି ଇଟାଭାଟିରୁ ନିର୍ଗତ ଧୂଆଁ ଓ ପାଉଁଶ ଯୋଗୁ ବାୟୁ ପ୍ରଦୂଷଣ ବଢିବାରେ ଲାଗିଛି। ଇଟା ତିଆରି ପାଇଁ ଜେସିବି ସାହାଯ୍ୟରେ ନଦୀପଠା ଓ ଶ୍ମଶାନ ଜମିରୁ ବ୍ୟାପକ ମାଟି ଖୋଳାଯାଉଛି। ଫଳରେ ମୃତ୍ତିକା କ୍ଷୟ ହେବା ସହ ଗ୍ରାମର ମୂଲ୍ୟବାନ ଜମି ଓ ଗଛଲତା ନଷ୍ଟ ହେଉଛି। ଲୋକେ ବିରୋଧ କଲେ ସେମାନଙ୍କୁ ଧମକ ଦିଆଯାଉଛି। ଏହି ସମସ୍ୟାର ସମାଧାନ ପାଇଁ ସୁଲୋପଲା ଗ୍ରାମର ଶତାଧିକ ଗ୍ରାମବାସୀ କୋମନା ତହସିଲଦାର ଓ ନୂଆପଡ଼ା ଆରକ୍ଷୀ ଅଧୀକ୍ଷକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ପତ୍ରର ନକଲ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ମଧ୍ୟ ପ୍ରେରଣ କରାଯାଇଛି। ତୁରନ୍ତ ବେଆଇନ ଇଟାଭାଟି ବନ୍ଦ ନ ହେଲେ ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।


ଜନବସତି ନିଟକରେ ଇଟା ତିଆରି ଚାଲିଛି।

# ୩ରେ ଜିଲାପାଳଙ୍କ ଅଫିସ ଘେରାଉ ନିଷ୍ପତ୍ତି

### ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

**ଭବାନୀପାଟଣା, ୨୮।୧ (ଉତ୍ତମ କୁମାର ଦାଶ)**



ବୈଠକରେ ଯୋଗଦେଇଥିବା ଦଳୀୟ ନେତୃବୃନ୍ଦ।

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ମଙ୍ଗଳବାର ଭବାନୀପାଟଣା ବ୍ଲକ ମେଦିନୀପୁରସ୍ଥିତ ଏକ ଫାର୍ମ ହାଉସଠାରେ କଳାହାଣ୍ଡି ବିଜେଡିର ପରିବର୍ଦ୍ଧିତ ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ବିଧାୟକ ତଥା ଜିଲା ସଭାପତି ପ୍ରଦୀପ କୁମାର ଦିଶାରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ୫୧ଜଣ ଜିଲା କାର୍ଯ୍ୟକାରିଣୀ ସଦସ୍ୟ, ବରିଷ୍ଠ ନେତୃମଣ୍ଡଳୀ ଏବଂ ଛାମୁଆ ସଂଗଠନର ସଭାପତି ଯୋଗଦେଇ ବିଭିନ୍ନ ରାଜନୈତିକ ଓ ସାଂଗଠନିକ ପ୍ରସ୍ତାବ ଆଗତ କରିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଭର୍ଚୁଆଲ ବାର୍ତ୍ତାରେ ଲୋକେ ଏବେବି ବିଜେଡିକୁ ଭଲ ପାଉଛନ୍ତି ଏବଂ ଏହା ଆମର ଶକ୍ତି ବୋଲି କହିଥିଲେ। ଏହା ସହିତ ଯିଏ ଶୃଙ୍ଖଳା ଭାଙ୍ଗିବ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଆଗାମୀ ତ୍ରିସ୍ତରୀୟ ନିର୍ବାଚନ ପାଇଁ ଏବେଠାରୁ ପ୍ରସ୍ତୁତି କରିବା ପାଇଁ କର୍ମୀମାନଙ୍କୁ ନବୀନ ଆହ୍ୱାନ ଦେଇଥିଲେ। ବୈଠକରେ ଡବଲ ଇଞ୍ଜିନ ସରକାରରେ କୃଷକ ମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ଓ ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତି ପ୍ରତିବାଦରେ ଆଗାମୀ ଫେବୃଆରୀ ୩ରେ କଳାହାଣ୍ଡି ବିଜେଡି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହା ବ୍ୟତୀତ ଟାଟା ପାୱାର ସ୍ମାର୍ଟ ମିଟର ଜରିଆରେ ଲୋକଙ୍କଠୁ ଅଧିକ ଟଙ୍କା ଆଦାୟ କରିବା, ସାଧାରଣ ଲୋକଙ୍କୁ ପ୍ରଦୂଷଣ ସାର୍ଟିଫିକେଟ ନାମରେ ହଇରାଣ କରିବା ଭଳି ଘଟଣାକୁ ନିନ୍ଦା କରାଯାଇଛି। ସ୍ଥାନୀୟ ନିଯୁକ୍ତି ସାଙ୍ଗକୁ ଜିଲାର ସ୍ୱାସ୍ଥ୍ୟ ବ୍ୟବସ୍ଥା ନ ସୁଧୁରିଲେ ବିଜେଡିର ଛାମୁଆ ସଂଗଠନ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏହି କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ପ୍ରଦୀପ କୁମାର ଦିଶାରୀ, ଜୁନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ର, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ପୂର୍ବତନ ବିଧାୟକ ମହୋଷଧି ବାଗ, ଦୁଷ୍ମନ୍ତ ନାଏକ, ଗୋବର୍ଦ୍ଧନ ଦାଶ, ଜିଲା ପରିଷଦ ଉପାଧ୍ୟକ୍ଷା ସୁଧୀରା ମେହେର, ଜିଲା ଉପସଭାପତି ଜିତେନ୍ଦ୍ର ନାରାୟଣ ସିଂଦେଓ, ପ୍ରଦୀପ ମୁଣ୍ଡ, ଧର୍ମେନ୍ଦ୍ର ନାଏକ, ବରିଷ୍ଠ ବିଜେଡି ନେତା ଭବାନୀ ଶଙ୍କର ମିଶ୍ର, ଜିତେନ୍ଦ୍ର ମହାନ୍ତି, ନଗରପାଳ ବିଷ୍ଣୁ ପ୍ରଧାନ, ମୁନା ମହାନ୍ତି, ବଦ୍ରିନାରାୟଣ ପଟ୍ଟନାୟକ, ମହିଳା ସଭାନେତ୍ରୀ ଲଳିତା ନାଏକ, ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ, ଯୁବନେତା ଅବିନାଶ ଠାକୁର, ରାଜ୍ୟ ଯୁବ ଉପସଭାପତି ମନିନ୍ଦ୍ର ମହାନ୍ତି, ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, କେସିଙ୍ଗା ଏନ୍‌ଏସି ଅଧ୍ୟକ୍ଷ ନୃପରାଜ ଯାଦବ, ମହିଳା ନେତ୍ରୀ ସବିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପାଇଖାନା କାନ୍ଥ ପଡ଼ି ଯୁବକ ମୃତ

**ପାଇକମାଳ,୨୮।୧(ବଡ଼ ଶତପଥୀ):** ପାଇକମାଳ ବ୍ଲକ ମାଣ୍ଡୋସିଲ ଗାଁରେ ମଙ୍ଗଳବାର ଭୋର୍ ୫ଟାରେ ପାଇଖାନା କାନ୍ଥ ଭୁଶୁଡ଼ି ପଡ଼ିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗିରିଶ୍ ଚନ୍ଦ୍ର ରଣା(୪୫)। ଗିରିଶ୍ ମଙ୍ଗଳବାର ଭୋର୍‌ରେ ପାଇଖାନା ଯାଇଥିଲେ। ସେଠାରେ ପାଇଖାନାର କାନ୍ଥ ଭୁଶୁଡ଼ି ପଡ଼ିବାରୁ ସେ ତଳେ ଚାପି ହୋଇଯାଇଥିଲେ। ତାଙ୍କ ଆସିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରି ପାଇଖାନା କାନ୍ଥ ତଳେ ଗିରିଶ୍ ଚାପି ହୋଇଯାଇଥିବା ଦେଖିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ନୂଆପଡ଼ା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଗରିବ ପରିବାରକୁ ସରକାରୀ ସାହାଯ୍ୟ ପାଇଁ ଦାବି ହେଉଛି।

### ସାଂସ୍କୃତିକ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

**ବରଗଡ଼,୨୮।୧(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ବରଗାଁ ପଞ୍ଚାୟତ ଅନ୍ତର୍ଗତ ପାତିକାରପଲ୍ଲୀସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ସାଂସ୍କୃତିକ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ ହୋଇଛି। ବରଗଡ଼ ଆଦାନୀ ଫାଉଣ୍ଡେଶନ ଦ୍ୱାରା ନିର୍ମିତ ଏହି ମଣ୍ଡପକୁ ଆଦାନୀ ଫାଉଣ୍ଡେଶନର ପ୍ଲାଣ୍ଟ ମ୍ୟାନେଜର ସୁକାନ୍ତ ସାମନ୍ତ, ହେଡ୍ ମେଣ୍ଟେନେନ୍ସ ଅତାବ୍ ଅଲ୍ଲୀ ମଣ୍ଡଳ, ସିଏସ୍ଆର ପ୍ରଦୀପ୍ତ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିବୁଧେନ୍ଦୁ ମହାନନ୍ଦ ଆୟୋଜିତ ସଭାରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟିର ଚେୟାରମ୍ୟାନ ଏବଂ ଅନ୍ୟ ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ। ବିଦ୍ୟାଳୟର ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସମସ୍ତ ସମସ୍ୟାର ସମାଧାନ ନିର୍ଦ୍ଦେଶ

**ଅତାବିରା,୨୮।୧(ଯୁଧିଷ୍ଠିର ମହାପାତ୍ର):** ଅତାବିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଗୋୟଲ ଏବଂ ଆରକ୍ଷୀ ଅଧୀକ୍ଷକ ମୀନାଙ୍କ ସମେତ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ବରଗଡ଼ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର କୁବେର ମହନ୍ତ, ଅତାବିରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିପୁନାଥ ସୁନା, ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାୟକ ଏବଂ ବ୍ଲକ ଉପାଧ୍ୟକ୍ଷ ଅନନ୍ତ ମେହେର ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଉକ୍ତ ଶିବିରରେ ସମୁଦାୟ ୬୮ ଗୋଟି ଅଭିଯୋଗ ମଧ୍ୟରୁ ୪୫ଟି ବ୍ୟକ୍ତିଗତ ଏବଂ ୨୩ଟି ସାମୂହିକ ଅଭିଯୋଗର ଶୁଣାଣିକରି ସମସ୍ତ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ପୂର୍ବତନ ସରପଞ୍ଚଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଗାଇସିଲେଟ,୨୮।୧ (ଦୁର୍ଗା ପ୍ରସାଦ ତ୍ରିବେଦୀ):** ବରଗଡ଼ ଜିଲା ଗାଇସିଲେଟ ଗ୍ରାମପଞ୍ଚାୟତର ୬ଥର ଅପ୍ରତିଦ୍ୱନ୍ଦ୍ୱୀ ଭାବରେ ସରପଞ୍ଚ ହୋଇଥିବା ସ୍ୱର୍ଗତ ଗୋପୀନାଥ ପଣ୍ଡାଙ୍କ ପ୍ରତିମୂର୍ତ୍ତି ବୁଧବାର ଉନ୍ମୋଚିତ ହୋଇଛି। ପ୍ରତିମୂର୍ତ୍ତିକୁ ତାଙ୍କର ବଡ଼ ନାତି ପୂର୍ବତନ କୁଳପତି ଉତ୍କଳ ସଂସ୍କୃତି ମହାବିଦ୍ୟାଳୟ ଓଡ଼ିଶାର ପ୍ରଫେସର ଡଃ ସାଧୁଚରଣ ପଣ୍ଡା ଉନ୍ମୋଚନ କରିଥିବା ବେଳେ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ, ବିଡିଓ ଲକ୍ଷ୍ମଣ ମାଝୀ, ଥାନାଧିକାରୀ ଏମ.ମିଞ୍ଜ, ଜିଲା ପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ, ସରପଞ୍ଚ ଶରତ କାଲୋ, ୟୁଥ କ୍ଲବ ସଭାପତି ରଞ୍ଜନ ପଣ୍ଡା ଏବଂ ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଡଃ ସୁନିଲ କୁମାର ପଣ୍ଡାଙ୍କ ରଚନାରେ ସ୍ୱର୍ଗତ ଗୋପୀନାଥ ପଣ୍ଡାଙ୍କ ଜୀବନୀ ଉପରେ ଆଧାରିତ 'ସରପଞ୍ଚ ବୁଢ଼ା ' ନାମକ ଏକ ବହି ଉନ୍ମୋଚନ ହୋଇଥିଲା ଏବଂ ହସ୍ପିଟାଲ ଛକଠାରୁ ବ୍ଲକ ଛକ ପର୍ଯ୍ୟନ୍ତ ଯାଇଥିବା ରାସ୍ତାକୁ ଗୋପୀନାଥ ମାର୍ଗ ନାମରେ ନାମିତ କରାଯାଇଥିଲା। ପରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।



ବରଗଡ଼ ଗାନ୍ଧିଛକରେ ବନ୍ଦ ପାଳନକାରୀଙ୍କ ବିକ୍ଷୋଭ।

# ବନ୍ଦ ଆନ୍ଦୋଳନକୁ ବରଗଡ଼ରେ ସ୍ୱତଃସ୍ଫୂର୍ତ୍ତ ସମର୍ଥନ

**ବରଗଡ଼,୨୮।୧(ପ୍ରେମାନନ୍ଦ ଖମାରୀ)**

ରବି ଚାଷକାର୍ଯ୍ୟ ଆରମ୍ଭ ହୋଇଯାଇଛି। ହେଲେ ଏପର୍ଯ୍ୟନ୍ତ ଖରିଫ୍‌ରେ ଅମଳ ଧାନବିକ୍ରି ସମସ୍ୟା ତୁଟି ନାହିଁ। ଏହାକୁ ନେଇ ବରଗଡ଼ ଜିଲାରେ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି କ୍ରମରେ ୪ଦଫା ଦାବି ନେଇ ସଂଯୁକ୍ତ କୃଷକ ସଂଗଠନ ବରଗଡ଼ ଜିଲାରେ ବୁଧବାର ୮ଘଣ୍ଟିଆ ବନ୍ଦ ଡାକରା ଦେଇଥିଲା। କୃଷକମାନଙ୍କ ସମସ୍ୟାର ସମାଧାନ ବଦଳରେ କୃଷକମାନଙ୍କୁ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଉପହାସ କରିଥିବା ଅଭିଯୋଗରେ ତାଙ୍କ ଇସ୍ତଫା, ଧାନବିକ୍ରି ସମସ୍ୟାର ସମାଧାନ, ପଲ୍ୟୁସନ ନାଁରେ ଜରିମାନା ଆଦାୟ ବନ୍ଦ, ସ୍ମାର୍ଟ ମିଟର ସଂଯୋଗ ବନ୍ଦ ଏବଂ କୃଷିକ୍ଷେତ୍ରରେ ଚାଷୀମାନଙ୍କୁ ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ ଦାବି ସମୂହ ମଧ୍ୟରେ ରହିଥିଲା। ବନ୍ଦ ଡାକରାକୁ ଜିଲାରେ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ମିଳିଛି। ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଜିଲାରେ ସମସ୍ତ ଦୋକାନ, ବଜାର, ସରକାରୀ, ବେସରକାରୀ ଅନୁଷ୍ଠାନ, ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଜିଲାର କୌଣସି ସ୍ଥାନରେ ସେଭଳି କିଛି ଅପ୍ରୀତିକର ସ୍ଥିତି ଉପୁଜିଥିବାର ସୂଚନା ମିଳି ନାହିଁ। ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା କରି ଜିଲାର ବିଭିନ୍ନ ଅଞ୍ଚଳରେ ପୋଲିସ ପଇଁତରା ମାରୁଥିବା ଦେଖିବାକୁ ମିଳିଥିଲା।



ବନ୍ଦ ପାଳନ ଯୋଗୁ ବରଗଡ଼ ସହର ଦୋକାନ ବଜାର ବନ୍ଦ ରହିଛି।

ବରଗଡ଼ ଜିଲା ସଦର ମହକୁମା ଗାନ୍ଧିଛକ ମୁଖ୍ୟରାସ୍ତାରେ ବନ୍ଦ ପାଳନକାରୀ ଟେଣ୍ଟ ଗାଡ଼ି ବସିଥିଲେ। କଂଗ୍ରେସ, ଆମ ଆଦମୀ ପାର୍ଟି(ଏଏପି), ବହୁଜନ ସମାଜ ପାର୍ଟି, କୋଶଲ ସେନା, ବରଗଡ଼ ନାଗରିକ ମଞ୍ଚ, ସମ୍ବିଧାନ ସୁରକ୍ଷା ମଞ୍ଚ, ଭୀମ ଆର୍ମି, ଜିଲା ସ୍ୱେଚ୍ଛାସେବୀ ସଂଗଠନ ସମେତ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧିମାନେ ଏଥିରେ ସାମିଲ ହୋଇଥିଲେ। ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର, ଉତ୍ପନ୍ନ ଭୋଇ, ନିରଞ୍ଜନ ପ୍ରଧାନ, ରବିଶଙ୍କର ପ୍ରଧାନ, ଈଶାନ୍ତ ଭୋଇ, ସୁଦାମ ପାତ୍ର, ଅଭିମନ୍ୟୁ ପ୍ରଧାନ, କୋଶଲ ସେନାର ବିରବଲ ମହାକୁଡ଼, ଜିଲା କଂଗ୍ରେସ ସଭାପତି ହରଦୀପ ସିଂ, ପାଣ୍ଡବ କର୍ଣ୍ଣ, ପ୍ରଦୀପ ଦେବତା, ଏଏପି ନେତା ଭବାନୀ ସାହୁ, ପୂର୍ବତନ ବରଗଡ଼ ବିଧାୟକ ସାଧୁ ନେପାକ, ବରଗଡ଼ ନାଗରିକ ମଞ୍ଚର ସଭାପତି ଭୀଷ୍ମଦେବ ସରାଫ, ଶୟନ ପଣ୍ଡା, ସମ୍ବିଧାନ ସୁରକ୍ଷା ମଞ୍ଚର ପବିତ୍ର ଦେହେରୀ, ପୁରନ୍ଦର ଭୋସାଗର, ଚାଷୀ ସୁଦାମ ସାହୁ, ଝୁନୁ ଜଗଦଲା, ପୂର୍ଣ୍ଣ ପ୍ରଧାନ ପ୍ରମୁଖ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଏହା ସହିତ ଗାନ୍ଧିଛକରେ ଉପ ମୁଖ୍ୟମନ୍ତ୍ରୀ ସିଂଦେଓଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଗାଇସିଲେଟରେ ଚାଷୀନେତା ଅରବିନ୍ଦ ପଣ୍ଡାଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା।

# ଅଖା ଚକ ବନ୍ଦ

**ଅତାବିରା, ୨୮।୧(ଯୁଧିଷ୍ଠିର ମହାପାତ୍ର)**

ଟୋକନ ସମସ୍ୟା, ଧାନର କଟନୀ ଛଟନୀ, ମଣ୍ଡିର ବିକ୍ରି, ସ୍ମାର୍ଟ ମିଟର ନାଁରେ ଟାଟା ପାୱାରର ଶୋଷଣ ଆଦି ବିଭିନ୍ନ ସମସ୍ୟା ତଥା ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା କଂସ ଦରବାରରେ କୃଷି ମନ୍ତ୍ରୀ ଚାଷୀଙ୍କୁ ନେଟଙ୍ଗି କରିବା କହିବା ପ୍ରତିବାଦରେ ବୁଧବାର ଅତାବିରା ଅଖା ଚକ ସ୍କୁଲ କଲେଜ ସରକାରୀ ବେସରକାରୀ ଅନୁଷ୍ଠାନ ବନ୍ଦ ହୋଇଛି। ଏହା ସହ ବରଗଡ଼ -ସମ୍ବଲପୁର ଓ ସମ୍ବଲପୁର - ବରଗଡ଼ ୫୩ ନମ୍ବର ଜାତୀୟ ରାଜପଥର ଅତାବିରା ବସଷ୍ଟାଣ୍ଡରେ ଚାଷୀମାନେ ରାସ୍ତାରୋକୋ କରିଛନ୍ତି। ଫଳରେ ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ମୋଟର ଅଟକି ରହିଥିଲା। ଏ ନେଇ ସ୍ଥାନୀୟ ଅଗ୍ରସେନ ଭବନରେ ଓଡ଼ିଶା ରାଜ୍ୟ କୃଷକ ସଂଗଠନର ଏକ ଖବରଦାତା ସମ୍ମିଳନୀରେ ସଂଗଠନର ସଭାପତି ବୀରେନ୍ଦ୍ର କର ସୂଚନା ଦେଇଥିଲେ ଯେ, ବିଗତ ଫସଲରେ ଧାନ ବିକ୍ରି କରିଥିବା କିଛି ଚାଷୀଙ୍କ ଟୋକନ ଏ ପର୍ଯ୍ୟନ୍ତ ଆସି ନାହିଁ। ବାରମ୍ବାର ଦାବି ସୁଦ୍ଧା ପ୍ରଶାସନ, ସରକାର କର୍ଣ୍ଣପାତ କରୁ ନାହାନ୍ତି। ଚାଷୀ ସମସ୍ୟା ନେଇ ବୁଧବାରର ଏହି ବନ୍ଦ ଦିଆଯାଇଥିଲା। ରାସ୍ତାରୋକୋରେ କାର୍ଯ୍ୟକାରୀ ସଭାପତି ଟିକେଲାଲ ମିଶ୍ର, ଭୁବନ ପ୍ରଧାନ, ପାପା ରାଓ, ପି ସତବାବୁ, ସୁବାଷ ବିଶ୍ୱାଲ, ନରେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବନ୍ଦ ଡାକରାକୁ ଜାତୀୟ କଂଗେସ ପକ୍ଷରୁ ଦୟାସାଗର ମେଣ୍ଡୋଲି, ଆପ ଦଳରୁ ଜୟକୃଷ୍ଣ ଛୁରିଆ, ଅତାବିରା ବଣିକ ସଂଘ ସହ ସମସ୍ତ ସାମାଜିକ ଅନୁଷ୍ଠାନ ସମର୍ଥନ କରି ଆନ୍ଦୋଳନରେ ବସିଥିଲେ।

**ବରପାଲି,(ଚିତ୍ତରଞ୍ଜନ ସାହୁ):** ସେହିପରି ବରପାଲିରେ ସଫଳ ଭାବରେ ସଂଯୁକ୍ତ କୃଷକ ସଙ୍ଗଠନ ବନ୍ଦ ପାଳନ କରିଥିଲେ । କୃଷକ ସଂଗଠନକୁ କଂଗ୍ରେସ ସହ ବରପାଲି ବଣିକ ସଂଘ, ଓକିଲ ସଂଗଠନ, ଟ୍ୟାକ୍ସି ମାଲିକ ସଂଘ, ସମେତ ବହୁ ଅନୁଷ୍ଠାନ ସାମିଲ ହୋଇଥିଲେ । ଗାନ୍ଧୀ ଛକରେ ଆୟୋଜିତ ପ୍ରତିବାଦ ସଭାରେ ପୂର୍ବତନ ମନ୍ତ୍ରୀ ରୀତା ସାହୁ, କିଶୋର ଦଫାଦାର, ଗୌରହର ହରି ମିଶ୍ର, ପ୍ରଦ୍ୟୁମ୍ନ ତ୍ରିପାଠୀ, କାରନ ସାହୁ, ଲୁକୁ ଦେହେରି, ବାବୁଲୁ ମିଶ୍ର, ଯେଠୁ ଭୋଇ, ଟିକାୟତ ମହନ୍ତମ, ପବିତ୍ର ବାଗ, ମନୋଜ ପଟ୍ଟନାୟକ, ଅଭିଷେକ ସେଠ, ଅଚ୍ୟୁତ ଦେହେରୀ, ସୁବୋଧ ଦାଶ ପ୍ରମୁଖ ଯୋଗ ଦେଇ ଥିଲେ ।

**ପାଇକମାଳ, (ବଡ଼ ଶତପଥୀ):** ପାଇକମାଳ ମୁଖ୍ୟ ଛକଠାରେ ବୋଡାସମ୍ବର କୃଷକ ସଙ୍ଗଠନ, ପାଇକମାଳ ବିଜେଡି ଓ ପାଇକମାଳ କଂଗ୍ରସ କର୍ମୀମାନେ ସାମିଲ ହୋଇ ପାଇକମାଳର ବନ୍ଦ କୁ ସଫଳ କରିଛନ୍ତି । ଆନ୍ଦୋଳନରେ ଗୁଡୁ ସାହୁ, ଭୁବାନେଶ୍ୱର ପ୍ରଧାନ, ମହେନ୍ଦ୍ର ସାହୁ, ସୁକାନ୍ତ ସାଥୁଆ, ଜଷ୍ଟିରା ସାହୁ,କୌତୁକ ସାହୁ, ଟୁନା ବାରିକ, ଶ୍ୟାମଲାଲ ଟାଣ୍ଡି, ଅମୃତଲାଲ ସାହୁ, ସୁଦର୍ଶନ ସାହୁ, ପୁରୁଷୋତ୍ତମ ସରାଫ, ନାନକି ସାହୁ, ହୃଦାନନ୍ଦ ବାରିକ ପାଇକମାଲ ପାକ୍ସ ସଭାପତି ସହ ବ୍ଲକ ବିଜେଡି ବିଜୁ କୁମାର ସ୍ୱାଇଁ, ଟାଇଲ ଚନ୍ଦ୍ର ଭୋଇ, ବିଜେଡି ବ୍ଲକ ଯୁବ ସଭାପତି ଗୌତମ ସିଂ, ବ୍ଲକ କଂଗ୍ରେସ ସଭାପତି ବିଜୟନନ୍ଦ ପଟ୍ଟନାୟକ ରବୀନ୍ଦ୍ର ସାହୁ ପ୍ରମୁଖ ନିଜ ବକ୍ତବ୍ୟ ରଖି ସରକାରଙ୍କୁ ଭର୍ତ୍ସନା କରିଥିଲେ ।



ବରପାଲିରେ ସଂଯୁକ୍ତ କୃଷକ ସଙ୍ଗଠନର ବନ୍ଦ ପାଳନ।

# ହିନ୍ଦୁ ସମାଜକୁ ଏକତ୍ରିତ, ସଚେତନ ହେବାକୁ ଆହ୍ୱାନ

**ଗାଇସିଲେଟ,୨୮।୧ଦୁର୍ଗା ପ୍ରସାଦ ତ୍ରିବେଦୀ)**

ଗାଇସିଲେଟ ବ୍ଲକ ଶରଧାପାଲି ପଞ୍ଚାୟତ ଅନ୍ତର୍ଗତ ଲେବିଡି ଖେଳପଡ଼ିଆରେ ନିରଞ୍ଜନ ପଣ୍ଡାଙ୍କ ସଂଯୋଜନାରେ ଶରଧାପାଲି ମଣ୍ଡଳ ସମଗ୍ର ହିନ୍ଦୁ ସମାଜ ତରଫରୁ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଦ୍ୱତ ପରିଷଦ ଓଡ଼ିଶା ପ୍ରାନ୍ତ ସଭାପତି ତଥା ଅବସର ପ୍ରାପ୍ତ ପ୍ରାଧ୍ୟାପକ ଡଃ ବାଞ୍ଛାନିଧି ପଣ୍ଡା, ସମ୍ମାନିତ ଅତିଥି ଭାବରେ ହୃଷୀକେଶ ନାଗ ସେବା ଭାରତୀ ପ୍ରାନ୍ତ ସଂଗଠନ ମନ୍ତ୍ରୀ ଦାଦଶ କୁମାର ପ୍ରଧାନ, ସଙ୍କୁଳ ପ୍ରମୁଖ ପଦ୍ମପୁର କୃଷ୍ଣ ଚନ୍ଦ୍ର ପଣ୍ଡା, କରମ ସିଂ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ଗ୍ରାମର ପୋଖରୀରୁ ଶତାଧିକ ମହିଳା ମୁଣ୍ଡରେ ପାଣି ଭର୍ତ୍ତି କଳସୀ ଧରି ସଙ୍କୀର୍ତ୍ତନ ସହ ମଣ୍ଡପରେ ପହଞ୍ଚି କଳସ ସ୍ଥାପନ କରି ବିଶ୍ୱ କଲ୍ୟାଣ ପାଇଁ ଘୃତଯଜ୍ଞ ଅନୁଷ୍ଠିତ ହୋଇଥିଲା। ପରେ ପରମେଶ୍ୱର ସାହୁଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା । ପ୍ରାୟ ୧ହଜାରରୁ ଅଧିକ ସାଧାରଣ ଲୋକଙ୍କ ଅଂଶଗ୍ରହଣ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ହିନ୍ଦୁ ସମାଜର ଏକତା, ସାଂସ୍କୃତିକ, ସୁରକ୍ଷା, ପରମ୍ପରାର ମୂଲ୍ୟ ବୁଝିବା ଓ ଯୁବପିଢ଼ୀଙ୍କୁ ସଠିକ ଦିଗଦର୍ଶନ ଦେବା ଏହା ଏକ ବଡ଼ ମାଧ୍ୟମ ବୋଲି ମୁଖ୍ୟ ଅତିଥି ଡଃ ପଣ୍ଡା କହିଥିବା ବେଳେ ହିନ୍ଦୁ ସମାଜକୁ ସଂଗଠିତ ଓ ସଚେତନ ରହିବା, ଧର୍ମ ଓ ସଂସ୍କୃତିକୁ ସୁରକ୍ଷା କରିବା ପାଇଁ ଶକ୍ତିଶାଳୀ ଆହ୍ୱାନ କରିଥିଲେ । ଆଜି ସମୟ ଆସିଛି ଦୋଷ ଦେବାର ନୁହେଁ, ଦାୟିତ୍ୱ ନେବାର। ନିଜ ସଂସ୍କୃତିକୁ ଜାଣିବାର, ନିଜ ମୂଲ୍ୟବୋଧକୁ ବଞ୍ଚାଇବାର ଓ ଯୁବପୀଢ଼ିକୁ ସଠିକ ଦିଗ ଦେଖାଇବାର। ହିନ୍ଦୁ ସମାଜ ଜାଗ୍ରତ ହେଲେ ସମାଜ ସୁଦୃଢ଼ ହେବ,ରାଷ୍ଟ୍ର ସଶକ୍ତ ହେବ ଓ ଭବିଷ୍ୟତ ସୁରକ୍ଷିତ ହେବ ବୋଲି ସେ ମତପ୍ରକାଶ କରିଥିଲେ। ମଧ୍ୟାହ୍ନ ୧ଟାରେ ବୃହତ୍ ଅନ୍ନଯଜ୍ଞ ଓ ଅନ୍ନପ୍ରସାଦ ବିତରଣ କରାଯାଇଥିଲା। ଦଶମଣୀ ସାହୁ, ତପନ ସାହୁ, ବେଦବ୍ୟାସ ପଧାନଙ୍କ ସହଯୋଗ କ୍ରମେ କାର୍ଯ୍ୟକ୍ରମଟି ସଫଳ ହୋଇଥିବାରୁ ପରିଶେଷରେ ସନ୍ତୋଷ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲା ଯାଦବ ସମାଜ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

**ପଦ୍ମପୁର,୨୮।୧:(ପ୍ରଦୀପ୍ତ ଦାଶ)**

ପଦ୍ମପୁର ମୁକ୍ତା ଲଜଠାରେ ଆସନ୍ତା ମାର୍ଚ୍ଚ ୨୩ ରୁ ୨୬ ତାରିଖ ପର୍ଯ୍ୟନ୍ତ ପାଳିତ ହେବ। ଏଥିପାଇଁ ବରଗଡ ଜିଲା ଯାଦବ କଲ୍ୟାଣ ମଣ୍ଡପ ଉଦ୍‌ଘାଟନ ତଥା ଯାଦବ ସମାଜ ମହାସଭା ଏବଂ ନବକୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ପାଳନର ପ୍ରସ୍ତୁତି ବୈଠକ ବରଗଡ଼ ଜିଲା ଯାଦବ ସମାଜର ସଭାପତି ରାଜୁ ଘିବେଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଯାଦବ ସମାଜର ବିକାଶ ଏବଂ ସଂଗଠନକୁ ସୁଦୃଢ କରିବାରେ ସହାୟକ ହେବା ସାଙ୍ଗକୁ ବରଗଡ଼ ଜିଲାର ସାମଗ୍ରୀକ ବିକାଶ ହେବାରେ ଯାଦବ ସମାଜର ପ୍ରମୁଖ ଭୂମିକା ହେବ ବୋଲି ଆଲୋଚନା ହୋଇଥିଲା। ବିଶ୍ୱଶାନ୍ତି ମହାଯଜ୍ଞରେ ୧୦୮ ଯୋଡି କର୍ତ୍ତା ଯଜ୍ଞ ସମ୍ପାଦନ କରିବାକୁ ଥିବାବେଳେ ସର୍ବଶ୍ରୀ ଧନପତି ବାଗର୍ତୀ, ସଞ୍ଜୀବ ବଗର୍ତୀ ମୋହନ ବନଛୋର ଯଜ୍ଞକର୍ତ୍ତା ହେବାକୁ ଇଚ୍ଛା ପ୍ରକାଶ କରିଥିଲେ। ଏହି କଲ୍ୟାଣ ମଣ୍ଡପଟି ବିବାହ, ବ୍ରତ, ଏକୋଇଶିଆ, ସାମାଜିକ କାର୍ଯ୍ୟ ଆଦି ସର୍ବସାଧାରଣ ପାଇଁ ସାମାଜିକ ମଙ୍ଗଳ କାର୍ଯ୍ୟରେ ନିୟୋଜିତ ହେବା ସାଙ୍ଗକୁ ଏହା କେବଳ ଯାଦବ ସମାଜ ପାଇଁ ସିମିତ ନରହି ଅନ୍ୟାନ୍ୟ ସମସ୍ତ ସମାଜ ତଥା ମାନବ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ହୋଇ ବରଗଡ ଜିଲାକୁ ଏକ ବିକଶିତ ଜିଲାରେ ପରିଣତ କରିବାରେ ସହାୟକ ହେବ ବୋଲି ଘିବେଲା ପ୍ରକାଶ କରିଥିଲେ। ନୃସିଂହନାଥଠାରେ ଯାଦବ କଲ୍ୟାଣ ମଣ୍ଡପ ତିଆରି କରିବାରେ ସ୍ଥାନ ନିରୁପଣକରିବା ପାଇଁ ସପ୍ତସିନ୍ଧୁ ବଗର୍ତି, ଘନଶ୍ୟାମ ପୁଜ୍ଜି, କେଶବ ଜାଲ, ଗଙ୍ଗାଧର ଚିରଗୁନ ଏବଂ ଅମୃତଲାଲ ବନଛୋରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

# ଲାଞ୍ଚ ନେବା ଅଭିଯୋଗରେ ପୋଲିସ ଏଏସ୍ଆଇଙ୍କୁ ଜେଲ

**ବୌଦ୍ଧ,୨୮।୧ (ଅଜିତ କୁମାର ବାରିକ):** ମାମଲା କୋହଳ କରିବା ପାଇଁ ଲାଞ୍ଚ ନେବା ଅଭିଯୋଗରେ ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ବୁଧବାର ଜଣେ ପୋଲିସ ଏଏସ୍ଆଇଙ୍କୁ ୩ବର୍ଷ ଜେଲଦଣ୍ଡ ଆଦେଶ ଦେଇଛନ୍ତି। ଏଥିସହ ତାଙ୍କୁ ୨୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟେ ଅଧିକ ୪ ମାସ ଜେଲ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ପୋଲିସ ଏଏସ୍ଆଇ ଜଣକ ହେଲେ ବୌଦ୍ଧ ଜିଲା ବୁରୁପାଲିର ନବୀନ କୁମାର ଶତପଥୀ। ସେ ବର୍ତ୍ତମାନ ଦେବଗଡ଼ ଜିଲା କୋର୍ଟ ଏଏସ୍ଆଇ ଭାବେ କାର୍ଯ୍ୟରତ ଅଛନ୍ତି। ପ୍ରକାଶ ଥାଉକି ୨୦୨୩ରେ ନବୀନ ଅନୁଗୋଳ ଜିଲା କିଆକଟା ଥାନାରେ ଏଏସ୍ଆଇ ଭାବେ କାର୍ଯ୍ୟରତ ଥିବା ବେଳେ ଏକ ମାମଲାକୁ କୋହଳ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ ନ କରିବା ପାଇଁ ୮ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ଅଭିଯୋଗକାରୀ ପଞ୍ଚାନନ ମେହେର ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ। ୨୦୨୩ ଜୁଲାଇ ୨୫ରେ ନବୀନ ଅଭିଯୋଗକାରୀ ପଞ୍ଚାନନଙ୍କଠାରୁ ବୌଦ୍ଧ ବସ୍‌ଷ୍ଟାଣ୍ଡଠାରେ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ସମୟରେ ପୂର୍ବ ପ୍ରସ୍ତୁତି ଅନୁସାରେ ଫୁଲବାଣୀ ଭିଜିଲାନ୍ସ ବିଭାଗ ତାଙ୍କୁ ଧରିଥିଲେ। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧୨/୨୦୨୩) ରୁଜୁ ହୋଇଥିଲା। ବୁଧବାର ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଏହି ମାମଲାର ଶୁଣାଣିକରି ଉପରୋକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି।

# ବାଲ୍ୟ ବିବାହ ଦୂର ନେଇ ସଚେତନତା ରାଲି




ସଚେତନତା ରାଲି ଭୈରବୀ ମନ୍ଦିରଠାରେ ଅଞ୍ଚଳ ପରିକ୍ରମା କରୁଛି।

**ବୌଦ୍ଧ, ୨୮।୧(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ହରଭଙ୍ଗା ତାଲୁକା ଆଇନସେବା କମିଟି ପକ୍ଷରୁ ବାଲ୍ୟ ବିବାହ ଦୂର ନେଇ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ହରଭଙ୍ଗା ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ଦଣ୍ଡାଧିଶ ପ୍ରିତିଶ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା ରାଲି ପୁରୁଣାକଟକ ଡିଗ୍ରୀ ମହାବିଦ୍ୟାଳୟ ଠାରୁ ପୁରୁଣାକଟକ ବଜାର ପରିକ୍ରମା କରି ଭୈରବୀ ମନ୍ଦିର ଠାରେ ପହଞ୍ଚିଥିଲା । ଏହି ସଚେତନା ରାଲିର ମୁଖ୍ୟ ଲକ୍ଷ୍ୟ ଥିଲା ସମାଜରୁ ବାଲ୍ୟବିବାହ ଦୂର କରିବା ସହ ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ କରିବା। ଏହା ବାଲ୍ୟବିବାହ ନେଇ ଆଇନରେ ଥିବା ଦଣ୍ଡ ନେଇ ମଧ୍ୟ ସଚେତନତା କରାଇଥିଲେ। କାର୍ଯ୍ୟକ୍ରମରେ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀ, ଛାତ୍ର, ହରଭଙ୍ଗା ଓକିଲ ସଂଘର ସମସ୍ତ ଆଇନଜୀବୀ, କୋର୍ଟ କର୍ମଚାରୀ, ପୋଲିସ କର୍ମଚାରୀ ସାମିଲ ଥିଲେ।

# ସୋହେଲାରେ ଜୀବଜନ୍ତୁ କଲ୍ୟାଣ ଦିବସ




**ସୋହେଲା,୨୮।୧(ଅଶ୍ୱିନୀ କୁମାର ପାତ୍ର)**

ସୋହେଲା ନିକଟସ୍ଥ ହଲଦିପାଲିଠାରେ ଥିବା ଶ୍ରୀରାମ କଲେଜ ପରିସରରେ ସ୍ଥାନୀୟ ଗିରିଧର ଗୋଶାଳା ତରଫରୁ ଜୀବଜନ୍ତୁ କଲ୍ୟାଣ ଦିବସ ପାଳନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କଲେଜର ପରିଚାଳକ ଗିରିଜେଶ ଖାଡ଼ାଙ୍ଗୀ, ବକ୍ତା ଭାବେ ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ବିରୁପାକ୍ଷ ନାଏକ ଓ ସମ୍ମାନୀତ ଅତିଥି ଭାବେ ସୋହେଲା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସ୍ୱୟଂ ପ୍ରଭା ନାୟକ ଯୋଗଦେଇ ବିଭିନ୍ନ ଜୀବଜନ୍ତୁମାନଙ୍କ ଉପରେ ହେଉଥିବା ନିଷ୍ଠୁରତା ଉପରେ ଆଲୋଚନା କରିଥିଲେ। ପଶୁପାଳକମାନେ ଅଧିକ କ୍ଷୀର ପାଇବା ଲାଳସାରେ ଗାଈମାନଙ୍କୁ ଇଞ୍ଜେକଶନ ଦେଉଛନ୍ତି। ଫଳରେ ଗୋରୁମାନଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡୁଥିବାବେଳେ ସେହି କ୍ଷୀରକୁ ପାନ କରି ମଣିଷ ଶରୀର ମଧ୍ୟ କ୍ଷତି ହେଉଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ଏପରିକି ପ୍ଲାଷ୍ଟିକ ଆଦି ଅଭକ୍ଷ ଖାଦ୍ୟ ଖାଇ ଗାଈଗୋରୁମାନେ କିପରି ବିପଦରେ ପଡୁଛନ୍ତି ସେ ନେଇ ମଧ୍ୟ ବକ୍ତାମାନେ ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଞ୍ଜୁଲତା ଖାଡ଼ାଙ୍ଗା ଏବଂ କଲେଜର ଅଧ୍ୟକ୍ଷ ନିଳାଚଳ ପଧାନ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ଛାତ୍ରୀଛାତ୍ର ତଥ ସମସ୍ତ କର୍ମଚାରୀମାନେ ଯୋଗଦେଇଥିଲେ। ଜୀବଜନ୍ତୁ ଉପରେ ଅତ୍ୟାଚାର ଶୀର୍ଷକକୁ ନେଇ ଅନୁଷ୍ଠିତ ହୋଇଥିବା ଡିବେଟ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେଇଥିଲେ ଚନ୍ଦ୍ର କୁମାର ଅଗ୍ରୱାଲ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଦୀପେଶ ଅଗ୍ରୱାଲ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ମୋତିଶେଖର ଭୋଇ ଓ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଆଶିଷ କୁମାର ଅଗ୍ରୱାଲ ଓ ନରେଶ କୁମାର ଅଗ୍ରୱଲ।

# ରାସ୍ତାରେ ଡ୍ରେନେଜ୍ ପାଣି, ବଢୁଛି ଅସନ୍ତୋଷ

**ବରଗଡ଼,୨୮।୧(ପ୍ରେମାନନ୍ଦ ଖମାରୀ)**

ନୂତନ ଡ୍ରେନ ନିର୍ମାଣ, ରାସ୍ତା ପ୍ରଶସ୍ତୀକରଣ କରାଯାଇ ବରଗଡ଼ ସହର ବିକଶୀତ ହେଉଛି ବୋଲି କୁହାଯାଉଛି। ମାତ୍ର ସହର ମଧ୍ୟରେ ଏଭଳି ସମସ୍ୟା ରହିଛି, ତାହା ପଡ଼ାବାସୀଙ୍କୁ ଅସ୍ତବ୍ୟସ୍ତ କରି ପକାଉଛି। ବରଗଡ଼ ପୌର ପରିଷଦ ଅଧିନ ୱାର୍ଡ଼ ନଂ-୨ ଏବଂ ୱାର୍ଡ଼ ନଂ-୪ର ନିର୍ଭରଯୋଗ୍ୟ ସ୍ଥାନୀୟ ଲମ୍ବା ବିଲଡ଼ିଂରୁ ତଳିପଡ଼ାକୁ ଯାଇଥିବା ରାସ୍ତା ଉପରେ ଦିନରାତି ଡ୍ରେନେଜ ପାଣି ପ୍ରବାହିତ ହେଉଛି। ଦୀର୍ଘଦିନରୁ ଏହି ସମସ୍ୟା ଲାଗି ରହିଛି, ମାତ୍ର ଏପର୍ଯ୍ୟନ୍ତ ଏହାର ସ୍ଥାୟୀ ପ୍ରତିକାର କରାଯାଇ ନାହିଁ। ଏହାକୁ ନେଇ ପଡ଼ାବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାକୁ ନେଇ ବୁଧବାର ସ୍ଥାନୀୟ ଲୋକେ ଉକ୍ତ ରାସ୍ତାକୁ ଅବରୋଧ କରିଥିଲେ। ପରେ ପୌର ପରିଷଦ କାର୍ଯ୍ୟାଳୟର ଏକ ଗାଡ଼ି ସେଠାକୁ ପହଞ୍ଚି ଡ୍ରେନ ପାଣି ନିଷ୍କାସନ କରିଥିଲା। ମାତ୍ର ତାହା କ୍ଷଣସ୍ଥାୟୀ ଅଟେ। ଉକ୍ତ ରାସ୍ତାପାର୍ଶ୍ୱରେ ରହିଥିବା ଡ୍ରେନ ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା ନାହିଁ। ଫଳରେ ସେଠାରେ ଡ୍ରେନେଜ୍ ପାଣି ଜମି ରହୁଛି। କେତେବେଳେ ଡ୍ରେନେଜ ପାଣି ରାସ୍ତାରେ ବହୁଛି ତ ଆଉ କେବେ କାହା ଘରକୁ ପଶୁଥିବା ଅଭିଯୋଗ ହେଉଛି। ଏଭଳି ସ୍ଥଳେ ରୋଗ ଜୀବାଣୁ ଉପଦ୍ରବ ହେଉଥିବା ଯୋଗୁ ସଂକ୍ରାମକ ରୋଗର ଆଶଙ୍କା ରହିଛି। ଫଳରେ ଏହାର ସ୍ଥାୟୀ ସମାଧାନ କରା ନଗଲେ ଆଗକୁ ସ୍ଥାନୀୟ ଲୋକେ ବଡ଼ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।



## ସଂକ୍ଷେପରେ

### କାର୍ ପଛପଟୁ ଧକ୍କାଦେଲା ବାଇକ୍: ଚାଳକ ମୃତ

**ଲହୁଣିପଡ଼ା,୨୮।୧(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଲହୁଣିପଡ଼ା ଥାନା ଅନ୍ତର୍ଗତ ଲଲେଇ ଖଣ୍ଡାଧାର ରାସ୍ତା ମହୁଲତା ଛକଠାରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟାରେ ଏକ ବାଇକ୍ କାର୍ ପଛପଟକୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କରଡ଼ାକୁଦର ନିହାମିଆ ମୁଣ୍ଡା(୩୦)। ସୂଚନାରୁ ପ୍ରକାଶ ଯେ, ନିହାମିଆ ଓ ସମ୍ନମ୍ ମୁଣ୍ଡା(୩୦) ଓଡି-୧୪ୟୁ -୯୦୬୩ ବାଇକ୍ ଯୋଗେ ଲଲେଇ ପଟୁ ନିଜ ଗ୍ରାମ କରଡ଼ାକୁଦରକୁ ଯାଉଥିବା ବେଳେ ମହୁଲତା ଛକ ଠାରେ ଆଗରେ ଯାଉଥିବା ଓଡି -୧୪ୱାଇ -୧୬୩୪ କାର୍‌ର ପଛପଟୁ ଧକ୍କା ଦେଇଥିଲେ। ଫଳରେ ବାଇକ୍ ଆରୋହୀ ୨ଜଣ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଚିକିତ୍ସା ପାଇଁ ସେମାନଙ୍କୁ ବଣେଇ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ନିହାମିଆଙ୍କ ବିଳମ୍ବିତ ରାତିରେ ମୃତ୍ୟୁ ଘଟିଥିଲା। ଖବରପାଇ ଲହୁଣିପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରିଥିଲା। ପୋଲିସ ବୁଧବାର ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

### ବୃଦ୍ଧାଙ୍କ ଗଳିତ ମୃତଦେହ ଜବତ

**ବାଲିଶଙ୍କରା,୨୮।୧ (ହୃଦାନନ୍ଦ ବାରିକ):** ସୁନ୍ଦରଗଡ ଜିଲା ତଲସରା ଥାନା ଅନ୍ତର୍ଗତ କୁରେଇ ପଞ୍ଚାୟତ କୁରେଇ ଗ୍ରାମର ଜଣେ ବୃଦ୍ଧାଙ୍କ ଗଳିତ ମୃତଦେହ ବୁଧବାର ଜବତ ହୋଇଛି। ମୃତା ବୃଦ୍ଧା ହେଲେ ସୁନାବତୀ କମାର (୭୦)। ଏନେଇ ତଲସରା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି। ପୋଲିସ ସୂଚନା ଅନୁଯାୟୀ, ସୁନାବତୀ କୁରେଇ ଗ୍ରାମରେ ଏକାକୀ ରହୁଥିଲେ। ଗତ ୨୪ ତାରିଖରୁ ସେ ନିଖୋଜ ହୋଇଯାଇଥିଲେ। ଗ୍ରାମବାସୀ ନିଖୋଜ ହୋଇଯାଇଥିବା ନେଇ ତଲସରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବୁଧବାର ସକାଳେ ଛେଳି ଚାରାଳୀମାନେ ଢେଙ୍ଗୁରପାନୀ ଜଙ୍ଗଲ ଦେଇ ଛେଳି ଚରାଇବା ପାଇଁ ଯାଉଥିବାବେଳେ ଦୁର୍ଗନ୍ଧ ହେବାରୁ ପାଖକୁ ଯାଇ ଦେଖିଲେ ସୁନାବତୀଙ୍କ ଗଳିତ ମୃତଦେହ ପଡିଥିଲା। ଏନେଇ ସେମାନେ ଗ୍ରାମବାସୀ ଜଣାଇଥିଲେ। ପରେ ପୋଲିସଙ୍କୁ ଖବର ଦିଆଯାଇଥିଲା। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାପଡିଛି।

### ଜିଲା କଂଗ୍ରେସ କମିଟିର ସଂଶୋଧିତ ତାଲିକା ଘୋଷିତ

**ସୁନ୍ଦରଗଡ଼,୨୮।୧ (ଜୟ ନାରାୟଣ ମେଣ୍ଡୁଲି):** ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନ କ୍ରମେ ସୁନ୍ଦରଗଡ ଜିଲା କଂଗ୍ରେସ କମିଟିର ସଂଶୋଧିତ ତାଲିକା ବୁଧବାର ଘୋଷିତ ହୋଇଛି। ସୁଧାଂଶୁ ପଶାୟତଙ୍କୁ ସାଧାରଣ ସମ୍ପାଦକ ଭାବରେ, ସୟଦ ଇକବାଲ, ମାଇକେଲ ଖାଖା, ଏମ୍ ଡି. ରଜାକ, ତ୍ରିନାଥ କିଷାନଙ୍କୁ ସମ୍ପାଦକ ଭାବରେ ଓ ଲହୁଣୀପଡ଼ାର ବରିଷ୍ଠ କଂଗ୍ରେସ ନେତା ଯୁଧିଷ୍ଠିର ତ୍ରିପାଠୀଙ୍କୁ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ଭାବରେ ଗ୍ରହଣ କରାଯାଇଛି।

# ଦେଶୀ ବିହନ ସଂରକ୍ଷକ ସୁରଥ

**ଦେଶୀ ବିହନ ବ୍ୟାଙ୍କର ପ୍ରତିଷ୍ଠାତା**

**ସୁନ୍ଦରଗଡ,୨୮।୧(ଜୟ ନାରାୟଣ ମେଣ୍ଡୁଲି)**

ଧିରେ ଧିରେ ହଜିଯାଉଛି ଦେଶୀ ବିହନ। ଏହିପରିସ ସମୟରେ ସୁନ୍ଦରଗଡ ସଦର ବ୍ଲକ ଧରୁଆଡିହି ଗ୍ରାମର ସିଂହବାହିନୀ ଦେଶୀ ବିହନ ବ୍ୟାଙ୍କର ପ୍ରତିଷ୍ଠାତା ତଥା ଦେଶୀ ବିହନ ସଂରକ୍ଷକ ସୁରଥରାମ କିଶାନ ଦେଶୀ ବିହନ ପ୍ରସ୍ତୁତ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ସେ ୨୦୧୪-୨୦୧୫ ମସିହାରେ ସ୍ଥାପନ କରିଥିବା ବିହନ ବ୍ୟାଙ୍କ ଏବେ ୨୦ବର୍ଷରେ ପଦାର୍ପଣ କରିଛି।

ସୁରଥ ନିଜେ ଅନୁଭବ କରିଥିଲେ, ପୂର୍ବଜମାନେ ବ୍ୟବହାର କରୁଥିବା ଦେଶୀ ବିହନ ଧୀରେ ଧୀରେ ହଜି ଯାଉଛି। ତେଣୁ ନିଜ ଉଦ୍ୟମରେ ସିଂହ ବାହିନୀ ଦେଶୀ ବିହନ ବ୍ୟାଙ୍କ ପ୍ରତିଷ୍ଠା କରି ଚାଷୀଙ୍କୁ ଦେଶୀ ବିହନ ଯୋଗାଇ ଆସୁଛନ୍ତି। ଦେଶୀ ବିହନ ଭଣ୍ଡାରର ଉଦ୍ଦେଶ୍ୟ ଓ



ନିଜର ଦେଶୀ ବିହନ ବ୍ୟାଙ୍କରେ ସୁରଥ କିଶାନ।

ମୂଲ୍ୟ ଲକ୍ଷ୍ୟ ଥିଲା ଚାଷୀ ଠିକ୍ ସମୟରେ ବିହନ ହାତ ପାହାନ୍ତାରେ ପାଇବା, କୃଷି ସହନଶୀଳତାକୁ ସୁରକ୍ଷିତ କରିବା, ସ୍ଥାନୀୟ ଖାଦ୍ୟ ପ୍ରଣାଳୀକୁ ଶକ୍ତିଶାଳୀ କରିବା ଏବଂ ପରିବେଶ-ମିତ୍ର କୃଷି ପଦ୍ଧତିକୁ ପ୍ରୋତ୍ସାହନ ଦେବା। ଏହି ବିହନ ଭଣ୍ଡାର ଭରସା ଓ ଶିକ୍ଷାର ଏକ ସାମୂହିକ କେନ୍ଦ୍ର ଭାବେ ଗଢ଼ିଉଠିଲା। ଏଠାରେ ୧୦୦ ପ୍ରକାର ପାରମ୍ପରିକ ଧାନ ସହିତ କ୍ଷୁଦ୍ରଶସ୍ୟ, ମକା, ତୈଳବୀଜ, ମିଲେଟ୍ସ, ଡାଲି, ପନିପରିବା ଓ କନ୍ଦମୂଳ ରହିଛି। ବିହନର ସୁରକ୍ଷା ପ୍ରଣାଳୀ ନେଇ ସୁରଥ ରାମ କହିଛନ୍ତି, ବିହନଗୁଡ଼ିକୁ ସୂର୍ଯ୍ୟାଲୋକରେ ଭଲଭାବେ ଶୁଖାଇ, ଖାର, ବାଲି ଓ ନିମ ପତ୍ର ସହିତ ମିଶାଯାଏ। ପରେ ମାଟି ହାଣ୍ଡିରେ ରଖି ଧାନର ନାଳ, ମାଟି ଓ ଗୋବରରେ ମୁହଁ ବନ୍ଦ କରାଯାଏ। ଅଳ୍ପକାଳୀନ ସଂରକ୍ଷଣ ପାଇଁ ମାଟି ପାତ୍ର ଓ ଖୋଟ ବ୍ୟାଗ ବ୍ୟବହାର କରାଯାଏ। ଏହି ପଦ୍ଧତି ଅଳ୍ପ ଖର୍ଚ୍ଚରେ ବିହନର ସଜୀବତାକୁ ରକ୍ଷା କରେ। ଛୋଟ ଚାଷୀ ଓ ମହିଳା ଗୋଷ୍ଠୀମାନେ ସହଜରେ ବୀଜ ପାଉଛନ୍ତି। ଦେଶୀ ବିହନ ଦ୍ୱାରା ରାସାୟନିକ ଇନପୁଟ ଉପରେ ନିର୍ଭରତା କମିଛି, ଖର୍ଚ୍ଚ ହ୍ରାସ ପାଇଛି ଏବଂ ଚାଷୀଙ୍କ ନିଷ୍ପତ୍ତି ଅଧିକାର ଶକ୍ତିଶାଳୀ ହୋଇଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଓଡିଶା ଦେଶୀ ବିହନ ସୁରକ୍ଷା ମଞ୍ଚର ଆବାହକ ସରୋଜ ମହାନ୍ତିଙ୍କ ପ୍ରେରଣା ଓ ବଳିଷ୍ଠ ନେତୃତ୍ୱରେ ପ୍ରଭାବିତ ହୋଇ ଦେଶୀ ବିହନର ପୁନରୁଦ୍ଧାର ନିମନ୍ତେ ଏକ ବୈପ୍ଳବିକ ଯୋଦ୍ଧା ସାଜିଛନ୍ତି ସଦର ବ୍ଲକ ଧରୁଆଡିହି ଗ୍ରାମର ଚାଷୀ ସୁରଥ କିଶାନ। ସେ ଜଣେ ନିଷ୍ଠାବାନ ଦେଶୀ ବିହନ ସଂରକ୍ଷକ ଭାବେ ନିଜସ୍ୱ ଅବଦାନରେ ଏହି ପଦକ୍ଷେପକୁ ଆଗେଇ ନେଇଛନ୍ତି । ସିଆଇଆରଟିଡି "ସେବକ " ରଙ୍ଗିଆମୁଣ୍ଡା ସଙ୍ଗଠନ ସହିତ ଜଡିତ (ଚିରନ୍ତନ କୃଷି), ଜୈବ କୃଷି ପ୍ରଚାର କ୍ଷେତ୍ରରେ ତାଙ୍କ ଦୀର୍ଘକାଳୀନ କାର୍ଯ୍ୟଦାନ ପାଇଁ ସେ ବିଭିନ୍ନ ସରକାରୀ, ବେସରକାରୀ ଓ ସିଭିଲ ସୋସାଇଟି ସଙ୍ଗଠନରୁ ବହୁ ସ୍ୱୀକୃତି ଓ ସମ୍ମାନ ଲାଭ କରିଛନ୍ତି। ସୁନ୍ଦରଗଡ଼ କୃଷି ବିଜ୍ଞାନ କେନ୍ଦ୍ର, ଦେଶୀ ବିହନ ସୁରକ୍ଷା ମଞ୍ଚ ପରି ସଙ୍ଗଠନଗୁଡ଼ିକ ତାଙ୍କୁ ସମ୍ମାନିତ ଓ ସହଯୋଗ କରିଛନ୍ତି ବୋଲି କହିଛନ୍ତି। କିସାନ ବିଭିନ୍ନ ବିହନ ଓ ଖାଦ୍ୟ ଉତ୍ସବ, ମେଳା ଓ ପ୍ରଦର୍ଶନୀରେ ନିଜ ସଂଗୃହୀତ ଦେଶୀ ବିହନ ପ୍ରଦର୍ଶନ କରି ଚାଷୀ, ଗବେଷକ ଓ ସାଧାରଣ ଲୋକଙ୍କୁ ସଚେତନ କରିଆସୁଛନ୍ତି। ସେ ଜଣେ ଦକ୍ଷ ଜୈବ କୃଷି ପ୍ରଶିକ୍ଷକ ଭାବେ ମଧ୍ୟ ପରିଚିତ। ଯିଏ କୃଷକଙ୍କୁ ଜୈବ ଚାଷ, ଦେଶୀ ପାରମ୍ପରିକ ବିହନ ସଂରକ୍ଷଣ ଓ ସ୍ଥାୟୀ କୃଷି ପଦ୍ଧତି ବିଷୟରେ ପ୍ରଶିକ୍ଷଣ ଦେଇ ଆସୁଛନ୍ତି। ତାଙ୍କର ଏହି ନିରନ୍ତର ପ୍ରୟାସ ଦ୍ୱାରା କେବଳ ବିହନ ନୁହେଁ, ସାମୁଦାୟିକ ଜ୍ଞାନ, ସଂସ୍କୃତି ଓ କୃଷି ସହନଶୀଳତା ମଧ୍ୟ ସୁରକ୍ଷିତ ହୋଇ ଆଗାମୀ ପିଢ଼ି ପାଇଁ ଏକ ଦୃଢ଼ ଆଧାର ତିଆରି ହେଉଛି।

### ଶିବିରରେ ୮୫ ୟୁନିଟ୍ ରକ୍ତ ସଂଗ୍ରହ

**ରାଜଗାଙ୍ଗପୁର ପୋଲିସ ଦ୍ୱାରା ମେଗା ରକ୍ତଦାନ ଶିବିର**

ରାଜଗାଙ୍ଗପୁର,୨୮।୧(ଅଶୋକ ପାଣି)

ସୁନ୍ଦରଗଡ ଜିଲା ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ବିଜୁପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସହରର ବିଭିନ୍ନ ଅନୁଷ୍ଠାନ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସମୁଦାୟ ୮୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତ ଦାତାଙ୍କୁ ପୋଲିସ ପ୍ରଶାସନ ପକ୍ଷରୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଏହି ଶିବିରକୁ ସୁନ୍ଦରଗଡ ଡିଆଇଜି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମହେନ୍ଦ୍ର ମୁର୍ମୁ ଉଦ୍‌ଘାଟନ କରିଥିଲେ। ପୋଲିସ ଅଧିକାରୀ ହେମନ୍ତ ଧାରୁଆ, ଚିନ୍ତାମଣି ମହନ୍ତ, ପ୍ରଶାନ୍ତ ସେନାପତି ପ୍ରମୁଖ ଉପସ୍ଥିତ ରହି ଶିବିରକୁ ପରିଚାଳନା କରିଥିଲେ।

## ଆଦିବାସୀ ବିଶ୍ୱବିଦ୍ୟାଳୟ ସ୍ଥାପନ ଦାବି



ପୁରାତନ ଛାତ୍ର ସଂସଦ ବୈଠକରେ ଯୋଗଦେଇଥିବା ସଭ୍ୟାସଭ୍ୟ।

**ସୁନ୍ଦରଗଡ,୨୮।୧(ଜୟ ନାରାୟଣ ମେଣ୍ଡୁଲି)**

**ସୁନ୍ଦରଗଡ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ବୈଠକ**

ସୁନ୍ଦରଗଡ଼ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସଭାଗୃହରେ ପୁରାତନ ଛାତ୍ର ସଂସଦର ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ବବିତା ଭିତ୍ରିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୁରାତନ ଛାତ୍ର ସଂସଦର ସଭାପତି ଡ. ଚିରବ୍ରତ ଦତ୍ତ ଓ ଅନ୍ୟାନ୍ୟ କର୍ମକର୍ତ୍ତା ମଞ୍ଚାସୀନ ଥିଲେ। ଅଧକ୍ଷା ସଭାର ଆଭିମୁଖ୍ୟ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ସନ୍ତୋଷ ଅମାତ, ନିର୍ମଳ ନାଏକ, ଦିଲିପ କୁମାର ପଟେଲ, ଓମପ୍ରକାଶ ଅଗ୍ରୱାଲ, ସୁମନ୍ତ କୁମାର ସାହୁ, ପଞ୍ଚାନନ ବାର୍ଲା, ଗୋବିନ୍ଦ ଚନ୍ଦ୍ର ସୁଆର, ବିଭୁଧେନ୍ଦ୍ର ଠାକୁର, ବେଣୁମାଧବ ତ୍ରିପାଠୀ, ପ୍ରତାପ ଚନ୍ଦ୍ର ତ୍ରିପାଠୀ, ନେପାଳ ସାହୁ, ସଞ୍ଜୟ ସାହୁ, ମନୋଜ ପୁରୋହିତ, ଜୟନାରାୟଣ ତ୍ରିପାଠୀ, ଡ. ଶିଶିର ସାହୁ ଓ ସୁଷମା ପଟେଲ ପ୍ରମୁଖ ନିଜ ନିଜର ସୁଚିନ୍ତିତ ମତ ବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ଯଥା- ଖେଳ ପଡ଼ିଆର ମାଲିକାନା ହସ୍ତାନ୍ତର, ଏକ ପୋଲିସ ଆଉଟପୋଷ୍ଟ ସ୍ଥାପନ, ଜବରଦଖଲ ଉଚ୍ଛେଦ, ପୁରାତନ ଛାତ୍ରୀ ଓ ଛାତ୍ରଙ୍କ ଡାଟାବେସ ତିଆରି, ଏକ ଅତ୍ୟାଧୁନିକ ସଭାଗୃହ ନିର୍ମାଣ ଓ ଭିତ୍ତିଭୂମି ସଂରକ୍ଷଣ ବିଷୟରେ ଆଲୋଚନା କରାଯାଇଥିଲା। ସର୍ବସମ୍ମତି କ୍ରମେ ଏହି ମହାବିଦ୍ୟାଳୟ ପରିସରରେ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟ ସ୍ଥାପନ ନିମନ୍ତେ ପ୍ରସ୍ତାବ ପଠାଇବା ପାଇଁ ସଭ୍ୟମାନେ ମତ ବ୍ୟକ୍ତ କରିଥିଲେ। ନୂତନ କର୍ମକର୍ତ୍ତା ନିର୍ବାଚନ ପରବର୍ତ୍ତି ସମୟରେ କରିବା ପାଇଁ ସ୍ଥିରୀ କୃତ ହେଲା ଏବଂ ସେ ପର୍ଯ୍ୟନ୍ତ ପୁରାତନ ସଂସଦ ବଳବତ୍ତର ରହିବ ବୋଲି ନିଷ୍ପତ୍ତି ଗ୍ରହଣ କରାଗଲା।

### ହାଇୱା- ଟ୍ରାକ୍ଟର ଧକ୍କା: ଚାଳକ ମୃତ

**ବଡ଼ଗାଁ,୨୮।୧(ଅଶୋକ ଷଡଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ କୁମବାହାଲ ଛକ ନିକଟରେ ମଙ୍ଗଳବାର ରାତିରେ ବରଙ୍ଗାକଛାର ପଟକୁ ଯାଉଥିବା ଏକ ପାଉଁଶ ଗୁଣ୍ଡ ବୋଝେଇ ହାଇୱା ଓ ବିପରୀତ ଦିଗରୁ ଆସୁଥିବା ଟ୍ରାକ୍ଟର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଟ୍ରାକ୍ଟର ଚାଳକ ତଥା ମାଲିକ ରସରାଜପୁର ଗ୍ରାମର ବିଶଜିତ ଲାକ୍ରା (୩୩)ଙ୍କ ମୃତ୍ୟୁ ଘଟିଥିଲା। ସୂଚନା ପାଇବା ପରେ ବଡ଼ଗାଁ ଥାନା ଏଏସଆଇ ବିଜୟ କୁମାର କର ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ଟି ଗାଡି ଜବତ କରିବା ସହ ବୁଧବାର ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ପ୍ରକାଶଯୋଗ୍ୟ ଯେ, ବେଆଇନ ପାଉଁଶ ବିଭିନ୍ନ ସ୍ଥାନରେ ଡମ୍ପ ହେଉଛି। ଏହି ପାଉଁଶ ଗୁଣ୍ଡ ବୋଝେଇ ହାଇୱା ଗୁଡିକ ଦ୍ରୁତ ଗତିରେ ଯାଉଥିବା ଯୋଗୁ ଅନେକ ସ୍ଥାନରେ ଦୁର୍ଘଟଣା ଘଟିବା ସମ୍ଭାବନା ରହୁଛି।

### ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ବ୍ରତ

**ବଡ଼ଗାଁ,୨୮।୧(ଅଶୋକ ଷଡ଼ଙ୍ଗୀ):** ବଡ଼ଗାଁର ବ୍ରାହ୍ମଣ ସମାଜ(ବ୍ରହ୍ମପୁରା) ପକ୍ଷରୁ ରବିବାର ଦେବ ମଣ୍ଡପଠାରେ ସାମୂହିକ ବ୍ରତୋପନୟନ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ରତୋପନୟନରେ କିଞ୍ଜିରକେଲା ଗ୍ରାମର ୨ ଜଣ ଓ ସୁନ୍ଦରଗଡ଼ର ଜଣେ ବାଳକଙ୍କୁ ବ୍ରତ କରାଯାଇଥିଲା। ଏଥିରେ ମୁଖ୍ୟ ପୂଜକ ଦାୟିତ୍ୱ ରଜନୀକାନ୍ତ ପୁରୋହିତ ତୁଲାଇଥିଲେ। ପୂଜକ ବିଭୂତି ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବ୍ରାହ୍ମଣ ସମାଜ ସଭାପତି ପରମାନନ୍ଦ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ବ୍ରାହ୍ମଣ ସମାଜର ସମ୍ପାଦକ ସୌରଭ ପଣ୍ଡା, କୋଷାଧ୍ୟକ୍ଷ ପଦ୍ମଲୋଚନ ପାଣିଗ୍ରାହୀ, ଉପସଭାପତି ସତ୍ୟବାନ୍ ବିଶି, ହରେକୃଷ୍ଣ ପୁରୋହିତ, ବରିଷ୍ଠ କାର୍ଯ୍ୟକର୍ତ୍ତା ଲବଣୀଧର ପାଣିଗ୍ରାହୀ, ବିଘ୍ନେଶ୍ୱର ପଣ୍ଡା, ମନୋଜ ପୁରୋହିତ, ଉପାଧ୍ୟାୟ ପାଣିଗ୍ରାହୀ, ଫକୀର ପାଣିଗ୍ରାହୀ, ସୁଧିର ନାୟକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅଭିଳାଷ ପାଣିଗ୍ରାହୀ, କମଳେନ୍ଦୁ ପାଣିଗ୍ରାହୀ, ପପଲୁ ପାଣିଗ୍ରାହୀ, ଅମ୍ଳାନ୍‌ଜ୍ୟୋତି ନାୟକ ପ୍ରମୁଖ ଯୁବକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୧୦ ଅଗ୍ରଣୀ ଚାଷୀ ପୁରସ୍କୃତ



ଚାଷୀଙ୍କୁ ପୁରସ୍କୃତ କରାଯାଉଛି।

**ହେମଗିର,୨୮।୧(ଚୈତନ୍ୟ ପଟେଲ)**

**ଆକେଲବିରାରେ ୱାଟରଶେଡ୍ ମହୋତ୍ସବ**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଆକେଲବିରାଠାରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ ପକ୍ଷରୁ ୱାଟରଶେଡ୍ ମହୋତ୍ସବ ବୁଧବାର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟା ମହିମା ସେଠ୍, ସମ୍ମାନିତ ଅତିଥି ଭାବରେ ସରପଞ୍ଚ ଥଇଚରଣ ସା, ସମିତିସଭ୍ୟା ସନ୍ତୋଷିନୀ ପଣ୍ଡା, କନିକା ସରପଞ୍ଚ ଶାନ୍ତ ଧୂଆ, କନିକା ସମିତିସଭ୍ୟ ଡିସେମ୍ବର ବାଗ୍, ୱାଟରଶେଡ୍‌ର ପିଡି ପ୍ରଶନ୍ନ କୁମାର ପାତ୍ର, ଏଏସ୍‌ସିଓ ବ୍ରହ୍ମାନନ୍ଦ ଦଳେଇ, ଏସ୍‌ସିଓ ଆଲଡ୍ରିନ୍ ଡନସେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜଳ ବିଭାଜିକା ପ୍ରକଳ୍ପ ଦ୍ୱାରା କନିକା ଓ ଆକେଲବିରା ପଞ୍ଚାୟତର ୧୪ଟି ଗ୍ରାମର ଲୋକେ କିପରି ଲାଭବାନ୍ ହୋଇପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଲାଇନ୍ ବିଭାଗର ଭିଏସ୍ ପ୍ରଶାନ୍ତ ନନ୍ଦ, ଏଏଓ ଦୀପକ ଭୋଇ, ଏଏଫ୍‌ଓ କୃଷ୍ଣଚନ୍ଦ୍ର ମହାପାତ୍ର, ବିପିସି ପ୍ରତାପ ନାଏକ ଉପସ୍ଥିତ ରହି ଡିଓଏଲ୍‌ଆର ଭିଡିଓ ପ୍ରଦର୍ଶନ କରି ବିଭିନ୍ନ ଜନହିତକର ଯୋଜନା ଉପରେ ଅବଗତ କରାଯାଇଥିଲା। ଏହି ଅବସରରେ ୧୦ ଜଣ ଅଗ୍ରଣୀ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବନ୍ଧପାଲିରେ ରେଳ ସାଇଡିଂର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

**ହେମଗିର,୨୮।୧(ଚୈତନ୍ୟ ପଟେଲ)**

ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅନ୍ତର୍ଗତ ଲାଇକେରା ପଞ୍ଚାୟତର ବନ୍ଧପାଲିଠାରେ ବେନ ଗ୍ଲୋବାଲ ରିସୋର୍ସ ପ୍ରାଇଭେଟ ଲିମିଟେଡର ପରିବେଶ ଅନୁକୂଳ ରେଳ ସାଇଡିଂ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପ ସ୍ଥାୟୀ ଏବଂ ପରିବେଶ ଅନୁକୂଳ ଭିତ୍ତିଭୂମି ବିକାଶକୁ ପ୍ରୋତ୍ସାହିତ କରେ। ପରିବେଶ ସନ୍ତୁଳନ ସୁନିଶ୍ଚିତ କରିବା ପାଇଁ ସବୁଜ ବଳୟ ସୃଷ୍ଟି ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପ୍ରକଳ୍ପ ମାଧ୍ୟମରେ ପ୍ରାୟ ୨୦୦ ପରିବାର ଉପକୃତ ହେବେ। ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଲୋକମାନେ ନିଯୁକ୍ତି ସୁଯୋଗ ପାଇବେ। ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଶିଳ୍ପ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହି ଅବସରରେ ଉପସ୍ଥିତ ଥିଲେ।

## ଲାଞ୍ଚ ନେବା ଅଭିଯୋଗରେ ପୋଲିସ ଏଏସ୍‌ଆଇଙ୍କୁ ଜେଲ

**ବୌଦ୍ଧ,୨୮।୧ (ଅଜିତ କୁମାର ବାରିକ):** ମାମଲା କୋହଳ କରିବା ପାଇଁ ଲାଞ୍ଚ ନେବା ଅଭିଯୋଗରେ ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ବୁଧବାର ଜଣେ ପୋଲିସ ଏଏସ୍‌ଆଇଙ୍କୁ ୩ବର୍ଷ ଜେଲଦଣ୍ଡ ଆଦେଶ ଦେଇଛନ୍ତି। ଏଥିସହ ତାଙ୍କୁ ୨୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟେ ଅଧିକ ୪ ମାସ ଜେଲ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ପୋଲିସ ଏଏସ୍‌ଆଇ ଜଣକ ହେଲେ ବୌଦ୍ଧ ଜିଲା ବୁଟୁପାଲିର ନବୀନ କୁମାର ଶତପଥୀ। ସେ ବର୍ତ୍ତମାନ ଦେବଗଡ଼ ଜିଲା କୋର୍ଟ ଏଏସ୍‌ଆଇ ଭାବେ କାର୍ଯ୍ୟରତ ଅଛନ୍ତି। ପ୍ରକାଶ ଥାଉକି ୨୦୨୩ରେ ନବୀନ ଅନୁଗୋଳ ଜିଲା କିଆକଟା ଥାନାରେ ଏଏସ୍‌ଆଇ ଭାବେ କାର୍ଯ୍ୟରତ ଥିବା ବେଳେ ଏକ ମାମଲାକୁ କୋହଳ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ ନ କରିବା ପାଇଁ ୮ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ଅଭିଯୋଗକାରୀ ପଞ୍ଚାନନ ମେହେର ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ। ୨୦୨୩ ଜୁଲାଇ ୨୫ରେ ନବୀନ ଅଭିଯୋଗକାରୀ ପଞ୍ଚାନନଙ୍କଠାରୁ ବୌଦ୍ଧ ବସଷ୍ଟାଣ୍ଡଠାରେ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ସମୟରେ ପୂର୍ବପ୍ରସ୍ତୁତି ଅନୁସାରେ ଫୁଲବାଣୀ ଭିଜିଲାନ୍ସ ବିଭାଗ ତାଙ୍କୁ ଧରିଥିଲେ।

## କୁଆଁରମୁଣ୍ଡା ଅଟଳ ବସ୍‌ଷ୍ଟାଣ୍ଡରେ ହାତୀପଲ, ଲୋକେ ଭୟଭୀତ

**କୁଆଁରମୁଣ୍ଡା,୨୮।୧(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ ଜିଲା ରାଉରକେଲା ବନଖଣ୍ଡ ଅନ୍ତର୍ଗତ କୁଆଁରମୁଣ୍ଡା ବନ ରେଞ୍ଜ ଅଞ୍ଚଳର ସଦର କୁଆଁରମୁଣ୍ଡା ପଞ୍ଚାୟତରେ ବୁଧବାର ସନ୍ଧ୍ୟାରେ ହାତୀପଲ ପ୍ରବେଶ କରିଛନ୍ତି। ଏହି ହାତୀପଲ ହାତିବାରି ରୋଡ଼ରେ ଥିବା ହନୁମାନ ପାହାଡ ନିକଟସ୍ଥ ଅଟଳ ବସଷ୍ଟାଣ୍ଡ ନିକଟରେ ବୁଲୁଥିବା ଲୋକେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ କୁଆଁରମୁଣ୍ଡା ରେଞ୍ଜ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। କୁଆଁରମୁଣ୍ଡା ରେଞ୍ଜର ପଞ୍ଚନାରାୟଣ ସରାଫଙ୍କୁ ପଚାରିବାରୁ, ୪ ଟି ହାତୀ କୁଆଁରମୁଣ୍ଡା ନୂଆ ବସଷ୍ଟାଣ୍ଡ ଅଞ୍ଚଳରେ ବୁଲୁଥିବା ଖବର ପାଇ ଆମ କର୍ମଚାରୀମାନେ ଘଟଣାସ୍ଥଳକୁ ଯାଇଥିବା କହିଥିଲେ।

## ହିନ୍ଦୁ ସମ୍ମିଳନୀ,ଧର୍ମରକ୍ଷା ଯଜ୍ଞ

**ଲହୁଣୀପଡ଼ା,୨୮।୧(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବୁଧବାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତ ବାର୍ଷିକ ଅବସରରେ ହିନ୍ଦୁ ସମ୍ମିଳନୀ ଓ ଧର୍ମରକ୍ଷା ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସକାଳ ପ୍ରାୟ ୯ ଟାରେ ୨୫୧ ଟି କଳସ ସହିତ ଏକ ଶୋଭାଯାତ୍ରା ଲହୁଣୀପଡ଼ା ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ଲହୁଣୀପଡ଼ା ବ୍ଲକର ବିଭିନ୍ନ ଗ୍ରାମର ପ୍ରାୟ ୫୦୦ ମହିଳା ସାମିଲ ହୋଇଥିଲେ। ଯଥାବିଧି କଳସ ସ୍ଥାପନା ପରେ ଧର୍ମରକ୍ଷା ଯଜ୍ଞ ଆରମ୍ଭ ହୋଇଥିଲା। ଉକ୍ତ ଯଜ୍ଞରେ ମୁଖ୍ୟ କର୍ତ୍ତାଭାବେ ଦେବକାନ୍ତ ଜୟସୱାଲ ତାଙ୍କ ଧର୍ମପତ୍ନୀ ଏବଂ ଅରବିନ୍ଦ ରାୟ ତାଙ୍କ ଧର୍ମପତ୍ନୀ ଯୋଗଦାନ କରିଥିଲେ। ଲହୁଣୀପଡ଼ା ବଜରଙ୍ଗ ଦଳ ଦ୍ୱାରା ମୋଟ ୨୧ ଜଣଙ୍କୁ ନେଇ ୩ ଥର ସାମୂହିକ ହନୁମାନ ଚାଳିଶା ପାଠ କରାଯାଇଥିଲା। ଏହାପରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଭାଗ ସଂଘ ଚାଳକ ଅନାଦି ଚରଣ ମାହାନ୍ତ, ମୁଖ୍ୟବକ୍ତା ରାଉରକେଲା ବିଭାଗ ବୌଦ୍ଧିକ ପ୍ରମୁଖ ହେମନ୍ତ ସାମଲ ଏବଂ ସମ୍ମାନୀତ ଅତିଥିଭାବେ ସନ୍ଥ ହରି ଦାଶ, ଦୁର୍ଗା ବାହିନୀ ପ୍ରାନ୍ତ ସଂଯୋଜକ କଳ୍ପନା ଓରାମ ଯୋଗ ଦେଇଥିଲେ। ଶେଷରେ ଖଣ୍ଡ କାର୍ଯ୍ୟବାହ ଫକିର ମୋହନ ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ସରସତୀ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଦିନେଶ ମାହାନ୍ତ ମଞ୍ଚ ପରିଚାଳନା କରିଥିଲେ। ନିହାର ରଞ୍ଜନ ମାହାନ୍ତ କାର୍ଯ୍ୟକ୍ରମର ସ୍ଥାୟୀ ସଂଯୋଜକ ଦାୟିତ୍ୱ ଗ୍ରହଣ କରିଥିଲେ। ବିଶ୍ୱହିନ୍ଦୁ ପରିଷଦର ପଦାଧିକାରୀ ହୃଦୟ କୁମାର ମାହାନ୍ତ, ବିଶ୍ୱମ୍ଭର ନାଥ ମିଶ୍ର, ହରିଶ୍ଚନ୍ଦ୍ର ମାହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଉମାଶଙ୍କର ମାହାନ୍ତ, ଅନିଲ ମାହାନ୍ତ, ରୋହିତ କୁମାର ମାହାନ୍ତ, ଗୁଡୁ ଚୌଧୁରୀ, ହେମନ୍ତ ଓରାମ, ତୁଫାନ ପଣ୍ଡା, ନିତେଶ ଜୟସୱାଲ, ସୋମନାଥ ଦିଗାର, ବିଜୁ ପଣ୍ଡିତ ସକ୍ରିୟ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାୟ ୧ ହଜାରରୁ ଉର୍ଦ୍ଧ ଲୋକଙ୍କ ସମାଗମ ହୋଇଥିବା ଜଣାପଡିଛି।



ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

## ମଦ ବିରୋଧରେ ତାତିଲା ମହିଳା ଗୋଷ୍ଠୀ

**ବଡ଼ଗାଁ,୨୮।୧(ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଇତମା ନିକଟ ନଡ଼ିଆପଡ଼ାରେ ମଦ ବିକ୍ରି ବନ୍ଦ କରିବାକୁ ମହିଳା ଗୋଷ୍ଠୀ ବୈଠକ କରି ନିଷ୍ପତ୍ତି ନେଇଛନ୍ତି। ବୈଠକରେ ମଦ ବିକ୍ରି ବନ୍ଦ ନ ହେବା ପର୍ଯ୍ୟନ୍ତ ବିରୋଧ କରିବାକୁ ଶପଥ ନେଇଛନ୍ତି। ଏହା ବିରୋଧରେ ଗ୍ରାମର ୨୫ରୁ ଊର୍ଦ୍ଧ୍ୱ ମହିଳା ଗୋଷ୍ଠୀ ସଦସ୍ୟା ଏକତ୍ରିତ ହୋଇ ମଦ ବନ୍ଦ କରିବାକୁ ଅଣ୍ଟା ଭିଡିଛନ୍ତି। ଗତ ୨ଦିନ ତଳେ ମଦ ବେପାରୀଙ୍କ ଘରେ ମହିଳା ଗୋଷ୍ଠୀ ସଦସ୍ୟାମାନେ ଅବକାରୀ ବିଭାଗର କର୍ମଚାରୀଙ୍କ ଉପସ୍ଥିତିରେ ଚଢ଼ାଉ କରି ମହୁଲ ପୋଚ ନଷ୍ଟ କରିବା ସହ ମଦ ଢାଳି ଦେଇଥିଲେ। ମଙ୍ଗଳବାର ମଧ୍ୟ ମହିଳା ଗୋଷ୍ଠୀ ସଦସ୍ୟାମାନେ ଗ୍ରାମର ମଦ ବେପାରୀଙ୍କ ଘରେ ଚଢ଼ାଉ କରି ମଦ ବିକ୍ରି ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି। ଚଢ଼ାଉ ସମୟରେ ସେମାନେ ୧୧୨ କୁ ଫୋନ କରିବାରୁ ଘଟଣା



ମଦ ବିରୋଧରେ ମହିଳାମାନେ ବୈଠକ କରୁଛନ୍ତି।

ସ୍ଥଳରେ ପୋଲିସ ଆସି ପହଞ୍ଚିଥିଲା। ବୁଧବାର ଗ୍ରାମରେ ପୁଣି ମହିଳା ଗୋଷ୍ଠୀ ସଦସ୍ୟାଙ୍କ ମଦ ବିରୋଧୀ ବୈଠକ ଅନୁଷ୍ଠିତ ହୋଇଥିଲା। ମଦ ବିକ୍ରି ଦ୍ୱାରା ଗ୍ରାମରେ ଅସାମାଜିକ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ମିଳୁଥିବା, ମଦ ଯୁବ ଗୋଷ୍ଠୀକୁ ବିପଥଗାମୀ କରୁଥିବା, ଗରିବ ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ହେଉଥିବା ଆଲୋଚନାରେ ମତ ପ୍ରକାଶ ପାଇଥିଲା। ଗୁରୁବାର ଏ ନେଇ ମହିଳା ଗୋଷ୍ଠୀ ପକ୍ଷରୁ ବଡ଼ଗାଁ ଥାନା, ଅବକାରୀ ଓ ସୁନ୍ଦରଗଡ଼ ଏସ୍‌ପିଙ୍କ ନିକଟରେ ଅଭିଯୋଗ ଜଣାଇବା ପାଇଁ ସ୍ଥିର କରାଯାଇଛି। ଏହି ବୈଠକରେ ଗ୍ରାମର ବହୁ ସଂଖ୍ୟକ ମହିଳା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

ଦେବଗଡ଼,୨୮।୧(ଶଶାଙ୍କ ଶେଖର ଝାଙ୍କର)- ଦେବଗଡ଼ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ମଙ୍ଗଳବାର ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକଙ୍କ ଆବାହନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଅଧକ୍ଷତା କରିଥିଲେ। ବିଶେଷକରି ମଦ ବିକ୍ରି ଢାବାଗୁଡ଼ିକରେ ଯାଞ୍ଚ କରାଯିବା, ୪୯ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଜବରଦଖଲରେ ଥିବା ଦୋକାନ ଉଚ୍ଛେଦ କରାଯିବା, ଦେବଗଡ଼ ରଜାମୁଣ୍ଡା ଆମ୍ବେଦକର ଛକରେ ହାଇମାଷ୍ଟ ଲାଇଟ୍ ସ୍ଥାପନ, ଗାଡ଼ି ଚଲାଇବାବେଳେ ଚାଳକ ହେଲ୍‌ମେଟ୍ ଓ ସିଟ୍‌ବେଲ୍ଟ ପିନ୍ଧିବା ଉପରେ ଜିଲାପାଳ ଆଲୋକପାତ କରିଥିଲେ। ଏହି ବୈଠକରେ ଏସ୍‌ପି ଅନିଲ କୁମାର ମିଶ୍ର, ଉପଜିଲାପାଳ ପରକ୍ଷିତ ସାହୁ, ରାସ୍ତା ଓ ଗୃହ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ଅଭିଷେକ ଓଝା, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଭାତ କୁମାର ଓଝା, ପୌର ପରିଷଦ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ, ସତ୍ୟନାରାୟଣ ମିଶ୍ର, ସିଦ୍ଧାର୍ଥ ଗୁରୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସହ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

### ଜିଲା ଉପ-ନିବନ୍ଧକ ଭାବେ ଦାୟିତ୍ୱ ଗ୍ରହଣ କଲେ ସୁମନ ନାଏକ



ଝାରସୁଗୁଡ଼ା, ୨୮।୧(ଆଶିଷ ରଞ୍ଜନ ଦାଶ)- ଝାରସୁଗୁଡ଼ା ଜିଲା ଉପ-ନିବନ୍ଧକ ତଥା ବିବାହ ପଞ୍ଜୀକରଣ ଅଧିକାରୀ ଭାବେ ୨୦୨୨ ବ୍ୟାଚ୍‌ର ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ସୁମନ ନାଏକ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଝାରସୁଗୁଡ଼ା ଜିଲାର ଜନସାଧାରଣଙ୍କ ସେବା କରିବା ପାଇଁ ସୁଯୋଗ ପାଇଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ। ଜିଲା ଉପ-ନିବନ୍ଧକ କାର୍ଯ୍ୟାଳୟ ସହିତ ଜଡ଼ିତ ବିଭିନ୍ନ ସରକାରୀ ସେବା, ଜମି ଏବଂ ବିବାହ ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ଲୋକାଭିମୁଖୀ କରିବା ମୋର ପ୍ରାଥମିକତା ରହିବ। ଜନସାଧାରଣ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୋଇ ଶୀଘ୍ର ସେବା ପାଇବେ, ସେଥିପାଇଁ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଅଞ୍ଚଳର ସୁମନ ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ପ୍ରାଣୀ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ସେ ନିଜର ଶିକ୍ଷା ସମାପ୍ତ କରିବା ପରେ ଓଡ଼ିଶା ପ୍ରଶାସନିକ ସେବାରେ ସଫଳତା ପାଇଥିଲେ। ଏହି ଯୋଗଦାନ ପରେ ଜିଲା କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# କଲ୍‌ମା ବ୍ୟାରେଜ୍ ତଳମୁଣ୍ଡରୁ ବାଲିବନ୍ଧ ହଟାଅ

## ମହାନଦୀ ବଞ୍ଚାଅ ଆନ୍ଦୋଳନ କମିଟିର ସଭା

ଲଖନପୁର,୨୮।୧(ଗୌତମ ସାହୁ)




ସଭାରେ ଉପସ୍ଥିତ ଜନସାଧାରଣ।

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ଜିରୋ ପଏଣ୍ଟ କନକତୋରା ସୁବିଧା କେନ୍ଦ୍ର ପରିସରରେ ବୁଧବାର ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାନଦୀ ବଞ୍ଚାଅ ଆନ୍ଦୋଳନ କମିଟି ସଭାପତି ସୁଦର୍ଶନ ଦାସ ଯୋଗଦେଇ କହିଛନ୍ତି, ପଡ଼ୋଶୀ ରାଜ୍ୟ ମହାନଦୀରେ ନିର୍ମାଣ କରିଥିବା କଲ୍‌ମା ବ୍ୟାରେଜ୍‌ର ସବୁ ଗେଟ୍ ବନ୍ଦ ଥିବାବେଳେ ବ୍ୟାରେଜ୍ ତଳ ମୁଣ୍ଡରେ ବେଆଇନ ବାଲି ବନ୍ଧ ନିର୍ମାଣ କରି ମହାନଦୀକୁ ମରୁଭୂମି କରିବା ପାଇଁ ପ୍ରୟାସ କରାଯାଉଛି। ଗତ କିଛିବର୍ଷ ଧରି ଓଡ଼ିଶା ସରକାର ମହାନଦୀ ନିରବଚ୍ଛିନ୍ନ ଜଳଧାରା ପାଇଁ ପଡ଼ୋଶୀ ରାଜ୍ୟ ସରକାରଙ୍କ ସହିତ ବିଭିନ୍ନ ସ୍ଥରରେ ଆଲୋଚନା କରିଛନ୍ତି। ଏପରି କି ଉକ୍ତ ପ୍ରସଙ୍ଗରେ ଟ୍ରିବ୍ୟୁନାଲ ପର୍ଯ୍ୟନ୍ତ କଥା ଯାଇଥିବାବେଳେ ଏପର୍ଯ୍ୟନ୍ତ ନିଷ୍କର୍ସ ବାହାରି ପାରିନାହିଁ। ହେଲେ ଜୋର୍ ଜବରଦସ୍ତ ଭାବେ ଦିନକୁ ଦିନ ବାଲିବନ୍ଧ ହେଉ ଅବା ମହାନଦୀର ଶାଖା ନଦୀରେ ବ୍ୟାରେଜ୍ ନିର୍ମାଣ ହେବା ହାସ୍ୟାସ୍ପଦ। ତୁରନ୍ତ କଲ୍‌ମା ବ୍ୟାରେଜ୍ ତଳ ମୁଣ୍ଡରୁ ବାଲିବନ୍ଧ ହଟାଇବା ପାଇଁ ସୁଦର୍ଶନ କହିଛନ୍ତି। ଗୁରୁବାର ମହାନଦୀ ବଞ୍ଚାଅ ଆନ୍ଦୋଳନ କମିଟି ସଭାପତିଙ୍କ ସମେତ ସୀମାନ୍ତ ଅଞ୍ଚଳବାସୀ ଓ ଅନ୍ୟ କର୍ମକର୍ତ୍ତା ମିଳିତ ଭାବେ କଲ୍‌ମା ବ୍ୟାରେଜ୍‌ର ତଳମୁଣ୍ଡରେ ନିର୍ମାଣ ହୋଇଥିବା ବାଲିବନ୍ଧ ସ୍ଥଳରେ ଉପସ୍ଥିତ ରହି ପ୍ରତିକାତ୍ମକ ଭାବେ ବିରୋଧ ପ୍ରଦର୍ଶନ କରିବେ ବୋଲି ସୁଦର୍ଶନ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଲଲାଟ ବିଶ୍ୱାଳ, ଗୌତମ ବେହେରା, ପ୍ରଦୀପ ସାହୁ, ଅଜିତ୍ ସା, ବ୍ରଜମୋହନ କଲ୍ୟାରି, ସନ୍ଧ୍ୟା ଗଣ୍ଡ, ମିନା ସାଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

# ଝାରସୁଗୁଡ଼ାରେ ବନ୍ଦ ପାଳନ ପ୍ରଭାବହୀନ

ଝାରସୁଗୁଡ଼ା, ୨୮।୧(ଆଶିଷ ରଞ୍ଜନ ଦାଶ)

ଧାନ ବିକ୍ରିରେ ଅବ୍ୟବସ୍ଥା, ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ୍ ନାଁରେ ଲୋକଙ୍କୁ ହଇରାଣ କରିବା, ଟାଟା ପାୱାର ପକ୍ଷରୁ ସ୍ମାର୍ଟ ମିଟର ଲଗାଇବାକୁ ବାଧ୍ୟ କରାଯିବା ଆଦି ପ୍ରତିବାଦରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବୁଧବାର ୮ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ହେଲେ ଏହି ବନ୍ଦ ପାଳନର ପ୍ରଭାବ ଝାରସୁଗୁଡ଼ାରେ ପଡି ନ ଥିଲା। ଝାରସୁଗୁଡ଼ା ସହର ସମେତ ସମସ୍ତ ବ୍ଲକ୍ ଓ ପୌରାଞ୍ଚଳରେ ଦୋକାନ ବଜାର ଖୋଲା ରହିଥିବାବେଳେ ଗାଡି ଚଳାଚଳ କରୁଥିବା ଦେଖିବାକୁ ମିଳିଥିଲା। କେବଳ ଘରୋଇ ବସ୍ ଓ ଟ୍ରକ୍ ଚଳାଚଳ ବନ୍ଦ ରହିଥିବା କେତେକ ସ୍ଥାନରେ ସରକାରୀ ଓ ବେସରକାରୀ ସ୍କୁଲ ବନ୍ଦ ରହିଥିଲା । ତେବେ ଆଇନଶୃଙ୍ଖଳା ପରିସ୍ଥିତି ଏଡାଇବା ପାଇଁ ପୋଲିସ ପକ୍ଷରୁ ଝାରସୁଗୁଡ଼ା ସହରର ପୁରୁଣା ବସ୍‌ଷ୍ଟାଣ୍ଡ, ରେଲୱେ ଷ୍ଟେଶନ, ବଡ଼ମାଳ ଛକ, ବଢେଇମୁଣ୍ଡା, ବିଟିଏମ୍ ଅଞ୍ଚଳରେ ଫୋର୍ସ ମୁତୟନ କରାଯାଇଥିଲା।



ଝାରସୁଗୁଡ଼ା ସହର ରାସ୍ତାରେ ଗାଡ଼ି ଚଳାଚଳ କରୁଛି।

# ପୋଲିସ-ଜନସାଧାରଣ ମଧ୍ୟରେ ସୁସମ୍ପର୍କ ସ୍ଥାପନକୁ ଗୁରୁତ୍ୱ




ଆମ ପୋଲିସ ସମିତି ବୈଠକରେ ଉପସ୍ଥିତି ଅତିଥି।

ଦେବଗଡ଼,୨୮।୧(ଶଶାଙ୍କ ଶେଖର ଝାଙ୍କର)

## ଆମ ପୋଲିସ ସମିତି ବୈଠକ

ଦେବଗଡ଼ ଜିଲା ବାରକୋଟ ଥାନାରେ ଆମ ପୋଲିସ ସମିତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବାରକୋଟ ଥାନା ଅଧିକାରୀ ସୁଶାନ୍ତ କୁମାର ବଡ଼ାଇଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ ଚୋପଦାର ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ବାରକୋଟ ବ୍ଲକ୍ ଅଧକ୍ଷା ପୁଷ୍ପାଞ୍ଜଳୀ ପାତ୍ର, ଜିଲା ସରପଞ୍ଚ ସଂଘ ସଭାପତି ସତ୍ୟ ନାରାୟଣ ପାଣି ମଞ୍ଚାସୀନ ଥିଲେ। ବିଶେଷକରି ସାଇବର ଓ ଆଞ୍ଚଳିକ ଅପରାଧ, ଟ୍ରାଫିକ୍ ସମସ୍ୟା, ସଡ଼କ ସୁରକ୍ଷା, ଡିଜିଟାଲ ଆରେଷ୍ଟ ଆଦି ବିଷୟରେ ଆଲୋଚନା ହେବା ସହ ପୋଲିସ ଏବଂ ଜନସାଧାରଣ ମଧ୍ୟରେ ସୁସମ୍ପର୍କ ସ୍ଥାପନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜନସାଧାରଣ ସଚେତନ ହୋଇ ପୋଲିସକୁ ସାହାଯ୍ୟର ହାତ ବଢାଇଲେ ଅନେକ ଅପରାଧ ରୋକାଯାଇପାରିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଏହି ବୈଠକରେ ବାରକୋଟ ଥାନା ଅଞ୍ଚଳର ନିର୍ବାଚିତ ଲୋକ ପ୍ରତିନିଧି, ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟ ଯୋଗଦେଇଥିଲେ। ଇନ୍ସପେକ୍ଟର ବିପ୍ଳବ ସାହୁ, ସବ୍-ଇନ୍ସପେକ୍ଟର ସନାତନ ନାଏକ, ବିରଞ୍ଚି ନାୟକ, ସନ୍ତୋଷ ଶତପଥୀ ବିଭିନ୍ନ ପ୍ରସଙ୍ଗରେ ଆଲୋକପାତ କରିଥିଲେ।

# ଦଳୀୟ ସଙ୍ଗଠନରେ ଯୁବ, ଛାତ୍ରଙ୍କୁ ସାମିଲ ପାଇଁ ଗୁରୁତ୍ୱ

ଝାରସୁଗୁଡ଼ା, ୨୮।୧
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବିଜୁ ଯୁବ ଜନତା ଦଳ ସଭାପତି ଭାବେ ରୋବିନ ପାଣ୍ଡେ ଏବଂ ଜିଲା ବିଜୁ ଛାତ୍ର ଜନତା ଦଳର ସଭାପତି ଭାବେ ଶିବାଶିଷ ପଟ୍ଟନାୟକଙ୍କୁ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଯୁକ୍ତ କରିଛନ୍ତି। ଝାରସୁଗୁଡ଼ା ଜିଲାରେ ଯୁବ ଓ ଛାତ୍ରମାନଙ୍କୁ ବହୁ ମାତ୍ରାରେ ସଙ୍ଗଠନ କାର୍ଯ୍ୟରେ ସାମିଲ କରି ଦଳକୁ ତୃଣମୂଳସ୍ତରରୁ ମଜଭୁତ କରିବା ପାଇଁ ପାଣ୍ଡେ ଓ ପଟ୍ଟନାୟକ ଗୁରୁତ୍ୱାରୋପ କରିଛନ୍ତି। ସେମାନେ ନବୀନ ପଟ୍ଟନାୟକ ଏବଂ ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ ନେତୃତ୍ୱରେ କାର୍ଯ୍ୟ କରିବା ସହିତ ଏହି ପଦବୀ ପାଇଁ ମନୋନୀତ ହୋଇଥିବାରୁ ଧନ୍ୟବାଦ ଜଣାଇଛନ୍ତି। ଅପରପକ୍ଷେ ନୂତନ ଭାବେ ମନୋନୀତ ହୋଇଥିବା ଏହି ୨ ସଭାପତିଙ୍କୁ ପୂର୍ବତନ ବିଧାୟିକା ଦୀପାଳି ଦାସ, ଜିଲା ବିଜେଡି ସଭାପତି ହରିଶ ଗଣତ୍ରା, ବିଶ୍ୱନାଥ ତ୍ରିପାଠୀ, ସାଧାରଣ ସମ୍ପାଦକ ପିଣ୍ଟୁ ପାଢ଼ୀ, ବରିଷ୍ଠ ନେତା ପ୍ରତାପ ନନ୍ଦ, ମଦନ ହାତୀ, ଅଶୋକ ଦାସ, ତୁଳସୀ ଦାସ, ଆଲୋକ ତ୍ରିପାଠୀ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# ଶିବିରରେ ୬୦୬ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଲଇକେରା, ୨୮।୧
(ରଞ୍ଜନ କୁମାର ମେହେର)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ୩ୟ ଶ୍ରାଦ୍ଧବାର୍ଷିକୀ ଅବସରରେ ନବ ଦାସ ଫାଉଣ୍ଡେଶନ ପକ୍ଷରୁ ବିଶାଳ ସ୍ୱାସ୍ଥ୍ୟ ଶିବିର କିର୍ମିରାଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସ, ସାମାଜିକ କର୍ମୀ ତଥା ଯୁବନେତା ବିଶାଳ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ନବ ଦାସଙ୍କ ସ୍ତ୍ରୀ ମିନତି ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଯୋଗଦେଇ ୬୦୬ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବ୍ଲକ୍ ବିଜେଡି ସଭାପତି ଚୂଡ଼ାମଣି ସାହୁ, ବନ୍ଧପାଲି ସରପଞ୍ଚ ତପି ମରେଇ, ଜିଲା ପରିଷଦ ସଦସ୍ୟା ରୀତା ବାଗ୍, ସରପଞ୍ଚ ମନ ବାଗ୍, ବରିଷ୍ଠ ବିଜେଡି ନେତା ଜଗନ୍ନାଥ ଜେନା, ସରୋଜ ନାୟକ, ମଳୟ ସାହୁ, ତପନ ସା, ମୀନକେତନ ବେହେରା, ପୂର୍ବତନ ଜିଲା ପରିଷଦ ସଦସ୍ୟା ସପ୍ନାମୟୀ ପଟେଲ, ଯୁବନେତା ରାମେଶ୍ୱର ପାଣିଗ୍ରାହୀ, ମାନସ ସାହୁ, ସୁନୀଲ କୁଆଁର, କିରଣ ଜଗତ, ପ୍ରେମାନନ୍ଦ ବେସନ, ଟିମନ ଅମାତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ମୁଖ୍ୟ ଅତିଥିଙ୍କ ସମେତ ଅନ୍ୟମାନେ।

# ଭିବି-ଜି ରାମ୍ ଜି ଯୋଜନା ସମ୍ପର୍କିତ କର୍ମଶାଳା

ଦେବଗଡ଼,୨୮।୧(ଶଶାଙ୍କ ଶେଖର ଝାଙ୍କର)




କର୍ମଶାଳାରେ ଉପସ୍ଥିତ ଭାଜପା କର୍ମୀ।

ଦେବଗଡ଼ ଜିଲା କାର୍ଯ୍ୟାଳୟଠାରେ ଭିବି-ଜୀ ରାମ୍ ଜୀ ଯୋଜନା ସମ୍ପର୍କିତ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ସଭାପତି ଅରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ଉକ୍ତ ଯୋଜନାର ଜିଲା ସଂଯୋଜକ ମୀନକେତନ ପ୍ରଧାନ ଓ ସହ ସଂଯୋଜକ ସନ୍ତୋଷ କୁମାର ଭୁତିଆ ଯୋଗଦେଇ ଯୋଜନା ବିଷୟରେ ଆଲୋକପାତ କରିଥିଲେ । ଏହି ଯୋଜନା ଦ୍ୱାରା ୧୨୫ ଦିନର ନିଯୁକ୍ତି ବେରୋଜଗାରୀ ଭତ୍ତା ପାଇଁ ବ୍ୟବସ୍ଥା, ଗ୍ରାମସଭା ଦ୍ୱାରା ବିକଶିତ ଗ୍ରାମପଞ୍ଚାୟତ ଯୋଜନା, ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ସଶକ୍ତୀକରଣ ଓ ଠିକ୍ ସମୟରେ ମଜୁରି ପ୍ରଦାନ ଏବଂ ବିଳମ୍ବ ପାଇଁ ୧୫ ଦିନର କ୍ଷତିପୂରଣ ସୁନିଶ୍ଚିତ। ଏହାର ପ୍ରଚାର ପ୍ରସାର ପାଇଁ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ବିଭିନ୍ନ ୱାର୍ଡକୁ ଯିବାପାଇଁ ଦାୟିତ୍ୱ ଦିଆଯାଇଥିଲା। ଏହି କର୍ମଶାଳାରେ ସମ୍ପାଦକ ଭୋଳେଶ୍ୱର ପ୍ରଧାନ, ବିରଞ୍ଚି ବେହେରା, ମୁନ୍‌ସୁନ ସାହୁଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି, ସଂଯୋଜକ, ସହସଂଯୋଜକ ଉପସ୍ଥିତ ଥିଲେ। ଜିଲା ସମ୍ପାଦକ ଗଣନାଥ ପାତ୍ର ଧନ୍ୟବାଦ ଦେଇଥିଲେ।

# ଉତ୍ତମ ସେବା ପାଇଁ ରେଙ୍ଗାଲି ଥାନା ଅଧିକାରୀ ପୁରସ୍କୃତ

ଝାରସୁଗୁଡ଼ା, ୨୮।୧
(ଆଶିଷ ରଞ୍ଜନ ଦାଶ)

ଉତ୍ତମ ସେବା ପାଇଁ ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନାଧିକାରୀ ସମରେନ୍ଦ୍ର ନାଇକଙ୍କୁ ଶ୍ରେଷ୍ଠ ଥାନାଧିକାରୀ ଭାବେ ପୁରସ୍କୃତ କରାଯାଇଛି। ଝାରସୁଗୁଡ଼ା ମନମୋହନ ପଡିଆରେ ସୋମବାର ଅନୁଷ୍ଠିତ ୭୭ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ କାର୍ଯ୍ୟକ୍ରମରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏବଂ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଥାନାଧିକାରୀ ସମରେନ୍ଦ୍ରଙ୍କୁ ପୁରସ୍କୃତ କରିବା ସହ ସେବା ପଦକ ପ୍ରଦାନ କରିଛନ୍ତି। ଏଥିପାଇଁ ସମରେନ୍ଦ୍ର ଜିଲାପାଳ ଏବଂ ଏସ୍‌ପିଙ୍କୁ କୃତଜ୍ଞତା ଜଣାଇଛନ୍ତି।



ଥାନାଧିକାରୀ ସମରେନ୍ଦ୍ର ନାଇକଙ୍କୁ ପୁରସ୍କୃତ କରାଯାଉଛି।

# ରୁଙ୍ଗ୍‌ଟା ସନ୍ସ ଝାରସୁଗୁଡ଼ା ଷ୍ଟିଲ ପ୍ଲାଣ୍ଟ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ

ଝାରସୁଗୁଡ଼ା, ୨୮।୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ମରାକୁଟାସ୍ଥିତ ରୁଙ୍ଗ୍‌ଟା ସନ୍ସ ପରିଚାଳିତ ଝାରସୁଗୁଡ଼ା ଷ୍ଟିଲ୍ ପ୍ଲାଣ୍ଟ ପକ୍ଷରୁ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପ୍ଲାଣ୍ଟ ପରିସରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପ୍ଲାଣ୍ଟ ହେଡ୍ ଚରଣ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେ କହିଥିଲେ, ସାଧାରଣତନ୍ତ୍ର ଦିବସ ଆମକୁ ଦେଶପ୍ରତି ନିଜର ଦାୟିତ୍ୱ ସ୍ମରଣ କରାଏ। ଗୁଣବତ୍ତାପୂର୍ଣ୍ଣ ଉତ୍ପାଦନ, କାର୍ଯ୍ୟକ୍ଷେତ୍ରରେ ଦଳଗତ ସମନ୍ୱୟ ଓ ସର୍ବୋଚ୍ଚ ସୁରକ୍ଷା ମାନଦଣ୍ଡ ପାଳନ କଲେ ହିଁ ନିରନ୍ତର ପ୍ରଗତି ସମ୍ଭବ। ରୁଙ୍ଗ୍‌ଟା ସନ୍ସ ଦେଶର ଶିଳ୍ପ ଓ ଅର୍ଥନୈତିକ ବିକାଶରେ ନିରନ୍ତର ଭାଗୀଦାର ହୋଇ ରହିବ। ରୁଙ୍ଗ୍‌ଟା ସନ୍ସର ମାନବ ସମ୍ବଳ ବିକାଶ ବିଭାଗର ବରିଷ୍ଠ ମହାପ୍ରବନ୍ଧକ ଆଶିଷ ରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଦେବା ସହ ସ୍ଥାନୀୟ ଅଞ୍ଚଳର ବିକାଶରେ ଝାରସୁଗୁଡ଼ା ଷ୍ଟିଲ୍ ପ୍ଲାଣ୍ଟର ଉଲ୍ଲେଖନୀୟ ଅବଦାନ ରହିବ ବୋଲି କହିଥିଲେ। କାରଖାନାର ସୁରକ୍ଷା ଓ ନିରାପତ୍ତା ବିଭାଗ କର୍ମଚାରୀଙ୍କ ପକ୍ଷରୁ ପରେଡ୍ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ସୁରକ୍ଷା ଅଧିକାରୀ ଏସ୍. ନାଗରାଜୁ ଏହି ପରେଡ୍ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ସମାରୋହରେ ସମସ୍ତ ଅଧିକାରୀ, କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ରୁଙ୍ଗ୍‌ଟା ସନ୍ସର ବରିଷ୍ଠ ଅଧିକାରୀ ଓ କର୍ମଚାରୀ।

# ସର୍ବଭାରତୀୟ ନକ୍ ଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ସେମିରେ ବିହାର ବଏଜ୍

ବ୍ରଜରାଜନଗର, ୨୮।୧(ବିଜୟ ବରାଡ଼)




କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଖେଳାଳି।

ଝାରସୁଗୁଡ଼ା ଜିଲା ବ୍ରଜରାଜନଗରସ୍ଥିତ ଓରିଏଣ୍ଟ ପେପର ମିଲ୍ ଖେଳପଡିଆରେ ସର୍ବଭାରତୀୟ ନକ୍‌ଆଉଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ବିହାର ବଏଜ୍ ଏବଂ ରାଜସ୍ଥାନ ମଧ୍ୟରେ ଖେଳାଯାଇଥିଲା। ଏଥିରେ ବିହାର ବଏଜ୍ ଟିମ୍ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ରାଉରକେଲା ଓ ରାୟଗଡ଼ ମଧ୍ୟରେ ଖେଳାଯାଇଥିଲା। ଏଥିରେ ରାୟଗଡ଼ ଟିମ୍ ବିଜୟୀ ହୋଇଥିଲା। ପ୍ରତିଯୋଗିତାର ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚ୍ ରାୟଗଡ଼ ଓ ବିହାର ବଏଜ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବିହାର ବଏଜ୍ ଟିମ୍ ବିଜୟୀ ହୋଇ ପ୍ରଥମ ଦଳ ଭାବରେ ସେମିଫାଇନାଲରେ ପ୍ରବେଶ କରିଛି। ବ୍ରଜରାଜନଗର ଚ୍ୟାଲେଞ୍ଜର କ୍ଲବ୍ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଛି। ଉଦ୍‌ଘାଟନୀ ସମାରୋହରେ ସ୍ଥାନୀୟ ନଗରପାଳ କୃଷ୍ଣ ଗୋପାଳ ସୀତାନୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଚ୍ୟାଲେଞ୍ଜର କ୍ଲବ୍‌ର ମନୀଷ ରାୟ, ସଞ୍ଜୟ ବାହୁବଳେନ୍ଦ୍ର, ବାବଲା ନାଥ, ଏନ୍. ଲିଙ୍ଗରାଜ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ମ୍ୟାଚ୍ ଦେଖିବାକୁ ବିଭିନ୍ନ ଅଞ୍ଚଳରୁ ଦର୍ଶକ ଆସିଥିବାବେଳେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଗୁରୁବାର ପ୍ରଥମ ମ୍ୟାଚ୍ ସୁନ୍ଦରଗଡ଼ ଓ ରାଞ୍ଚି ମଧ୍ୟରେ ଖେଳାଯିବ। ସେହିପରି ଦ୍ୱିତୀୟ ମ୍ୟାଚ୍ ଭୁବନେଶ୍ୱର ଓ ଆୟୋଜକ ଚ୍ୟାଲେଞ୍ଜର କ୍ଲବ୍ ମଧ୍ୟରେ ଖେଳାଯିବ ବୋଲି ଜଣାପଡିଛି।

# ବାହାର ଲିଙ୍କ୍ ସନ୍ଦେହରେ ଏନ୍ଆଇଏର ତଦନ୍ତ ଆରମ୍ଭ

**ସୁନ୍ଦରପଦା ବୋମା ବିସ୍ଫୋରଣ ଘଟଣା**

- ଘର ମାଲିକ, ପଡ଼ୋଶୀଙ୍କୁ ପଚରାଉଚରା
- ଆହତ ସମସ୍ତ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ
- ଅଭିଯୁକ୍ତ ସୁସ୍ଥହେବା ପରେ କାର୍ଯ୍ୟାନୁଷ୍ଠାନ: ଡିସିପି

ଭୁବନେଶ୍ୱର,୨୮।୧(ତ୍ରିନାଥ ମହାନ୍ତି)

ଏୟାରଫିଲ୍ଡ ସୁନ୍ଦରପଦା ନ୍ୟୁ ଆଜାଦ ନଗର ବୋମା ବିସ୍ଫୋରଣ ଘଟଣାରେ ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍ଆଇଏ) ବୁଧବାର ତଦନ୍ତ ଆରମ୍ଭ କରିଛି। ଏନ୍ଆଇଏର ଏକ ଟିମ୍ ନ୍ୟୁ ଆଜାଦ କଲୋନିକୁ ଯାଇ ଯାଞ୍ଚ କରିଛନ୍ତି। ଏହି ବିସ୍ଫୋରଣ ପଛରେ କୌଣସି ଆତଙ୍କବାଦୀ ଲିଙ୍କ୍ ରହିଛି ନା ନାହିଁ ତାର ଖୋଲତାଡ଼ କରାଯାଉଛି। ଘଟଣାସ୍ଥଳରୁ ସାଇଣ୍ଟିଫିକ୍ ଟିମ୍ ବିସ୍ଫୋରଣରେ ବ୍ୟବହୃତ ପୋଡ଼ା ସାମଗ୍ରୀ ସଂଗ୍ରହ କରିଛି। ଏହି ଘଟଣାରେ ସମ୍ପୃକ୍ତ ଆହତଙ୍କ ନାଁରେ ପୂର୍ବରୁ କେଉଁ ସବୁ ମାମଲା ରହିଛି। କୌଣସି ଦେଶ ବିରୋଧୀ ମାମଲା ସେମାନଙ୍କ ନାମରେ ରହିଛି କି ନାହିଁ, ସେନେଇ ଏନ୍ଆଇଏ ଛାନ୍‌ଭିନ୍ କରୁଛି। ଆହୁରି ମଧ୍ୟ ବିସ୍ଫୋରଣ ଘଟିଥିବା ଘର ମାଲିକ ଏବଂ ଏକାଧିକ ପଡ଼ୋଶୀଙ୍କୁ ପଚରାଉଚରା କରାଯାଇଛି। ଆହତମାନେ କୌଣସି ବଡ଼ ଧରଣର କାଣ୍ଡ ଘଟାଇବାକୁ ବୋମା ଭିଡୁଥିବା ଶୁଣିବାକୁ ମିଳିଛି। ସେଥିପାଇଁ ସୁପାରି ମିଳିବା ସହ ତାରିଖ ବି ଫିକ୍ସ ହୋଇସାରିଥିଲା। ବୋମା ଭିଡ଼ିବାରେ ସଫଳ ହୋଇଥିଲେ, ବଡ଼ ଧରଣର ଅପରାଧ ଘଟାଇଥାନ୍ତେ। ହେଲେ ତା' ପୂର୍ବରୁ ଅଘଟଣର ଶିକାର ହେଲେ ଆଲୋଚନା ହେଉଛି। ତେବେ ଏନ୍ଆଇଏ ଅଧିକାରୀ କହିଛନ୍ତି, ପୋଲିସକୁ ଆମେ ତଦନ୍ତରେ ସହଯୋଗ କରୁଛୁ। ଏଥିରେ କୌଣସି ଦେଶଦ୍ରୋହ ଏବଂ ବାହାର ଲିଙ୍କ୍




ରହିଛି କି ନାହିଁ ସେନେଇ ତଦନ୍ତ କରାଯାଉଛି। ମୁଖ୍ୟ କଥା ଆହତମାନେ ବୋମା କାହାକୁ ଦେଇଥାନ୍ତେ ଏବଂ କେଉଁ ଆପରାଧିକ କାର୍ଯ୍ୟରେ ବ୍ୟବହାର କରିଥାନ୍ତେ, ସେନେଇ ଏନ୍ଆଇ ପକ୍ଷରୁ ଖୋଲତାଡ଼ କରାଯାଉଛି।

ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି, ବିସ୍ଫୋରଣରେ ଆହତ ସମସ୍ତଙ୍କ ବ୍ୟକ୍ତିଙ୍କ ବିରୋଧରେ ମାମଲା ହୋଇଛି। ସେମାନେ ସୁସ୍ଥ ହେବା ପରେ କାର୍ଯ୍ୟାନୁଷ୍ଠାନ ହେବ। ଯେଉଁମାନେ ବୋମା ତିଆରି କରୁଥିଲେ ସେମାନଙ୍କ ବିରୋଧରେ ବିଭିନ୍ନ ଥାନାରେ ପୂର୍ବରୁ ୭ଟି ମାମଲା ରହିଛି। ତେଣୁ କୌଣସି ଅପରାଧ ଘଟାଇବାକୁ ବୋମା ତିଆରି କରୁଥିଲେ କି ବୋଲି ପ୍ରଶ୍ନ ଉଠିଛି। ଏଦିଗରେ ବି ତଦନ୍ତ ଚାଲିଥିବା ଡିସିପି କହିଛନ୍ତି। ଅନ୍ୟପଟରେ ଆହତ ହୋଇଥିବା ଅପରାଧୀମାନଙ୍କ ଚିକିତ୍ସା ଚାଲିଛି। ସେମାନେ ଧୀରେ ଧୀରେ ସୁସ୍ଥ ହେଉଛନ୍ତି। ସେମାନେ ବୟାନ ଦେବା ପରିସ୍ଥିତିରେ ନ ଥିବାରୁ କିଛିବି ବୟାନ ପୋଲିସ ଗ୍ରହଣ କରିନି। ସାମାନ୍ୟ ସୁସ୍ଥ ହେବା ପରେ ପୋଲିସ ଜେରା କରିବା ପରେ ଗିରଫ କରି ଜେଲକୁ ପଠାଇବ ବୋଲି କୁହାଯାଉଛି।

ରାଜଧାନୀର ଏକ ମଲ୍ ଉପରେ ବୋମା ମାଡ଼ କରିବାକୁ ଅଭିଯୁକ୍ତମାନେ କେତେଜଣ ଅପରାଧିଙ୍କ ସହ ମିଳି ଯୋଜନା କରିଥିବା ଶୁଣିବାକୁ ମିଳିଛି। ତେଣୁ ସେମାନେ ବୋମା ଭିଡ଼ିବା ପାଇଁ ସେହନବାଜ ମଲିକଙ୍କୁ ଅଗ୍ରିମ ଟଙ୍କା ଦେବା ପରେ ବୋମା ଭିଡ଼ା ଚାଲିଥିଲା। ହେଲେ ସେହନବାଜଙ୍କ ସହଯୋଗୀ ସାହିଲ ଖାନ୍ ବୋମା ଭିଡ଼ା ଜାଣି ନ ଥିଲେ। ସେ ଜବରଦସ୍ତି ବୋମା ଭିଡ଼ା ଶିଖିବ ବୋଲି କହି ବୋମା ଭିଡ଼ିଥିଲେ। ଯେଉଁଥିପାଇଁ ଅସାବଧାନତା କାରଣରୁ ବୋମା ଫୁଟି ଯାଇଥିଲା। ଜନବସତି ଅଞ୍ଚଳରେ କେତେ ଦିନ ହେବ ଏବଂ କାହା ବରାଦରେ ବୋମା ଭିଡ଼ା ଚାଲିଥିଲା ତା'ର କାରଣ ଖୋଜି ବାହାର କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏବେ ଘଟଣାର ଏନ୍ଆଇଏ ତଦନ୍ତ ଆରମ୍ଭ ହୋଇଥିବାବେଳେ ଏହା ପଛରେ କେଉଁ କ୍ରାଇମ୍‌ର ବ୍ଲୁପ୍ରିଣ୍ଟ ରହିଥିଲା ତା'ର କାରଣ ଖୋଜା ଚାଲିଛି। ପ୍ରକାଶ ଯେ, ମଙ୍ଗଳବାର ଅପରାହ୍ନ ୨ଟା ୪୦ରେ ଛାତ ଉପରେ ବୋମା ଭିଡୁଥିବାବେଳେ ବିସ୍ଫୋରଣ ଘଟିବାରୁ ସେହନବାଜ୍, ତୃପ୍ତିମୟୀ ବଳ, ସେହନବାଜଙ୍କ ଝିଅ ଏବଂ ଦୁଇ ସାଙ୍ଗ ସାହିଲ ଖାନ୍ ଏବଂ ସୌମ୍ୟରଞ୍ଜନ ସ୍ୱାଇଁ ଆହତ ହୋଇଥିଲେ। ସେମାନେ ଏବେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

## ବଳାତ୍କାର ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

ଅନୁଗୋଳ,୨୮।୧ (ଜ୍ୟୋତିରଞ୍ଜନ ସାହୁ)

ଜଣେ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ଅପହରଣ ଓ ବଳାତ୍କାର କରିଥିବା ଅଭିଯୁକ୍ତ ହରିଶଙ୍କର ବେହେରାଙ୍କୁ ବୁଧବାର ଅନୁଗୋଳ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ତଥା ଅତିରିକ୍ତ ଜିଲା ଓ ଦୌରାଜଜ୍ ବିରଞ୍ଚି ନାରାୟଣ ମିଶ୍ର ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାରୁ ପ୍ରକାଶ, କଟକ ଜିଲା ମାହାଙ୍ଗାର ହରିଶଙ୍କର ଅନୁଗୋଳ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇଥିଲେ। ରଙ୍ଗ ନମ୍ବରରୁ ଉଭୟଙ୍କ ସମ୍ପର୍କ ଆରମ୍ଭ ହୋଇଥିବା ବେଳେ ବିବାହ ପ୍ରତିଶ୍ରୁତି ଦେଇ ହରିଶଙ୍କର ୨୦୨୦ ମସିହା ସେପ୍ଟେମ୍ବର ୨ ତାରିଖ ରାତିରେ ନାବାଳିକାଙ୍କୁ ଘରୁ ନେଇଯାଇଥିଲେ। ତାଙ୍କୁ ପ୍ରଥମେ କଟକ ଏବଂ ପରେ ଭୁବନେଶ୍ୱରର ପଟିଆରେ ଭଡ଼ାଘରେ ରଖିଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ପରିବାର ଲୋକେ ଅନୁଗୋଳ ଥାନାରେ ଅପହରଣ ଓ ବଳାତ୍କାର ଅଭିଯୋଗ କରିଥିଲେ। ପୋଲିସ ନଂ. ୧୦୧୮/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ପଟିଆରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ମାମଲାର ଶୁଣାଣି କରି ଅଦାଲତ ୧୫ ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଆଧାରକରି ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ପୀଡିତାଙ୍କୁ କ୍ଷତିପୂରଣ ବାବଦରେ ୩ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରଞ୍ଜନ କୁମାର ପାତ୍ର ଓ ଆଇନଜୀବୀ ପ୍ରଶାନ୍ତ କୁମାର ରଥ ମାମଲା ପରିଚାଳନା କରିଥିଲେ।

## ଗୁପ୍‌ଚୁପ୍ ବିକାଳିଙ୍କୁ ହତ୍ୟା, ଅଭିଯୁକ୍ତ ଗିରଫ

କୁଚିଣ୍ଡା,୨୮।୧(ବିରଞ୍ଚି ଦର୍ଶୀ)


ଗିରଫ ଅଭିଯୁକ୍ତ ରୋହିତ ବେହେରା।

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଖଡ଼ିଆପାଲି ଦୋମୁହାଣି ଭାଲୁଡୁଙ୍ଗୁରି ଜଙ୍ଗଲ ରାସ୍ତାରୁ ମଙ୍ଗଳବାର ରାତିରେ କୁଚିଣ୍ଡା ପୋଲିସ ଏକ ରକ୍ତ ଜୁଡୁବୁଡୁ ମୃତଦେହ ଜବତ କରିଛି। ମୃତକ ହେଲେ ଗୁପ୍‌ଚୁପ ବିକାଳି ଖଡ଼ିଆପାଲି ଗ୍ରାମର ଜଗନ୍ନାଥ ପଲେଇ(୩୬)। ମୃତକଙ୍କ ବାପା ନାରାୟଣ ପଲେଇଙ୍କ ଏତଲାକ୍ରମେ କୁଚିଣ୍ଡା ଥାନାରେ ବିଏନ୍‌ଏସ୍ ଦଫା ୧୦୩(୧)ରେ ଏକ ମାମଲା(ନଂ.୧୪/୨୬)ରୁଜୁ ହୋଇଛି। ମୃତଦେହ ପାଖରେ ଅଚେତ ଅବସ୍ଥାରେ ପଡିଥିବା ଖଡ଼ିଆପାଲି ଗ୍ରାମର ରୋହିତ ବେହେରା(୪୫)ଙ୍କୁ ପୋଲିସ ଏହି ଘଟଣାରେ ବୁଧବାର ଗିରଫ କରିଛି। ତାଙ୍କ ନିକଟରୁ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ, ଲାଠିକୁ ପୋଲିସ ଜବତ କରିଛି। ମୃତଦେହ କୁଚିଣ୍ଡା ମେଡ଼ିକାଲରେ ବ୍ୟବଚ୍ଛେଦ କରାଯାଇଛି। କୁଚିଣ୍ଡା ମେଡିକାଲରେ ଚିକିତ୍ସା ପରେ ସନ୍ଧ୍ୟାରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ କୁଚିଣ୍ଡା ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ହତ୍ୟାକାଣ୍ଡର କାରଣ ଜାଣିବା ପାଇଁ ତଦନ୍ତ ଚାଲିଛି ବୋଲି କୁଚିଣ୍ଡା ଏସ୍‌ଡିପିଓ ପ୍ରଦୀପ କୁମାର ଦାସ କହିଛନ୍ତି।

ସୂଚନା ଅନୁଯାୟୀ, ଜମନକିରା ବ୍ଲକ ଡିମିରିମୁଣ୍ଡା ପଞ୍ଚାୟତର ଜଗନ୍ନାଥ ପଲେଇ ଗୁପ୍‌ଚୁପ ବିକ୍ରିକରି ପରିବାର ପ୍ରତିପୋଷଣ କରନ୍ତି। ସେ ପ୍ରତିଦିନ ଭଳି ମଙ୍ଗଳବାର ସକାଳୁ ଗୁପ୍‌ଚୁପ ଧରି ଘରୁ ବାହାରିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ବୃଦ୍ଧ ମା'ବାପା ଓ ସ୍ତ୍ରୀ ଖୋଜାଖୋଜି କରିବା ପରେ ଗାଁ ଅନତିଦୂର ଦୋମୁହାଁଣି ଭାଲୁଡୁଙ୍ଗୁରି ଜଙ୍ଗଲ ରାସ୍ତାରେ ଜଗନ୍ନାଥଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଠାବ କରିଥିଲେ। ପାଖରେ ରୋହିତଙ୍କୁ ଗୁରୁତର ଅବସ୍ଥାରେ ଥିବା ସେମାନେ ଦେଖିଥିଲେ। ଏ ନେଇ ସେମାନେ କୁଚିଣ୍ଡା ପୋଲିସକୁ ଖବର ଦେଇଥିଲେ। ରାତିରେ କୁଚିଣ୍ଡା ଥାନା ଆଇଆଇସି ହାଡୁ ବେହେରା ଓ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଥିଲେ। ରୋହିତଙ୍କ ମୁଣ୍ଡ ଓ ମୁହଁରେ ଆଘାତ ଲାଗିଥିବାରୁ ତାଙ୍କୁ କୁଚିଣ୍ଡା ଉପଖଣ୍ଡ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ମୃତକଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା। ଏହାଛଡା ଅଭିଯୁକ୍ତଙ୍କ ମୁହଁ ଓ ମୁଣ୍ଡରେ ଆଘାତ ଲାଗିଥିବାରୁ ଉଭୟଙ୍କ ମଧ୍ୟରେ କୌଣସି ଘଟଣାକୁ ନେଇ ମାରପିଟ ହେବା ପରେ ହତ୍ୟାକାଣ୍ଡ ଘଟିଥିବା ପୋଲିସ ଅନୁମାନ କରିଥିଲା। ବୁଧବାର ସକାଳେ ସମ୍ବଲପୁରରୁ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହ ଏସ୍‌ଡିପିଓ ଦାସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

# ଦୋଷୀଙ୍କୁ ୨୦ବର୍ଷ ଜେଲ

**ମହିଳାଙ୍କୁ ବଳାତ୍କାର ମାମଲା**

ବାରିପଦା,୨୮।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ସ୍ପେଶାଲ ପୋକ୍ସୋ କୋର୍ଟରେ ବୁଧବାର ଏକ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସନ୍ତୋଷ କୁମାର ନାୟକ ଏହାର ବିଚାରକରି ଦୋଷୀଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସେହିପରି ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୨ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ମୋରଡ଼ା ଥାନା ତିଳପୋଷି ଅଞ୍ଚଳର ଯୀଶୁନାଥ ହେମ୍ବ୍ରମ(୩୮)। ମାମଲାର ବିବରଣୀ ଅନୁଯାୟୀ, ୨୦୨୨ ସେପ୍ଟେମ୍ବର ୨ରେ ମହିଳା ଜଣକ ଶବ ସତ୍କାର କାର୍ଯ୍ୟସ୍ଥଳୀରୁ ସନ୍ଧ୍ୟା ୭ଟା ସମୟରେ ନିଜ ଘରକୁ ଫେରୁଥିଲେ। ଏକୁଟିଆ ପାଇ ଅଭିଯୁକ୍ତ ଯୀଶୁନାଥ ତାଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର କରିଥିବା ମୋରଡ଼ା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା (ନଂ.୨୩୫/୨୨) ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

## ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ଫୁଲବାଣୀ, ୨୮।୧
(ରାକେଶ କୁମାର ରାଉତ)

ଫୁଲବାଣୀ ଏଡିଜେ ତଥା ପୋକ୍ସୋ କୋର୍ଟ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ବୁଧବାର ଏକ ନାବାଳିକା ବଳାତ୍କାର ମାମଲାର ବିଚାରକରି ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଅଭିଯୁକ୍ତ ହେଲେ ଦାରିଙ୍ଗବାଡ଼ି ଥାନା ଅଞ୍ଚଳର ରୋହିତ୍ ନାୟକ। ସୂଚନା ଅନୁସାରେ, ୨୦୨୫ ଏପ୍ରିଲ ୧ରେ ଏହି ଥାନା ଅଞ୍ଚଳର ନାବାଳିକା(୧୬) ଜଣକ ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ରୋହିତ ତାଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ଏ ବିଷୟରେ କାହାରିକୁ ନ କହିବା ପାଇଁ ଧମକ ଦେଇଥିଲେ। ପରିବାର ଲୋକେ ଆସିବା ପରେ ନାବାଳିକା ଜଣକ ସବୁ କଥା ପ୍ରକାଶ କରିଥିଲେ। ସେହିଦିନ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ନଂ.୬୫/୨୫ରେ ମାମଲା ରୁଜୁକରି ରୋହିତଙ୍କୁ ଗିରଫ କରିଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ରାଜ କୁମାର ବେହେରା ମାମଲା ପରିଚାଳନା କରୁଥିଲେ।


**ODISHA HYDRO POWER CORPORATION LIMITED**
OHPC
OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT: POST: BALIMELA: DIST: MALKANGIRI (ODISHA): PIN: 764 051
Phones:06861-232581(O)/ 232641(R), Fax-06861-232541, Email- unit.head_balimela@yahoo.com/bhep.balimela@gmail.com

**e-Procurement Notice**
**NOTICE INVITING TENDER NO: BHEP/59/2025-26, DTD. 22.01.2026**

**No.CAD-3096:** The Unit Head, Balimela Hydro Electric Project, Balimela, Dist-Malkangiri invites percentage rate bids in double cover system i.e. Cover-I (Technical Bid) & Cover II (Price bid) for the work through e-procurement as detailed in the table below.

| Sl. No. | Name of Work | Estimated Cost (Rs.) | EMD (Refundable) | Cost of Bid documents (Rs) (non-refundable) | Class of Contractor/ Firm | Period of Completion |
|---|---|---|---|---|---|---|
| 1 | Annual Operation and Maintenance of Water Supply System of BHEP, Balimela on Job Contract Basis for 01 (One) year | 48,55,411.00 | 49,000.00 | 6,000/-+ GST @ 18%= 7080/- | 'B'/ Registered service provider/ Agency | 365 Days |

Date & Time of availability of bid document in the portal: From 10.00 Hrs. of 27.01.2026 to 17.00 Hrs. of 05.02.2026. Last date & time of submission of bid: Upto 17.00 Hrs. of 05.02.2026. The date & time of opening of the bid (Only Technical Bid) : 12.00 Hrs. onwards of 06.02.2026
Further details can be seen from the e-Procurement portal https://tendersodisha.gov.in
OIPR- Sd./- Unit Head, Balimela Hydro Electric Project, Balimela

**GOVERNMENT OF ODISHA**
**OFFICE OF THE DIVISIONAL FOREST OFFICER, REDHAKHOL, FOREST DIVISION**
E-mail id- dfo.redhakhol@odisha.gov.in,
OFFICE ORDER NO.23/1F (Accounts), Dt.21.01.2026

**No.MM**-The following E-Tenders under Tender Bid Notification No. F&E/RKL/3(1), 3(2), 3(3), 3(4), (Online)/ 2025-26, dt.30.12.2025 are hereby cancelled due to following reasons.

| Sl. No. | Name of the Work | Tender Amount in Rs. | No. of Bidder applied | Remarks |
|---|---|---|---|---|
| 1 | Construction of Forest Guard Quarter at Jharapada of Rairakhol Forest Range under Redhakhol Forest Division | Rs.13,35,593/- | 3 | Cancelled due to non-submission of Term Deposit Receipt (TDRs) within the stipulated time. |
| 2 | Construction of Ministerial Quarter at Forest Colony under Redhakhol Forest Division | Rs.10,81,356/- | 2 | Cancelled due to non-submission of Term Deposit Receipt (TDRs) within the stipulated time. |
| 3 | Construction of Ministerial Quarter at Forest Colony under Redhakhol Forest Division | Rs.10,81,356/- | 2 | Cancelled due to non-submission of Term Deposit Receipt (TDRs) within the stipulated time. |
| 4 | Construction of ACF Quarter at Forest Colony under Redhakhol Forest Division | Rs.16,77,966/- | 3 | Cancelled due to non-submission of Term Deposit Receipt (TDRs) within the stipulated time. |

OIPR- Sd./- Divisional Forest Officer, Redhakhol Forest Division

**OFFICE OF THE SUPERINTENDING ENGINEER, RURAL WORKS DIVISION, SUNDARGARH**
E.Mail- rw_sundargarh@yahoo.co.in, Ph-06622-272280 (off)
**1st Corrigendum to Bid Identification No.Online-SESNG-23 of 2025-26**

**No.O-2153:** In Continuation to this office bid identification No: Online-SESNG-23 of 2025-26 invited vide this office notice no.118, dt.05.01.2026 is partial modified for the work TCN has been made as follows:-

| Sl. No. | | Time Schedule as per original TCN | Time Schedule as per 1st Corrigendum Notice |
|---|---|---|---|
| 1 | Availability of tender online for bidding | 15.01.2026 at 11.00 A.M. to 27.01.2026 upto 06.00 P.M. | Extended upto 20.02.2026 upto 5.00 P.M. |
| 2 | Last date of seeking clarification | 22.01.2026 at 11.00 A.M. | Extended upto 19.02.2026 upto 11.00 A.M. |
| 3 | Date of Opening of Tender | 28.01.2026 at 10.00 A.M. | Extended upto 20.02.2026 at 05.15 P.M. |

All other terms & conditions remain unchanged.
OIPR- Sd./- Executive Engineer, R.W.Division, Sundargarh

**GOVERNMENT OF ODISHA** No.O-2136
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BOLANGIR**
E-Mail ID : eerw_blgr@yahoo.co.in
**e-Procurement Notice**
**IFB IDENTIFICATION NO.EEBLGR-Online-21/2025-26**

1. Name of work : Road Works, 2. Total no. of works : 24 (Twenty four) nos., 3. Approximate Estimate Cost : Rs.5.04 to 29.66 Lakh, 4. Time for completion : 1 (One) calendar month, 5. Mode of submission of tender : Tender should be submitted online in www.tendersodisha.gov.in, 6. Other details are as follow : As per TCN No. EEBLGR-Online-21/2025-26

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W. Division, Bolangir | EEBLGR-online-21/2025-26 | 27.01.2026 at 11.00 A.M. | 03.02.2026 upto 5.00 P.M. | 02.02.2026 upto 1.00 P.M. | 04.02.2026 at 11.00 A.M. |

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above e tender website only.

OIPR- Sd./- Executive Engineer R.W. Division, Bolangir

**GOVERNMENT OF ODISHA** No.O-2073
**OFFICE OF THE SUPERINTENDING ENGINEER**
**RURAL WORKS DIVISION : TITILAGARH**
E-Mail ID : eerw_titilagarh@yahoo.co.in
Letter No.479 **e- Procurement Notice** Date.16.01.2026
**IFB IDENTIFICATION NO. EETIG-online-16/2025-26**

| | | | |
|---|---|---|---|
| 1 | Name of work | : | Road works |
| 2 | Total No. of works | : | 05 (Five) Nos. |
| 3 | Approximate estimated cost | : | Varies from Rs.17.00 to 89.00 lakh |
| 4 | Time for completion | : | 01 & 02 (One & Two) calendar month |
| 5 | Mode of submission of tender | : | Tender should be submitted online in www.tenders.ori.nic.in |
| 6 | Other details are as follow | : | As per TCN No.EETIG-online-16/2025-26 |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| Executive Engineer, R.W. Divn., Titilagarh | EETIG-online-16/2025-26 | 29.01.2026 at 11.00 A.M. | 06.02.2026 upto 5.00 P.M. | 05.02.2026 to 11.00 A.M. | 07.02.2026 at 11.00 A.M. |

- Further details can be seen from the website www.tenders.ori.nic.in
- Any Corrigendum/Addendum will be displayed in the above e tender website only.

OIPR- Sd./- Executive Engineer, R.W. Division, Titilagarh

**GOVERNMENT OF ODISHA** No.B-1024
**OFFICE OF THE SUPERINTENDING ENGINEER, SAMBALPUR (R&B) DIVISION-I, SAMBALPUR**
E-mail - exeengsbp@rediffmail.com
BID IDENTIFICATION No. SE / R and B / SBP / 23 / 2025-26
Order No. 374 Dtd. 16.01.2026
**e-procurement Notice**

1. The **Superintending Engineer, Sambalpur (R&B) Division No.-I, Sambalpur** on behalf of Governor of Odisha, invites **Percentage Rate** bids in **Double Cover System** in ONLINE MODE for Building (Civil, E.I. & P.H.) as detailed in the **DTCN** from the eligible Class of Contractors.
2. No. of works : 01 (One)
3. Tender Cost : Rs.6,000/- (On Line)
4. Class of Contractor : "B" Class Contractor
5. Date and time Available in Website & receipt of Bids : **11:00 A.M. 28.01.2026 to 16:00 P.M. of 03.02.2026**
6. Date of Opening of Tenders : **04.02.2026 at 11:30 A.M.**
7. The Bidders have to participate in ONLINE bidding only. Further details can be seen from the Website.
8. Any Corrigendum / Addendum will be displayed in the website **www.tendersodisha.gov.in** only.

OIPR- Sd./- Superintending Engineer Sambalpur (R&B) Division-I

**ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା, ଦେବଗଡ଼**
**୨୦୨୫-୨୬**
Odisha Skill Development Authority

No.KK-338:ଓଡ଼ିଶା ଦକ୍ଷତା ବିକାଶ ବୃଦ୍ଧି ପ୍ରାଧିକରଣ ଓ ଜିଲ୍ଲା ପ୍ରଶାସନ, ଦେବଗଡର ମିଳିତ ଆନୁକୂଲ୍ୟରେ ଆସନ୍ତା **ତା.୦୪.୦୨.୨୦୨୬ ରିଖ ବୁଧବାର ଦିନ ସକାଳ ଘ.୦୯.୩୦ମି. ରୁ ଅପରାହ୍ନ ଘ.୦୧.୩୦ ମି. ପର୍ଯ୍ୟନ୍ତ ବିଜୁ ପଟ୍ଟନାୟକ ଅଡିଟୋରିୟମ, ଦେବଗଡ କଲେଜ,** ଦେବଗଡ଼ଠାରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାର ଆୟୋଜନ କରାଯାଉଅଛି । ଏହି ନିଯୁକ୍ତି ମେଳାରେ ଜିଲ୍ଲାର ସମସ୍ତ ବ୍ଲକ ଓ ସହରାଞ୍ଚଳର ନିଯୁକ୍ତି ଆଶାୟୀ ଯୁବକ ଓ ଯୁବତୀମାନେ ଅଂଶଗ୍ରହଣ କରିପାରିବେ । ଉକ୍ତ ମେଳାରେ ଅଂଶଗ୍ରହଣ କରିବା ପାଇଁ ଶିକ୍ଷାଗତ ଯୋଗ୍ୟତା ୫ମ ଶ୍ରେଣୀ ପାସରୁ ଊର୍ଦ୍ଧ୍ୱ, ୧୦ମ, +୨, +୩, ଆଇ.ଟି.ଆଇ, ଡିପ୍ଲୋମା ପାସ ଓ ବୟସ ୧୫ ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ । ଏଣୁ ନିଯୁକ୍ତି ଆଶାୟୀ ଯୁବକ ଓ ଯୁବତୀମାନେ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଓ ଆଧାର କାର୍ଡ ସହିତ ଉକ୍ତମେଳାରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଯୋଗ ଦେଇ ବେସରକାରୀ ସ୍ତରରେ ଥିବା ନିଯୁକ୍ତିର ସୁଯୋଗ ନେବାକୁ ଅନୁରୋଧ । ଉକ୍ତ ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରାୟ ୩୦ ରୁ ଊର୍ଦ୍ଧ୍ୱ ନିଯୁକ୍ତିଦାତା/ଅନୁଷ୍ଠାନ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ, ଦେବଗଡ଼ — ଜିଲ୍ଲାପାଳ, ଦେବଗଡ଼
OIPR-

obcc No.CAD-3094
**ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ**
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking under Works Department)
ବିକାଶ ଭବନ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨
ଦୂରଭାଷ-୦୬୭୪-୨୩୯୦୦୪୩, CIN-U45203OR1983SGC001153
Vikash Bhavan, Nayapalli, Bhubaneswar-751012, Tel : 0674-2390043,
Website : www.obcc.in, Email : md@obcc.in;info@obcc.in
No.567 Date : 22.01.2026
File : SMT-2079

**NOTICE INVITING TENDER**

| | | |
|---|---|---|
| 1. | Name of Work | Improvement of Jayadev Vihar Nadan Kanan Road with Flyovers at Junctions from 0+000 km (Kalinga Stadium, Gate No.4) to 9+500 km (Raghunathpur Bridge) |
| 2. | Bid Identification No. of the Tender Document | 47/Tender/OBCC/2025-26 |
| 3. | Date of availability in e-procurement portal | From 03.02.2026 |
| 4. | Last date of receipt of Prebid queries | Up to 5 P.M. of 10.02.2026 |
| 5. | Prebid Meeting (Online Mode) | At 11.30 A.M. of 11.02.2026 https://meet.google.com/ztm-dgaf-hmz |
| 6. | Last date & time of receipt of online bid | 24.02.2026 till 05:30 P.M. |
| 7. | Date of opening of online technical bid | 25.02.2026 at 11:30 A.M. |
| 8. | Period of completion | 24 Months |
| 9. | Further details can be seen from the e-Procurement portal https://www.tendersodisha.gov.in | |
| 10. | OBCC has the right to accept or reject the Notice/RFP/ Proposal without assigning any reason thereof. | |

OIPR- Sd./- Chief Engineer-II

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR**
AT : CHANDIKHOLE, PO-SUNGUDA, Dist. : Jajpur, E-mail : serw_kpd@yahoo.com
Office Order No. 213/Dtd. 22.01.2026
**CANCELLATION OF TENDER**

**No.O-2138** : The following tender of RCK-20/25 invited vide this office letter No.4008 dtd 27.11.2025 & RCK-21/25 invited vide this office letter No.4026 dtd. 29.01.2025 is hereby cancelled due to unavoidable circumstances.

**RCK 20/25**
1. Constn. of road from Pundilo to Canal Bandha Mahanga Palasudha road under MMSYTRIP in the Dist. of Kendrapara for the year 2025-26.

**RCK 21/25**
1. Constn. of road L023-Kantilo to Suniti road under MMSY-DRR in the Dist. of Kendrapara for the year 2025-26.

OIPR- Sd./- Chief Construction Engineer, Rural Works Circle, Kendrapara-Jajpur

**DIRECTORATE OF MINES & GEOLOGY**
**STEEL AND MINES DEPARTMENT, GOVT. OF ODISHA, BHUBANESWAR**
Heads of Department Building, Unit-V, PIN-751001, Tel No.: 0674-2391537, Fax No.: 0674-2391684, Email ID: dir.mines@orissaminerals.gov.in
**TENDER NOTICE**

**No.G-51** : The Director of Mines & Geology, Odisha, Bhubaneswar invites sealed Tenders on behalf of the Govt. of Odisha, **for procurement of laboratory Chemicals and other items from reputed manufacturers or their authorized distributors / c & f agents / reputed dealers** so as to reach the Director of Mines & Geology, Odisha, Heads of Department Building, 1st Floor, Unit-V, Bhubaneswar-751001 by **Dt.09.02.2026** till at 5.00 P.M. The Tender will be opened on **Dt.10.02.2026** at 11.00 A.M. for evaluation of Technical Bid & Financial Bid. The Tender paper consisting of eligibility criteria, scope of the work, terms and conditions of the tender and draft agreement can be obtained during the office hours of working days from the Directorate of Mines & Geology, Odisha, Bhubaneswar on payment of **Rs.1180.00 including GST@18%** (Rupees one thousand one hundred eighty) only (non-refundable) in shape of Bank Draft in favour of the Director of Mines & Geology, Odisha, Bhubaneswar payable in any Nationalised Bank / Scheduled Bank located at Bhubaneswar. The Director of Mines & Geology, Odisha shall not take any responsibility for loss of Tender Documents or any postal dislocation. The Director of Mines & Geology, Odisha reserves the right to cancel all the tender papers or a part without assigning any reason thereof. Corrigendum/ Addendum if required any or any other notice or correspondence related to this process shall be uploaded in the above website. Hence, interested Firms/ Agencies are requested to be in continuous touch with the above website for further updates. The Tender Document is available in the Department Web-site **www.odishaminerals.gov.in & www.itpmu@orissaminerals.gov.in**.

OIPR- Sd./- Director of Mines and Geology, Odisha, Bhubaneswar

**ODISHA JOINT ENTRANCE EXAMINATION - 2026 (OJEE-2026)**
No: OJEE / 0040 DATE : 27.01.2026
**NOTICE FOR ONLINE APPLICATION FOR OJEE - 2026**
No.h-14

**Odisha Joint Entrance Examination (OJEE) – 2026 will be conducted tentatively during 4th, 5th, 7th, 8th and 9th of May, 2026**
**(Centre details, Date and Shift of Examination will be indicated in the Admit Card)**
**for admission to**
**B.Pharm / B.Sc Nursing / Post B.Sc Nursing / Post Diploma Nursing/ M.Sc Nursing/MCA /M.Sc(Comp. Science)/ MBA / Integrated MBA / B. CAT /M.Tech / M.Tech (Part-Time) / M.Arch / M.Plan / M.Pharm**
**and**
**Lateral Entry to B.Tech / B.Pharm Courses in Government and Private Universities and Colleges of Odisha**
**The Entrance Examination will be conducted in Computer Based Test (CBT) mode for all the courses as mentioned above.**
**Interested candidates are advised to fill up the respective Application Forms online through OJEE website (www.ojee.nic.in) only.**
**Filling-up of Online Application through OJEE website begins on 28th January, 2026 and will end on 22nd March, 2026.**
**Please read, carefully, the 'Information Brochure' and the 'Instructions to fill On-line Application Form', which are available in the OJEE websites to get detailed information regarding eligibility criteria, reservation policy, examination pattern etc. Also refer OJEE website for syllabus details.**
Please note that **Outside State Domicile Candidates** are not eligible for admission in Government Colleges, but they are eligible for admission in Private Colleges for all the above mentioned courses except B.CAT courses as per rule. However, all State and Outside State Domicile candidates are eligible for B.CAT courses.
Candidates may install OJEE android App from Google Play Store for latest information and notices.
**(For Admission to B.Tech/ B.Arch/ B.Plan/ Int. MSc and MBBS/ BDS/ BAMS/ BHMS courses in Government and Private Colleges of Odisha, candidates have to appear and qualify in JEE (MAIN)-2026 / NEET (UG)-2026 conducted by National Testing Agency, Govt. of India)**
**For other details, please visit**
**OJEE website: www.ojee.nic.in / www.odishajee.com.**

OIPR- Sd./- Chairman, OJEE Odisha

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ରଙ୍ଗେଇଲୁଣ୍ଡାରେ ହେବ ଡ୍ରୋନ୍ ପ୍ରଶିକ୍ଷଣ, ପରୀକ୍ଷଣ କେନ୍ଦ୍ର

ଭୁବନେଶ୍ୱର, ୨୮।୧(ଅନୁରାଧା ମହାରଣା)

ମୟୂରଭଞ୍ଜର ଦାଣ୍ଡବୋଷ ବିମାନବନ୍ଦରଠାରେ ଏକ 'ଫ୍ଲାଇଙ୍ଗ ଟ୍ରେନିଂ ଅର୍ଗାନାଇଜେସନ' ଓ ବ୍ରହ୍ମପୁରର ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପରେ ଏକ ଡ୍ରୋନ ପ୍ରଶିକ୍ଷଣ ଏବଂ ପରୀକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯିବ। ହାଇଦ୍ରାବାଦର ବେଗୁମପେଟଠାରେ ଆୟୋଜିତ ଏସିଆର ସବୁଠାରୁ ବଡ଼ ବେସାମରିକ ବିମାନ ଚଳାଚଳ କାର୍ଯ୍ୟକ୍ରମ 'ୱିଙ୍ଗସ ଇଣ୍ଡିଆ ୨୦୨୬'ରେ ଦୁଇଟି ସଂସ୍ଥା ସହ ଏନେଇ ରାଜ୍ୟ ସରକାରୀ ଚୁକ୍ତି ସ୍ୱାକ୍ଷର କରିଛନ୍ତି। 'ୱିଙ୍ଗସ ଇଣ୍ଡିଆ ୨୦୨୬'ରେ ଓଡ଼ିଶାର ଅଂଶ ଗ୍ରହଣ କରିଥିବାବେଳେ ପାଭିଲିୟନର ବିଷୟବସ୍ତୁ ଓଡ଼ିଶା ଟେକ୍ସ ଫ୍ଲାଇଟ୍ ରଖାଯାଇଛି। ଓଡ଼ିଶା ଷ୍ଟଲରେ ପରିଦର୍ଶକମାନେ ଅନୁଭବ କରୁଛନ୍ତି ଯେ କିଭଳି ପ୍ରଗତିଶୀଳ ନୀତି, ଆଞ୍ଚଳିକ ଓ ଆନ୍ତର୍ଜାତୀୟ ଯୋଗାଯୋଗର ସମ୍ପ୍ରସାରଣ, ଦକ୍ଷତା ବିକାଶ ଏବଂ




ଦୀର୍ଘକାଳୀନ ଭିତ୍ତିଭୂମି ଯୋଜନା ମାଧ୍ୟମରେ ରାଜ୍ୟ ଏକ ଭବିଷ୍ୟତ-ଉପଯୋଗୀ, ଅନ୍ତର୍ଭୁକ୍ତୀକରଣ ଏବଂ ନିବେଶ-ଅନୁକୂଳ ବିମାନ ଚଳାଚଳ ବ୍ୟବସ୍ଥା ଗଠନ କରୁଛି। ଏହି ପାଭିଲିୟନରେ ଓଡ଼ିଶାର 'ସମସ୍ତଙ୍କ ପାଇଁ ବିମାନ ଚଳାଚଳ' ଦୂରଦୃଷ୍ଟିକୁ ପ୍ରଦର୍ଶିତ କରାଯାଇଛି। ଏଥିରେ ବିମାନବନ୍ଦର ବିକାଶ, ବିମାନ ଚଳାଚଳ ପ୍ରଶିକ୍ଷଣ, ଡ୍ରୋନ ଇକୋସିଷ୍ଟମ, ମରାମତି ଏବଂ ରକ୍ଷଣାବେକ୍ଷଣ(ଏମ୍‌ଆର୍‌ଓ) ସମ୍ଭାବନା ଏବଂ ମାନବ ସମ୍ବଳ ବିକାଶ କ୍ଷେତ୍ରରେ ଥିବା ସୁଯୋଗଗୁଡ଼ିକୁ ହାଇଲାଇଟ କରାଯାଇଛି, ଯାହା 'ବିକଶିତ ଓଡ଼ିଶା ୨୦୩୬' ଏବଂ 'ବିକଶିତ ଭାରତ ୨୦୪୭'ର ରୋଡମ୍ୟାପ ସହ ଜଡ଼ିତ। ଏହି ଅବସରରେ ଓଡ଼ିଶା ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ 'ବିମାନ ଚଳାଚଳ କ୍ଷେତ୍ରରେ ମହିଳା' ଶୀର୍ଷକ ରାଉଣ୍ଡ ଟେବୁଲ ଅଧିବେଶନରେ ଆଲୋଚକ ଭାବେ

- 'ୱିଙ୍ଗ୍‌ସ ଇଣ୍ଡିଆ'ରେ ଓଡ଼ିଶା ଟେକ୍ସ ଫ୍ଲାଇଟ୍ ପାଭିଲିୟନ
- ମହିଳା ନେତୃତ୍ୱ ଓ ଦକ୍ଷତାଭିତ୍ତିକ ଅଭିବୃଦ୍ଧି ଉପରେ ଗୁରୁତ୍ୱ
- ମୟୂରଭଞ୍ଜ ଦାଣ୍ଡବୋଷ ବିମାନବନ୍ଦରରେ ହେବ 'ଫ୍ଲାଇଂ ଟ୍ରେନିଂ ଅର୍ଗାନାଇଜେଶନ'

ଯୋଗ ଦେଇ କହିଥିଲେ, ରାଜ୍ୟର ମୁଖ୍ୟ ଲକ୍ଷ୍ୟ ହେଉଛି ଝିଅମାନଙ୍କୁ ସେମାନଙ୍କ କ୍ୟାରିୟରର ପ୍ରାରମ୍ଭିକ ପର୍ଯ୍ୟାୟରୁ ବିମାନ ଚଳାଚଳ କ୍ଷେତ୍ରରେ ଅନୁସନ୍ଧାନ କରିବାକୁ ଉତ୍ସାହିତ କରିବା। ବିଭିନ୍ନ ବିଭାଗ ଏବଂ ଅଂଶୀଦାରମାନଙ୍କ ସମନ୍ୱୟରେ ଏଭଳି ଏକ ପରିବେଶ ସୃଷ୍ଟି କରାଯାଉଛି ଯେଉଁଠାରେ ମହିଳାମାନେ ଏହି କ୍ଷେତ୍ରରେ ପ୍ରବେଶ କରିବା ସହ ଅଭିବୃଦ୍ଧି ହାସଲ କରି ନେତୃତ୍ୱ ନେଇପାରିବେ। ଦକ୍ଷତା ବିକାଶ ଆଭିମୁଖ୍ୟକୁ ଆଗକୁ ବଢ଼ାଇବା ପାଇଁ, ବାଣିଜ୍ୟ ଏବଂ ପରିବହନ ବିଭାଗ ପକ୍ଷରୁ ଆଜି ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଆଲକେମିଷ୍ଟ ଆଭିଏଶନ୍ ସହ ସ୍ୱାକ୍ଷରିତ ଏମ୍‌ଓୟୁ ଅନୁଯାୟୀ, ମୟୂରଭଞ୍ଜର ଦାଣ୍ଡବୋଷ ବିମାନବନ୍ଦରଠାରେ ଏକ 'ଫ୍ଲାଇଙ୍ଗ ଟ୍ରେନିଂ ଅର୍ଗାନାଇଜେସନ' ପ୍ରତିଷ୍ଠା କରାଯିବ, ଯେଉଁଠାରେ ବାର୍ଷିକ ପ୍ରାୟ ୫୦ ଜଣ ପାଇଲଟଙ୍କୁ ପ୍ରଶିକ୍ଷଣ ଦିଆଯିବ। ବନଭି ଏରୋ ସହ ଅନ୍ୟ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି, ଯାହା ମାଧ୍ୟମରେ ବ୍ରହ୍ମପୁରର ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପରେ ଏକ ଡ୍ରୋନ ପ୍ରଶିକ୍ଷଣ ଏବଂ ପରୀକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏହା ଓଡ଼ିଶାର ପ୍ରଥମ ଏଭଳି କେନ୍ଦ୍ର ହେବ ଏବଂ ଏଠାରେ ବାର୍ଷିକ ୧୦୦ରୁ ଅଧିକ ଡ୍ରୋନ ପାଇଲଟଙ୍କୁ ପ୍ରଶିକ୍ଷଣ ଦିଆଯାଇପାରିବ। ଏହି ସମସ୍ତ ପଦକ୍ଷେପ ଓଡ଼ିଶାର ବିମାନ ଚଳାଚଳ କ୍ଷେତ୍ରକୁ ସଶକ୍ତ କରିବା ସହ ଆଞ୍ଚଳିକ ସଂଯୋଗୀକରଣ ଏବଂ ସମୂହ ବିକାଶକୁ ସୁନିଶ୍ଚିତ କରିବ। ଜାନୁଆରୀ ୩୧ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଚାଲିବ।

# ଗଠନ ହେବ ବିଶ୍ୱ ସ୍ୱାସ୍ଥ୍ୟ ଫୋରମ୍



ଭୁବନେଶ୍ୱର, ୨୮।୧(ଅନୁରାଧା ମହାରଣା)

ସାରା ବିଶ୍ୱରେ ସ୍ୱାସ୍ଥ୍ୟ ଚିକିତ୍ସାର ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଭାରତରେ ଥିବା ମୌଳିକ ଚିକିତ୍ସା ଯେପରିକି, ଆୟୁର୍ବେଦିକ୍, ନେଚରପାଥି, ଏଲୋପାଥି, ହୋମିଓପାଥି ତଥା ସମସ୍ତ ପାରମ୍ପରିକ ଚିକିତ୍ସା ପଦ୍ଧତିର ମିଳିତ ସହଯୋଗରେ ଏକ ବିଶ୍ୱ ସ୍ୱାସ୍ଥ୍ୟ ଫୋରମ ଗଠନ କରିବା ପାଇଁ କେନ୍ଦ୍ର ସରକାରଙ୍କର ଆୟୁଷ ମନ୍ତ୍ରଣାଳୟ ଅଣ୍ଟା ଭିଡିଛି। ଗୋଆ ମୁଖ୍ୟମନ୍ତ୍ରୀଙ୍କ ସଭାପତିତ୍ୱରେ ସ୍ୱାସ୍ଥ୍ୟ ଚିକିତ୍ସା ସମ୍ପର୍କିତ ବିସ୍ତୃତ ଜ୍ଞାନ ଥିବା ୨୧ଜଣ ବ୍ୟକ୍ତିଙ୍କୁ ନେଇ ଗୋଆରେ ଏକ ସମ୍ମିଳନୀ କରାଯାଇଥିବାବେଳେ ଏଥିରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ନିମନ୍ତ୍ରିତ କରାଯାଇଥିଲା। କ୍ୟାନ୍‌ସର, ବ୍ରେନ୍ ଡେଡ୍‌ର ପୂର୍ବାବସ୍ଥା ଆଦି ରୋଗ ଭଳି ଦୀର୍ଘଦିନ ଧରି ମଣିଷ ଶରୀରରେ ବ୍ୟାପୁଥିବା ରୋଗକୁ ସମ୍ପୂର୍ଣ୍ଣ ନିରାକରଣ କରିବା ପାଇଁ ଆୟୁଷ ମନ୍ତ୍ରଣାଳୟର ସହଯୋଗରେ ଏହା କାର୍ଯ୍ୟ କରିବ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତ ଦେଇଛନ୍ତି। ଏହି ସମ୍ମିଳନୀରେ ବାବା ରାମଦେବ, ଆଚାର୍ଯ୍ୟ ବାଲକ୍ରିଷ୍ଣା, କେରଳ ଆଡିସନାଲ ଚିଫ୍ ସେକ୍ରେଟାରି, ଆୟୁଷର ସେକ୍ରେଟାରି, ଆୟୁର୍ବେଦିକ୍ କାଉନ୍‌ସିଲ ଚେୟାରମ୍ୟାନ୍, ଏନ୍‌ଏମ୍‌ସି ନିର୍ଦ୍ଦେଶକ ରାଜେଶ ଶର୍ମା ପ୍ରମୁଖ କରିଥିଲେ। ଏହି ଚିକିତ୍ସା ପଦ୍ଧତି ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଏଲୋପାଥିକ୍ ମେଡିସିନ୍ ସହ ସଂଯୁକ୍ତ କରାଯିବା ସହ ଭାରତରେ ସ୍ୱାସ୍ଥ୍ୟ ଚିକିତ୍ସା କ୍ଷେତ୍ରରେ ଏକ ନବଦିଗନ୍ତ ଆସିବ ବୋଲି ଡ. ତିରୁପତି ପାଣିଗ୍ରାହୀ କହିଛନ୍ତି।

## ୧୬ତମ ଜନ୍ମଦିନ ଶୁଭେଚ୍ଛା



**ହେତଲ ଦେବତା (ରୋଲି)**
ମୀନା ବଜାର, ଢେଙ୍କାନାଳ
୧୬ବର୍ଷର ଜନ୍ମଦିନ ଅବସରରେ ମହାପ୍ରଭୁଙ୍କ ନିକଟରେ ତୋର ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ପ୍ରାର୍ଥନା। ପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ।
-:ଆଶୀର୍ବାଦ ସହ:-
ଅଜା, ଆଈ, ମାମୁ ଓ ଦେବତା ପରିବାର। ଏଲି ଏବଂ ରାଜୁ ମାମା।
ଧ-୩୨୨୧

# ଦୁବାଇ ଗଲ୍‌ଫ ଫୁଡ୍‌ରେ ଓଡ଼ିଶାର ଫାର୍ମ ବି'




କଟକ,୨୮।୧(କାର୍ତ୍ତିକ ସାହୁ)

ଦୁବାଇରେ ସୋମବାରଠାରୁ ଆରମ୍ଭ ହୋଇଥିବା ଆନ୍ତର୍ଜାତିକ ଗଲ୍‌ଫ ଫୁଡ୍ ପ୍ରଦର୍ଶନୀରେ ଓଡ଼ିଶାର ଖାଦ୍ୟପ୍ରକ୍ରିୟାକରଣ ଶିଳ୍ପୋଦ୍ୟୋଗ ବିଶ୍ୱେଶ୍ୱର ଫୁଡ୍ସ ପ୍ରାଇଭେଟ ଲିମିଟେଡ୍ (ଫାର୍ମ ବି) ଯୋଗଦେଇଛି। ଦେଶବିଦେଶର ବହୁ ପ୍ରସିଦ୍ଧ ଖାଦ୍ୟ ଉତ୍ପାଦ ଗୋଷ୍ଠୀ, ବିଶିଷ୍ଟ ଶିଳ୍ପୋଦ୍ୟୋଗୀ, ବୈଦେଶିକ ପ୍ରତିନିଧିମଣ୍ଡଳୀଙ୍କ ସହିତ ଶିଳ୍ପ ଏବଂ ଉଦ୍ୟୋଗ ଜଗତର ଜଣାଶୁଣା କମ୍ପାନୀ ସମୂହ ଏଥିରେ ଅଂଶଗ୍ରହଣ କରିଛନ୍ତି। ଫାର୍ମ-ବି'ର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶିକା ରଶ୍ମୀ ସାହୁ ଏହି ଅନ୍ତରାଷ୍ଟ୍ରୀୟ ଖାଦ୍ୟ ମେଳାରେ ଯୋଗଦେଇଛନ୍ତି। ଫାର୍ମ ବି' ଦ୍ୱାରା ପ୍ରସ୍ତୁତ ଗୁଣାତ୍ମକମାନର ଦେଶୀ ଛତୁଆ, ମଲ୍ଟିଗ୍ରେନ୍ ଛତୁଆ, ବିଭିନ୍ନ ପ୍ରକାରର କୁକିଜ୍, ଡାଲିଆ, ଓଟସ୍, ମୁସୋଲି, କ୍ରଂଚି ଚକୋବାଇଟ୍‌ସ ଇତ୍ୟାଦି ବହୁ ସ୍ୱାସ୍ଥ୍ୟପ୍ରଦ ସାମଗ୍ରୀ ଏଥିରେ ସ୍ଥାନ ପାଇଛି। ବିଶ୍ୱ ବଜାରରେ ଫାର୍ମ-ବି'ର ଏହି ଗୁଣବତ୍ତା, ପୁଷ୍ଟିସାରଯୁକ୍ତ ଖାଦ୍ୟସାମଗ୍ରୀ ବିଦେଶୀ ଗ୍ରାହକମାନଙ୍କ ପାଖରେ ବେଶ୍ ମନପସନ୍ଦ ହୋଇଥିବା ଜଣାପଡ଼ିଛି। ଗଲ୍‌ଫ ଫୁଡ୍‌ରେ ଫାର୍ମ-ବି'ର ଯୋଗଦାନ ଦେଶବିଦେଶର କ୍ରେତାଙ୍କ ସହିତ ଜଡ଼ିତ ହେବା, ରପ୍ତାନି ସୁଯୋଗ ସୃଷ୍ଟି କରିବା ଏବଂ ରଣନୈତିକ ବାଣିଜ୍ୟ ସହଭାଗିତା ନିର୍ମାଣ କରିବାର ଲକ୍ଷ୍ୟ ରଖିଛି। ଏହାଦ୍ୱାରା ବିଶ୍ୱ ଖାଦ୍ୟ ବଜାରରେ ଫାର୍ମ-ବି' ବ୍ରାଣ୍ଡର ପରିଚୟକୁ ବିସ୍ତାର କରିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି କହିଛନ୍ତି ଓଡ଼ିଶାର ଯୁବ ଶିଳ୍ପୋଦ୍ୟୋଗୀ ରଶ୍ମୀ ସାହୁ।

# ଟାଙ୍ଗୀରେ ମହିନ୍ଦ୍ରା ଟ୍ରକ ଓ ବସ ଡିଭିଜନର ୱାର୍କଶପ୍



ଭୁବନେଶ୍ୱର, ୨୮।୧(ଅନୁରାଧା ମହାରଣା)

ମହିନ୍ଦ୍ରା ଟ୍ରକ ଓ ବସ ଡିଭିଜନର ଏକ ନୂତନ ୱାର୍କଶପ୍ କଟକ ଜିଲାର ଟାଙ୍ଗୀଠାରେ ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନ ଉତ୍ସବରେ ମହିନ୍ଦ୍ରା କମ୍ପାନୀର ବାଣିଜ୍ୟକ ମୁଖ୍ୟ ଡ. ଭେଙ୍କଟ ଶ୍ରୀନିବାସ ଓ ଉପସଭାପତି ସତୀଶ ମାଚିରାଜୁଙ୍କ ସମେତ ମଧୁର ଶର୍ମା, ସୁରେଶ ଗଣପତି, ସଞ୍ଜୟ ଶର୍ମାଙ୍କ ଓ ଓଡ଼ିଶାର ପ୍ରମୁଖ ଟ୍ରକ ଓ ବସ ଡିଭିଜନର ମହିନ୍ଦ୍ରା ଡିଲର ମାନେ ଉପସ୍ଥିତ ଥିଲେ। ଏହି ୱାର୍କଶପ୍‌ଟି କଟକ ସମେତ ଓଡିଶାର ୧୦ଟି ଜିଲା ଯଥା, ଯାଜପୁର, ଭଦ୍ରକ ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ,ଖୋର୍ଦ୍ଧା, ଗଞ୍ଜାମ ଓ ଗଜପତି ଜିଲା ପାଇଁ ଏହିଠାରୁ ସେବା ଉପଲବ୍ଧ କରାଯିବ ବୋଲି ମା ଦୁର୍ଗା ଅଟୋଟେକ ପ୍ରାଇଭେଟ୍ ଲିମିଟେଡ୍‌ର ମୁଖ୍ୟ ଶୁଭେନ୍ଦୁ କୁମାର ବେହେରା ଜଣାଇଛନ୍ତି। ଏହି ଅବସରରେ ମହିନ୍ଦ୍ରା କମ୍ପାନୀର ଫ୍ୟୁରୋ-୮ ନାମକ ଏକ ଟ୍ରକ ଅନାବରଣ କରାଯାଇଥିଲା।

# Classified Everyday

**0674-2580101, 9692975378**



## REAL ESTATE

### SALE

ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ KEC ପାଖରେ ready to move 2/3BHK flat ବିକ୍ରି ହେବ। 8327785834 D-3178

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

କଟକ-ଭୁବନେଶ୍ୱରର ମଧ୍ୟଭାଗରେ ଥିବା Sum-2 ଏବଂ Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି SC general plot କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। 9658562429. D-3194

ପୁରୀ ଅଠରନଳା ଛକଠାରୁ ୧୦୦ମିଟର ମଧ୍ୟରେ ୫ଟି ସ୍ଥିତିବାନ ବାସଘରଯୋଗ୍ୟ ପ୍ଲଟ୍ ବିକ୍ରିହେବ। ଯୋଗାଯୋଗ- 8917271741/ 6371040227 ଉକ୍ତ ପ୍ଲଟ୍‌କୁ ଲାଗି ୧୨ଟି ଆପାର୍ଟମେଣ୍ଟ ତିଆରି କରାଯାଇ ବିକ୍ରି ହେବ। Studio apartment approximate 380sqft- 14ଲକ୍ଷ, 1BHK approximate 550sqft. 19ଲକ୍ଷ। ଯୋଗାଯୋଗ- 9040622080. D-76954

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in



## CONSTRUCTION

Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469. D-3190




Wellness relax body massage & jointpain treatment by trend therapist. 6372110065. D-76951

All types of physiotherapy and massage contact 9556924059 / 7656969134. D-3166

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LOST

ମୁଁ ଶ୍ରୀମତୀ ସ୍ନେହଲତା ରାଉତ, ବୟସ 39, ସ୍ୱାମୀ- ମନ୍ମଥ କୁମାର ମଲିଆ, ଠିକଣା- S-2-183, ନୀଳାଦ୍ରି ବିହାର, ପୋ.- ଶୈଳଶ୍ରୀ ବିହାର, ଥାନା- ଚନ୍ଦ୍ରଶେଖର ପୁର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ପିନ୍- 751021. ଏତଦ୍ୱାରା ନୋଟାରୀ ଭୁବନେଶ୍ୱରଙ୍କ ନିକଟରେ କରିଥିବା ସତ୍ୟପାଠ ଜରିଆରେ ଜଣାଉଅଛିକି ମୋର ଏକ ଲିଜ୍ ଡିଡ୍ (ପଟ୍ଟା କବଲା) ଯାହାର ନଂ.11082209939 ଅଟେ। ଖଣ୍ଡଗିରି ସବରେଜିଷ୍ଟ୍ରିଙ୍କ ନିକଟରେ ଗତ ତା୧୩।୦୭।୨୦୨୨ରିଖରେ ରେଜିଷ୍ଟ୍ରି ହୋଇଥିଲା। ତାହା ସତ୍ୟନାରାୟଣ ମିଶ୍ରଙ୍କ ପକ୍ଷେ କରାଯାଇଥିଲା। ସେହି ଲିଜ୍ ଡିଡ୍‌ଟି ମୁଁ ରହୁଥିବା ନୀଳାଦ୍ରି ବିହାର ଠାରୁ ନାଲକୋ ସ୍କୋୟାର ମଧ୍ୟରେ ଗତ ତା।୧୪।୦୧।୨୦୨୬ରିଖରେ ଆସୁଥିବା ସମୟରେ କେଉଁଆଡେ ହଜିଯାଇଅଛି। ଏହାକୁ ଯଦି କେହି ଅପବ୍ୟବହାର/misuse କରନ୍ତି ସେଥିପାଇଁ ଆମେ ଦାୟୀ ରହିବୁ ନାହିଁ। ଧ-୩୦୨୪

## AFFIDAVIT

By virtue of an affidavit Regd. No.- 3127, before the Executive Magistrate, Bari, on dated 03.12.2025, I, NIHAR RANJAN SAHOO, S/o.- SRIDHARA SAHOO, At- Benjarapur, P.O.- Mandari, P.S.- Bari Ramachandrapur, Dist.- Jajpur, PIN- 755003 declare that I have changed my minor daughter's name from AURORA SAHOO NIHAR RANJAN SAHOO to AURORA SAHOO. Henceforth, she will be known as AURORA SAHOO for all purpose. D-3025

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ମନେ ପଡ଼ନ୍ତି

**ଦ୍ୱିତୀୟ ପୁଣ୍ୟତିଥି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ତୃପ୍ତୀମୟୀ ଜେନା**
ସ୍ୱା.- ପ୍ରଶାନ୍ତ କୁମାର ଜେନା
ଆବିର୍ଭାବ: ୦୧।୦୪।୧୯୬୪
ତିରୋଧାନ: ୨୦।୦୨।୨୦୨୪
ଭାଗୀରଥି ବିହାର, ଗୁଡିଆନାଳୀ, ଢେଙ୍କାନାଳ
ବିଧିର ବିଧାନ ଅନୁସାରେ ଚାହୁଁ ଚାହୁଁ ଦୁଇ ବର୍ଷ ବିତିଗଲା। ସାଂସାରିକ ଯାତ୍ରାରେ ତୁମର ସ୍ନେହ, ସମର୍ପଣ ଏବଂ ଭଲପାଇବା ଆମ ପାଇଁ ଅମୃତସମ। ତୁମ ହସ ଏବଂ ଆଦର ଆମେ ବର୍ତ୍ତମାନ ପର୍ଯ୍ୟନ୍ତ ଅନୁଭବ କରୁଅଛୁ। ତୁମର ସ୍ମୃତି ଆମ ହୃଦୟରେ ଅମର ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା।
ଶୋକସନ୍ତପ୍ତ:- ହତଭାଗ୍ୟ ସ୍ୱାମୀ, ଝିଅ- ସୋନି, ମୋନି, ଗୁଡୁ ସହିତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୩୦୨୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ବାସୁଦେବ ଗରାବଡୁ**
(୧୯୩୩-୨୦୨୦)
ବଡ଼ଦାଣ୍ଡ ସାହି, ଓଲ୍ଡ ଟାଉନ୍, ପୁରୁଣା ଭୁବନେଶ୍ୱର
ପ୍ରଭୁ ଶ୍ରୀଶ୍ରୀ ଲିଙ୍ଗରାଜ, ମା' ଗୋପାଲୁଣୀଙ୍କ କୃପାରୁ ଯେଉଁଠି ଅଛ ଭଲରେ ଥାଅ ଏବଂ ଆଶୀର୍ବାଦ ପ୍ରଦାନ କରୁଥାଅ।
ଆଶୀର୍ବାଦାକାଂକ୍ଷୀ: ସହଧର୍ମିଣୀ, ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ ଏବଂ ବନ୍ଧୁ ଓ ପରିବାରବର୍ଗ।
ଧ-୭୬୦୯୨

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ସତ୍ୟନାରାୟଣ ପଣ୍ଡା**
Flat No. 401, Niladri Mansion 2, Niladri Bihar, Bhubaneswar
ଆବିର୍ଭାବ : ୦୫।୦୩।୧୯୬୨
ତିରୋଧାନ : ୧୮।୦୧।୨୦୨୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
ଧ-୭୬୦୯୧

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଗୋବିନ୍ଦ ସାହୁ**
କୁମାରୀ, ଜାରକା, ଧର୍ମଶାଳା
ଆବିର୍ଭାବ- ୦୬।୦୫।୧୯୬୧
ତିରୋଧାନ- ୧୯।୦୧।୨୦୨୬
ତୁମେ ଆମ୍ଭମାନଙ୍କୁ ଛାଡିଯିବା ୧୧ଦିନ ବିତିଲାଣି। ତୁମ ବିୟୋଗ ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ବଡଭାଇ- ଅନାଦି ସାହୁ, ପୁତ୍ର:ପୁତ୍ରବଧୂ- ରାଜକିଶୋର- ମିନି, ରତିକାନ୍ତ- ରଜନୀ, ନିର୍ମଳ- ସୁଜାତା, ବିଭୁ, ବିଶ୍ୱେଶ୍ୱର, ଝିଅ- କ୍ୱାଇଁ, ନାତିନାତୁଣୀ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୩୨୨୦

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰ ବିଦ୍ୟୁଲତା ଜେନା**
ଗଡ଼ସାହି, ନୟାପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ- ୦୧।୦୧।୧୯୪୭
ତିରୋଧାନ- ୦୭।୦୨।୨୦୨୫
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଜେନା ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୩୦୨୩

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ

ଭୁବନେଶ୍ୱର, ୨୮।୧(ଅନୁରାଧା ମହାରଣା)

କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭୭ ତମ ସାଧାରଣତନ୍ତ୍ର ଦିବସ ସୋମବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ଚିତ୍ତରଞ୍ଜନ ମିଶ୍ର ଛାତ୍ରୀଛାତ୍ରମାନଙ୍କୁ ଗଣତନ୍ତ୍ରର ରକ୍ଷା ନିମନ୍ତେ ଗଣତନ୍ତ୍ରର ମହନୀୟତା, ସ୍ୱତନ୍ତ୍ରତା, ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱର ମନ୍ତ୍ରରେ ଅଭିମନ୍ତ୍ରିତ କରିବା ସହ ୭୭ ବର୍ଷର ଏହି ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ରର ଭବିଷ୍ୟତ ଆଜିର ଯୁବପିଢ଼ିଙ୍କୁ ପ୍ରୋତ୍ସାହିତ କରୁ ବୋଲି ଆଶା ପୋଷଣ କରିବା ସହ ସାହସ ଓ ଉଦ୍ୟମ ଦ୍ୱାରା ହିଁ ସଫଳତାର ଶିଡ଼ି ଚଢ଼ି ପାରିବ ବୋଲି ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡ. ତ୍ରିବିକ୍ରମ ଷଡଙ୍ଗୀ ବକ୍ତବ୍ୟରେ ସ୍ୱାଧୀନୋତ୍ତର ଭାରତର ଯୁବଶକ୍ତି ଭାରତର ଉର୍ଦ୍ଧ୍ୱଗତିତାକୁ ସାକାର କରିବାରେ ଗୁରୁଦାୟିତ୍ୱ ନିଅନ୍ତୁ, କାରଣ ଛାତ୍ର ହେଉଛି ରାଷ୍ଟ୍ରର ଶକ୍ତି ବୋଲି ମତ ପୋଷଣ କରିଥିଲେ। ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟ କହିଥିଲେ, ଶୃଙ୍ଖଳା ହିଁ ଭବିଷ୍ୟତର ଚାବିକାଠି ବୋଲି ଛାତ୍ରୀଛାତ୍ରଙ୍କୁ କହିବା ସହ ଶୃଙ୍ଖଳା ଏଭଳି ଏକ ଅସ୍ତ୍ର ଯାହା ତୁମର ଭବିଷ୍ୟତ ଜୀବନ ସହ ସମଗ୍ର ଦେଶକୁ ପରିବର୍ତ୍ତନ କରିଦେଇପାରିବ ବୋଲି ନିଜର ମତ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ତଥା ଆବାସିକ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ନିସ୍ ଶିକ୍ଷାନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ

ଭୁବନେଶ୍ୱର, ୨୮।୧(ଅନୁରାଧା ମହାରଣା)

ଭୁବନେଶ୍ୱର ମଦନପୁରସ୍ଥିତ ନିସ୍ ଶିକ୍ଷାନୁଷ୍ଠାନ ପରିସରରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡ. ସୁଭାଷ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣକରିବା ସହ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ଅଧ୍ୟକ୍ଷ ଡ. ରାସେଶ ସ୍ୱାଇଁ, ଡେପୁଟି ଡାଇରେକ୍ଟର ଡ. ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଜଏଣ୍ଟ ରେଜିଷ୍ଟ୍ରାର ଡ. ଭବାନୀ ଶଙ୍କର ରଥ, ପ୍ରଶାସନିକ ଅଧିକାରୀ ପୀତାମ୍ବର ଚୟନୀ, ଉପାଧ୍ୟକ୍ଷ ପ୍ରଫେସର ଇନ୍ଦ୍ରଜିତ ଦାସ, ଏମ୍‌ବିଏ ବିଭାଗୀୟ ମୁଖ୍ୟ ପ୍ରଫେସର ସ୍ଥିତପ୍ରଜ୍ଞ ଦେବଦତ୍ତ ସାମଲଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ନୋରା

# ଦୋଛକିରେ ନୋରା

ନୋରା ଫତେହି ଏବେ କ'ଣ କରିବେ ଜାଣିପାରୁନାହାନ୍ତି। ଗୋଟିଏ ପଟେ ଯେଉଁ ସୁଯୋଗଟି ମିଳିଛି ତାକୁ ଛାଡିବାକୁ ଇଚ୍ଛା ହେଉନି। ହେଲେ ସେପଟେ ଏଥିରେ ଟିକେ କେଁ ରହିଯାଇଛି। ତେବେ ତାହା କ'ଣ ଜାଣିବେନି ? କଥା କ'ଣ କି ନୋରାଙ୍କୁ ନିକଟରେ ଏକ ନୂଆ ହିନ୍ଦୀ ସିନେମାରେ ଅଭିନୟ କରିବାକୁ ଅଫର ମିଳିଛି। ଭୂମିକାଟି ସିନା ଛୋଟ, ହେଲେ ସେଥିରେ କେତୋଟି ବୋଲ୍ଡ ଶଟ୍ ରହିଛି। ଆଉ ଏହାକୁ ନେଇ ଦୋଛକିରେ ପଡିଛନ୍ତି ଏହି ଅଭିନେତ୍ରୀ। ତା'ସହ ପୁଣି ତାଙ୍କୁ ଏକ ଆଇଟମ୍ ନମ୍ବରରେ ନାଚିବାକୁ ପଡିବ। ଏ ବିଷୟରେ ନୋରା କହନ୍ତି, ''ଏହି ନୂଆ ସିନେମାରେ ମୋର ଭୂମିକାଟି ଛୋଟ। ହେଲେ ସେଥିରେ କେତୋଟି ଗରମା ଗରମ ଶଟ୍ ଦେବାକୁ ପଡିବ। ତା'ସହ ପୁଣି ଏକ ଆଇଟମ ନମ୍ବର ମଧ୍ୟ ରହିଛି। ତେଣୁ ଏହି ଅଫରକୁ ଗ୍ରହଣ କରିବି ନା ମନା କରିବି ଜାଣିପାରୁନାହିଁ। ଅବଶ୍ୟ ଏବେ ମୋ ହାତରେ ପାଖାପାଖି ଦୁଇ ସପ୍ତାହ ସମୟ ରହିଛି ଆଉ ତା' ଭିତରେ ପ୍ରଯୋଜନା ସଂସ୍ଥାକୁ ମୋର ଶେଷ ନିଷ୍ପତ୍ତି ଜଣାଇବାକୁ ପଡିବ।'' ସେପଟେ ଶୁଣିବାକୁ ମିଳୁଛି ଯେ ଏଭଳି ଶଟ୍ ପାଇଁ ତାଙ୍କୁ କୁଆଡେ ଅଧିକ ପାରିଶ୍ରମିକ ମିଳିବ। ହେଲେ ଏକଥାକୁ ନେଇ ମୁହଁ ଖୋଲୁନାହାନ୍ତି ନୋରା। ତେବେ ଏହି ଅଫରକୁ ନୋରା ଗ୍ରହଣ କରୁଛନ୍ତି କି ନାହିଁ ତାହା ଖୁବ୍ ଶୀଘ୍ର ଜଣାପଡିଯିବ। ନୋରାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ରୋର୍ : ଦ ଟାଇଗର୍ସ ଅଫ ଦ ସୁନ୍ଦରବନ୍ସ'। ହେଲେ ଏହି ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। ଏହାବ୍ୟତୀତ ସେ କେତୋଟି ତାମିଲ ଏବଂ ମାଲୟାଲମ ଫିଲ୍ମରେ ମଧ୍ୟ ଅଭିନୟ କରିଛନ୍ତି।

# କେବଳ ବରୁଣ

ଯାହା କୁହନ୍ତୁନା କାହିଁକି ଆଲିଆ ଭଟ୍ଟଙ୍କ ଆଇଡିଆକୁ ମାନିବାକୁ ପଡିବ। କେତେବେଳେ କେମିତିକା ଗୁଳି ମାରିଲେ ତାହା ତାଙ୍କ କ୍ୟାରିୟରକୁ ମାଇଲେଜ ଦେବ ତାହା ତାଙ୍କୁ ଭଲ ଭାବରେ ମାଲୁମ। ଦେଖୁନାହାନ୍ତି ସେ କେମିତି 'ବର୍ଡର ୨' ଦେଖିବା ପରେ ସେ କେମିତି ବରୁଣ ଧାବନଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି। ଏହି ଫିଲ୍ମଟି ଦେଖିବା ପରେ ସେ କହିଛନ୍ତି,''ବରୁଣ 'ବର୍ଡର ୨'ଫିଲ୍ମରେ ଯେଉଁ ରୋଲ ତୁଲାଇଛନ୍ତି ତାହାକୁ ଆଉ କେହି ଠିକ୍ ଭାବରେ ନେଇ ଆଣି ଥୋଇ ପାରି ନ ଥାନ୍ତେ। ଏ ନେଇ ମୁଁ ତାଙ୍କୁ ଯେତେ ପ୍ରଶଂସା କରିବି ତାହା ସେତେ କମ ହେବ। ଶୁଣିବାକୁ ମିଳୁଛି ଯେ ବରୁଣ ଅଭିନୟ କରିବାକୁ ଯାଉ ଥିବା ନୂଆ ସିନେମାରେ ମୁଁ କୁଆଡେ ନାୟିକା ସାଜିବି। କିନ୍ତୁ ମୋତେ ଏ ପର୍ଯ୍ୟନ୍ତ ପ୍ରଯୋଜନା ସଂସ୍ଥା ପକ୍ଷରୁ ମୋତେ କିଛି ସୂଚନା ଦିଆଯାଇ ନାହିଁ। ଯଦି ମୋତେ ଏଭଳି ଅଫର ମିଳେ ତାହାକୁ କେବେ ହାତଛଡା କରିବି ନାହିଁ। ଏଭଳି ଅଫର କେବଳ ମିଳିବାକୁ ଅପେକ୍ଷା କରିଛି।'' ତେବେ ଏହି ଅଫର ସତ କି ନାହିଁ ତାହା ଖୁବ ଶୀଘ୍ର ଜଣାପଡିବ।



ଆଲିଆ

# ସଲମାନ୍ ନ ଥିଲେ ପ୍ରଥମ ଚଏସ୍

ଥରେ ମନେ ପକାନ୍ତୁ ନା ରାଜଶ୍ରୀ ପ୍ରଡକ୍ସନ ପ୍ରା.ଲି. ବ୍ୟାନରରେ ପ୍ରସ୍ତୁତ 'ମୈନେ ପ୍ୟାର୍ କିୟା' ଫିଲ୍ମକୁ। ଉକ୍ତ ସିନେମାରେ ସଲମାନ୍ ଖାନ୍ ନାୟକ ଭାବରେ ବ୍ରେକ୍ ପାଇଥିଲେ। ସୁରଜ ବରଜ୍ୟାତାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ବକ୍ସ ଅଫିସରେ ଆଶାତୀତ ବିଜନେସ କରି ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। କିନ୍ତୁ ଗୋଟିଏ କଥା ଜାଣିନ୍ତି ? ଏହି ସିନେମାରେ କିଏ ନାୟକ ସାଜିବ ପ୍ରଥମେ ସେ ନେଇ ସଲମାନଙ୍କ ନାମ ବିଚାରକୁ ନିଆଯାଇ ନ ଥିଲା। ଏ ନେଇ ପ୍ରଥମେ ଆମୀର ଖାନ୍ଙ୍କ ସହ ଯୋଗାଯୋଗ କରାଯାଇଥିଲା। କିନ୍ତୁ କେତେକ କାରଣରୁ ଆମୀର ଅଫରଟିକୁ ପ୍ରତ୍ୟାଖ୍ୟାନ କରିଥିଲେ। ସେତେବେଳେ ନିର୍ଦ୍ଦେଶକ ସଲମାନଙ୍କ ବିଷୟରେ ଚିନ୍ତା କରିବା ସହ ବିଳମ୍ବ ନ କରି ତାଙ୍କୁ ଯୋଗାଯୋଗ କରିଥିଲେ। ଆଉ ଏଭଳି ସୁଯୋଗକୁ ହାତଛଡା କରି ନ ଥିଲେ ସଲମାନ୍। ଆଉ ପରେ ଯାହା ଘଟିଲା ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ଏଥିରେ ତାଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିଥିଲେ ନବାଗତା ଭାଗ୍ୟଶ୍ରୀ। ଏହି ସିନେମାର କାହାଣୀ, ସଂଳାପ, ଉପସ୍ଥାପନା ବ୍ୟତୀତ ଗୀତଗୁଡିକ ବେଶ୍ ଶ୍ରୁତିମଧୁର ଥିଲା। ଏଗୁଡିକୁ ସ୍ୱର ଦେଇଥିଲେ ରାମ-ଲକ୍ଷ୍ମଣ। ୧୯୮୯ ଡିସେମ୍ବର ୨୯ରେ ରିଲିଜ ହୋଇଥିବା ଏହି ଫିଲ୍ମର ବଜେଟ୍ ଥିଲା ମାତ୍ର ଏକ କୋଟି। ହେଲେ ଚିତ୍ରଟି ୪୫କୋଟି ବିଜନେସ୍ କରିବାରେ ସକ୍ଷମ ହୋଇଥିଲା।



# ଜ୍ୟୋତି ଯାହା ଚାହୁଁଥିଲେ...

କୁଣ୍ଡଳିରେ କ'ଣ ଲେଖାଥାଏ ତାହା କେହି ଜାଣି ନ ଥାନ୍ତି। କିଛି ଘଟିବା ପରେ ଭାବନ୍ତି 'ଏଇଆ ବୋଧେ ମୋ ଭାଗ୍ୟ ବା କୁଣ୍ଡଳିରେ ଲେଖାଥିଲା।' ସେଭଳି ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା 'କୁଣ୍ଡଳି'। ତା'ସହ ଏହାର କାହାଣୀରେ ରହସ୍ୟ ରୋମାଞ୍ଚ ଭରିରହିଛି। ଫିଲ୍ମଟିକୁ ପ୍ରଯୋଜନା କରିଛନ୍ତି ନବାଗତା ବିଜୟଲକ୍ଷ୍ମୀ ନାୟକ। ନିର୍ଦ୍ଦେଶକ ସାଜିଛନ୍ତି ରୋହନଜିତ ଦାଶ। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଜ୍ଞାନ ବେହେରା। ଚିତ୍ରଟିର କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ଶୁଭ୍ରାଂଶୁ ଶେଖର ମହାପାତ୍ର। କାହାଣୀ ସହ ସଂଳାପ ରଚନା କରିଛନ୍ତି ଶୁଭ୍ରାଂଶୁ ବିଶ୍ୱାଳ। ଥଣ୍ଡରପିକ୍ସେଲ ଫିଲ୍ମସ ଏବଂ ଆମରା ମ୍ୟୁଜିକର ମିଳିତ ସହଯୋଗରେ ଏହାକୁ ପ୍ରସ୍ତୁତ କରାଯାଉଛି। ଏହାର ମୁଖ୍ୟ ଭୂମିକାରେ ଜ୍ୟୋତି ନାୟକ ଅଭିନୟ କରିଥିବା ବେଳେ ନବାଗତ ମୃଣ୍ମୟ, ଅନନ୍ୟା ଦାଶ ଏବଂ ଜସ୍ମିନ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିବେ। ''ଏହି ବିଗ୍ ବଜେଟ୍ ଫିଲ୍ମର ଶୁଟିଂ ସମୟରେ ସବୁ ଦିଗ ପ୍ରତି ଆବଶ୍ୟକ ମୁତାବକ ଧ୍ୟାନ ଦିଆଯିବ ଏବଂ ଦର୍ଶକ ଏଥିରୁ ଶତ ପ୍ରତିଶତ ମନୋରଞ୍ଜନ ପାଇବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି ବୋଲି କହନ୍ତି ନିର୍ଦ୍ଦେଶକ। ଫିଲ୍ମଟିର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ମିଡ଼ିଆ ପ୍ଲାନର ପ୍ରଣୟ ଜେଠୀ।



ଜ୍ୟୋତି

# ଆସିବାକୁ ଶୁଭ ଦିନ

ନୂଆ ଓଡ଼ିଆ ସିନେମା 'ପରୀ' ଚଳିତ ମାସ ୩୦ରେ ରିଲିଜ ହେବାକୁ ଯାଉଛି। ଏହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ଶିଶୁ କଳାକାର ଦିବ୍ୟାଂଶୀ। କେବଳ ସେତିକି ନୁହେଁ, ଏହି ଫିଲ୍ମରେ ସେ ନିଜ ଭୂମିକାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ଓମ୍ ଶାନ୍ତି ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ସଞ୍ଜୟ ମହାନ୍ତି ଓ ଚନ୍ଦନ ସ୍ୱାଇଁ। ଏହି ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ତ୍ରିପତି କୁମାର ସାହୁ। ଅବଶ୍ୟ ଏହାପୂର୍ବରୁ ସେ 'ଅତି ଜମା ଭଲ ନୁହେଁ', 'ପାରି କରିବେ ମୋ ଭୋଳା ଶଙ୍କର ୩', 'ଚୋରି ଚୋରି ବୋହୂ ଚୋରି' ଏବଂ 'ବାଲିଯାତ୍ରା' ସିନେମାରେ ଜଣେ ଶିଶୁ କଳାକାର ଭାବରେ ଅଭିନୟ କରି ନିଜ ଦକ୍ଷତାର ପରିଚୟ ଦେଇସାରିଛନ୍ତି। ସଂଳାପ ରଚନା କରିଛନ୍ତି ଓଲିଉଡ୍ର ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ପ୍ରମୋଦ ପରିଡା ଗୀତ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଜାପାନୀ। ବିଭିନ୍ନ ଭୂମିକାରେ ଜ୍ୟୋତି ନାୟକ, ଡା. ଅନୁରାଧା ପାଣିଗ୍ରାହୀ, ଶ୍ରୀତମ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ନୀଳମଣି ସାହୁ, ସୌମ୍ୟ ପ୍ରକାଶ ଦାସ ଅଧିକାରୀ, ଗୁଲ୍ଟୁ, ଜଗନ୍ନାଥ ସାହୁ, ଏବଂ ରୋଶନ ଭରଦ୍ୱାଜ ପ୍ରମୁଖ ଅଭିନୟ କରିଛନ୍ତି। ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଦେଖିବାକୁ ବାକି ରହିଲା।

# କଥା ପରମ୍ପରାର

ଅନେକ କଳା ପରମ୍ପରା ଦିନକୁ ଦିନ ହଜିଯାଉଛି। ଆଉ ସେହି ପୁରୁଣା ପରମ୍ପରାକୁ ପୁଣି ଥରେ ଜନସାଧାରଣଙ୍କ ମାନସପଟରେ ଉଜ୍ଜୀବିତ କରିବା ଲାଗି ପ୍ରୟାସ କରାଯାଉଛି। ପ୍ରାୟ ଲୋପ ପାଇଯାଉଥିବା ସେଭଳି କିଛି ପରମ୍ପରାର ଝଲକ୍ ଏହି ନୂଆ ସିନେମାରେ ଦେଖିବାକୁ ମିଳିବ। ହଁ, ସେଭଳି ଏକ କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ସପନର ଆର ପାରି ଗାଁ'। ଏ ବିନୋଦିନୀ କ୍ରିଏସନ୍ସ ଡ୍ରିମ୍ସ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ସସ୍ମିତା ପାଢ଼ୀ। ଅନ୍ୟପକ୍ଷରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ଓମ ପ୍ରକାଶ ରାଉତରାୟ। ଖାସ୍ କଥା ହେଲା, ଏହାର ନାୟକ ସାଜିଛନ୍ତି ବିଶ୍ୱରୂପ ମିଶ୍ର। ଏ ବିଷୟରେ ସେ କହନ୍ତି, ''ଏହି ଫିଲ୍ମର କାହାଣୀ ଚୟନ କରିବାକୁ ବେଶ୍ ପରିଶ୍ରମ କରିବାକୁ ପଡିଥିଲା। ଏଥିରେ ମୋତେ ଯେଉଁ ଭୂମିକା ମିଳିଛି ତାହାକୁ ଠିକ୍ ଭାବରେ ତୁଲାଇଛି। ତା'ସହ କାହାଣୀକୁ ପିକ୍ଚରାଇଜେଶନ କରାଯିବା ବେଳେ ସବୁ ଦିଗ ପ୍ରତି ଦୃଷ୍ଟି ଦିଆଯାଇଛି। ପ୍ରତ୍ୟେକ କଳାକାର ନିଜ ନିଜ ଭୂମିକାକୁ ତୁଲାଇବାକୁ କମ୍ ପରିଶ୍ରମ କରିନାହାନ୍ତି। କେବଳ କାହାଣୀ ନୁହେଁ, ଏହାର ଗୀତଗୁଡିକ ମଧ୍ୟ ଶ୍ରୋତାଙ୍କୁ ପ୍ରଭାବିତ କରିବ।'' ସିନେମାରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଶାନ୍ତନୁ ନାୟକ। ସଂଳାପ ଲେଖିଛନ୍ତି ଜୀତେନ୍ଦ୍ର ବରାଳ। କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ,କୁଳଦୀପ ପଟ୍ଟନାୟକ, ଅନ୍ତରା ଚକ୍ରବର୍ତ୍ତୀ ଏବଂ ଶାନ୍ତନୁ ନାୟକ। ବିଶ୍ୱରୂପଙ୍କ ବ୍ୟତୀତ ଏଥିରେ ବିଭିନ୍ନ ଭୂମିକାରେ ବିଦୁସ୍ମିତା ମନ୍ତ୍ରୀ, ଶୁଭଲକ୍ଷ୍ମୀ, ଉଦିତ ଗୁରୁ, ଚୌଧୁରୀ ଜୟପ୍ରକାଶ ଦାସ, ଶ୍ରୁତି ଖଣ୍ଡେଲୱାଲ, ଗୌରୀ ମହାପାତ୍ର, ସାଇଶ୍ରୀ, ସୌମିକ ଏବଂ କାଳୀ ପ୍ରମୁଖ ଅଭିନୟ କରିଛନ୍ତି। ଫିଲ୍ମଟି ରିଲିଜ ପରେ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଦେଖିବାକୁ ବାକି ରହିଲା।



'ସପନର ଆରପାରି ଗାଁ' ଫିଲ୍ମରେ ବିଶ୍ୱରୂପ

# ଜଙ୍ଗଲ ଜଳୁଛେ

'ଜଙ୍ଗଲ ଜଲୁଛେ' ଏଭଳି ଏକ ଟାଇଟଲକୁ ନେଇ ନିର୍ମିତ ହେଉଛି ଓଡ଼ିଆ ତଥା କୋରାପୁଟିଆ ଫିଲ୍ମ। କାହାଣୀ ଅନୁସାରେ ଜଣେ ନିଶାଗ୍ରସ୍ତ ବ୍ୟକ୍ତି କେବଳ ନିଜ ପରିବାରର କ୍ଷତି କରେନା ଏହାଦ୍ୱାରା ସମାଜ ମଧ୍ୟ ପ୍ରଭାବିତ ହୁଏ। ତେବେ ଏହାର ଶେଷ ପରିଣତି କ'ଣ ହେଉଛି ତାହା ଫିଲ୍ମଟି ଦେଖିଲେ ହିଁ ଜାଣିପାରିବ। ଏସ୍‌ସିଟିଏସ୍ ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରିଛନ୍ତି ନିବେଦିତା ନାୟକ ଏବଂ ମୀନା ମହାରଣା। ଉକ୍ତ ସିନେମାର କାହାଣୀ ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସରୋଜ ଭୂୟାଁ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି କୁମାର ଲାବା। କଣ୍ଠଦାନ କରିଛନ୍ତି କ୍ରିଷ୍ଣା ବେଉରା, ପଙ୍କଜ ଜାଲ୍, ଅନ୍ତରା ଚକ୍ରବର୍ତ୍ତୀ, ରୁକୁ ସୁନା ଏବଂ ସଂଯୁକ୍ତା ମହାନ୍ତି। ସରୋଜ ଭୂୟାଁ, ରୋଶନ, ଅଶ୍ରୁମୋଚନ ମହାନ୍ତି, ପ୍ରଦ୍ୟୁମ୍ନ ଲେଙ୍କା, ବୀରେନ୍ ମିଶ୍ର, ଶ୍ରଦ୍ଧାଞ୍ଜଳି ମିଶ୍ର, ସୁବ୍ରତା ନାୟକ, ଶ୍ରଦ୍ଧା ମହାରଣା, ମିଟୁ ମିଥୁନ, ବିନ୍ଦୁ ମଲିକ ଏବଂ ମୁନା ମୋଦି ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

# ଭାବି ନ ଥିଲେ ଦିଶା

ଦିଶା ପଟାନିଙ୍କ ଅଭିନୟ ଜୀବନ ଆରମ୍ଭ ହୋଇଥିଲା ଏକ ତେଲୁଗୁ ଫିଲ୍ମରୁ। ଏହାର ଟାଇଟଲ ଥିଲା 'ଲୋଫର'। ୨୦୧୫ରେ ରିଲିଜ ହୋଇଥିବା ଫିଲ୍ମଟି ବକ୍ସ ଅଫିସରେ ଭଲ ବିଜନେସ କରିଥିଲା। ଠିକ ଏହାର ପର ବର୍ଷ ଅର୍ଥାତ ୨୦୧୬ରେ ସେ ବଲିଉଡରେ ଏଣ୍ଟ୍ରି କରିଥିଲେ। ଫିଲ୍ମଟି ଥିଲା 'ଏମଏସ ଧୋନୀ : ଦ ଅନଟୋଲ୍ଡ ଷ୍ଟୋରି' (୨୦୧୬)। ଏଥିରେ ସେ ନିଜ ଅଭିନୟ ଦକ୍ଷତା ଦେଖାଇବାରେ ସକ୍ଷମ ହୋଇଥିଲେ। ଚିତ୍ରଟି ମଧ୍ୟ ହିଟ ହୋଇଥିଲା। ନିଜ କ୍ୟାରିୟର ଆରମ୍ଭରୁ ବ୍ୟାକ ଟୁ ବ୍ୟାକ ଦୁଇଟି ସିନେମା ହିଟ୍ ହେବା ପରେ ୨୦୧୭ରେ ଜ୍ୟାକି ଚାନ୍ଙ୍କ 'କୁଙ୍ଗ ଫୁ ଯୋଗା' ମଧ୍ୟ ଦର୍ଶକାଦୃତ ହୋଇଥିଲା। ଫଳରେ ଲଗାତର ତିନି ବର୍ଷ ଦିଶାଙ୍କ ଅଭିନୀତ ତିନୋଟି ଫିଲ୍ମ ହିଟ୍ ସାବ୍ୟସ୍ତ ହୋଇଥିଲା। ତା'ପରେ ଦିଶା ଆଉ ପଛକୁ ଫେରି ଚାହିଁ ନ ଥିଲେ।



ଦିଶା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୨୯/୨୦୨୬ Bhubaneswar, Thursday, January 29/ 2026




# ନ୍ୟୁଜିଲାଣ୍ଡ ଜିତିଲା ଚତୁର୍ଥ ଟି୨୦


ଶଟ୍ ଖେଳିବା ଅବସରରେ ଟିମ୍ ଶିଫର୍ଟ।

**ବିଶାଖାପାଟଣା,୨୮।୧(ପି.ଟି.)**

ସ୍ଥାନୀୟ ଏସିଏ-ଭିଡିସିଏ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ସିରିଜର ଚତୁର୍ଥ ଟି୨୦ କ୍ରିକେଟ ମ୍ୟାଚରେ ନ୍ୟୁଜିଲାଣ୍ଡ ୫୦ ରନରେ ଭାରତକୁ ପରାସ୍ତ କରିଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ୨୦ ଓଭରରେ ୭ ଉଇକେଟ ହରାଇ ୨୧୫ ରନ କରିଥିଲା। ଜବାବରେ ଭାରତ ୧୮.୪ ଓଭରରେ ୧୬୫ ରନକରି ଅଲ୍‌ଆଉଟ ହୋଇଥିଲା। ଏହି ମ୍ୟାଚର ଫଳାଫଳ ପରେ ୫ ମ୍ୟାଚ ବିଶିଷ୍ଟ ସିରିଜରେ ଭାରତ ୩-୧ରେ ଅଗ୍ରଣୀ ରହିଛି। ଏହି ମ୍ୟାଚ୍‌ରେ ରିଙ୍କୁ ସିଂ ୪ କ୍ୟାଚ୍ ନେଇଥିଲେ, ଯାହାକି ଅନ୍ତର୍ଜାତୀୟ ଟି୨୦ରେ ଭାରତ ପାଇଁ ମିଳିତ ସର୍ବାଧିକ। ତାଙ୍କ ପୂର୍ବରୁ ଅଜିଙ୍କ୍ୟ ରାହାନେ ୨୦୧୪ରେ ଏଜ୍‌ବାଷ୍ଟନଠାରେ ଇଂଲଣ୍ଡ ବିପକ୍ଷରେ ସମାନ ସଂଖ୍ୟକ କ୍ୟାଚ୍ ନେଇଥିଲେ। ବଡ଼ ଟାର୍ଗେଟ ଥିବାବେଳେ ପ୍ରଥମ ବଲ୍‌ରେ ଅଭିଷେକ ଶର୍ମା (୦) ଓ ଇନ୍‌ଫର୍ମ ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ୮ ରନରେ ଆଉଟ ହେବାରୁ ଭାରତ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ସଞ୍ଜୁ ସାମସନ(୨୪)ଙ୍କ ସଂଘର୍ଷ ଜାରି ରହିଥିବାବେଳେ ହାର୍ଦ୍ଦିକ ପାଣ୍ଡ୍ୟା ଫେଲ୍ ମାରିଥିଲେ। ଶିବମ୍ ଦୁବେ ୨୩ ବଲ୍‌ରୁ ୬୫ ରନର ସାହସିକ ଇନିଂସ ଖେଳିଥିଲେ ହେଁ ତାହା ଭାରତ ବିଜୟପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ମିଚେଲ ସାଣ୍ଟନର ସର୍ବାଧିକ ୩ଟି ଓ ଇଶ୍ ସୋଧି ୨ଟି ଉଇକେଟ ନେଇଥିଲେ। ନ୍ୟୁଜିଲାଣ୍ଡକୁ ଡେଭନ କନ୍‌ୱେ ଓ ଟିମ୍ ସିଫର୍ଟଙ୍କ ଓପ୍‌ନିଂ ଯୋଡ଼ି ୮.୨ ଓଭରରେ ୧୦୦ ରନ୍‌ର ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲା। କନ୍‌ୱେ ୨୩ ବଲ୍‌ରେ ୪୪(୪ ଚୌକା ଓ ୩ ଛକା) ଓ ସିଫର୍ଟ ୩୬ ବଲରେ ୬୨(୭ ଚୌକା ଓ ୩ ଛକା) ରନ୍‌କରି ଆଉଟ୍ ହୋଇଥିଲେ। ଶେଷଭାଗରେ ଡାରିଲ ମିଚେଲ ୧୮ ବଲ୍‌ରେ ବିସ୍ଫୋରକ ୩୯ ରନ କରି ଦଳୀୟ ସ୍କୋରକୁ ୨୧୫ରେ ପହଞ୍ଚାଇ ଦେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୨୦ ଓଭରରେ ୨୧୫/୭ (ଟିମ୍ ସିଫର୍ଟ-୬୨, ଡେଭନ କନ୍‌ୱେ-୪୪, ଡାରିଲ ମିଚେଲ-୩୯*, ଅର୍ଶଦୀପ ସିଂ-୨/୩୩, କୁଲଦୀପ ଯାଦବ-୨/୩୯ଯଶପ୍ରୀତ୍ ବୁମ୍ରା-୧/୩୮, ରବି ବିଷ୍ଣୋଇ-୧/୪୯)। ଭାରତ ୧୮.୪ ଓଭରରେ ୧୬୫/ଅଲ୍‌ଆଉଟ (ଶିବମ୍ ଦୁବେ-୬୫, ରିଙ୍କୁ ସିଂ-୩୯, ମିଚେଲ ସାଣ୍ଟନର-୩/୨୬, ଇଶ୍ ସୋଧି-୨/୪୬, ଜ୍ୟାକବ ଡୁଫି-୨/୩୩, ମ୍ୟାଟ ହେନରି-୧/୨୪, ଜ୍ୟାକ୍ ଫୋକ୍ସ-୧/୨୯)।

# ସେମିରେ ଜୋକୋଭିଚ୍-ସିନର

**ମେଲ୍‌ବୋର୍ନ,୨୮।୧**

### ଅଷ୍ଟ୍ରେଲିଆନ୍ ଓପନ

### ଅଲ୍‌କାରାଜଙ୍କୁ ଭେଟିବେ ଜେଭରେଭ୍

ଚଳିତ ବର୍ଷର ପ୍ରଥମ ଟେନିସ୍ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍ ଟେନିସର ପୁରୁଷ ସିଙ୍ଗଲ୍ସରେ ବୁଧବାର ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ଶୁକ୍ରବାର ଖେଳାଯିବାକୁ ଥିବା ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ଟେନିସ୍ ଲିଜେଣ୍ଡ ନୋଭାକ ଜୋକୋଭିଚ୍-ଡିଫେଣ୍ଡିଂ ଚାମ୍ପିୟନ ଜାନିକ ସିନର ଓ ୱାର୍ଲ୍ଡ ନଂ-୧ କାର୍ଲୋସ ଅଲ୍‌କାରାଜ-ତୃତୀୟ ସିଡ୍ ଆଲେକ୍‌ଜାଣ୍ଡର ଜେଭରେଭ୍ ପରସ୍ପରକୁ ଭେଟିବେ।

ବୁଧବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ସିନର ୬-୩, ୬-୪, ୬-୪ ସେଟ୍‌ରେ ଅଷ୍ଟମ ସିଡ୍ ବେନ୍ ଶେଲଟନଙ୍କୁ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଲକ୍ଷ୍ୟରେ ଥିବା ୩୮ ବର୍ଷୀୟ ଜୋକୋଭିଚ୍ ପ୍ରଥମ ଦୁଇ ସେଟ୍ (୪-୬, ୩-୬)ରେ ପଛୁଆ ରହିଥିବା ବେଳେ ତୃତୀୟ ସେଟ୍ ମଧ୍ୟରୁ ତାଙ୍କ ପ୍ରତିପକ୍ଷ ଖେଳାଳି ଇଟାଲୀର ଲୋରେଞ୍ଜୋ ମୁସେଟି ଇଞ୍ଜୁରି ଯୋଗୁ ମ୍ୟାଚ୍‌ରୁ ଓହରି ଯାଇଥିଲେ।

ମହିଳା ସିଙ୍ଗଲ୍ସରେ ଷଷ୍ଠ ସିଡ୍ ଜେସିକା ପେଗୁଲା ଓ ପୂର୍ବତନ ୱିମ୍ବେଲଡନ୍ ଚାମ୍ପିୟନ ଏଲିନା ରିବାକିନା ସେମିଫାଇନାଲରେ ପରସ୍ପରକୁ ଭେଟିବେ। କ୍ୱାର୍ଟର ଫାଇନାଲରେ ପେଗୁଲା ୬-୨,୭-୬(୭/୧)ସେଟ୍‌ରେ ଚତୁର୍ଥ ସିଡ୍ ଆମାଣ୍ଡା ଆନିସିମୋଭାଙ୍କୁ ଓ ରିବାକିନା ୭-୫, ୬-୧ ସେଟ୍‌ରେ ୬ ଥରର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଆଇଗା ସ୍ୱିଟେକ୍‌ଙ୍କୁ ପରାସ୍ତ କରିଛନ୍ତି।


ମ୍ୟାଚ ଜିତିବାପରେ ଖୁସିରେ ଡେଇଁ ପଡ଼ିଛନ୍ତି ଜାନିକ ସିନର।

### ଆମେ ଟେନିସ୍ ଖେଳାଳି ନା ଚିଡ଼ିଆଖାନା ପଶୁ: ସ୍ୱିଟେକ୍

ଚଳିତ ଅଷ୍ଟ୍ରେଲିଆନ୍ ଓପନ୍‌ରେ ଆମେରିକାର ୨୧ ବର୍ଷୀୟ କୋକୋ ଗଫ୍ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ପରାଜିତ ହେବା ପରେ ଲକର ରୁମ୍ ପାଖ ଚଟାଣରେ ନିଜ ରାକେଟ୍‌କୁ ବାଡ଼େଇ ଭାଙ୍ଗି ଦେଇଥିଲେ। ଏହି ଘଟଣାର ଭିଡିଓ ଭାଇରାଲ ହେବାପରେ ଖେଳାଳିଙ୍କ ଗୋପନୀୟତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ଚର୍ଚ୍ଚାରେ ୬ ଥରର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଆଇଗା ସ୍ୱିଟେକ୍ ସାମିଲ ହୋଇଛନ୍ତି।

ଖେଳାଳିଙ୍କ ଗୋପନୀୟତାକୁ ନେଇ ଚର୍ଚ୍ଚା ହେବା ଦରକାର। ଲକର ରୁମ୍‌ଠାରୁ କୋର୍ଟ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ଥାନ କ୍ୟାମେରା କଭରେଜ୍‌ରେ ରହୁଥିବାରୁ ଖେଳାଳିଙ୍କୁ ନିଜ ବିରକ୍ତି ପ୍ରକାଶ କରିବା ପାଇଁ ସ୍ଥାନ ମିଳୁନାହିଁ। ଆମେ ଟେନିସ୍ ଖେଳାଳି ନା ଚିଡ଼ିଆଖାନାର ପଶୁ। କାରଣ ଆମେ କିଛି ବି କଲେ ସେମାନେ ଦେଖୁଛନ୍ତି। ଏହା ଅତିରଞ୍ଜିତ ହୋଇଯାଉଛି। କିନ୍ତୁ ଖେଳାଳିଙ୍କୁ ପ୍ରିଭେସି ଦିଆଯିବା ଭଲ ହେବ। କାରଣ ମୁଁ ମ୍ୟାଚ୍ ଖେଳିବାକୁ କୋର୍ଟକୁ ଯିବା ପୂର୍ବରୁ ପ୍ରାକ୍ଟିସ୍ କରିବାକୁ ପସନ୍ଦ କରେ, ତାହା ପୁଣି ଲୋକଙ୍କଠାରୁ ଦୂରରେ। ଏଣୁ ଖେଳାଳିଙ୍କୁ କିଛି ପ୍ରିଭେସି ଏରିଆ ଦିଆଯିବା ଦରକାର ବୋଲି ସ୍ୱିଟେକ୍ କହିଛନ୍ତି।

# 'ଆତ୍ମବିଶ୍ୱାସ ଯୋଗୁ ଭାରତକୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ମିଳିଛି'

**ନୂଆଦିଲ୍ଲୀ,୨୮।୧(ପି.ଟି.)**

ଭାରତକୁ ତା'ର ପ୍ରସ୍ତୁତି ଓ ଆତ୍ମବିଶ୍ୱାସ ପାଇଁ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ମିଳିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ଏହା କହିଛନ୍ତି। ଏଥିସହିତ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ କାର୍ଯ୍ୟକାଳରେ କ୍ରୀଡ଼ାକ୍ଷେତ୍ରରେ ହୋଇଥିବା ବିକାଶ ସମ୍ପର୍କରେ ପ୍ରକାଶ କରିଛନ୍ତି।

ବଜେଟ ସେସନ ଆରମ୍ଭରେ ସଂସଦର ଉଭୟ ସଦନକୁ ସମ୍ବୋଧିତ କରି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ଭାରତର ଯୁବପିଢ଼ି ଓ ମୋ ସରକାରଙ୍କ ମିଳିତ ଉଦ୍ୟମରେ ଦେଶ କ୍ରୀଡ଼ାକ୍ଷେତ୍ରରେ ଅପ୍ରତ୍ୟାଶିତ ବିକାଶ ଦେଖୁଛି। ଗତ ଏକ ଦଶନ୍ଧିରେ ଭାରତୀୟ କ୍ରୀଡ଼ା ସମ୍ପର୍କିତ ପ୍ରତ୍ୟେକ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଛି। ମୋ ସରକାର ଖେଲୋ ଇଣ୍ଡିଆ ନୀତି ପ୍ରସ୍ତୁତ କରିବା ସହ କ୍ରୀଡ଼ା ସମ୍ବନ୍ଧିତ ଅନୁଷ୍ଠାନକୁ ସ୍ୱଚ୍ଛ କରିଛନ୍ତି, ଯାହାଫଳରେ ଭାରତକୁ ତା'ର ପ୍ରସ୍ତୁତି ଓ ଆତ୍ମବିଶ୍ୱାସ ପାଇଁ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଦାୟିତ୍ୱ ଦିଆଯାଇଛି। ଏହା ବ୍ୟତୀତ ସେ ପ୍ରକାଶ କରିଛନ୍ତି ଯେ, ଆମ ଝିଅମାନେ ଓ ଦିବ୍ୟାଙ୍ଗ ନାଗରିକମାନେ ଯେଉଁଭଳି ପ୍ରଦର୍ଶନ କରିଛନ୍ତି, ତାହା ପ୍ରଶଂସନୀୟ। ଭାରତୀୟ ମହିଳା କ୍ରିକେଟ ଦଳ ପ୍ରଥମଥର ବିଶ୍ୱକପ୍ ଜିତିଥିଲା ବେଳେ ଦୃଷ୍ଟିବାଧିତ ମହିଳା କ୍ରିକେଟ ଦଳ ମଧ୍ୟ ବିଶ୍ୱକପ୍ ଜିତିଥିଲା। ଆମ ଝିଅମାନଙ୍କୁ ମୁଁ ହୃଦୟରୁ ଅଭିନନ୍ଦନ ଜଣାଉଛି।

## ଡବ୍ଲ୍ୟୁପିଏଲ: ରୋଡ୍ରିଗ୍ସ ଦଣ୍ଡିତ

**ଭଦୋଦରା, ୨୮।୧ (ପି.ଟି.):** ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟିକା ଜେମିମା ରୋଡ୍ରିଗ୍ସଙ୍କୁ ମଙ୍ଗଳବାର ଗୁଜରାଟ ଜାଏଣ୍ଟ୍ସ ବିପକ୍ଷ ଓମେନ୍ସ ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏଲ୍) ମ୍ୟାଚ୍‌ରେ ଧୀମା ବୋଲିଂ ହାର ପାଇଁ ୧୨ ଲକ୍ଷ ଟଙ୍କାର ଜରିମାନା କରାଯାଇଛି। ଚଳିତ ଲିଗ୍‌ରେ ସେ ପ୍ରଥମ ଥର ଲାଗି ଧୀମା ଓଭର ସମ୍ପର୍କିତ ନିୟମ ଉଲ୍ଲଂଘନ କରିଥିବାରୁ ତାଙ୍କୁ ଆର୍ଥିକ ଦଣ୍ଡରେ ଦଣ୍ଡିତ କରାଯାଇଛି।

## ଲିଚ୍‌ଫିଲ୍ଡଙ୍କ ସ୍ଥାନରେ ଆମି ଜୋନ୍ସ

ଚଳିତ ଡବ୍ଲ୍ୟୁପିଏଲ୍‌ର ଅବଶିଷ୍ଟ ମ୍ୟାଚ୍ ଲାଗି ୟୁପି ୱାରିଅର୍ସ ଫୋଏବେ ଲିଚ୍‌ଫିଲ୍ଡଙ୍କ ବଦଳ ଖେଳାଳି ଭାବେ ଇଂଲଣ୍ଡର ଉଇକେଟ୍‌କିପର ଆମି ଜୋନ୍ସଙ୍କୁ ବାଛିଛି। ଦଳ ପାଇଁ ସର୍ବାଧିକ ରନ୍ କରିଥିବା ଲିଚ୍‌ଫିଲ୍ଡ ଇଞ୍ଜୁରି କାରଣରୁ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଛନ୍ତି।

# ଜାତୀୟ ଜୁନିୟର ବୋସିଆରେ ଓଡ଼ିଶା ଭାଗନେବ


ଜାତୀୟ ଜୁନିୟର ବୋସିଆ ଚାମ୍ପିୟନଶିପ୍ ପାଇଁ ମନୋନୀତ ଓଡ଼ିଶା ଦଳ।

**ଭୁବନେଶ୍ୱର, ୨୮।୧(ତପନ ସ୍ୱାଇଁ)**

### ପାରା ସ୍ପୋର୍ଟ୍ସ

ପାରା ସ୍ପୋର୍ଟ୍ସର ଅନ୍ୟତମ ଇଭେଣ୍ଟ ଜାତୀୟ ଜୁନିୟର ବୋସିଆ ଚାମ୍ପିୟନଶିପ୍ ଗୁଜରାଟର ଅହମଦାବାଦ୍‌ଠାରେ ଗୁରୁବାରଠାରୁ ଆରମ୍ଭ ହେବାକୁଯାଉଛି। ଫେବୃଆରୀ ୨ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ଏକ ୧୭ଜଣିଆ ଦଳ ଭାଗନେବ। ଏହି ଦଳରେ ୧୧ ଆଥ୍‌ଲେଟ୍‌ଙ୍କ ସହ କୋଚିଂ ଷ୍ଟାଫ୍ ସାମିଲ ରହିବେ। କୋଚ୍ କୋଲା ଜଗନ୍ନାଥ ରେଡ୍ଡୀ ଓ ମ୍ୟାନେଜର ରାକେଶ ଚନ୍ଦ୍ର ବେହେରା ଦଳ ସହ ଅହମଦାବାଦ୍ ଯାତ୍ରା କରିଛନ୍ତି। ରାଜ୍ୟ ପାରା ସ୍ପୋର୍ଟ୍ସ ଆସୋସିଏଶନ ସଭାପତି କମଳାକାନ୍ତ ରଥ ଓ ସମ୍ପାଦକ ସୁନୀଲ ପ୍ରଧାନ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

ଓଡ଼ିଶା ଦଳ: ରାମଚନ୍ଦ୍ର ପଣ୍ଡା, ସଞ୍ଜୟ କୁମାର ବେହେରା, ବିଶ୍ୱଜିତ୍ଡ଼ ସାହୁ, ମିଲ୍‌ଟନ ପୋଥାଳ, ହେମନ୍ତ କୁମାର ସେଠୀ, ସୁଧୀର ମଲିକ, ସୋନାଲି ଓଝା, ଦମୟନ୍ତୀ ଓଝା, ରୀତାରାଣୀ ସାହୁ, ସଜିତା ସାହୁ, ଗୀତାଞ୍ଜଳି ସ୍ୱାଇଁ। କୋଚ୍: କୋଲା ଜଗନ୍ନାଥ ରେଡ୍ଡୀ, ମ୍ୟାନେଜର: ରାକେଶ ଚନ୍ଦ୍ର ବେହେରା।

### ୧୩ ବର୍ଷରୁ କମ୍ ଅସ୍ମିତା ଜୋନାଲ ଫୁଟ୍‌ବଲ ଲିଗ୍

## ପ୍ରଥମ ମ୍ୟାଚରେ ଓଡ଼ିଶା ପରାସ୍ତ

**ଭୁବନେଶ୍ୱର, ୨୮।୧(ତପନ ସ୍ୱାଇଁ)**

ଗୁଜରାଟର ଏମ୍‌କେ ଭଭନଗର ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ୧୩ ବର୍ଷରୁ କମ୍ ଅସ୍ମିତା ଜୋନାଲ ଫୁଟ୍‌ବଲ ଲିଗ୍ ବୁଧବାର ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୦-୭ ଗୋଲ୍‌ରେ ଗୁଜରାଟ ନିକଟରୁ ହାରିଯାଇଛି। ପୂରା ମ୍ୟାଚ୍‌ରେ ଓଡ଼ିଶାର ପ୍ରଦର୍ଶନ ପ୍ରଭାବହୀନ ରହିଥିଲା। ଗୁରୁବାର ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ୍ ମହାରାଷ୍ଟ୍ର ବିପକ୍ଷରେ ଖେଳିବ।

# କିନାନ୍‌ରେ ଆଜିଠୁ ଓଡ଼ିଶା-ଝାଡ଼ଖଣ୍ଡ

**ଭୁବନେଶ୍ୱର, ୨୮।୧(ତପନ ସ୍ୱାଇଁ)**

### ରଣଜୀ ଟ୍ରଫି

ବିସିସିଆଇର ସବୁଠାରୁ ସମ୍ମାନଜନକ ଘରୋଇ କ୍ରିକେଟ ଟୁର୍ନାମେଣ୍ଟ ରଣଜୀ ଟ୍ରଫି ସିଜନ ୨୦୨୫-୨୬ର ଅନ୍ତିମ ଲିଗ୍ ମ୍ୟାଚ୍ ଗୁରୁବାରଠାରୁ ଆରମ୍ଭ ହେବ। ଏହି କ୍ରମରେ ଏଲିଟ ଗ୍ରୁପ୍ 'ଏ'ରେ ଓଡ଼ିଶା ଏହାର ଶେଷ ମ୍ୟାଚ୍ ଝାଡ଼ଖଣ୍ଡ ବିପକ୍ଷରେ ଖେଳିବ। ଜାମ୍‌ସେଦ୍‌ପୁରର କିନାନ୍ ଷ୍ଟାଡିୟମରେ ଏହି ମ୍ୟାଚ୍ ପୂର୍ବାହ୍ନ ୯ଟାରେ ଆରମ୍ଭ ହେବ। ଚଳିତ ସିଜନରେ ଓଡ଼ିଶା ପ୍ରଦର୍ଶନରେ ସ୍ଥିରତା ରହିନାହିଁ। ୬ ମ୍ୟାଚ୍‌ରୁ ମାତ୍ର ଗୋଟିଏ ବିଜୟ, ୪ ପରାଜୟ ଓ ୧ ଡ୍ର ସହ ୭ ପଏଣ୍ଟ ପାଇ ୮ ଦଳବିଶିଷ୍ଟ ଗ୍ରୁପ୍ 'ଏ' ଟେବୁଲରେ ୭ମ ସ୍ଥାନରେ ରହିଛି। ତେଣୁ ସମ୍ମାନ ରକ୍ଷାଲାଗି ମିଳିଥିବା ଶେଷ ସୁଯୋଗର ସଦୁପଯୋଗ କରିବାକୁ ଚାହିଁବ ନିଶ୍ଚିତ। ଅନ୍ୟପକ୍ଷରେ ଝାଡ଼ଖଣ୍ଡ ୬ ମ୍ୟାଚ୍‌ରୁ ୩ଟିରେ ବିଜୟୀ ହୋଇଥିବାବେଳେ ୨ଟି ଡ୍ର ରଖିଛି ଏବଂ ମାତ୍ର ଗୋଟିଏ ମ୍ୟାଚ୍‌ରେ ପରାଜିତ ହୋଇଛି। ୨୪ ପଏଣ୍ଟ ସହିତ ଏହି ଦଳ ଟେବୁଲର ତୃତୀୟ ସ୍ଥାନରେ ରହିଛି।


ଶୁଭ୍ରାଂଶୁ ସେନାପତି

ତେଣୁ ଘରୋଇ ପରିବେଶ ଏବଂ ଚଳିତ ସିଜନର ପ୍ରଦର୍ଶନ ଦୃଷ୍ଟିରୁ ଏହି ମ୍ୟାଚ୍‌ରେ ଝାଡ଼ଖଣ୍ଡର ପଲା ଭାରି ରହିବ।

ବରୋଦା ନିକଟରୁ ୭ ଉଇକେଟରେ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ବର୍ଷା ବାଧାପ୍ରାପ୍ତ ଉତ୍ତରପ୍ରଦେଶ ବିପକ୍ଷ ପରବର୍ତ୍ତୀ ମ୍ୟାଚ୍‌କୁ ଡ୍ର ରଖିବାରେ ସକ୍ଷମ ହୋଇଥିଲା। ତେବେ ପରବର୍ତ୍ତୀ ୨ ମ୍ୟାଚ୍‌ରେ ଆନ୍ଧ୍ରପ୍ରଦେଶ ନିକଟରୁ ଏକ ଇନିଂସ୍ ୫୦ ରନ୍ ଏବଂ ବିଦର୍ଭଠାରୁ ୧୦୦ ରନ୍‌ରେ ପରାଜିତ ହୋଇଥିଲା। ନାଗାଲାଣ୍ଡ ବିପକ୍ଷ ମ୍ୟାଚ୍‌କୁ ୨୯୯ ରନ୍‌ରେ ଜିତି ସଫଳ ପ୍ରତ୍ୟାବର୍ତ୍ତନ କରିଥିବାବେଳେ ଦୀର୍ଘ ଦେଢ଼ମାସର ବ୍ରେକ୍ ପରେ ଅନୁଷ୍ଠିତ ତାମିଲନାଡୁ ବିପକ୍ଷ ମ୍ୟାଚ୍‌ରେ ୨୦୭ ରନ୍‌ରେ ପରାଜିତ ହୋଇ ଟେବୁଲର ତଳକୁ ଖସିଥିଲା। ଅନ୍ୟପକ୍ଷରେ ଝାଡ଼ଖଣ୍ଡ ନିଜର ୬ ମ୍ୟାଚ୍ ମଧ୍ୟରେ ତାମିଲନାଡୁ, ନାଗାଲାଣ୍ଡ ଓ ଉତ୍ତରପ୍ରଦେଶ ବିପକ୍ଷ ମ୍ୟାଚ୍ ଜିତିଥିବାବେଳେ କେବଳ ଆନ୍ଧ୍ରପ୍ରଦେଶ ନିକଟରୁ ପରାଜିତ ହୋଇଛି। ବିଦର୍ଭ ଓ ବରୋଦା ବିପକ୍ଷ ଅନ୍ୟ ୨ ମ୍ୟାଚ୍‌କୁ ଡ୍ର ରଖିଛି। ତେଣୁ ଆଗାମୀ ମ୍ୟାଚ୍‌ରେ ଓଡ଼ିଶା ଦଳ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ନିଶ୍ଚିତ।

ରେକର୍ଡ ଅନୁସାରେ ଦୁଇ ଦଳ ମଧ୍ୟରେ ଶେଷ ୫ଟି ମୁକାବିଲାକୁ ଦେଖିଲେ ଝାଡ଼ଖଣ୍ଡ ୨ଟି ମ୍ୟାଚ୍ ଜିତିଛି ଏବଂ ୨ଟି ଡ୍ର ରହିଛି। ଓଡ଼ିଶା ଶେଷଥର ପାଇଁ ୨୦୧୩ରେ ବିଜୟ ସ୍ୱାଦ ଚାଖିଛି। କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ନଭେମ୍ବର ୨୧ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୯ ଉଇକେଟରେ ଝାଡ଼ଖଣ୍ଡକୁ ପରାସ୍ତ କରିଥିଲା। ୨୦୨୦ ଫେବୃଆରୀ ୧୨ରୁ ୧୫ ପର୍ଯ୍ୟନ୍ତ କଟକର ବାରବାଟୀ ଷ୍ଟାଡିୟମ୍‌ରେ ଉଭୟ ଦଳ ମଧ୍ୟରେ ଅନ୍ତିମ ମୁକାବିଲା ହୋଇଥିଲା। ମ୍ୟାଚ୍‌ଟି ଡ୍ର ରହିଥିବାବେଳେ ପ୍ରଥମ ଇନିଂସ୍ ଅଗ୍ରଣୀଭିତ୍ତିରେ ଓଡ଼ିଶା ୩ ପଏଣ୍ଟ ପାଇଥିଲା। ଦେବାଶିଷ ସାମନ୍ତରାୟ ପ୍ରଥମ ଇନିଂସ୍‌ରେ ୧୫୬ ଓ ଦ୍ୱିତୀୟ ଇନିଂସ୍‌ରେ ୬୪* ରନ୍ ସ୍କୋର କରିଥିଲେ। ଶୁଭ୍ରାଂଶୁ ସେନାପତି (୧୦୦*) ମଧ୍ୟ ଶତକ ହାସଲ କରି ଅପରାଜିତ ରହିଥିଲେ।

# ସେମିରେ ପ୍ରୋଗ୍ରେସିଭ କ୍ଲବ୍ ଝାରସୁଗୁଡ଼ା

**ବନ୍ତ,୨୮।୧(ହରିନାରାୟଣ ମହାନ୍ତି)**

### ସର୍ବଭାରତୀୟ କିଶୋର ନାୟକ ମେମୋରିଆଲ କ୍ରିକେଟ

ଓଡ଼ିଶା କ୍ରିକେଟ ଆସୋସିଏଶନ ଓ ଭଦ୍ରକ ଜିଲା କ୍ରିକେଟ ଆସୋସିଏଶନର ମିଳିତ ସହଯୋଗରେ ବନ୍ତ ବ୍ଲକ୍‌ର ପୁରୁଷୋତ୍ତମପୁରସ୍ଥିତ ନେତାଜୀ ବ୍ଲକସ୍ତରୀୟ ଷ୍ଟାଡିୟମ୍‌ରେ ଚାଲିଥିବା ସର୍ବଭାରତୀୟ କିଶୋର ନାୟକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ପୁଲ୍-'ବି'ର ୨ୟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୟୁନିୟନ ସ୍ପୋର୍ଟିଂ କଟକକୁ ହରାଇ ପ୍ରୋଗ୍ରେସିଭ କ୍ଲବ୍ ଝାରସୁଗୁଡ଼ା ସେମିଫାଇନାଲରେ ପ୍ରବେଶ କରିଛି। ୟୁନିୟନ ସ୍ପୋର୍ଟିଂ ବ୍ୟାଟିଂକରି ନିର୍ଦ୍ଧାରିତ ୨୦ ଓଭର ମଧ୍ୟରୁ ୧୭.୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୦୮ ରନ୍ କରିଥିଲା। ଦଳ ପକ୍ଷରୁ ଅଧିନାୟକ ସର୍ବେଶ୍ୱର ମହାନ୍ତି ୨୨ ବଲ୍‌ରେ ୪୩ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ବୋଲର ଶୁଭମ ସିଂ ୩.୨ ଓଭରରେ ୧୦ ରନ୍ ଦେଇ ୪ ଉଇକେଟ ନେଇଥିଲେ। ଜବାବରେ ପ୍ରୋଗ୍ରେସିଭ କ୍ଲବ୍ ୧୬.୧ ଓଭରରେ ୪ ଉଇକେଟ ହରାଇ ୧୧୧ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ପୀୟୂଷ ଯାଦବ ୩୪ ବଲ୍‌ରେ ୪୬ ଓ ଏମ୍.ଏସ୍. ଅର୍‌ମାନ୍ ୪୯ ବଲ୍‌ରେ ୪୬ ରନ୍ କରି ଅପରାଜିତ ରହିଥିଲେ। ପ୍ରତିପକ୍ଷ ଦଳର ବୋଲର ଗଣେଶ କୁମାର ୪ ଓଭରରେ ୧୩ ରନ୍ ଦେଇ ୨ ଉଇକେଟ ନେଇଥିଲେ। ପ୍ଲେୟାର ଅଫ୍ ଦି ମ୍ୟାଚ୍ ଭାବେ ପ୍ରୋଗ୍ରେସିଭ କ୍ଲବ୍‌ର ଖେଳାଳି ଶୁଭମ ସିଂଙ୍କୁ କେନ୍ଦୁଆପଦା ସରପଞ୍ଚ ଇଂ.ପ୍ରମୋଦ କୁମାର ଜେନା ଏବଂ ବିସିସିଆଇର ପ୍ରଶିକ୍ଷକ ପୂର୍ଣ୍ଣେନ୍ଦୁ ଜେନା ପୁରସ୍କାର ପ୍ରଦାନ କରିଥିଲେ। ଲଲାଟ କେଶରୀ ନନ୍ଦ, ଶାନ୍ତନୁ ରାଉତ ଓ ସଞ୍ଜୟ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ।



ଶୁଭମ ସିଂଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ